# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଅଗଷ୍ଟ ୧୦/୨୦୨୪ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, August 10/2024 | Page 16 | ₹ 7.00 | BERHAMPUR

୫୦ଶ ଭାଗ ୨୫୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 257 | ମୂଲ୍ୟ₹୭/-




**କୋଚ୍ ହେବେ ଶ୍ରୀଜେଶ**
ଜାତୀୟ ଜୁନିୟର ପୁରୁଷ ହକି ଦଳର କୋଚ୍ ପଦବୀରେ ନିଯୁକ୍ତି ପାଇବେ ପି.ଆର୍. ଶ୍ରୀଜେଶ।

୧୫

୧୧

**୨ ଗାଁ ଚଳାଉଛନ୍ତି ମହେଶ ବାବୁ**
୩୫୦ କୋଟି ଟଙ୍କାର ମାଲିକ ସାଉଥ ସୁପରଷ୍ଟାର ମହେଶ ବାବୁ ୨ଟି ଗାଁ ଚଳାଉଛନ୍ତି। ସେ ଆୟର ୩୦% ଦାନ କରିଥାନ୍ତି।





ଷ୍ଟେଡ୍ ଡି ଫ୍ରାନ୍ସରେ ଅନୁଷ୍ଠିତ ପ୍ୟାରିସ୍ ଅଲିମ୍ପିକ୍ସ ୮୦୦ ମିଟର ଦୌଡ଼ର ସେମି ଫାଇନାଲରେ କେନିଆର ଏମାନୁଏଲ ୱାନ୍‌ୟୋନି ଫିନିଶ ଲାଇନ୍ ଅତିକ୍ରମ କରୁଛନ୍ତି। (ଫଟୋ ସୌଜନ୍ୟ: ରଏଟର୍ସ)

# ଝିଅ ନେବେ ନିଜ ପିନ୍ଧିବା ନିଷ୍ପତ୍ତି

## କଲେଜ କ୍ୟାମ୍ପସ୍‌ରେ ହିଜାବ ବ୍ୟାନ୍ ଉପରେ ସୁପ୍ରିମକୋର୍ଟଙ୍କ ସ୍ଥଗିତାଦେଶ

**ନୂଆଦିଲ୍ଲୀ,୯।୮(ପି.ଟି.)**

କ୍ୟାମ୍ପସ୍‌ରେ ହିଜାବ, ବୁର୍ଖା, ଟୋପି ଓ ନକାବ୍ ବ୍ୟାନ୍ ପାଇଁ ମୁମ୍ବାଇ କଲେଜ କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି ଉପରେ ସୁପ୍ରିମକୋର୍ଟ ଶୁକ୍ରବାର ସ୍ଥଗିତାଦେଶ ଲଗାଇଛନ୍ତି। ପୋଷାକ ଚୟନ କରିବା ସ୍ୱାଧୀନତା ଛାତ୍ରୀମାନଙ୍କର ରହିବା ଜରୁରୀ ବୋଲି ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଏବଂ ସଞ୍ଜୟ କୁମାରଙ୍କ ଖଣ୍ଡପୀଠ କହିଛନ୍ତି। ହିଜାବ ଓ ବୁର୍ଖା ବ୍ୟାନ୍ ସର୍କୁଲାରକୁ ନେଇ ଏନ୍.ଜି. ଆଚାର୍ଯ୍ୟ ଓ ଡି.କେ. ମରାଠେ କଲେଜ ଚଳାଉଥିବା ଚେମ୍ବୁର ଟ୍ରମ୍ବି ଏଜୁକେଶନ ସୋସାଇଟିକୁ ଖଣ୍ଡପୀଠ ଭର୍ତ୍ସନା କରିଥିଲେ। ବିନ୍ଦି ଏବଂ ତିଳକ ଉପରେ ନିଷେଧାଦେଶ ଲଗାଇବ କି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ଡ୍ରେସ୍ କୋଡ୍ ସର୍କୁଲାର ଜାରି ଦ୍ୱାରା ଛାତ୍ରୀମାନଙ୍କୁ କିଭଳି ସଶକ୍ତୀକରଣ କରାଯାଉଛି। ମହିଳାମାନଙ୍କ ଚୟନ କରିବା ସ୍ୱାଧୀନତା କୁଆଡ଼େ ଗଲା ବୋଲି ଜଷ୍ଟିସ୍ ସଞ୍ଜୟ କୁମାର ସୋସାଇଟି ପକ୍ଷର ଓକିଲ ମାଧବୀ ଦିଭାନଙ୍କୁ ପଚାରିଥିଲେ। ଛାତ୍ରୀମାନେ କ'ଣ ପିନ୍ଧିବେ ତାହା ସେମାନଙ୍କ ନିଷ୍ପତ୍ତି। ଏହା ଉପରେ ଶିକ୍ଷାନୁଷ୍ଠାନ ଚାପ ପକାଇବା ଉଚିତ ନୁହେଁ ବୋଲି ଜଷ୍ଟିସ୍ କୁମାର କହିଛନ୍ତି। ଦିଭାନ କହିଥିଲେ, ଉକ୍ତ କଲେଜରେ ଉଭୟ ଛାତ୍ରୀ ଓ ଛାତ୍ର ପଢୁଥିବାରୁ ସେମାନଙ୍କ ଧର୍ମ ବିଶ୍ୱାସ ପରିପ୍ରକାଶ ନ ହେବା ଉଦ୍ଦେଶ୍ୟରେ କଲେଜ କର୍ତ୍ତୃପକ୍ଷ ଉପରୋକ୍ତ ସର୍କୁଲାର ଜାରି କରିଥିଲେ। ତାହା କେବଳ ହିଜାବ, ବୁର୍ଖା କିମ୍ବା ନକାବରେ ସୀମିତ ନ ଥିଲା, ରିପ୍‌ଡ ଜିନ୍ସ ଏବଂ ଅନ୍ୟାନ୍ୟ ପୋଷାକ କ୍ଷେତ୍ରରେ ମଧ୍ୟ ଲାଗୁ ହୋଇଥିଲା। ପିଲାମାନଙ୍କ ନାଁରୁ ସେମାନଙ୍କ ଧର୍ମ ପରିଚୟ ମିଳୁନାହିଁ କି ବୋଲି ଜଷ୍ଟିସ୍ ଖାନ୍ନା ପ୍ରଶ୍ନ କରିବା ସହ ଏଭଳି ନିୟମ ନ ଲଗାଇବାକୁ କହିଥିଲେ। ଛାତ୍ରୀମାନଙ୍କୁ ହିଜାବ ଓ ବୁର୍ଖା ପିନ୍ଧିବାରୁ ରୋକିବା ଦୁର୍ଭାଗ୍ୟଜନକ। ସ୍ୱାଧୀନତାର ଏତେ ବର୍ଷ ପରେ ଦେଶରେ ଏତେ ସଂଖ୍ୟାରେ ଧର୍ମ ରହିଥିବା ଜାଣିବାକୁ ପାଇଲ କି ବୋଲି ଜଷ୍ଟିସ୍ କୁମାର ପ୍ରଶ୍ନ କରିଥିଲେ। ଖଣ୍ଡପୀଠ ଏଜୁକୋନ ସୋସାଇଟିକୁ ନୋଟିସ ଜାରି କରିବା ସହ ନଭେମ୍ବର ୧୮ ସୁଦ୍ଧା ଜବାବ ମାଗିଛନ୍ତି।






# ଭାଙ୍ଗିଲା ଏସ୍‌ସିବି କ୍ରେନ୍: ୩ ଶ୍ରମିକ ଗୁରୁତର

## ତଦନ୍ତ କରି ରିପୋର୍ଟ ଦିଅ: ଆଇନମନ୍ତ୍ରୀ ହରିଚନ୍ଦନ

**କଟକ, ୯।୮(ଶିଳ୍ପା ପ୍ରିୟଦର୍ଶିନୀ)**

କଟକ ଏସ୍‌ସିବି ମେଡିକାଲରେ ଶୁକ୍ରବାର ସନ୍ଧ୍ୟାରେ ବଡ଼ ଅଘଟଣ ଘଟିଛି। ମେଡିକାଲର ସମ୍ପ୍ରସାରଣ କାର୍ଯ୍ୟରେ ଲାଗିଥିବା କ୍ରେନ୍ ଭାଙ୍ଗି ପଡିବାରୁ ୩ ଜଣ ଶ୍ରମିକ ଗୁରୁତର ହୋଇଛନ୍ତି। ସେମାନେ ହେଲେ ବିହାର ଅଞ୍ଚଳର ଅଂସାରୀ ବେଗ୍, ଓଡ଼ିଶାର ଦୀନବନ୍ଧୁ ବେହେରା ଓ ବଂଶୀରାଜ ମଲ୍ଲିକ। ଚିକିତ୍ସା ଲାଗି ସେମାନଙ୍କୁ ଏସ୍‌ସିବିରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ଅଂସାରୀଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଖବରପାଇ ଏସ୍‌ସିବି ମେଡିକାଲରେ ଆଇନ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପହଞ୍ଚି ଆହତ ଶ୍ରମିକଙ୍କୁ ଭେଟିବା ସହ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଡାକ୍ତରଙ୍କଠାରୁ ପଚାରି ବୁଝିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଏସ୍‌ସିବି ମେଡିକାଲର ସମ୍ପ୍ରସାରଣ କାର୍ଯ୍ୟ ଜାରି ରହିଛି। ଡାକ୍ତର ଏବଂ ଅନ୍ୟ ଷ୍ଟାଫ୍ ରହିବା ପାଇଁ ରେସିଡେନ୍ସିଆଲ ବ୍ଲକ ନିର୍ମାଣ କରାଯାଉଛି। ରେସିଡେନ୍ସିଆଲ ବି-୨ ବ୍ଲକ୍ କୋଠାଟି ୧୩ ମହଲାବିଶିଷ୍ଟ। ଓଡ଼ିଶା ବ୍ରିଜ୍ ଆଣ୍ଡ କନଷ୍ଟ୍ରକ୍ସନ କର୍ପୋରେଶନ ଲିମିଟେଡ୍ (ଓବିସିସି) ଅଧୀନରେ ନାଗାର୍ଜୁନ କନଷ୍ଟ୍ରକ୍ସନ କମ୍ପାନୀ ଲିମିଟେଡ୍ (ଏନସିସି) ଏହି କୋଠାର ନିର୍ମାଣ ଦାୟିତ୍ୱରେ ରହିଛି। ଶୁକ୍ରବାର ନିର୍ମାଣ ସାମଗ୍ରୀ କ୍ରେନ୍ ଯୋଗେ ୧୦ ମହଲା ଉପରକୁ ଉଠାଯାଉଥିବାବେଳେ ମାତ୍ରାଧିକ ଓଜନ ଯୋଗୁ କ୍ରେନ୍ ଭାଙ୍ଗିପଡିଥିଲା। ସେଠାରେ ୫୦ରୁ ଅଧିକ ଶ୍ରମିକ କାର୍ଯ୍ୟରତ ଥିବାବେଳେ ୩ ଜଣ ଗୁରୁତର ହୋଇଛନ୍ତି। ଖବରପାଇ ମନ୍ତ୍ରୀ ହରିଚନ୍ଦନ ପହଞ୍ଚି ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ଏନେଇ ସେ କହିଛନ୍ତି, ଏହା ଏକ ଦୁର୍ଭାଗ୍ୟଜନକ ଘଟଣା। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
ଅଭିଜ୍ଞ ସୁଦାନ

**ଆଜିର ମନ୍ତବ୍ୟ**
"ଆମ୍ ଆଦ୍‌ମୀ ପାର୍ଟି ନେତା ମନୀଷ ସିସୋଡିଆଙ୍କୁ ସୁପ୍ରିମକୋର୍ଟ ଜାମିନ ମଞ୍ଜୁର କରିବା ସତ୍ୟର ବିଜୟ। କେନ୍ଦ୍ର ସରକାରଙ୍କ ଏକଚ୍ଛତ୍ରବାଦ ପ୍ରତି ଏହା ଏକ ଶକ୍ତ ଚାପୁଡ଼ା।
-ରାଘବ ଚଡ୍ଡା, ଆପ୍ ଏମ୍‌ପି

# ସ୍ୱାଧୀନତା ସଂଗ୍ରାମୀ ପରିବାରଙ୍କୁ ମିଳିବ ପେନ୍‌ସନ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୯।୮(ଅନିଲ ଦାସ)**

ରାଜ୍ୟ ସରକାର 'କୁଟୁମ୍ବ ଯୋଜନା'ରେ ସ୍ୱାଧୀନତା ସଂଗ୍ରାମୀମାନଙ୍କର ପରିବାରକୁ ପେନ୍‌ସନ ପ୍ରଦାନ କରିବେ। ଏହା ଉପରେ ସରକାର ବିଚାର କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଭୁବନେଶ୍ୱର ଶହୀଦ ସ୍ୱାଧୀନତା ସଂଗ୍ରାମୀ ଭବନଠାରେ ଶୁକ୍ରବାର ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସମିତି ପକ୍ଷରୁ ଆୟୋଜିତ ଅଗଷ୍ଟ କ୍ରାନ୍ତି ଦିବସ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ବର୍ତ୍ତମାନ ସମୟର ସବୁ ସଫଳତା ଓ ସବୁ ଆନନ୍ଦ ପଛରେ ରହିଛି ଆମର ମହାନ୍ ସ୍ୱାଧୀନତା ସଂଗ୍ରାମୀମାନଙ୍କର ଚରମ ତ୍ୟାଗ ଓ ବଳିଦାନ। ରାଜ୍ୟ ସରକାର ସ୍ୱାଧୀନତା ସଂଗ୍ରାମୀମାନଙ୍କର ପରିବାରକୁ ଚିହ୍ନଟ କରି ସେମାନଙ୍କୁ ପରିଚୟ ଦେବା ସହିତ ଉପଯୁକ୍ତ ସମ୍ମାନ ପ୍ରଦାନ କରିବେ। ଆଜି ଭାରତର ସଂଗ୍ରାମ ଇତିହାସର ଏକ ପବିତ୍ର ଦିନ। ଅଗଷ୍ଟ କ୍ରାନ୍ତି ଦେଶର ଇତିହାସର ଦିଗ ପରିବର୍ତ୍ତନ କରିଥିଲା ଏବଂ ସ୍ୱାଧୀନତା ପାଇଁ ପଥ ଉନ୍ମୁକ୍ତ କରିଥିଲା। ଆଜିର ଦିନଟି ହେଉଛି ଦେଶ ପାଇଁ ଅସୀମ ☞ପୃଷ୍ଠା-୪

# ସିସୋଡିଆଙ୍କୁ ସୁପ୍ରିମକୋର୍ଟ ଜାମିନ


ତିହାର ଜେଲରୁ ଫେରିବା ପରେ ଆପ୍ ନେତା ମନୀଷ ସିସୋଡିଆଙ୍କୁ ସ୍ୱାଗତ କରାଯାଉଛି।

## ୧୭ ମାସ ପରେ ତିହାର ଜେଲରୁ ମୁକୁଳିଲେ

**ନୂଆଦିଲ୍ଲୀ,୯।୮**

ତ୍ୱରିତ ଶୁଣାଣି ଓ ସ୍ୱାଧୀନତା ଅଧିକାର ପବିତ୍ର। ଜଣେ ବ୍ୟକ୍ତିଙ୍କୁ ଏକ ଅପରାଧରେ ଦୋଷୀ ସାବ୍ୟସ୍ତ କରାଯିବା ପୂର୍ବରୁ ଦୀର୍ଘ ସମୟ ଧରି ଜେଲରେ ରଖିବା ପାଇଁ ଅନୁମତି ଦିଆଯାଇପାରିବ ନାହିଁ। ଦିଲ୍ଲୀ ଅବକାରୀ ନୀତି ସମ୍ପର୍କିତ ଦୁର୍ନୀତି ଏବଂ ମନିଲଣ୍ଡରିଂ ମାମଲାରେ ବରିଷ୍ଠ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ନେତା ମନୀଷ ସିସୋଡିଆଙ୍କୁ ଶୁକ୍ରବାର ଜାମିନ ପ୍ରଦାନ ବେଳେ ଏହା ସ୍ପଷ୍ଟ କରିଛନ୍ତି ସୁପ୍ରିମକୋର୍ଟ। ସିସୋଡିଆ ଦୀର୍ଘ ୧୭ ମାସ ଧରି ଜେଲରେ ରହିଥିବାବେଳେ ତାଙ୍କ ବିରୋଧରେ ଆଗତ ମାମଲାର ବିଚାର ଆରମ୍ଭ ହୋଇନାହିଁ। ଏଥିଯୋଗୁ ସେ ତ୍ୱରିତ ନ୍ୟାୟ ପାଇବା ଅଧିକାରରୁ ବଞ୍ଚିତ ହୋଇଛନ୍ତି ବୋଲି ୩୮ ପୃଷ୍ଠା ସମ୍ବଳିତ ରାୟରେ ୨ ଜଣିଆ ଖଣ୍ଡପୀଠ ଉଲ୍ଲେଖ କରିଛନ୍ତି। ☞ପୃଷ୍ଠା-୪

# ଅଗଷ୍ଟ ୧୫ରୁ ଗୁଡ୍ ମର୍ନିଂ ବଦଳରେ ଜୟ ହିନ୍ଦ୍

## ହରିୟାଣା ସ୍କୁଲପିଲାଙ୍କ ପାଇଁ ନିର୍ଦ୍ଦେଶନାମା ଜାରି

**ଚଣ୍ଡିଗଡ଼,୯।୮**

ଆଗାମୀ ସ୍ୱାଧୀନତା ଦିବସ ଅଗଷ୍ଟ ୧୫ ତାରିଖରୁ ହରିୟାଣାର ସ୍କୁଲପିଲାମାନେ ଗୁଡ୍ ମର୍ନିଂ ବଦଳରେ 'ଜୟ ହିନ୍ଦ୍' କହି ପରସ୍ପରକୁ ଓ ସେମାନଙ୍କ ଶିକ୍ଷକଙ୍କୁ ଅଭିନନ୍ଦନ ଜଣାଇବେ। ରାଜ୍ୟର ସମସ୍ତ ଜିଲା ଏବଂ ବ୍ଲକସ୍ତରୀୟ ଶିକ୍ଷାନୁଷ୍ଠାନର ଅଧିକାରୀ ଏବଂ ପ୍ରିନ୍ସିପାଲ ତଥା ପ୍ରଧାନ ଶିକ୍ଷକମାନଙ୍କ ପାଇଁ ବିଦ୍ୟାଳୟ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଉପରୋକ୍ତ ନିର୍ଦ୍ଦେଶନାମା ଜାରି ହୋଇଛି। ଛାତ୍ରୀଛାତ୍ରଙ୍କ ମନରେ ଦେଶପ୍ରେମ ଏବଂ ଜାତୀୟତାବାଦର ଭାବ ଜାଗ୍ରତ କରିବା ପାଇଁ ହରିୟାଣା ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ସ୍ୱାଧୀନତା ଦିବସରେ ଜାତୀୟ ପତାକା ଉତ୍ତୋଳନ ପୂର୍ବରୁ ଏହି ନିୟମ ଲାଗୁ ହେବା ଆବଶ୍ୟକ ବୋଲି ଶିକ୍ଷା ବିଭାଗ କହିଛି। ପିଲାମାନେ ପ୍ରତିଦିନ ଜୟ ହିନ୍ଦ୍ କହି ପରସ୍ପରକୁ ଅଭିନନ୍ଦନ ଜଣାଇବା ଦ୍ୱାରା ସେମାନେ ଜାତୀୟ ଏକତା ଭାବ ଦ୍ୱାରା ଅନୁପ୍ରାଣିତ ହେବେ ଏବଂ ଦେଶର ଗୌରବମୟ ଇତିହାସକୁ ସମ୍ମାନ ଜଣାଇବେ ବୋଲି ନିର୍ଦ୍ଦେଶନାମାରେ କୁହାଯାଇଛି। ବ୍ରିଟିଶ ଶାସନ ବିରୋଧରେ ଲଢ଼ି ଭାରତକୁ ☞ପୃଷ୍ଠା-୪


ପ୍ରତୀକାତ୍ମକ ଫଟୋ





ବିଶ୍ୱ ଜନଜାତି ଦିବସ ପାଳନ ଅବସରରେ ଶୁକ୍ରବାର ପଶ୍ଚିମବଙ୍ଗର ନଦିଆ ଜିଲାରେ ଆଦିବାସୀମାନେ ସାଂସ୍କୃତିକ ନୃତ୍ୟ ପରିବେଷଣ କରୁଛନ୍ତି। (ଫଟୋ: ପିଟିଆଇ)

## ଏନ୍‌ଇଇଟି-ପିଜି ପରୀକ୍ଷା ସ୍ଥଗିତ ରଖିବାକୁ ମନାକଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୯।୮(ପି.ଟି.)

ଅଗଷ୍ଟ ୧୧ରେ ହେବାକୁ ଥିବା ନ୍ୟାଶନାଲ ଇଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ ପୋଷ୍ଟ ଗ୍ରାଜୁଏଟ୍ (ଏନ୍‌ଇଇଟି-ପିଜି) ପରୀକ୍ଷାକୁ ସ୍ଥଗିତ ରଖିବା ପାଇଁ ସୁପ୍ରିମକୋର୍ଟ ଶୁକ୍ରବାର ମନା କରିଦେଇଛନ୍ତି। ପିଟିଶନ ଦାଖଲ କରିଥିବା ୫ ଜଣ ଛାତ୍ରଙ୍କ ପାଇଁ ଦୁଇ ଲକ୍ଷ ଛାତ୍ରୀଛାତ୍ରଙ୍କ କ୍ୟାରିୟରକୁ ବିପଦ ମଧ୍ୟକୁ ଠେଲିଦିଆଯାଇପାରିବ ନାହିଁ ବୋଲି ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି। କେତେଜଣ ପରୀକ୍ଷାର୍ଥୀଙ୍କ ପାଇଁ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବା ସୁବିଧାଜନକ ନ ଥିବାରୁ ପରୀକ୍ଷା ସ୍ଥଗିତ ରଖିବା ପାଇଁ ସେମାନେ ଆବେଦନ କରିଥିଲେ। ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼, ଜଷ୍ଟିସ୍ ଜେ.ବି. ପର୍ଦିୱାଲା ଏବଂ ମନୋଜ ମିଶ୍ରାଙ୍କୁ ନେଇ ଗଠିତ ଖଣ୍ଡପୀଠ ସେମାନଙ୍କ ପିଟିଶନ୍‌କୁ ଖାରଜ କରିଦେଇଛନ୍ତି। ବିଚାରପତିମାନେ ଶିକ୍ଷା ବିଶେଷଜ୍ଞ ନୁହନ୍ତି। ପରୀକ୍ଷାକୁ କିଭଳି ସ୍ଥଗିତ ରଖିବୁ ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ପରୀକ୍ଷା ସ୍ଥଗିତ ରଖାଗଲେ ୨ ଲକ୍ଷ ପରୀକ୍ଷାର୍ଥୀ ଓ ସେମାନଙ୍କର ୪ ଲକ୍ଷ ଅଭିଭାବକ ଅସୁବିଧାରେ ପଡ଼ିବେ। ତେଣୁ ୫ ଜଣ ଆବେଦନକାରୀଙ୍କ ପାଇଁ ଏତେ ସଂଖ୍ୟାରେ ଛାତ୍ରୀଛାତ୍ରଙ୍କ କ୍ୟାରିୟରକୁ ଅସୁବିଧାରେ ପକାଯାଇପାରିବ ନାହିଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଦେଇଛନ୍ତି।

## ମଣିପୁରରେ କୁକି-ଜୋ ଗୋଷ୍ଠୀସଂଘର୍ଷ: ୩ ମୃତ

ଗୁଆହାଟୀ,୯।୮

ମଣିପୁରର ଟେଙ୍ଗ୍‌ନୌପାଲ ଜିଲାରେ ଶୁକ୍ରବାର କୁକି ଏବଂ ଜୋ ଗୋଷ୍ଠୀ ମଧ୍ୟରେ ସାନି ସଂଘର୍ଷ ହୋଇଛି। ସେମାନଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ଅନ୍ୟୁନ ୩ ଜଣ ପ୍ରାଣ ହରାଇଛନ୍ତି। ଘଟଣାସ୍ଥଳକୁ ଅତିରିକ୍ତ ସୁରକ୍ଷା ବଳ ପଠାଯାଇଥିବା ମୁଖ୍ୟମନ୍ତ୍ରୀ ବୀରେନ୍ ସିଂ କହିଛନ୍ତି। ସକାଳ ୮ଟା ବେଳେ ଜିଲାର ମୋଲନୋଇ ପାଲେଲ ଏବଂ ମୋଲନୋମଠାରେ ୟୁନାଇଟେଡ୍ କୁକି ଲିବରେଶନ ଫ୍ରଣ୍ଟ (ୟୁକେଏଲ୍‌ଏଫ୍)ର ସଶସ୍ତ୍ର ଉଗ୍ରପନ୍ଥୀ ଏବଂ କୁକି ଗ୍ରାମର ସ୍ୱେଚ୍ଛାସେବୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ମୋଲନୋଇ ଗ୍ରାମରେ ସ୍ୱେଚ୍ଛାସେବୀମାନେ ୟୁକେଏଲ୍‌ଏଫ୍ ମୁଖ୍ୟ ଏସ୍.ଏସ୍.ହୋଆକିପ୍‌ଙ୍କ ଘର ଜାଳି ଦେଇଛନ୍ତି। ସୂଚନାଯୋଗ୍ୟ, ଗତବର୍ଷ ମେ' ୩ରୁ ମଣିପୁରରେ ଜାତିଆଣ ହିଂସାକାଣ୍ଡ ଜାରି ରହିଥିଲା। ଏଥିରେ ୨୨୬ ଜଣଙ୍କ ମୃତ୍ୟୁ ଘଟିବା ସହ ୫୯ ହଜାରରୁ ଊର୍ଦ୍ଧ୍ୱ ଲୋକ ଘରଦ୍ୱାର ହରାଇଥିଲେ ବୋଲି ମୁଖ୍ୟମନ୍ତ୍ରୀ ପୂର୍ବରୁ ବିଧାନସଭାକୁ ସୂଚନା ଦେଇଥିଲେ।

## ସିମି ନିଷିଦ୍ଧାଦେଶ ୫ ବର୍ଷ ବଢ଼ିଲା

ନୂଆଦିଲ୍ଲୀ,୯।୮

ଷ୍ଟୁଡେଣ୍ଟସ୍ ଇସ୍‌ଲାମିକ ମୁଭ୍‌ମେଣ୍ଟ ଅଫ୍ ଇଣ୍ଡିଆ (ସିମି) ଉପରେ ଲାଗିଥିବା ନିଷିଦ୍ଧାଦେଶ ୫ ବର୍ଷ ବଢ଼ାଇବା ନିଷ୍ପତ୍ତିକୁ ଏକ ନ୍ୟାୟିକ ଟ୍ରିବ୍ୟୁନାଲ ସ୍ପଷ୍ଟ କରିଛନ୍ତି। ସିମି ଏହାର ଜିହାଦ ଲକ୍ଷ୍ୟକୁ ପରିତ୍ୟାଗ କରି ନ ଥିବାବେଳେ ଭାରତରେ ଇସ୍‌ଲାମୀୟ ଶାସନ ପ୍ରତିଷ୍ଠା ପାଇଁ କାର୍ଯ୍ୟକ୍ରମ ଜାରି ରଖିଥିବା ଟ୍ରିବ୍ୟୁନାଲ କହିଛନ୍ତି। କେନ୍ଦ୍ର ସରକାର ସିମି ଉପରେ ବ୍ୟାନ୍‌କୁ ୫ ବର୍ଷ ବଢ଼ାଇବା ପାଇଁ ଗତ ଜାନୁଆରୀ ୨୯ରେ ନିଷ୍ପତ୍ତି ନେଇଥିଲେ।

# କଶ୍ମୀରୀ ଗଢ଼ିବେ ନିଜ ସରକାର

## ଖୁବ୍‌ଶୀଘ୍ର ବିଧାନସଭା ନିର୍ବାଚନ: ସିଇସି

ଶ୍ରୀନଗର/ନୂଆଦିଲ୍ଲୀ,୯।୮



ଶ୍ରୀନଗରରେ ସିଇସି ରାଜୀବ କୁମାର (ମଝି)ଙ୍କ ସହ ନିର୍ବାଚନ କମିଶନର ଜ୍ଞାନେନ୍ଦ୍ର କୁମାର ଏବଂ ଏସ୍.ଏସ୍. ସାନ୍ଧୁ। (ଫଟୋ: ପିଟିଆଇ)

୨୦୧୪ ନଭେମ୍ବର ୨୫ରୁ ଡିସେମ୍ବର ୨୦ ମଧ୍ୟରେ ଜମ୍ମୁ-କଶ୍ମୀର ବିଧାନସଭାର ୯୦ ଆସନ ମଧ୍ୟରୁ ୮୭ଟିରେ ୫ ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ୨୦୨୦ ଜାନୁୟାରୀ ୧୯ରେ ବିଧାନସଭାର ୬ ବର୍ଷିଆ କାର୍ଯ୍ୟକାଳ ଶେଷ ହେବାର ଥିଲା। ତେବେ ଏହା ପୂର୍ବରୁ ୨୦୧୮ ଜୁନ୍ ୧୯ରେ ମେହବୁବା ମୁଫ୍‌ତିଙ୍କ ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ନେତୃତ୍ୱାଧୀନ ମେଣ୍ଟ ସରକାରରୁ ଭାଜପା ସମର୍ଥନ ପ୍ରତ୍ୟାହାର କରିବା ପରେ ଉପତ୍ୟକାରେ କେନ୍ଦ୍ରୀୟ ଶାସନ ଜାରି ହୋଇଥିଲା। ୨୦୧୯ ଅଗଷ୍ଟ ୫ରେ କେନ୍ଦ୍ର ସରକାର ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ଉଚ୍ଛେଦକରି ରାଜ୍ୟକୁ ଦୁଇଭାଗରେ ବିଭକ୍ତ କରିଥିଲେ। ଜମ୍ମୁ-କଶ୍ମୀର ଓ ଲଦାଖ ଦୁଇଟି ପୃଥକ୍ କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ ହୋଇଥିଲା। ଗତବର୍ଷ ଡିସେମ୍ବରରେ ସୁପ୍ରିମକୋର୍ଟ ୨୦୨୪ ସେପ୍ଟେମ୍ବର ୩୦ ପୂର୍ବରୁ ବିଧାନସଭା ନିର୍ବାଚନ କରାଇବାକୁ ଭାରତର ନିର୍ବାଚନ କମିଶନ(ଇସିଆଇ)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତଦନୁସାରେ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ରାଜୀବ କୁମାରଙ୍କ ଟିମ୍ ୩ ଦିନିଆ କଶ୍ମୀର ଗସ୍ତକରି ରାଜନୈତିକ ଦଳଗୁଡ଼ିକର ପ୍ରତିନିଧିମାନଙ୍କ ସହ ଆଲୋଚନା କରିଛନ୍ତି। ରାଜୀବ ଶ୍ରୀନଗରରେ ପ୍ରସ୍ତୁତି ସମୀକ୍ଷା ପରେ ଶୁକ୍ରବାର କହିଛନ୍ତି, ଜମ୍ମୁ-କଶ୍ମୀରବାସୀଙ୍କୁ ସେମାନଙ୍କ ନିଜସ୍ୱ ସରକାର ଗଠନର ସୁଯୋଗ ଦେବା ସମୟ ଉପନୀତ।

ଦୀର୍ଘ ୧ ଦଶନ୍ଧିର ବ୍ୟବଧାନ ପରେ ନିଜ ସରକାର ଗଢ଼ିବାକୁ ଯାଉଛନ୍ତି ଜମ୍ମୁ-କଶ୍ମୀରବାସୀ। ଏଥିପାଇଁ ଉପତ୍ୟକାରେ ରାଜନୈତିକ ଉଷ୍ମତା ପ୍ରକାଶ ପାଇଲାଣି। ସିଇସି ରାଜୀବ କୁମାର ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି କହିଛନ୍ତି, ଜମ୍ମୁ-କଶ୍ମୀରର ସବୁ ରାଜନୈତିକ ଦଳ ବିଧାନସଭା ନିର୍ବାଚନ କରାଇବା ସପକ୍ଷରେ ମତ ଦେଇଛନ୍ତି। ଖୁବ୍‌ଶୀଘ୍ର ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। କୌଣସି ଅନ୍ତଃ କିମ୍ବା ବାହ୍ୟ ଶକ୍ତିକୁ ଗଣତାନ୍ତ୍ରିକ ପ୍ରକ୍ରିୟାରେ ବାଧା ସୃଷ୍ଟି ପାଇଁ ଅନୁମତି ଦିଆଯିବ ନାହିଁ। ବିଧ୍ୱଂସକ ତତ୍ତ୍ୱଙ୍କୁ କଶ୍ମୀରବାସୀ ମୁହଁତୋଡ଼ ଜବାବ ଦେବେ। ଏଥିପାଇଁ ଆମେ ସମସ୍ତେ ପ୍ରସ୍ତୁତ ବୋଲି ଦୁଇ ନିର୍ବାଚନ କମିଶନର ଜ୍ଞାନେନ୍ଦ୍ର କୁମାର ଏବଂ ଏସ୍.ଏସ୍. ସାନ୍ଧୁଙ୍କ ଉପସ୍ଥିତିରେ ସିଇସି ସ୍ପଷ୍ଟ କରିଛନ୍ତି। କମିଶନଙ୍କ ୩ ଜଣିଆ ପ୍ରତିନିଧି ଦଳ ଏହି ଗସ୍ତବେଳେ ନିର୍ବାଚନ ସକାଶେ ପ୍ରଶାସନିକ ଏବଂ ସୁରକ୍ଷା ଏଜେନ୍ସିଗୁଡ଼ିକର ପ୍ରସ୍ତୁତି ସମୀକ୍ଷା କରିଛନ୍ତି। ଶୁକ୍ରବାର ଗସ୍ତର ଦ୍ୱିତୀୟ ଦିନରେ ପ୍ରତିନିଧି ଦଳ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ସଚିବ ଅଟଳ ଦୁଲ୍ଲୋ ଏବଂ ପୋଲିସ ମହାନିର୍ଦ୍ଦେଶକ ଆର୍.ଆର୍. ସ୍ୱାଇଁଙ୍କ ସହ ଆଲୋଚନା କରିଛନ୍ତି।

ଇତିମଧ୍ୟରେ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଭାଜପା ୧୩୨ ସଦସ୍ୟ ବିଶିଷ୍ଟ ପ୍ରଚାର କମିଟି ଘୋଷଣା କରିଛି। ନିକଟରେ ଲୋକ ସଭାରେ ଭାଜପାର ହ୍ୱିପ୍ ନିଯୁକ୍ତ ହୋଇଥିବା ଏମ୍‌ପି ଯୁଗଳ କିଶୋର ଶର୍ମାଙ୍କୁ ନିର୍ବାଚନ ପ୍ରଚାର କମିଟିରେ ଅଧ୍ୟକ୍ଷ ରଖାଯାଇଛି। ଜମ୍ମୁ-କଶ୍ମୀର ଭାଜପା ସଭାପତି ରବୀନ୍ଦ୍ର ରୈନା ଏବଂ ମାନିଫେଷ୍ଟୋ କମିଟିର ସଦସ୍ୟମାନେ ୨୦୨୪ ବିଧାନସଭା ନିର୍ବାଚନ ପାଇଁ 'ଜମ୍ମୁ-କଶ୍ମୀରର ଆହ୍ୱାନ' ଶୀର୍ଷକ ଦଳୀୟ ଇସ୍ତାହାର ଉନ୍ମୋଚନ କରିଛନ୍ତି। ସେହିପରି ଇଣ୍ଡିଆନ୍ ନ୍ୟାଶନାଲ ଡେଭେଲପ୍‌ମେଣ୍ଟାଲ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ) ବ୍ଲକ୍ ପକ୍ଷରୁ ମଧ୍ୟ ଜୁଲାଇ ୩୦ରେ ଆଗାମୀ ନିର୍ବାଚନ ପାଇଁ ମିଳିତ ଇସ୍ତାହାର ପ୍ରକାଶ କରାଯାଇଛି। ପ୍ରକାଶ ଯେ, ସୀମା ପୁନଃ ନିର୍ଦ୍ଧାରଣ ସମେତ ବିଭିନ୍ନ କାରଣରୁ କଶ୍ମୀର ବିଧାନସଭା ନିର୍ବାଚନ ହୋଇପାରି ନ ଥିଲା। ଡିଲିମିଟେଶନ୍ ପ୍ରକ୍ରିୟା ୨୦୨୦ ମାର୍ଚ୍ଚରେ ଆରମ୍ଭ ହୋଇ ୨୦୨୨ ମେ'ରେ ସମ୍ପୂର୍ଣ୍ଣ ହୋଇଥିଲା। ବିଧାନସଭା ନିର୍ବାଚନ ପରେ ଉପରାଜ୍ୟପାଳ ମନୋଜ ସିହ୍ନାଙ୍କ କ୍ଷମତା ସଙ୍କୁଚିତ ହୋଇଯିବା ଜାଣି କେନ୍ଦ୍ର ସରକାର ନିକଟରେ ଆଇନରେ ସଂଶୋଧନ ଆଣି ତାଙ୍କୁ ଅଧିକ କ୍ଷମତା ପ୍ରଦାନ କରିଛନ୍ତି।

## ବ୍ୟାଙ୍କ ଆକାଉଣ୍ଟରେ ୪ ନୋମିନି ରହିପାରିବେ

### ଲୋକ ସଭାରେ ବିଲ୍ ଆଗତ

ନୂଆଦିଲ୍ଲୀ,୯।୮

ବ୍ୟାଙ୍କ ଆକାଉଣ୍ଟରେ ୪ ଜଣଙ୍କୁ ନୋମିନି ଭାବେ ରଖାଯାଇପାରିବ। ଏଥିପାଇଁ ଶୁକ୍ରବାର ଲୋକ ସଭାରେ ଏକ ବିଲ୍ ଗୃହୀତ ହୋଇଛି। ଜମାକାରୀମାନଙ୍କୁ ଉତ୍ତମ ସୁରକ୍ଷା ସୁନିଶ୍ଚିତ କରାଇବା ଏବଂ ଗ୍ରାହକ ସୁବିଧା ବଢ଼ାଇବା ବ୍ୟାଙ୍କିଙ୍ଗ ଆଇନ(ସଂଶୋଧନ) ବିଲ୍‌ର ଉଦ୍ଦେଶ୍ୟ। ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧରୀ ଏହି ବିଲ୍ ଆଗତ କରିଥିଲେ। ଏଥିରେ ଥିବା ବ୍ୟବସ୍ଥା ଅନୁଯାୟୀ ଜଣେ ଆକାଉଣ୍ଟଧାରୀ ୪ ଜଣଙ୍କୁ ତାଙ୍କ ନୋମିନି ରଖିପାରିବେ। ଦାବିଦାର ନ ଥିବା ଲାଭାଂଶ, ଅଂଶଧନ ଏବଂ ସୁଧ ବା ବଣ୍ଡ ରିଡେମ୍ପଶନ୍‌କୁ ନିବେଶକ ଶିକ୍ଷା ଓ ସୁରକ୍ଷା ପାଣ୍ଠି (ଆଇଇପିଏଫ୍) ସ୍ଥାନାନ୍ତର କରାଯାଇପାରିବ। ବ୍ୟକ୍ତିବିଶେଷ ଉକ୍ତ ପାଣ୍ଠିରୁ ନିଜର ଅର୍ଥ ଦାବି କରିପାରିବେ। ଏହାଦ୍ୱାରା ଜମାକାରୀମାନଙ୍କ ସ୍ୱାର୍ଥର ସୁରକ୍ଷା ହୋଇପାରିବ।

## ତେଲ୍ ଆଭିଭ୍‌କୁ ଏୟାର ଇଣ୍ଡିଆ ବିମାନ ସେବା ସ୍ଥଗିତ

ନୂଆଦିଲ୍ଲୀ,୯।୮

ଇସ୍ରାଏଲ୍ ଓ ଇରାନ ମଧ୍ୟରେ ଉତ୍ତେଜନା ବଢୁଥିବାରୁ ଏୟାର ଇଣ୍ଡିଆ କର୍ତ୍ତୃପକ୍ଷ ତେଲ୍ ଆଭିଭ୍‌କୁ ପରବର୍ତ୍ତୀ ନୋଟିସ ପର୍ଯ୍ୟନ୍ତ ବିମାନ ସେବା ସ୍ଥଗିତ ରଖିଛନ୍ତି। ପୂର୍ବରୁ ଟାଟା ଗ୍ରୁପ୍ ମାଲିକାନାରେ ଥିବା ଉକ୍ତ ଏୟାରଲାଇନ୍ସ ଅଗଷ୍ଟ ୮ ପର୍ଯ୍ୟନ୍ତ ଦିଲ୍ଲୀରୁ ତେଲ୍ ଆଭିଭ୍ ବିମାନ ସେବା ବନ୍ଦ ରଖିଥିଲା। ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଥମି ନ ଥିବାରୁ ଉକ୍ତ ସ୍ଥଗିତ ନିଷ୍ପତ୍ତିକୁ ଅଧିକ ଦିନ ବଢ଼ାଗଲା ବୋଲି ଏୟାର ଇଣ୍ଡିଆ କର୍ତ୍ତୃପକ୍ଷ ଶୁକ୍ରବାର ଘୋଷଣା କରିଛନ୍ତି। ଏହି ସମୟ ମଧ୍ୟରେ ଯେଉଁମାନଙ୍କ ଟିକେଟ ବୁକିଂ କନ୍‌ଫର୍ମ ହୋଇଥିବ, ସେମାନେ ସମ୍ପୂର୍ଣ୍ଣ ଭଡ଼ା ଫେରସ୍ତ ପାଇବେ।

## ଯୁଗ୍ମ ସଂସଦୀୟ କମିଟିକୁ ଗଲା ୱାକ୍‌ଫ ବିଲ୍

ନୂଆଦିଲ୍ଲୀ,୯।୮(ପି.ଟି.)

କେନ୍ଦ୍ର ସରକାର ଆଣିଥିବା ୱାକ୍‌ଫ ଆଇନ ସଂଶୋଧନ ବିଲ୍‌କୁ ବିରୋଧୀ ସଦସ୍ୟମାନେ ଜୋର୍‌ଦାର ପ୍ରତିବାଦ ଜଣାଇବା ପରେ ଏହାର ଅନୁଧ୍ୟାନ ପାଇଁ ଯୁଗ୍ମ ସଂସଦୀୟ କମିଟିକୁ ପଠାଇ ଦିଆଯାଇଛି। ୩୧ ସଦସ୍ୟ ବିଶିଷ୍ଟ ଏହି କମିଟିରେ ଲୋକ ସଭାରୁ ୨୧ ଏବଂ ରାଜ୍ୟ ସଭାରୁ ୧୦ ସଦସ୍ୟ ରହିଛନ୍ତି। ପରବର୍ତ୍ତୀ ଅଧିବେଶନ ସୁଦ୍ଧା ରିପୋର୍ଟ ଦାଖଲ ଲାଗି କମିଟିକୁ କୁହାଯାଇଛି। ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ୱାକ୍‌ଫ ସଂଶୋଧନ ବିଲ୍‌କୁ ଯୁଗ୍ମ ସଂସଦୀୟ କମିଟିକୁ ପଠାଇବା ପାଇଁ ପ୍ରସ୍ତାବ ଆଣିଥିଲେ। କମିଟିରେ ଲୋକ ସଭାରୁ ୨୧ ଏବଂ ରାଜ୍ୟ ସଭାରୁ ୧୦ ସଦସ୍ୟ ରହିବା ନିମନ୍ତେ ପ୍ରସ୍ତାବ ଗୃହୀତ ହୋଇଥିଲା।

## ପାର୍ଲାମେଣ୍ଟ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ

ନୂଆଦିଲ୍ଲୀ,୯।୮(ପି.ଟି.)

ନିର୍ଦ୍ଧାରିତ ସମୟର ଗୋଟିଏ ସିଟିଂ ପୂର୍ବରୁ ପାର୍ଲାମେଣ୍ଟର ଉଭୟ ଗୃହକୁ ଶୁକ୍ରବାର ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରାଯାଇଛି। ମୌସୁମୀ ଅଧିବେଶନ ଅଗଷ୍ଟ ୧୨ରେ ଶେଷହେବାକୁ ଥିବାବେଳେ ବାଚସ୍ପତି ଓମ୍ ବିର୍ଲା ଲୋକ ସଭାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରିଛନ୍ତି। ନିମ୍ନ ସଦନ ୧୩୦ ପ୍ରତିଶତ ଅଧିକ ଫଳପ୍ରଦ ହୋଇଥିବା ବିର୍ଲା କହିଛନ୍ତି। ଏହି ଅଧିବେଶନରେ ଅର୍ଥ ବିଲ ଏବଂ ଖର୍ଚ୍ଚ ବିଲ୍, ଜମ୍ମୁ-କଶ୍ମୀର ଖର୍ଚ୍ଚ ବିଲ୍, ୨୦୨୪, ଇଣ୍ଡିଆନ୍ ଏୟାରକ୍ରାଫ୍ଟ ବିଲ୍, ୨୦୨୪ ସମେତ ବହୁ ଗୁରୁତ୍ୱପୂର୍ଣ୍ଣ ବିଲ୍ ଗୃହୀତ ହୋଇଛି। ଏହା ବ୍ୟତୀତ ଅଧିବେଶନରେ ୱାକ୍‌ଫ୍ ଆଇନ, ୧୯୯୫ର ସଂଶୋଧନ ବିଲ୍ ଆଗତ ହୋଇ ସଂସଦୀୟ ଯୁଗ୍ମ କମିଟିକୁ ପଠାଯାଇଛି। ମୋଟ ୧୧୫ ଘଣ୍ଟା ଲୋକ ସଭା ଚାଲିଥିବାବେଳେ ୧୫ଟି ସିଟିଂ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ର ବଜେଟ ୨୦୨୪-୨୫ ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଥିଲା। ୨୭ ଘଣ୍ଟା ୧୯ ମିନିଟ୍ ଧରି ଚାଲିଥିବା ଏହି ଆଲୋଚନାରେ ୧୮୧ ସଦସ୍ୟ ଭାଗ ନେଇଥିଲେ। ଅଧିବେଶନ କାଳରେ ୮୬ଟି ତାରକା ଚିହ୍ନିତ ପ୍ରଶ୍ନୋତ୍ତର ସମେତ ୪୦୦ଟି ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଅଲିମ୍ପିକ୍ସ ଗେମ୍ ପାଇଁ ଭାରତର ପ୍ରସ୍ତୁତି ଏବଂ କେରଳରେ ପ୍ରଳୟଙ୍କରୀ ଭୂସ୍ଖଳନ ଓ ଦେଶବ୍ୟାପୀ ବନ୍ୟା ସ୍ଥିତି ସମ୍ପର୍କରେ ମଧ୍ୟ ଗୃହରେ ଆଲୋଚନା ହୋଇଥିଲା। ଅଧିବେଶନ ସୁରୁଖୁରୁରେ ଚାଲିବାରେ ସହଯୋଗ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଓ ବିଭିନ୍ନ ଦଳର ସଦସ୍ୟମାନଙ୍କୁ ବାଚସ୍ପତି କୃତଜ୍ଞତା ଜଣାଇଛନ୍ତି। ସେହିପରି ରାଜ୍ୟ ସଭାରେ ବିରୋଧୀ ସଦସ୍ୟଙ୍କ କକ୍ଷତ୍ୟାଗକୁ ନେଇ ଅଚଳାବସ୍ଥା ମଧ୍ୟରେ ଅଧ୍ୟକ୍ଷ ଜଗଦୀପ୍ ଧନ୍‌କର ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରିଥିଲେ।

## ବାଂଲା ସୀମା ଉପରେ ନଜର ରଖିବ ୫ ଜଣିଆ କମିଟି

ନୂଆଦିଲ୍ଲୀ,୯।୮

ପଡ଼ୋଶୀ ଦେଶରେ ହିଂସାତ୍ମକ ଆନ୍ଦୋଳନରୁ ସରକାରର ପତନ ଏବଂ ଅରାଜକତା ଲାଗିରହିଥିବାରୁ ଭାରତ-ବାଂଲାଦେଶ ସୀମାର ସାମ୍ପ୍ରତିକ ସ୍ଥିତି ଉପରେ ନଜର ରଖିବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏକ ୫ ଜଣିଆ କମିଟି ଗଠନ କରିଛି। ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍)ର ଅତିରିକ୍ତ ମହାନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଏହି କମିଟି ଗଠନ କରାଯାଇଛି। ସୀମାରେ ସୁରକ୍ଷା ସମେତ ବାଂଲାଦେଶରେ ରହିଥିବା ଭାରତୀୟମାନଙ୍କ ସୁରକ୍ଷା ପାଇଁ କମିଟି ଏହାର ପ୍ରତିପକ୍ଷ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ ରକ୍ଷା କରିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ମାଇକ୍ରୋ ବ୍ଲଗିଂ ସାଇଟ୍ ଏକ୍ସ'ରେ ପୋଷ୍ଟ କରିଛନ୍ତି। ସେହିପରି ବାଂଲାଦେଶରେ ରହିଥିବା ଭାରତୀୟ ନାଗରିକଙ୍କ ସମେତ ହିନ୍ଦୁ ଓ ଅନ୍ୟାନ୍ୟ ସଂଖ୍ୟାଲଘୁମାନଙ୍କ ନିରାପତ୍ତା ଓ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ କମିଟି ବାଂଲାଦେଶ ପ୍ରତିପକ୍ଷ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗରେ ରହିବ। କମିଟିରେ ବିଏସ୍‌ଏଫ୍ ଫ୍ରଣ୍ଟିୟର ମୁଖ୍ୟାଳୟ ଦକ୍ଷିଣ ସାଉଥ୍ ବେଙ୍ଗଲ ଏବଂ ତ୍ରିପୁରାର ଆଇଜି, ଯୋଜନା ଓ ଉନ୍ନୟନ ସଦସ୍ୟ ଏବଂ ଲ୍ୟାଣ୍ଡ ପୋର୍ଟ ଅଥରିଟି ଅଫ୍ ଇଣ୍ଡିଆର ସଚିବ ସଦସ୍ୟ ରହିଛନ୍ତି।

## ଆଇଏସ୍‌ଏସ୍‌ରେ ଆଉ ୬ ମାସ ରହିବେ ସୁନୀତା

ୱାଶିଂଟନ,୯।୮



ବୋଇଂର ଷ୍ଟାର୍‌ଲାଇନ ମହାକାଶ ଯାନରେ ଗୋଟିଏ ସପ୍ତାହ ପାଇଁ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍‌ଏସ୍)କୁ ଯାଇଥିବା ଭାରତୀୟ ବଂଶୋଦ୍ଭବ ମହାକାଶଚାରୀ ସୁନୀତା ୱିଲିୟମ୍ସ ଏବଂ ବୁଚ୍ ୱିଲ୍‌ମୋର ଫେବୃଆରୀ ପୂର୍ବରୁ ଫେରୁନାହାନ୍ତି। ତାଙ୍କୁ ଆଉ ୬ ମାସ ସେଠାରେ ଅଟକି ରହିବାକୁ ପଡ଼ିବ। ବୋଇଂ ଷ୍ଟାର୍‌ଲାଇନରେ ସୃଷ୍ଟ ବୈଷୟିକ ସମସ୍ୟାର ସମାଧାନ ହୋଇପାରୁ ନ ଥିବାରୁ ଆମେରିକା ମହାକାଶ ଗବେଷଣା ସଂସ୍ଥା ନାସା ସ୍ପେସ୍‌ଏକ୍ସ ସହାୟତାରେ ସୁନୀତା ଓ ୱିଲ୍‌ମୋରଙ୍କୁ ଆସନ୍ତା ବର୍ଷ ଫେବୃଆରୀରେ ଫେରାଇ ଆଣିବାକୁ ଯୋଜନା କରିଛି। ଯଦି ଷ୍ଟାର୍‌ଲାଇନ ମହାକାଶଚାରୀମାନଙ୍କୁ ଧରି ପୃଥିବୀ ଫେରିବା ପାଇଁ ସୁରକ୍ଷିତ ନ ହୁଏ, ତେବେ ସ୍ପେସ୍‌ଏକ୍ସର କ୍ରିଉ ଡ୍ରାଗନ୍ ସେମାନଙ୍କୁ ଫେରାଇ ଆଣିବା ପାଇଁ ପଠାଯାଇପାରେ ବୋଲି ନାସା କହିଛି। ବୋଇଂର ପ୍ରତିଦ୍ୱନ୍ଦ୍ୱୀ କୁହାଯାଉଥିବା ଏଲନ ମସ୍କଙ୍କ ସ୍ପେସ୍‌ଏକ୍ସ ସେପ୍ଟେମ୍ବର ୨୪ରେ ଏହାର କ୍ରିଉ-୯ ମିଶନ ପାଇଁ ଯୋଜନା ଚଳାଇଛି। ତେବେ ଏଥିରେ ୪ ଜଣ ପରିବର୍ତ୍ତେ ମାତ୍ର ୨ ଜଣ ମହାକାଶଚାରୀ ଆସିପାରିବେ। ଯଦି ଏହାକୁ କାର୍ଯ୍ୟକାରୀ କରାଯାଏ, ତେବେ କ୍ରିଉ ଡ୍ରାଗନ କ୍ୟାପ୍‌ସୁଲ୍ ଫେବୃଆରୀରେ ସୁନୀତା ଏବଂ ୱିଲ୍‌ମୋରଙ୍କୁ ଧରି ପୃଥିବୀ ଫେରିବ।

# ଆଇଏସ୍ ଟାର୍ଗେଟରେ ସ୍ୱିଫ୍ଟଙ୍କ ଫ୍ୟାନ୍ସ

■ ଆତ୍ମଘାତୀ ଆକ୍ରମଣ ଯୋଜନା କରିଥିଲେ ୩ ପିଲା

■ ଗୋଇନ୍ଦା ସୂଚନା ମିଳିବା ପରେ ୩ କନ୍‌ସର୍ଟ ବାତିଲ

ଭିଏନା,୯।୮




ଆମେରିକୀୟ ପପ୍‌ଷ୍ଟାର୍ ଟେଲର ସ୍ୱିଫ୍ଟ।

ଅଷ୍ଟ୍ରିଆ ରାଜଧାନୀ ଭିଏନାରେ ଆମେରିକୀୟ ସିଙ୍ଗର ଟେଲର ସ୍ୱିଫ୍ଟ ଗୁରୁବାରଠାରୁ ଶନିବାର ମଧ୍ୟରେ ୩ଟି କନ୍‌ସର୍ଟ କରିବାର କାର୍ଯ୍ୟକ୍ରମ ରହିଥିଲା। ତେବେ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ପକ୍ଷରୁ ଉକ୍ତ କାର୍ଯ୍ୟକ୍ରମରେ ଆତ୍ମଘାତୀ ଆକ୍ରମଣ କରାଯିବା ନେଇ ଯୋଜନା ଚାଲିଥିବା ଅଷ୍ଟ୍ରିଆ ପୋଲିସ ଜାଣିବା ପରେ ଏହାକୁ ବାତିଲ କରିଦିଆଯାଇଛି। ପୋଲିସ ୩ ଜଣ ସ୍ୱଳ୍ପବୟସ୍କଙ୍କୁ ଗିରଫ କରି ପଚରାଉଚରା କରୁଛି।

ପପ୍ ସୁପରଷ୍ଟାର ଟେଲର ସ୍ୱିଫ୍ଟଙ୍କ କନ୍‌ସର୍ଟଆୟୋଜନ ହେବାକୁଥିବା ଭିଏନାର ଏର୍ନଷ୍ଟ ହାପ୍ପେଲ ଷ୍ଟାଡିୟମ୍ ବାହାରେ ତାଙ୍କ ଫ୍ୟାନ୍‌ମାନଙ୍କୁ ହତ୍ୟା କରିବା ପାଇଁ ଜଣେ ୧୯ ବର୍ଷୀୟ ଯୁବକ ଯୋଜନା କରିଥିଲେ। ଏହି ନର୍ଥ ମାସେଡୋନିଆ ବଂଶୋଦ୍ଭବ ଅଷ୍ଟ୍ରିଆ ନାଗରିକଙ୍କୁ ଆକ୍ରମଣ ଯୋଜନାର ମାଷ୍ଟରମାଇଣ୍ଡ କୁହାଯାଉଛି। ହଙ୍ଗେରି ସୀମାନ୍ତ ଟର୍ନିଜ୍ ସହରସ୍ଥିତ ଘରୁ ପୋଲିସ ତାଙ୍କୁ ଗିରଫ କରିଛି। ଜୁଲାଇ ୨୫ରେ ଏହି ସ୍ୱଳ୍ପବୟସ୍କ ବ୍ୟକ୍ତି ଅନ୍‌ଲାଇନରେ ଏକ ଭିଡିଓ ପୋଷ୍ଟ କରିଥିଲେ। ଏକ ବଡ଼ ଯୋଜନା ଥିବାରୁ ଚାକିରି ଛାଡ଼ିଥିବା ସେ ଏଥିରେ କହିଥିଲେ। ଆକ୍ରମଣ ପାଇଁ ସେ 'ତାଲିବାନ୍ ଦାଢ଼ି' ଧରି ନିଜ ଚେହେରା ବଦଳାଇଥିଲେ। ଏପରି କି ଅନ୍‌ଲାଇନ୍‌ରେ ଇସ୍‌ଲାମିକ୍ ପ୍ରୋପାଗଣ୍ଡା ଶେୟାର କରୁଥିଲେ। ସନ୍ଦିଗ୍ଧ ଜଣକ ଆଇଏସ୍ ପ୍ରତି ଆନୁଗତ୍ୟ ପ୍ରକାଶ କରୁଥିବାବେଳେ ଅଲ୍-କାଏଦାଠାରୁ ମଧ୍ୟ ସମର୍ଥନ ହାସଲ କରିଥିଲେ। ତାଙ୍କ ଘରେ ଚଢ଼ାଉ ବେଳେ ଆଇନ ପ୍ରବର୍ତ୍ତନ ଅଧିକାରୀମାନେ ବୋମା, ଆଇଏସ୍ ପ୍ରଚାରପତ୍ର, ୨୧,୦୦୦ ୟୁରୋ (୨୩,୦୦୦ ଡଲାର)ର ଜାଲ୍ ନୋଟ୍ ସହ ଏକାଧିକ ମାରଣାସ୍ତ୍ର ଜବତ କରିଛନ୍ତି। ସେ ପୂର୍ବରୁ କାମ କରୁଥିବା ଏକ ମେଟାଲ ପ୍ରୋସେସିଂ କମ୍ପାନୀରୁ ରାସାୟନିକ ପଦାର୍ଥ ଚୋରି କରିଥିଲେ।

ଷ୍ଟାଡିୟମ୍‌ରେ ସେବା ପ୍ରଦାନକାରୀ ଏକ କମ୍ପାନୀ କିଛିଦିନ ତଳେ ତୁର୍କୀ-କ୍ରୋଏସିଆ ମୂଳର ୧୭ ବର୍ଷୀୟ ବାଳକଙ୍କୁ କାମ ଦେଇଥିଲା। ଗିରଫ ହୋଇଥିବା ଏହି ବାଳକଙ୍କ ନିକଟରେ ତାଙ୍କ ଗର୍ଲଫ୍ରେଣ୍ଡ ସହ ବ୍ରେକ୍‌ଅପ୍ ହୋଇଥିଲା। ତୃତୀୟ ଅଭିଯୁକ୍ତଙ୍କ ବୟସ ୧୫ ବର୍ଷ। ତୁର୍କୀ ବଂଶୋଦ୍ଭବ ଏହି ସନ୍ଦିଗ୍ଧ ଉକ୍ତ ଷ୍ଟାଡିୟମ୍‌ରେ ବିସ୍ଫୋରକ ଖଞ୍ଜି ଆତ୍ମଘାତୀ ବିସ୍ଫୋରଣ ଘଟାଇବାକୁ ଯୋଜନା କରିଥିବା ପୋଲିସ ଜାଣିବାକୁ ପାଇଛି।

ପ୍ରକାଶ ଯେ, ଗୁରୁବାର ଉକ୍ତ ଷ୍ଟାଡିୟମ୍‌ରେ ହେବାକୁ ଥିବା କନ୍‌ସର୍ଟକୁ ଦେଶବିଦେଶରୁ ୬୫,୦୦୦ ଦର୍ଶକ ଆସିବାର ଥିଲା। ତିନୋଟିଯାକ କାର୍ଯ୍ୟକ୍ରମରେ ମୋଟ ୧,୯୫,୦୦୦ ଲୋକ ସାମିଲ ହୋଇଥାଆନ୍ତେ। ତେବେ ଆମେରିକୀୟ ଗୋଇନ୍ଦା ସଂସ୍ଥାଗୁଡ଼ିକଠାରୁ ଆକ୍ରମଣ ଯୋଜନା ସମ୍ପର୍କରେ ଅଷ୍ଟ୍ରିଆ କର୍ତ୍ତୃପକ୍ଷ ଜାଣିବା ପରେ ଏହାକୁ ରଦ୍ଦ କରିଦେଇଛନ୍ତି। ତେବେ ୩୪ ବର୍ଷୀୟା ସ୍ୱିଫ୍ଟ ତାଙ୍କ କାର୍ଯ୍ୟକ୍ରମ ରଦ୍ଦ ହେବା ଉପରେ ଏଯାଏ କୌଣସି ପ୍ରତିକ୍ରିୟା ପ୍ରକାଶ କରିନାହାନ୍ତି।




# ଫୁଲୁଛି ମହାନଦୀ: ତଳିଆ ଅଞ୍ଚଳରେ ଚିନ୍ତା ବଢ଼ିଲା

## ସତର୍କ କଲେ ଏସ୍‌ଆର୍‌ସି

### ୧୮ରେ ଆଉ ଏକ ଲଘୁଚାପ



**ଭୁବନେଶ୍ୱର,୯।୮(ଅନିଲ ଦାସ)**

ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁ ହୀରାକୁଦ ଜଳସ୍ତର ବୃଦ୍ଧି ପାଇଛି। ଜଳଭଣ୍ଡାରର ୧୪ଟି ଗେଟ୍ ଦେଇ ବନ୍ୟା ଜଳ ନିଷ୍କାସିତ ହେଉଛି। ଏଥିଯୋଗୁ ମହାନଦୀ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। କଟକର ମୁଣ୍ଡଳୀ ଦେଇ ୫ ଲକ୍ଷ ୭୮ ହଜାର କ୍ୟୁସେକ୍ ବନ୍ୟାଜଳ ପ୍ରବାହିତ ହେଉଛି। ଶୁକ୍ରବାର ରାତି ସୁଦ୍ଧା ପିକ୍ ଜଳସ୍ତର ମୁଣ୍ଡଳୀ ଅତିକ୍ରମ କରିବ। ଏଥିଯୋଗୁ ମହାନଦୀର ଶାଖା ନଦୀରେ ବନ୍ୟାଜଳ ବୃଦ୍ଧି ପାଇବା ସମ୍ଭାବନା ରହିଛି। ଦୟା, ଭାର୍ଗବୀର ତଳ ଅଞ୍ଚଳକୁ ପାଣି ପଶିପାରେ ବୋଲି କହିଛନ୍ତି ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଭକ୍ତରଞ୍ଜନ ମହାନ୍ତି। କେବଳ ବୈତରଣୀ ନଦୀ ଜଳସ୍ତର ବୃଦ୍ଧି ପାଉଛି। ଆଖୁଆପଦାରେ ବିପଦ ସଙ୍କେତ ୧୮.୩୩ ମିଟର ରହିଥିବାବେଳେ ଏବେ ଜଳସ୍ତର ୧୭.୩ ମିଟର ରହିଛି। ଉପରମୁଣ୍ଡରେ ସେମିତି ବର୍ଷା ନାହିଁ, ତେଣୁ ଜଳସ୍ତର କମିବ ବୋଲି ସେ କହିଛନ୍ତି।

ସେହିପରି ମହାନଦୀର ଜଳସ୍ତର ବଢୁଥିବାରୁ ଅବବାହିକାରେ ଥିବା ୧୦ ଜିଲାକୁ ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆର୍‌ସି) ସତର୍କ କରିଛନ୍ତି। ସେହି ଜିଲାଗୁଡ଼ିକ ହେଲା ସମ୍ବଲପୁର, ସୋନପୁର, ନୟାଗଡ଼, ଅନୁଗୋଳ, ବୌଦ୍ଧ, ପୁରୀ, ଖୋର୍ଦ୍ଧା, କଟକ, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା। ତଳିଆ ଅଞ୍ଚଳରେ ରହୁଥିବା ଲୋକଙ୍କ ଉପରେ ସ୍ୱତନ୍ତ୍ର ନଜର ରଖିବାକୁ ପରାମର୍ଶ ଦିଆଯାଇଛି। ପାଣି ପ୍ରବାହିତ ହେଉଥିବା ରାସ୍ତା, ବ୍ରିଜ୍ ଉପରେ ଯା'ଆସ ନ କରିବାକୁ ବାରଣ କରାଯାଇଛି।

ଲଗାଣ ବର୍ଷା ସହିତ ହୀରାକୁଦ ଗେଟ୍ ଖୋଲିବା ଯୋଗୁ ମହାନଦୀ ଜଳସ୍ତର ବଢ଼ିଛି। କଟକ ଜିଲା ବାଙ୍କୀର ତଳିଆ ଅଞ୍ଚଳରେ ଚଳିତବର୍ଷର ପ୍ରଥମ ବନ୍ୟା ପାଣି ପ୍ରବେଶ କରିଛି। ବିଲିପଡ଼ାରୁ ତାଳବସ୍ତ ରାସ୍ତାରେ ୨ ଫୁଟ୍ ବନ୍ୟା ଜଳ ପ୍ରବାହିତ ହେଉଛି। ଫଳରେ ଏହି ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଆଠଗଡ଼ର ବଡ଼ଭୂଇଁ-ଖଣ୍ଡହତାକୁ ସଂଯୋଗ କରୁଥିବା ବଡ଼ବନ୍ଧିଆଣି ରାସ୍ତା ସହ ପୋଲ ଉପରେ ୨ ଫୁଟ୍ ବନ୍ୟା ପାଣି ପ୍ରବାହିତ ହେଉଛି। ଫଳରେ ଏହି ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ସେହିପରି ଉତ୍ତରବାଙ୍କୀ ଘୋଡ଼ାବରଠାରେ ହୁଲୁହୁଲି ପୋଲ ଦେଇ ମହାନଦୀ ବନ୍ୟା ଜଳ ପଶିବା ଯୋଗୁ ଡିଗିରିଆ ଓ ଉତ୍ତରବାଙ୍କୀ ଅଞ୍ଚଳର ହଜାର ହଜାର ଏକର ଚାଷଜମି ଜଳମଗ୍ନ ହୋଇଛି। ମହାନଦୀର ଜଳସ୍ତର ବୃଦ୍ଧି ପାଉଥିବାରୁ ଏହାର ଶାଖା ରଣନଦୀରେ ମଧ୍ୟ ଜଳସ୍ତର ବଢ଼ିଛି। ଫଳରେ ବିଲିପଡା, ତାଳବସ୍ତ, କୁଶପଙ୍ଗି, ପାଥପୁର ଓ ବରହମପୁରୀ ପଞ୍ଚାୟତରେ ଶହ ଶହ ହେକ୍ଟର ଚାଷଜମିରେ ପାଣି ମାଡ଼ି ଯାଇଛି। ତେବେ ବର୍ଷା ହ୍ରାସ ପାଇଥିବାରୁ ମହାନଦୀରେ ସେପରି ବଡ଼ଧରଣର ବନ୍ୟା ପରିସ୍ଥିତି ନାହିଁ ବୋଲି ଜଳ ସମ୍ପଦ ବିଭାଗ ପକ୍ଷରୁ କୁହାଯାଇଛି।

ଗତ ୨୪ ଘଣ୍ଟା ମଧ୍ୟରେ ପୁରୀରେ ୮୪ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ନୟାଗଡ ୭୦.୨, ଝାରସୁଗୁଡା ୫୮, ଅନୁଗୋଳ ୫୨, ମୟୂରଭଞ୍ଜ ୪୦, ଢେଙ୍କାନାଳ ୪୫.୨, ସମ୍ବଲପୁର ୪୩.୪, କୋରାପୁଟରେ ୪୦.୪ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

ଅନ୍ୟପକ୍ଷରେ ଆସନ୍ତା ୭ଦିନ ଯାଏ ରାଜ୍ୟରେ ବର୍ଷା ପରିମାଣ କମ୍ ରହିବ। ତେବେ ଆସନ୍ତା ୧୮ ତାରିଖ ବେଳକୁ ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟିହେବାର ସମ୍ଭାବନା ରହିଛି। ଏଥିଯୋଗୁ ଦକ୍ଷିଣ ଓଡ଼ିଶା ସମେତ ଉପକୂଳ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

## କ୍ଷୟକ୍ଷତି ରିପୋର୍ଟ ଦେବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ

**ଭୁବନେଶ୍ୱର,୯।୮(ଅନିଲ ଦାସ)**

ରାଜ୍ୟରେ ଗତ କିଛିଦିନ ଧରି ଲଘୁଚାପ ଜନିତ ପ୍ରବଳ ବର୍ଷା ଲାଗି ରହିଛି। ଏଥିଯୋଗୁ କେତେକ ସ୍ଥାନରେ ଘରଦ୍ୱାର ଭାଙ୍ଗିବା ସହ ଚାଷଜମିରେ ଫସଲ ନଷ୍ଟ ହୋଇଛି। ଲଗାଣ ବର୍ଷା ଯୋଗୁ ହୋଇଥିବା କ୍ଷୟକ୍ଷତିର ଆକଳନ କରି ତୁରନ୍ତ ସବିଶେଷ ତଥ୍ୟ ଦେବାକୁ ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆର୍‌ସି) ଶୁକ୍ରବାର ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ପାଣ୍ଡିଆନଙ୍କ ହେଲିକପ୍ଟର ଗସ୍ତଖର୍ଚ୍ଚର ତଦନ୍ତ ହେବ: ମନ୍ତ୍ରୀ ବିଭୂତି ଭୂଷଣ

**ଭୁବନେଶ୍ୱର,୯।୮(ଅନିଲ ଦାସ)**

ଭି.କେ. ପାଣ୍ଡିଆନଙ୍କ ହେଲିକପ୍ଟର ଗସ୍ତ ଖର୍ଚ୍ଚର ତଦନ୍ତ ହେବ ବୋଲି ଶୁକ୍ରବାର ପରିବହନ ମନ୍ତ୍ରୀ ବିଭୂତିଭୂଷଣ ଜେନା ଗଣମାଧ୍ୟମକୁ କହିଛନ୍ତି। ପାଣ୍ଡିଆନଙ୍କ ହେଲିକପ୍ଟର ଗସ୍ତ ନେଇ କରାଯାଇଥିବା ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ଉକ୍ତ ଘଟଣାର ତଦନ୍ତ ଆରମ୍ଭ ହେବ। ଏନେଇ ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଜଣେ ବ୍ୟକ୍ତି ଯଦି ସର୍ବସମ୍ମୁଖରେ ରାଜକୋଷକୁ ଲୁଣ୍ଠନ କରିବେ, ଏହା କେବେ ଗ୍ରହଣୀୟ ନୁହେଁ। ଆମ ସରକାର ଏ କଥାକୁ ପୂରା ନଜର ରଖିଛନ୍ତି। ସରକାର ଶୂନ୍ୟ ଦୁର୍ନୀତି ନୀତିକୁ ଆପଣାଇଛନ୍ତି। ଦୁର୍ନୀତିକୁ ସରକାର ବରଦାସ୍ତ କରିବେ ନାହିଁ। ଏନେଇ ତଦନ୍ତ ହେବ ଓ ତୁରନ୍ତ କାର୍ଯ୍ୟାନୁଷ୍ଠାନ ମଧ୍ୟ ହେବ ବୋଲି ମନ୍ତ୍ରୀ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ବିଜେଡି ସରକାର ସମୟରେ ପାଣ୍ଡିଆନ ସରକାରୀ ଓ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେବାକୁ ରାଜ୍ୟର ବିଭିନ୍ନ ଜିଲା ଗସ୍ତ କରିବା ବେଳେ ହେଲିକପ୍ଟର ବ୍ୟବହାର କରିଛନ୍ତି। ସରକାରୀ ରାଜକୋଷରୁ ଏଥିପାଇଁ ବହୁ କୋଟି ଟଙ୍କା ଖର୍ଚ୍ଚ କରିଥିବା ନେଇ ଅଭିଯୋଗ ହୋଇଛି। ଏପରି କି ୨୦୧୩ ରୁ ୨୦୨୪ ମଧ୍ୟରେ ୩୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେଲିକପ୍ଟର ଗସ୍ତ ଯୋଗୁ ଖର୍ଚ୍ଚ ହୋଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସେତେବେଳେ ବିରୋଧୀ ଦଳ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। କାହା ଅନୁମତିରେ ପାଣ୍ଡିଆନ ରାଜ୍ୟସାରା ବୁଲୁଛନ୍ତି ବୋଲି ପ୍ରଶ୍ନ କରିଥିଲେ। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିରୋଧୀଙ୍କ କଥାକୁ କର୍ଣ୍ଣପାତ କରି ନ ଥିଲେ। ରାଜ୍ୟରେ ଭାଜପା ସରକାର ଆସିବା ପରେ ସେ ସବୁର ତଦନ୍ତ କରିବାକୁ ମନ୍ତ୍ରୀ ବିଭୂତିଭୂଷଣ ସୂଚନା ଦେଇଛନ୍ତି। ଯଦି କିଛି ତ୍ରୁଟି ବିଚ୍ୟୁତି ଥାଏ ତେବେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପରିବହନ ମନ୍ତ୍ରୀ କହିଛନ୍ତି।

ରାଜ୍ୟର କେଉଁ ନେତା ଓ ମନ୍ତ୍ରୀମାନେ କେଉଁ ଗସ୍ତରେ ହେଲିକପ୍ଟର ବ୍ୟବହାର କରିପାରିବେ ସେନେଇ ନିୟମ ରହିଛି। ତେବେ ସମସ୍ତ ନିୟମକୁ ଅଣଦେଖା କରି ପାଣ୍ଡିଆନ ହେଲିକପ୍ଟରରେ ସମଗ୍ର ରାଜ୍ୟ ଭ୍ରମଣ କରୁଥିଲେ ବୋଲି ବିରୋଧୀ ଦଳ ଅଭିଯୋଗ କରି ଆସୁଥିଲା।

**MITS SCHOOL OF BIOTECHNOLOGY**
ESTD 2003
Affiliated with Utkal University, Bhubaneswar
ADMISSIONS OPEN FOR 2024-25
B.Sc I.T.M. Biotechnology | M.Sc Biotechnology Microbiology | BCA | BBA
SPOT ADMISSION AT YOUR TOWN
Date: 11th August 2024 (Sunday) Time: 10:00 AM to 5:00 PM

| Town | Hotel | Contact Person | |
|---|---|---|---|
| Cuttack | Grand Residency | Subham Beura | 7008275106 |
| Kendrapada | Hotel Gourishankar | C. Swain | 7606945793 |
| Jagatsinghpur | Anjana Residency | B.D. Tripathy | 9040134987 |
| Nayagarh | Hotel Trinath | G.B. Nayak | 7978532312 |
| Anugul | Hotel Keyon Ashiana | R.S. Panda | 7978940626 |
| Dhenkanal | Hotel Surya | S. Parida | 7978529971 |
| Jajpur Road | Hotel Pankaj | S.R. Pradhan | 9439478602 |
| Bhadrak | Hotel City Residency | S.K. Nayak | 8270619465 |
| Balasore | Hotel Saikrishna | K.K. Sahoo | 9853114442 |
| Baripada | Hotel Mohapatra | P.K. Pradhan | 7978475190 |
| Kendujhar | Hotel Shreekhetra Int. | R.P. Behera | 8847808772 |
| Rourkela | Hotel Aasthaa Palace | Chhabi Sethi | 9861293070 |
| Sambalpur | Hotel Narmada Res. | S.N. Patel | 7735266465 |
| Bargarh | Hotel Ganapathi | H.C. Panda | 9437030550 |

90% Placement
Top MNCs who have visited MITS in 2024
Deloitte. Capgemini TATA Cognizant Infosys wipro
Patia, Bhubaneswar 8599885998 msb.ac.in

## ୬ ଲେନ୍ ହେବ ଭୁବନେଶ୍ୱର-ପୁରୀ, ବଡ଼ବିଲ-ଚଣ୍ଡିଖୋଲ ଜାତୀୟ ରାଜପଥ

**ଭୁବନେଶ୍ୱର,୯।୮(ଅନିଲ ଦାସ)**

ଭୁବନେଶ୍ୱର-ପୁରୀ ୩୧୬ ନମ୍ବର ଜାତୀୟ ରାଜପଥ ଏବଂ ବଡବିଲ-ଚଣ୍ଡିଖୋଲ ଜାତୀୟ ରାଜପଥ ୬ ଲେନ ବିଶିଷ୍ଟ ହେବ। ଏଥିସହିତ ଦୁଇଲେନ ସର୍ଭିସ ରୋଡ୍ ମଧ୍ୟ ନିର୍ମାଣ କରାଯିବ। ଏହି ୨ ପ୍ରକଳ୍ପର ସବିଶେଷ ପ୍ରକଳ୍ପ ରିପୋର୍ଟ(ଡିପିଆର) ପ୍ରସ୍ତୁତ କରିବାକୁ ରାଜ୍ୟ ପୂର୍ତ୍ତ ବିଭାଗ ଶୁକ୍ରବାର ଜାତୀୟ ରାଜପଥର ଆଞ୍ଚଳିକ କାର୍ଯ୍ୟାଳୟକୁ ଚିଠି ଲେଖିଛି। ଡିପିଆର ପ୍ରସ୍ତୁତ କରିବା ସହ ଏହାକୁ ମୁଖ୍ୟ ଶାସନ ସଚିବଙ୍କ ନିକଟରେ ଉପସ୍ଥାପନ କରିବାକୁ କୁହାଯାଇଛି।

## ପଦବୀ ହରାଇଲେ ଗୁମିକିଆ ସରପଞ୍ଚ


ତ୍ରିନାଥ ପ୍ରଧାନ

**ଦାରିଙ୍ଗବାଡି,୯।୮(ଅରୁଣ ସାହୁ)**

କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ଗୁମିକିଆ ଗ୍ରାମ ପଞ୍ଚାୟତର ସରପଞ୍ଚ ତ୍ରିନାଥ ପ୍ରଧାନ ତାଙ୍କ ପଦବୀ ହରାଇଛନ୍ତି। ୫ଟି ସନ୍ତାନ ଥିବାରୁ ଜିଲାପାଳ ଆଶିଷ ଈଶ୍ୱର ପାଟିଲ ତ୍ରିନାଥଙ୍କ ସରପଞ୍ଚ ପଦବୀକୁ ଅସିଦ୍ଧ ଘୋଷଣା କରିଛନ୍ତି। ନିର୍ବାଚନରେ ପଞ୍ଚାୟତ ଅଧିନିୟମକୁ ଉଲ୍ଲଂଘନ କରି ତ୍ରିନାଥ ବିଜୟୀ ହୋଇଥିଲେ। ତାଙ୍କର ୨ରୁ ଅଧିକ ସନ୍ତାନ ଥିବା ନେଇ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀଙ୍କ ନିକଟରେ ସୁରୁଲାଇ ଗ୍ରାମର ପିତର ପ୍ରଧାନ ଅଭିଯୋଗ କରିଥିଲେ। ଏହାର ତଦନ୍ତ ଅନୁସାରେ ଅଙ୍ଗନୱାଡି ସମେତ ଜନ୍ମ ପଞ୍ଜିକୃତ ରେକର୍ଡ, ଆଧାର କାର୍ଡ ଆଦିରୁ ତ୍ରିନାଥଙ୍କ ୧୯୯୪ରେ ପ୍ରଥମ ସନ୍ତାନ, ୧୯୯୮ରେ ଦ୍ୱିତୀୟ, ୨୦୦୨ରେ ତୃତୀୟ,୨୦୦୬ରେ ଚତୁର୍ଥ ଏବଂ ୨୦୦୯ରେ ପଞ୍ଚମ ସନ୍ତାନ ଜନ୍ମଗ୍ରହଣ କରିଥିବା ଜଣାପଡ଼ିଥିଲା।

## ୧୪ ସରକାରୀ ସ୍ନାତକ ମହାବିଦ୍ୟାଳୟ ଉଦ୍‌ଘାଟିତ



ସରକାରୀ ସ୍ନାତକ ମହାବିଦ୍ୟାଳୟ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ବିଭାଗୀୟ ଅଧିକାରୀମାନେ।

**ଭୁବନେଶ୍ୱର,୯।୮(ଅସମାପିକା ସାହୁ)**

ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟର ୮ ଜିଲାରେ ୧୪ ସରକାରୀ ସ୍ନାତକ ମହାବିଦ୍ୟାଳୟ ଖୋଲିଛି। ଶୁକ୍ରବାର ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏସବୁ ମହାବିଦ୍ୟାଳୟକୁ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। ଏହି ଡିଗ୍ରୀ ମହାବିଦ୍ୟାଳୟଗୁଡ଼ିକ ଖୋଲିଥିବା ସ୍ଥାନ ହେଲା, ମୟୂରଭଞ୍ଜ ଜିଲାର ତିରିଙ୍ଗ, କଳାହାଣ୍ଡି ଜିଲାର ଥୁଆମୂଳ ରାମପୁର, ସୁନ୍ଦରଗଡ଼ ଜିଲାର ଗୁରୁଣ୍ଡିଆ ଓ ନୂଆଗାଁ, କୋରାପୁଟ ଜିଲାର ବନ୍ଧୁଗାଁ ଓ ନାରାୟଣପାଟଣା, ନବରଙ୍ଗପୁରର ଝରିଗାଁ, କୋସାଗୁମୁଡ଼ା, ରାଇଘର ଓ ତେନ୍ତୁଲିଖୁଣ୍ଟି, ରାୟଗଡ଼ା ଜିଲାର କାଶୀପୁର ଓ ରମଣଗୁଡ଼ା, ଗଞ୍ଜାମ ଜିଲାର ଧରାକୋଟ ଓ କନ୍ଧମାଳ ଜିଲାର ଖଜୁରୀପଦା। ଏହିଅବସରରେ ମନ୍ତ୍ରୀ ସୂର୍ଯ୍ୟବଂଶୀ କହିଲେ, କେବଳ ଶିକ୍ଷା ମାଧ୍ୟମରେ ଯୁବପିଢ଼ି ନିଜକୁ ସଶକ୍ତ କରିବା ସହ ସମାଜରେ ପରିବର୍ତ୍ତନ ଆଣିପାରିବେ। ଉପାନ୍ତ ଅଞ୍ଚଳରେ ନବନିର୍ମିତ ଏହି ୧୪ଟି ସରକାରୀ ସ୍ନାତକ ମହାବିଦ୍ୟାଳୟ ଶିକ୍ଷାକ୍ଷେତ୍ରରେ ନିଶ୍ଚିତ ରୂପେ ବିପ୍ଳବ ଆଣିବ। ଏଥିସହିତ ଛାତ୍ରୀଛାତ୍ରଙ୍କ ଉଚ୍ଚଶିକ୍ଷା ପ୍ରତି ଆଗ୍ରହ ବଢ଼ିବା ସହିତ ଡ୍ରପ୍‌ଆଉଟ୍ ପ୍ରତିଶତ ହ୍ରାସ ପାଇବ ବୋଲି ମନ୍ତ୍ରୀ ଆଶାବ୍ୟକ୍ତ କରିଥିଲେ।

ଉଚ୍ଚଶିକ୍ଷା ବିଭାଗ ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ କହିଲେ, ୮ ଜିଲାର ୧୪ ବ୍ଲକରେ ସ୍ଥାପନ ହୋଇଥିବା ଏହି ସ୍ନାତକ ମହାବିଦ୍ୟାଳୟଗୁଡ଼ିକ ଓଡ଼ିଶାର ଉପାନ୍ତ ଅଞ୍ଚଳରେ ବସବାସ କରୁଥିବା ଛାତ୍ରୀଛାତ୍ରଙ୍କ ନିକଟରେ ଶିକ୍ଷା ସୁବିଧା ପହଞ୍ଚାଇବ। ଉକ୍ତ କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଓ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁଟା ଯୋଗଦେଇ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇବା ସହ ସରକାରଙ୍କ ଏହି ପଦକ୍ଷେପ ଶିକ୍ଷାକ୍ଷେତ୍ରରେ ଏକ ଯୁଗାନ୍ତକାରୀ ପଦକ୍ଷେପ ହେବ ବୋଲି ମତପ୍ରକାଶ କରିଥିଲେ। ଏହାପରେ ମହାବିଦ୍ୟାଳୟରେ ନବନିଯୁକ୍ତ ଅଧ୍ୟକ୍ଷ ଓ ନୂତନ ଭାବେ ଯୋଗଦେଇଥିବା ଛାତ୍ରୀଛାତ୍ର ନିଜର ଅନୁଭୂତି ବାଖାଣିବା ସହ ଉଚ୍ଚଶିକ୍ଷା ବିଭାଗକୁ ଧନ୍ୟବାଦ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀ, ଆଭାସୀ ମାଧ୍ୟମରେ ସମ୍ପୃକ୍ତ ଜିଲାର ଜିଲାପାଳ, ଗୋଷ୍ଠୀ ଉନ୍ନୟନ ଅଧିକାରୀମାନେ ଉପସ୍ଥିତ ଥିଲେ। ଉଚ୍ଚଶିକ୍ଷା ବିଭାଗର ଯୁଗ୍ମସଚିବ ସ୍ନିଗ୍ଧା ଚମ୍ପତିରାୟ ଧନ୍ୟବାଦ ଅର୍ପଣ କରିଥିଲେ।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦର ୬୯ତମ ଅଧିବେଶନ, ସ୍ଥାନ: ୭/୧୩-ଟାଇପ୍-ବି (ଭିଭିଇଡ), ୟୁନିଟ୍-୯, ସମୟ: ଅପରାହ୍ନ ୪ଟା ୩୦।
- ପଞ୍ଜାବ ଗ୍ରାଲ୍ କାର୍ଯ୍ୟକ୍ରମ, ସ୍ଥାନ: ଏସ୍ପ୍ଲାନେଡ୍ ମଲ୍, ସମୟ: ଅପରାହ୍ନ ୫ଟା।
- ପଦ୍ମଶ୍ରୀ ସୁରମଣି ଡ. ପଣ୍ଡିତ ରଘୁନାଥ ପାଣିଗ୍ରାହୀଙ୍କ ୯୨ତମ ଜୟନ୍ତୀ ଅବସରରେ 'ନମାମି ସୁରମଣି' କାର୍ଯ୍ୟକ୍ରମ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ
- ଶ୍ରୀମ ବିଜ୍ଞାନ ମେଳା, ସ୍ଥାନ : ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବସୁକେରା, ସାକ୍ଷୀଗୋପାଳ, ସମୟ: ପୂର୍ବାହ୍ନ ୧୦ଟା।

## କଟକ
- ସିଡିଏ ବରିଷ୍ଠ ନାଗରିକ ମହାସଂଘ (ସିଜନମ) ପକ୍ଷରୁ ଦୃଷ୍ଟିବାଧିତ ବିଦ୍ୟାଳୟରେ ବନ ମହୋତ୍ସବ ପାଳନ, ସ୍ଥାନ: ବିଦ୍ୟାଳୟ ପରିସର, ସିଡିଏ ସେକ୍ଟର-୧୦, ସମୟ: ସକାଳ ୮ଟା ୩୦।
- କଳା ବିକାଶ କେନ୍ଦ୍ରର ୭୩ତମ ପ୍ରତିଷ୍ଠା ଦିବସ, ସ୍ଥାନ: କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟ, ସମୟ: ସନ୍ଧ୍ୟା ୬ଟା।
- ଉତ୍କଳ ସାହିତ୍ୟ ସମାଜ ଆନୁକୂଲ୍ୟରେ ଦ୍ୱିମାସିକ ଭାଷା-ସାହିତ୍ୟ ଚର୍ଚ୍ଚା, ସ୍ଥାନ: କଟକ ଶତାବ୍ଦୀ ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## ଖୋର୍ଦ୍ଧା
- ଓଡ଼ିଶା ଯୁବ ସମ୍ମିଳନୀ, ସ୍ଥାନ: କେ.ଟି. ଗ୍ଲୋବାଲ ସ୍କୁଲ, ବରୁଣେଇ ରୋଡ୍, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୦ଟା।

## ବାଲେଶ୍ୱର
- ଦେବସେନା ପକ୍ଷରୁ ଆଇଆଇସିଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ବସ୍ତା ଥାନା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- କଳାକାର ସମାଜ ପତିଙ୍କ ଏକାଦଶାହ କ୍ରିୟା, ସ୍ଥାନ: ମହାରାଣୀ ଧର୍ମଶାଳା ଦେଉଳସାହି ବାରିପଦା, ସମୟ: ଅପରାହ୍ନ ୧ଟା।

## ମୟୂରଭଞ୍ଜ
- ଶିକ୍ଷକ-ଅଭିଭାବକ ବୈଠକ, ସ୍ଥାନ: ମୋରଡ଼ା ବ୍ଲକ ଅଧୀନ ଏସ୍ପେଇମା, ମା ଭୈରବୀ ଓ ଲଳିଡ଼ି ପ୍ରାଥମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- କଳାକାର ସମାଜ ପତିଙ୍କ ଏକାଦଶାହ, ସ୍ଥାନ: ମହାରାଣୀ ଧର୍ମଶାଳା, ଦେଉଳସାହି, ବାରିପଦା, ସମୟ: ଅପରାହ୍ନ ୧ଟା।

## ଭଦ୍ରକ
- ଛାତ୍ରୀଛାତ୍ରଙ୍କୁ କୃମି ବଟିକା ବଣ୍ଟନ, ସ୍ଥାନ: ଓଡ଼ିଶା ବ୍ରିଗେଡ୍ ସ୍କୁଲ, ଆଡ଼ିଆ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ଭାଗୀରଥି ସ୍ମୃତି ସଂସଦ ପକ୍ଷରୁ ସ୍ମୃତିସଭା, ସ୍ଥାନ: କୋଠାର, ଧାମନଗର, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର
- ଶନି ମନ୍ଦିରରେ ମେଳା, ହୋମ, ଯଜ୍ଞ, କୀର୍ତ୍ତନ, ସ୍ଥାନ: ସୋସୋ, ମୋଟରାଡ଼ିଆ, ହାଟଡିହି, ସମୟ: ସକାଳ ୭ ଟା ଏବଂ ସନ୍ଧ୍ୟା ୭ ଟା।
- ସ୍ମୃତି ସଭା, ସତ୍ସଙ୍ଗ ଏବଂ ବେଦ ପାଠ, ସ୍ଥାନ: କପୁଣ୍ଡି, ହାଟଡିହି, ସମୟ: ଅପରାହ୍ନ ୫ ଟା।
- ସ୍ମୃତି ସଭା ଏବଂ ଭଜନ, ସ୍ଥାନ: ଛେନାପଦି, ହାଟଡିହି, ସମୟ: ସନ୍ଧ୍ୟା ୭ ଟା।
- ପାଲା ଉତ୍ସବ, ସ୍ଥାନ: ଓରାଳି, ହାଟଡିହି, ସମୟ: ରାତି ୮ ଟା।

## ବ୍ରହ୍ମପୁର
- ଏମ୍ବିଏ ବିଭାଗ ପକ୍ଷରୁ ବକ୍ତୃତା କାର୍ଯ୍ୟକ୍ରମ, ସ୍ଥାନ: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୨ଟା।

## ରାୟଗଡ଼ା
- ଯୁବ ଚିନ୍ତିଆ ଜାତୀୟ ସମ୍ମିଳନୀ , ସ୍ଥାନ: ଗୁଣପୁର ଜିଆଇଇଟି ବିଶ୍ୱ ବିଦ୍ୟାଳୟ, ସମୟ: ସକାଳ ୯ଟା।

## କୋରାପୁଟ
- ସିୟୁଓ ପକ୍ଷରୁ ଆନ୍ତର୍ଜାତିକ ମୂଳନିବାସୀ ଦିବସ ପାଳନ, ସ୍ଥାନ : କୁନ୍ଦୁଲି ହାଟପଦା, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା ୩୦ ।

## ନବରଙ୍ଗପୁର
- ଶିକ୍ଷା ମନ୍ତ୍ରୀଙ୍କ ଉନ୍ନିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଉଦ୍ଘାଟନ, ସ୍ଥାନ: ବେହେଡ଼ା, ସମୟ : ପୂର୍ବାହ୍ନ ୧୦ଟା। ସ୍ଥାନ: ଭଣ୍ଡାରୀଗୁଡ଼ା, ସମୟ: ମଧ୍ୟାହ୍ନ ୧୨ ଟା।
- ଡିଏଲ୍‌ସି ନୋଡାଲ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୩ଟା।

## ସମ୍ବଲପୁର
- ରାଷ୍ଟ୍ର ଗଠନରେ ଯୁବ ପ୍ରଶିକ୍ଷଣ ଶିବିର, ସ୍ଥାନ : ପବ୍ଲିକ ଲାଇବ୍ରେରୀ ସଭାକକ୍ଷ, ସମୟ : ସକାଳ ୮ଟା।
- ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ବୁଢ଼ାରାଜା ପାହାଡ ପାଦଦେଶ, ସମୟ:ସକାଳ ୮ଟା।
- ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସମ୍ବାଦିକ ଭବନ, ସମୟ : ସକାଳ ୧୦ଟା।
- ଫାଲେରିଆ ଔଷଧ ସେବନ ସକାଶେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଗଙ୍ଗାଧରମେହେର ବିଶ୍ୱବିଦ୍ୟାଳୟ ପରିସର, ସମୟ : ପୂର୍ବାହ୍ନ ୧୦ଟା।

## ବଲାଙ୍ଗୀର
- ମାସିକ ରଚନା ସନ୍ଧ୍ୟା ଆଲୋଚନାଚକ୍ର, ସ୍ଥାନ: ପିପି ଏକାଡେମୀ ସଭାଗୃହ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା ୧୫।

## ସୁବର୍ଣ୍ଣପୁର
- ନଗର ସଙ୍କୀର୍ତ୍ତନ, ସ୍ଥାନ:ସୁବଳୟା,ସମୟ: ପ୍ରାତଃ ୫ଟା ୩୦।
- ଅଭିଭାବକ ଓ ଶିକ୍ଷକ ସମ୍ମିଳନୀ,ସ୍ଥାନ: ଅମରପାଲି ହାଇସ୍କୁଲ,ବୀରମହାରାଜପୁର ବ୍ଲକ,ସମୟ: ପୂର୍ବାହ୍ନ ୧୦ଟା।

## ବରଗଡ଼
- ଶିକ୍ଷକ, ଅଭିଭାବକ ସଂଘ ବୈଠକ, ସ୍ଥାନ: ରାଣୀପ୍ରତାପ ହାଇସ୍କୁଲ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ସାମୂହିକ ଔଷଧ ସେବନର ଶୁଭାରମ୍ଭ, ସ୍ଥାନ: କ୍ଷେତ୍ରଜନପଡ଼ା ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଫାଇଲେରିଆ ନିରାକରଣ ପାଇଁ ସାମୂହିକ ଔଷଧ ସେବନର ଶୁଭାରମ୍ଭ, ସ୍ଥାନ: ଅତାବିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା ଏବଂ ଅତାବିରା ମହାବିଦ୍ୟାଳୟ, ଅତାବିରା, ସମୟ: ପୂର୍ବାହ୍ନ ୧୧ଟା।
- ଫାଇଲେରିଆ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟ, ବରପାଲି, ସମୟ: ଅପରାହ୍ନ ୩ଟା।

## ରାଉରକେଲା
- ଯୁକ୍ତାଲବାଟୀ ସରକାରୀ ମହିଳା ମହାବିଦ୍ୟାଳୟରେ ଐତିହ୍ୟ ଦିବସ ପାଳନ, ସ୍ଥାନ: ସେକ୍ଟର-୨, ସମୟ: ପୂର୍ବାହ୍ନ ୧୦ ଟା ୩୦।
- ପାଦାହା ପତାହା ଦୁଇ ଦିନିଆ ବିକ୍ଷୋଭ, ସ୍ଥାନ: ବିଜୁ ଛକ, ରାଉରକେଲା, ସମୟ: ପୂର୍ବାହ୍ନ ୧୦ଟା।
- ଆମ୍ ଆଦ୍‌ମୀ ପାର୍ଟି କାର୍ଯ୍ୟାଳୟରେ ସ୍ୱାଗତ ସଭା, ସ୍ଥାନ: ବାସନ୍ତୀ କଲୋନୀ ପାର୍ଟି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ରାଉରକେଲା ଆଇନ ମହାବିଦ୍ୟାଳୟରେ ବନ ମହୋତ୍ସବ, ସ୍ଥାନ: ସେକ୍ଟର-୨୧, ଲ କଲେଜ, ସମୟ: ପୂର୍ବାହ୍ନ ୧୧ଟା।
- ମାସିକ ସାହିତ୍ୟ ଆସର, ସ୍ଥାନ: ଗୋପବନ୍ଧୁ ପାଠାଗାର, ଛେଣ୍ଡ, ସମୟ: ସନ୍ଧ୍ୟା ୬ଟା ୪୫।

## ଦେବଗଡ଼
- ଅଭିଭାବକ, ଶିକ୍ଷକ/ଶିକ୍ଷୟିତ୍ରୀ ତଥା ବିଦ୍ୟାଳୟ ପରିଚାଳନା ଉନ୍ନୟନ କମିଟି ବୈଠକ, ସ୍ଥାନ: ବାରକୋଟ ବ୍ଲକ କାଲକାଠ, ନଳବନ୍ଧ, ବଲମ, ଶିମିଳି ନାଳୀ, ଜାରି ଚାକୁଣ୍ଡପାଳ, ଭାଟସିଂ, ନୂଆଗାଁ ବିଦ୍ୟାଳୟ, ଦେବଗଡ, ସମୟ: ସକାଳ ୯ଟା।
- ଅଭିଭାବକ, ଶିକ୍ଷକ/ଶିକ୍ଷୟିତ୍ରୀ ତଥା ବିଦ୍ୟାଳୟ ପରିଚାଳନା ଉନ୍ନୟନ କମିଟି ବୈଠକ, ସ୍ଥାନ: ରିଆମାଳ ବ୍ଲକ ବୁଢ଼ାକୁଣ୍ଡଥୀ, ଧଉରାଗୋଠ, ପେଣ୍ଡରାଖୋଲ, ଡାରଙ୍ଗ ରିଆମାଳ ବିଦ୍ୟାଳୟ, ସମୟ: ସକାଳ ୯ଟା।
- ଅଭିଭାବକ, ଶିକ୍ଷକ/ଶିକ୍ଷୟିତ୍ରୀ ତଥା ବିଦ୍ୟାଳୟ ପରିଚାଳନା ଉନ୍ନୟନ କମିଟି ବୈଠକ, ସ୍ଥାନ: ତିଲେଇବଣି ବ୍ଲକ ରଘୁଖୁଣ୍ଟା, ରଙ୍ଗମାଟିଆ, ଗାଡ଼ପାଳ, ଜାମୁନାଳୀ, ଧରଣୀଧର, କଦଳୀପାଳ ବିଦ୍ୟାଳୟ, ଦେବଗଡ, ସମୟ: ସକାଳ ୯ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ ମଞ୍ଚୁଖୀ ହନୁମାନ ମନ୍ଦିର, ଦେବଗଡ ସହର, ସମୟ: ସନ୍ଧ୍ୟା ୭ଟା।

## ଝାରସୁଗୁଡ଼ା
- ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା, ସ୍ଥାନ: ସହରସ୍ଥିତ ଧର୍ମଶାଳା ଛକ ଶନି ମନ୍ଦିର, ସମୟ: ସକାଳ ୭ଟା।
- ଗ୍ରାମ ଦେବୀ ପୂଜନ, ସ୍ଥାନ: ସହରସ୍ଥିତ ଲୁହୁରାପଡ଼ା ଗ୍ରାମ, ସମୟ: ସକାଳ ୮ଟା।
- କୃଷକରୋଗ କାର୍ଯ୍ୟକ୍ରମ, ସ୍ଥାନ: ସହରସ୍ଥିତ ବୃନ୍ଦାମାଳ ଗ୍ରାମ, ସମୟ: ପୂର୍ବାହ୍ନ ୧୧ଟା।
- ଶନି ମେଳା ପୂଜା ଅର୍ଚ୍ଚନା, ସ୍ଥାନ: ସହରସ୍ଥିତ ବୁଡାମାଲ ଗ୍ରାମ, ସମୟ: ସନ୍ଧ୍ୟା ୭ଟା ।

## କଳାହାଣ୍ଡି
- କ୍ରପ କଟିଂ ଡିଜିଟାଲ ସର୍ଭେ ଉପରେ ବୈଠକ, ସ୍ଥାନ: ଜୁନାଗଡ଼ କୃଷି ଅଫିସ, ସମୟ: ପୂର୍ବାହ୍ନ ୧୦ଟା।
- ବିଦ୍ୟୁତ୍ ଯୋଗାଣ ଉପରେ ବୈଠକ, ସ୍ଥାନ: ଭବାନୀପାଟଣା ଜିଲାପାଳଙ୍କ ଅଫିସ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ନୂଆପଡ଼ା
- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ସ୍ୱାଧୀନତା ଉପଲକ୍ଷେ ଇଂରାଜୀ ବକ୍ତୃତା ପ୍ରତିଯୋଗିତା, ସ୍ଥାନ: ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ
- ଜିଲାସ୍ତରୀୟ କଳାକାର ସମାବେଶ,ସ୍ଥାନ: ଟାଉନହଲ ବୌଦ୍ଧ, ସମୟ :ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ
- ବିଦ୍ୟାଳୟ ପରିଚାଳନା ଉନ୍ନୟନ କମିଟି ବୈଠକ, ସ୍ଥାନ: ଜିଲାର ସମସ୍ତ ସରକାରୀ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ସାମୂହିକ ଔଷଧ ସେବନ ଶୁଭାରମ୍ଭ, ସ୍ଥାନ:ବି.ବି. ହାଇସ୍କୁଲ ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା ୩୦।
- କପିଳାସ ସାଂସ୍କୃତିକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଢେଙ୍କାନାଳ ଗୋପବନ୍ଧୁ ଟାଉନ ହଲ୍, ସମୟ: ସନ୍ଧ୍ୟା ୬ଟା ୧୫।

## ଜଗତ୍‌ସିଂହପୁର
- ଏଏମ୍‌ଏନ୍‌ଏସ୍ କମ୍ପାନୀ ପକ୍ଷରୁ ବିଶ୍ୱ ସ୍ତନ୍ୟପାନ ସପ୍ତାହ କାର୍ଯ୍ୟକ୍ରମ, ସ୍ଥାନ: ନୂଆଗଡ, ପାରାଦୀପ, ସମୟ: ପୂର୍ବାହ୍ନ୧୦ଟା।
- ପୁରାତନ କଲେଜ ଛାତ୍ରୀଛାତ୍ରଙ୍କୁ ନେଇ ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି ବୈଠକ, ସ୍ଥାନ: ପାରାଦୀପ କଲେଜ, ନୂଆବଜାର, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।
- ଆଇଡେଣ୍ଟିଫାଏଡ୍ ପୋଟେନ୍‌ସିଆଲ ଲକ୍ଷପତି ଦିଦି କାର୍ଯ୍ୟକ୍ରମ, ସ୍ଥାନ: ଏରସମା ବ୍ଲକ ମୁଖ୍ୟାଳୟସ୍ଥିତ ମିଶନ ଶକ୍ତି ଗୃହ, ସମୟ: ପୂର୍ବାହ୍ନ ୧୧ଟା।
- ସନ୍ତୋଷୀ ଜରାଶ୍ରମରେ ବୃଦ୍ଧାବୃଦ୍ଧଙ୍କ ପାଇଁ କଲ୍ୟାଣ ମୂଳକ କାର୍ଯ୍ୟକ୍ରମ, ସ୍ଥାନ: ବାଲିଝରା, ପାରାଦୀପ, ସମୟ: ମଧ୍ୟାହ୍ନ ୧୨ଟା।
- ପାରାଦୀପ ନଗର କଂଗ୍ରେସ ପକ୍ଷରୁ ସ୍ୱାଧୀନତା ଦିବସ ଉପଲକ୍ଷେ ପ୍ରସ୍ତୁତି ବୈଠକ, ସ୍ଥାନ: ବଡ଼ପଡ଼ିଆ ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ପକ୍ଷରୁ ଶ୍ରବଣ ଉପକରଣ ବଣ୍ଟନ, ସ୍ଥାନ: ନୂଆଗାଁ ବ୍ଲକ କାର୍ଯ୍ୟାଳୟ, ସମୟ: ସକାଳ ୯ଟା।
- ଜାତୀୟସ୍ତରର ସାଇନ୍ସ ଆଉଟ୍ ରିଚ କାର୍ଯ୍ୟକ୍ରମ, ସ୍ଥାନ: ବୃନ୍ଦବନ ସୁବୁଦ୍ଧି କଲେଜ ଦଶପଲ୍ଲା, ସମୟ: ପୂର୍ବାହ୍ନ ୧୦ଟା।
- କୃମି ନାଶକ ଦିବସର ଶୁଭାରମ୍ଭ, ସ୍ଥାନ: ନୟାଗଡ଼ ବ୍ଲକର ବଡ଼ପଣ୍ଡୁସର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା
- ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜାଙ୍କ ଜୟନ୍ତୀ ଉପଲକ୍ଷେ ରକ୍ତଦାନ ଶିବିର, ସ୍ଥାନ: ହରିହରାନନ୍ଦ ଧ୍ୟାନ ମନ୍ଦିର, ବେଲତଳ, ପଟ୍ଟାମୁଣ୍ଡାଇ, ସମୟ: ସକାଳ ୯ଟା।
- ମା' ମଙ୍ଗଳା ନିଉଜ ଗ୍ରୁପର ବାର୍ଷିକୋତ୍ସବ, ସ୍ଥାନ: ମଙ୍ଗଳା ମଣ୍ଡପ, ପଟ୍ଟାମୁଣ୍ଡାଇ, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର
- ଜିଲାସ୍ତରୀୟ ୭୮ତମ ସ୍ୱାଧୀନତା ଦିବସ ଉପଲକ୍ଷେ କୁଇଜ ପ୍ରତିଯୋଗିତା, ସ୍ଥାନ: ଯାଜପୁର ଜିଲା ସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୦ଟା।

# ପ୍ରଥମ ପୃଷ୍ଠାରୁ...

## ଭାଙ୍ଗିଲା ଏସ୍‌ସିବି ...

-ମେଡିକାଲରେ ଡାକ୍ତରଙ୍କ ସହ ଶ୍ରମିକଙ୍କ ଚିକିତ୍ସା ସମ୍ପର୍କରେ ଆଲୋଚନା କରିଛି। ଚିକିତ୍ସାରେ ଯେପରି ଅବହେଳା ନ ହେବ ସେଥିପାଇଁ ନିର୍ଦ୍ଦେଶ ଦିଆଯାଇଛି। ଘଟଣାର ତଦନ୍ତ କରି ସରକାରଙ୍କୁ ତୁରନ୍ତ ରିପୋର୍ଟ ପ୍ରଦାନ କରିବାକୁ ଓବିସିସି ସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଛି। ଆହତଙ୍କ ଚିକିତ୍ସା ଖର୍ଚ୍ଚ ସରକାର ବହନ କରିବେ। ଆସନ୍ତା ୨/୩ ଦିନ ମଧ୍ୟରେ ସେମାନଙ୍କ ପାଇଁ ସହାୟତା ରାଶି ଘୋଷଣା କରାଯିବ ବୋଲି ହରିଚନ୍ଦନ କହିଛନ୍ତି। ଅପରପକ୍ଷରେ ଏନ୍‌ସିସି ପ୍ରକଳ୍ପ ଇନ୍‌ଚାର୍ଜ ଦିଲୀପ କୁମାର ଦାସ ଏସ୍‌ସିବି ମେଡିକାଲରେ ଆହତ ଶ୍ରମିକଙ୍କୁ ଭେଟିଛନ୍ତି। ଏନେଇ ଦିଲୀପ କହିଛନ୍ତି, କ୍ରେନ୍‌କୁ ଉଚ୍ଚ କରାଯାଇ ପିନିଂ କରାଯାଉଥିଲା। ହେଲେ ପିନିଂ ଠିକ୍ ଭାବେ ଲାଗି ନ ପାରିବାରୁ କ୍ରେନ୍‌ଟି ଖସି ପଡିଥିଲା। କୋଠା ଉପରେ ୪ ଜଣ ଶ୍ରମିକ ଥିବାବେଳେ ଜଣେ କ୍ରେନ୍ ପରିଚାଳନା କରୁଥିଲେ। ତଳେ ୨/୩ ଜଣ ଶ୍ରମିକ ରହିଥିଲେ। ଉକ୍ତ କାର୍ଯ୍ୟରେ ମୋଟ୍ ୩ଟି କ୍ରେନ୍ ନିୟୋଜିତ କରାଯାଇଛି। କମ୍ପାନୀ ପକ୍ଷରୁ ଏହି ଘଟଣାର ତଦନ୍ତ କରାଯାଉଛି। ଆହତଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ କମ୍ପାନୀ ପକ୍ଷରୁ ବହନ କରାଯିବ ବୋଲି ଦାସ କହିଛନ୍ତି। ଏସ୍‌ସିବି ମେଡିକାଲରେ କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ, ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ, ବାରବାଟୀ-କଟକ ବିଧାୟିକା ସୋଫିଆ ଫର୍ଦ୍ଦୋସ, ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟବ୍ରତ ମହାପାତ୍ର ପହଞ୍ଚି ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ଆଶୁଆରୋଗ୍ୟ କାମନା କରିଥିଲେ। ଏନେଇ ମେୟର କହିଛନ୍ତି, ସୁରକ୍ଷା ବ୍ୟବସ୍ଥା ନେଇ ଉକ୍ତ ସଂସ୍ଥା ଗୁରୁତ୍ୱ ନ ଦେବା ଯୋଗୁ ଏଭଳି ଅଘଟଣ ଘଟିଛି। ଶ୍ରମିକଙ୍କ ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ହେବା ଆବଶ୍ୟକ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ରେସିଡେନ୍ସିଆଲ ବ୍ଲକ୍‌ରେ ମୋଟ୍ ୧୩ଟି କୋଠା ରହିବାବେଳେ ପ୍ରତ୍ୟେକ କୋଠା ୧୩ ମହଲାବିଶିଷ୍ଟ। ରେସିଡେନ୍ସିଆଲ କାର୍ଯ୍ୟ ନାଗାର୍ଜୁନକୁ ଦିଆଯାଇଥିଲାବେଳେ କ୍ଲିନିକାଲ ବ୍ଲକର ୪ଟି ପ୍ରକଳ୍ପକୁ ଏଲ୍‌ଆଣ୍ଡଟିକୁ ଦିଆଯାଇଛି। ୪ଟି ଯାକ କ୍ଲିନିକାଲ କୋଠାର ନିର୍ମାଣ ୨୦୨୫ ସୁଦ୍ଧା ଶେଷ କରିବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ସେହିପରି ରେସିଡେନ୍ସିଆଲ କୋଠା ନିର୍ମାଣ କାର୍ଯ୍ୟ ୨୦୨୫ ଜୁନ୍ ସୁଦ୍ଧା ସାରିବା ପାଇଁ ସ୍ଥିର ହୋଇଛି।


ଭାଙ୍ଗି ପଡ଼ିଥିବା କ୍ରେନ୍ (ଉପର) ଓ ୩ ଗୁରୁତର ଶ୍ରମିକ।

## ଅଗଷ୍ଟ ୧୫ରୁ ଗୁଡ୍ ମର୍ନିଂ ...

ସ୍ୱାଧୀନ କରିବା ପାଇ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଆଜାଦ ହିନ୍ଦ୍ ଫୌଜ ଗଢ଼ିଥିଲେ। ଏହି ସମୟରେ ସେ ଜୟ ହିନ୍ଦ୍ ସ୍ଲୋଗାନ ଦେବା ସହ ଏହାକୁ ଲୋକପ୍ରିୟ କରାଇଥିଲେ। ଦେଶ ସ୍ୱାଧୀନ ହେବା ପରେ ଏହି ସ୍ଲୋଗାନକୁ ସଶସ୍ତ୍ର ବଳ ଅଭିବାଦନ ପାଇଁ ଗ୍ରହଣ କରିଥିଲା। ଏହା ଦେଶର ସୁରକ୍ଷା ଓ ସାର୍ବଭୌମତ୍ୱ ପ୍ରତି ସେମାନଙ୍କ ପ୍ରତିବଦ୍ଧତା ବଜାୟ ରଖିବାକୁ ପ୍ରତିପାଦିତ କରିଥାଏ। ଜୟହିନ୍ଦ୍ କହିବା ଦ୍ୱାରା ଛାତ୍ରୀଛାତ୍ରଙ୍କ ମଧ୍ୟରେ ଶୃଙ୍ଖଳା ଓ ଏକତା ବଢ଼ିବ ବୋଲି ଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି।

## ସିସୋଡିଆଙ୍କୁ ସୁପ୍ରିମକୋର୍ଟ ...

ଉଚ୍ଛେଦ ହୋଇସାରିଥିବା ଦିଲ୍ଲୀ ଅବକାରୀ ନୀତି ୨୦୨୧-୨୨ର ପ୍ରଣୟନ ଓ କାର୍ଯ୍ୟାନ୍ୱୟନରେ ଅନିୟମିତତା ହୋଇଥିବା ଦର୍ଶାଇ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ୨୦୨୩ ଫେବୃଆରୀ ୨୬ରେ କେନ୍ଦ୍ରଶାସିତ ଅଞ୍ଚଳର ତତ୍କାଳୀନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କୁ ଗିରଫ କରିଥିଲା। ଏହାର ୨ ଦିନ ପରେ ସେ ଉପମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ସିବିଆଇ ଏଫ୍‌ଆଇଆର୍ ଉପରେ ମନିଲଣ୍ଡରିଂ ମାମଲାରେ ମାର୍ଚ୍ଚ ୯ରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତାଙ୍କୁ ଗିରଫ କରିଥିଲା। ଏହି ୨ ମାମଲାରେ ସିସୋଡିଆ ତଳ କୋର୍ଟରୁ ଉପର କୋର୍ଟ ପର୍ଯ୍ୟନ୍ତ ଧାଇଁ ଧାଇଁ ନୟାନ୍ତ ହୋଇଯାଇଥିଲେ। ତାଙ୍କର ପ୍ରତ୍ୟେକଟି ଜାମିନ ଆବେଦନକୁ ଅଦାଲତ ଖାରଜ କରିଚାଲିଥିଲେ। ଜୁଲାଇ ୧୬ରେ ସିସୋଡିଆଙ୍କ ଜାମିନ ଆବେଦନର ଶୁଣାଣି ପାଇଁ ସୁପ୍ରିମକୋର୍ଟ ରାଜି ହେବା ସହ ସିବିଆଇ ଏବଂ ଇଡିକୁ ଜବାବ ମାଗିଥିଲେ। ଅଗଷ୍ଟ ୬ରେ ସୁପ୍ରିମକୋର୍ଟ ଜାମିନ ଆବେଦନ ଉପରେ ଶୁଣାଣି ଶେଷକରି ରାୟ ସଂରକ୍ଷିତ ରଖିଥିଲେ, ଯାହାକି ଶୁକ୍ରବାର ପ୍ରକାଶ ପାଇଛି। ଜଷ୍ଟିସ୍ ବି.ଆର୍. ଗଭାଇ ଏବଂ କେ.ଭି. ବିଶ୍ୱନାଥନ୍ ରାୟ ଶୁଣାଇବାବେଳେ କହିଛନ୍ତି, ଅଭିଯୁକ୍ତ ପ୍ରାୟ ୧୭ ମାସ ଧରି ଜେଲରେ ରହିଲେଣି। ତଥାପି ତାଙ୍କର ଶୁଣାଣି ଆରମ୍ଭ ହୋଇନାହିଁ। ଏଥିଯୋଗୁ ସେ ତ୍ୱରିତ ବିଚାର ଅଧିକାରରୁ ବଞ୍ଚିତ ହୋଇଛନ୍ତି। ଏହି ଅବସରରେ ବିଚାରପତି ଦ୍ୱୟ ସୁପ୍ରିମକୋର୍ଟଙ୍କ ଏକ ପୂର୍ବ ରାୟର ଅବତାରଣା କରି କହିଥିଲେ, ଜଣେ ବ୍ୟକ୍ତିଙ୍କୁ ବିଚାରବିଭାଗୀୟ ହାଜତରେ ରଖିବାର ଉଦ୍ଦେଶ୍ୟ ହେଉଛି ଶୁଣାଣି ବେଳେ ତାଙ୍କ ହାଜିରା ନିଶ୍ଚିତ କରିବା। କିନ୍ତୁ ସମ୍ପୃକ୍ତ ବ୍ୟକ୍ତି ଅପରାଧରେ ଦୋଷୀ ସାବ୍ୟସ୍ତ ହେବା ପୂର୍ବରୁ ଦୀର୍ଘ ସମୟ ଧରି ଦଣ୍ଡିତ ହେବାକୁ ଅନୁମତି ଦିଆଯାଇପାରିବ ନାହିଁ।

ସିସୋଡିଆ ସମାଜ ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ହୋଇଥିବାରୁ ସେ ଦେଶ ଛାଡ଼ି ପଳାୟନ କରିବା ଆଶଙ୍କା ନାହିଁ। ତେଣୁ ସେ ଶୁଣାଣି ବେଳେ ହାଜର ହୋଇପାରିବେ। ଯେକୌଣସି ମାମଲାରେ ରାଷ୍ଟ୍ରର ଚିନ୍ତା ଦୂର କରିବା ପାଇଁ ସର୍ତ୍ତ ରଖାଯାଇପାରେ। ସିସୋଡିଆ ମୁକ୍ତ ହେଲେ ପ୍ରମାଣ ନଷ୍ଟ କରିପାରନ୍ତି ବୋଲି ସିବିଆଇ ଏବଂ ଇଡି ପକ୍ଷରୁ ମାମଲା ପରିଚାଳନା କରୁଥିବା ଓକିଲ ଆପତ୍ତି ଉଠାଇଥିବାବେଳେ ଖଣ୍ଡପୀଠ ଏହାକୁ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି, ସିସୋଡିଆଙ୍କ ବିରୋଧରେ ଥିବା ଅଭିଯୋଗ ଦସ୍ତାବିଜ ଆଧାରିତ, ଯାହାକି ଅଭିଯୋଜନକାରୀ ପକ୍ଷ ସିବିଆଇ ଏବଂ ଇଡି ଦ୍ୱାରା ଜବତ ହୋଇରହିଛି। ଏଭଳି ସ୍ଥଳେ ପ୍ରମାଣ ନଷ୍ଟର ଆଶଙ୍କା ନାହିଁ। ଯେତେ ଦୂର ସାକ୍ଷୀଙ୍କୁ ପ୍ରଭାବିତ କରିବା କଥା ଉଠେ, ଏହାର ନିରାକରଣ ପାଇଁ ଜାମିନରେ କଡ଼ା ସର୍ତ୍ତ ରଖାଯାଇଛି। ଜାମିନ ପ୍ରଦାନ ବେଳେ ଖଣ୍ଡପୀଠ କହିଥିଲେ, ସିସୋଡିଆ ସ୍ପେଶାଲ ଟ୍ରାଏଲ କୋର୍ଟରେ ନିଜ ପାସ୍‌ପୋର୍ଟ ଜମା ଦେବେ। ସେ ପ୍ରତି ସୋମବାର ଓ ଗୁରୁବାର ପୂର୍ବାହ୍ନ ୧୦ଟାରୁ ୧୧ଟା ମଧ୍ୟରେ ତଦନ୍ତକାରୀ ଅଧିକାରୀଙ୍କ ନିକଟରେ ରିପୋର୍ଟ କରିବେ। ସେ ଏଭଳି କୌଣସି କାର୍ଯ୍ୟ କରିବେ ନାହିଁ, ଯଦ୍ଦ୍ୱାରା ସାକ୍ଷୀ ପ୍ରଭାବିତ ହେବେ କିମ୍ବା ପ୍ରମାଣ ଦୁର୍ବଳ ହେବ। ଖଣ୍ଡପୀଠ ରାୟ ପ୍ରକାଶ କରିବା ପରେ ସିବିଆଇ ଏବଂ ଇଡି ପକ୍ଷରୁ ମାମଲା ପରିଚାଳନା କରୁଥିବା ଅତିରିକ୍ତ ସଲିସିଟର ଜେନେରାଲ ଏସ୍.ଭି. ରାଜୁ କହିଥିଲେ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ଅନ୍ତରୀଣ ଜାମିନ ପ୍ରଦାନ ବେଳେ ଯେଉଁ ସର୍ତ୍ତ ରଖାଯାଇଥିଲା ତାହା ସିସୋଡିଆଙ୍କ କ୍ଷେତ୍ରରେ ମଧ୍ୟ ଲାଗୁ କରାଯାଉ। ମେ' ୧୦ରେ ସୁପ୍ରିମକୋର୍ଟ କେଜ୍‌ରିୱାଲଙ୍କୁ ଜାମିନ ଦେବା ସମୟରେ କହିଥିଲେ, ସେ ଏହି ଅନ୍ତରୀଣ ଆଶ୍ୱସ୍ତି ଅବଧି ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ କିମ୍ବା ସଚିବାଳୟକୁ ଯାଇପାରିବେ ନାହିଁ। ରାଜୁ ଏହି ସର୍ତ୍ତ ପଢ଼ି ଶୁଣାଉଥିବାବେଳେ ଜଷ୍ଟିସ୍ ଗଭାଇ କହିଥିଲେ, ଆମେ ଯାହା ସର୍ତ୍ତ ରଖିବା କଥା ରଖିସାରିଛୁ। ଇତିମଧ୍ୟରେ ସ୍ୱତନ୍ତ୍ର ବିଚାରପତି କାବେରୀ ବାୱେଜାଙ୍କ ଅଦାଲତରେ ସିସୋଡିଆଙ୍କ ଓକିଲ ୧୦ ଲକ୍ଷ ଟଙ୍କାର ବ୍ୟକ୍ତିଗତ ବେଲ୍ ବଣ୍ଡ ଓ ସମ ପରିମାଣର ଦୁଇଟି ସ୍ୟୁରିଟି ବଣ୍ଡ ଦାଖଲ କରିଥିଲେ। ସନ୍ଧ୍ୟାରେ ସିସୋଡିଆ ମୁକ୍ତ ହେବା ପରେ ତାଙ୍କ ବାସଭବନ ଏବଂ ଆପ୍ ମୁଖ୍ୟାଳୟରେ ଉତ୍ସବ ପାଳନ କରାଯାଇଛି।

## ସ୍ୱାଧୀନତା ସଂଗ୍ରାମୀ ପରିବାରଙ୍କୁ ...

ତ୍ୟାଗ କରିଥିବା ସଂଗ୍ରାମୀମାନଙ୍କ ସଂଘର୍ଷ ଓ ବଳିଦାନକୁ ସ୍ମରଣ କରି ସେମାନଙ୍କ ଜୀବନରୁ ପ୍ରେରଣା ନେବାର ଦିନ। ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ୧୯୪୨ଅଗଷ୍ଟ ୯ ତାରିଖରେ ଯେଉଁ ଆନ୍ଦୋଳନ ଆରମ୍ଭ ହୋଇଥିଲା ତାହା ସାରା ଭାରତର କୋଣ ଅନୁକୋଣରେ ପରିବ୍ୟାପ୍ତ ହୋଇଥିଲା। ଭାରତଛାଡ଼ ଆନ୍ଦୋଳନ ଥିଲା ବାସ୍ତବରେ ଏକ ସର୍ବଭାରତୀୟ ଆନ୍ଦୋଳନ। ଦିଲ୍ଲୀରୁ ପଲ୍ଲୀ ପର୍ଯ୍ୟନ୍ତ, ଧନୀ ଗରିବ ସମସ୍ତେ ଏ ଆନ୍ଦୋଳନରେ ଅଂଶଗ୍ରହଣ କରିଥିଲେ। ଓଡ଼ିଶାରେ ମଧ୍ୟ ଏ ଆନ୍ଦୋଳନର ପ୍ରଭାବ ସର୍ବବ୍ୟାପୀ ଥିଲା। କଟକଠାରୁ ଆରମ୍ଭକରି କୋରାପୁଟ ପର୍ଯ୍ୟନ୍ତ, ବାଲେଶ୍ୱରଠାରୁ ଆରମ୍ଭ କରି ବରଗଡ଼ ପର୍ଯ୍ୟନ୍ତ, ଏ ଆନ୍ଦୋଳନ ଓଡ଼ିଶାର ପୁରପଲ୍ଲୀରେ ସଂଗ୍ରାମର ଶିଖା ପ୍ରଜ୍ୱଳିତ ହୋଇଥିଲା। ନବକୃଷ୍ଣ ଚୌଧୁରୀ, ହରେକୃଷ୍ଣ ମହତାବ, ବିଶ୍ୱନାଥ ଦାସ, ଆଚାର୍ଯ୍ୟ ହରିହର ଓ ଆହୁରି ଅନେକ ନେତୃବୃନ୍ଦ ଗିରଫ ହୋଇଥିଲେ। କୋରାପୁଟରେ ଲକ୍ଷ୍ମଣ ନାୟକଙ୍କ ନେତୃତ୍ୱରେ ଜୋରଦାର ଆନ୍ଦୋଳନ ହୋଇଥିଲା। ଶେଷରେ ଲକ୍ଷ୍ମଣ ନାୟକଙ୍କୁ ଚରମ ବଳିଦାନ ଦେବାକୁ ପଡ଼ିଥିଲା ବୋଲି ସେ କହିଛନ୍ତି । ଆଜି ଆମର ବ୍ୟକ୍ତିଗତ ବା ସାମୂହିକ- ଯେ କୌଣସି କ୍ଷେତ୍ରରେ ଆମେ ଯଦି କିଛି ସଫଳତା ହାସଲ କରୁଛୁ, ଆମେ ଯଦି ଖୁସି ବା ଆନନ୍ଦିତ ହେଉଛୁ, ତେବେ ମନେରଖିବା ଦରକାର ଯେ ଆମର ଏ ସଫଳତା, ଖୁସି, ଆନନ୍ଦ ପଛରେ ଆମର ସଂଗ୍ରାମୀମାନଙ୍କର ମହାନ୍ ତ୍ୟାଗ ରହିଛି । ଅଭିଭାଷଣରେ ମୁଖ୍ୟମନ୍ତ୍ରୀ ଶହୀଦ ମାଧୋ ସିଂହଙ୍କ ସଂଗ୍ରାମର କାହାଣୀ ବର୍ଣ୍ଣନା କରିଥିଲେ। ଆଜି ମଧ୍ୟ ଓଡ଼ିଶାରେ ଏକ କ୍ରାନ୍ତି ଆରମ୍ଭ ହେବାକୁ ଯାଉଛି। ଓଡ଼ିଆ ଅସ୍ମିତା ଆଜି ଆମର ଜନମାନସକୁ ଆଚ୍ଛାଦିତ କରିଛି। ଅସ୍ମିତାକୁ ସାଥିରେ ଧରି ବିକାଶର ମାର୍ଗରେ ଅଗ୍ରସର ହେବା ପାଇଁ ଓଡ଼ିଆ ଜାତି ଏକ ନୂଆ ଯାତ୍ରା ଆରମ୍ଭ କରିଛି। ୨୦୩୬ରେ ସ୍ୱତନ୍ତ୍ର ଓଡ଼ିଶାର ଶତ ବାର୍ଷିକୀ ପାଳିତ ହେବ। ୨୦୪୭ରେ ସ୍ୱାଧୀନତାର ଶତ ବାର୍ଷିକୀ ମଧ୍ୟ ପାଳିତ ହେବ। 'ବିକଶିତ ଭାରତ' ଏବଂ 'ବିକଶିତ ଓଡ଼ିଶା' ଆମର ଲକ୍ଷ୍ୟ। ଏଥିପାଇଁ ଆମେ ରୋଡ୍‌ମ୍ୟାପ ମଧ୍ୟ ପ୍ରସ୍ତୁତ କରୁଛୁ। ବିକଶିତ ଓଡ଼ିଶା ପାଇଁ ଆମର ଯାତ୍ରା ଓଡ଼ିଶା ଇତିହାସରେ ଆଣିବ 'ବିକାଶର ଏକ ନୂଆ କ୍ରାନ୍ତି'। ସେ କ୍ରାନ୍ତିରେ ପ୍ରତ୍ୟେକ ଓଡ଼ିଆ ହେବେ ଜଣେ ଜଣେ ସଂଗ୍ରାମୀ। ଶିକ୍ଷା, ସ୍ୱାସ୍ଥ୍ୟ, ଜ୍ଞାନ ବିଜ୍ଞାନ- ସବୁ କ୍ଷେତ୍ରରେ ଓଡ଼ିଆ ହେବେ ଅଗ୍ରଣୀ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଶେଷରେ ସମସ୍ତେ ଏ ନୂଆ ସଂଗ୍ରାମରେ ସାମିଲ ହେବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶହୀଦ ସ୍ତମ୍ଭରେ ପୁଷ୍ପ ପ୍ରଦାନ କରି ଶହୀଦ ସଂଗ୍ରାମୀମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ଏବଂ ଉପସ୍ଥିତ ସ୍ୱାଧୀନତା ସଂଗ୍ରାମୀମାନଙ୍କର ପରିବାରର ସଦସ୍ୟମାନଙ୍କୁ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଯେତେବେଳେ ସମଗ୍ର ଦେଶ ଏକାଠି ହୋଇ ବ୍ରିଟିଶ ସରକାର ବିରୁଦ୍ଧରେ ଲଢ଼ିଲେ ସେତେବେଳେ ସ୍ୱାଧୀନତାର ରାସ୍ତା ଫିଟିଥିଲା। ଯେତେବେଳେ ଅନ୍ୟାୟ ଅତ୍ୟାଚାର ବଢ଼ିଛି ସେତେବେଳେ କ୍ରାନ୍ତି ଆରମ୍ଭ ହୋଇଛି। ସେ ପ୍ରକ୍ରିୟା ଆଜି ବି ଜାରି ରହିଛି ବୋଲି ସେ କହିଛନ୍ତି। କ୍ରୀଡ଼ା ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି, ଶହୀଦ ସ୍ତମ୍ଭ ଆଜି ପର୍ଯ୍ୟନ୍ତ ଦେଶବାସୀଙ୍କୁ ପ୍ରେରଣା ଦେଉଛି, ପ୍ରୋତ୍ସାହନ ଦେଉଛି। ଆଜିର ଏଭଳି କାର୍ଯ୍ୟକ୍ରମ ସାମୂହିକ ସ୍ତରରେ ହେବା ଆବଶ୍ୟକ ବୋଲି ସେ କହିଛନ୍ତି। ଅନେକ ପ୍ରଚ୍ଛଦପଟର ସଂଗ୍ରାମୀମାନଙ୍କୁ ଚିହ୍ନଟ କରିବାର ଦାୟିତ୍ୱ ସଂସ୍କୃତି ବିଭାଗ ଗ୍ରହଣ କରିଛି ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ ମଧ୍ୟ ଯୋଗଦେଇ ଶହୀଦମାନଙ୍କ ସ୍ମୃତିଚାରଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସ୍ୱାଧୀନତା ସଂଗ୍ରାମୀ ସମିତି ପକ୍ଷରୁ ବିରୂପାକ୍ଷ ତ୍ରିପାଠୀ ଓ ଉପେନ୍ଦ୍ର ପାଢ଼ୀ ସଞ୍ଚାଳନ କରିଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – କର୍ମକ୍ଷେତ୍ରରେ ଆଶଙ୍କା କରୁଥିବା ବିବାଦୀୟ ଘଟଣାରେ ସେମିତି କିଛି ହେବ ନାହିଁ। ଅଶ୍ୱିନୀ ନକ୍ଷତ୍ର ସକାଶେ ଆତ୍ମୀୟଙ୍କ ପାରିବାରିକ ସମାଧାନ ପାଇଁ ଚିନ୍ତା ବଢ଼ିପାରେ। ମାଙ୍ଗଳିକ କାମ ସକାଶେ ବନ୍ଧୁଙ୍କ ସହ ଫଳପ୍ରଦ ଆଲୋଚନା କରିପାରନ୍ତି। ଅବହେଳାଜନିତ ସ୍ଥଗିତ କାମ ସକାଶେ ଉପରିସ୍ଥଙ୍କୁ କୈଫିୟତ ଦେବାକୁ ପଡ଼ିପାରେ।

**ବୃଷ** – ଦ୍ୱିଜା ନକ୍ଷତ୍ରର ପାରସ୍ପରିକ ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ସରକାରୀ ସ୍ତରରୁ ଦୀର୍ଘ ପ୍ରତୀକ୍ଷା ପରେ ଆଶା କରୁଥିବା ଖବରଟି ଆଜି ପାଇପାରନ୍ତି। ପ୍ରଶାସନିକ କ୍ଷେତ୍ରରେ, ଚୁକ୍ତିପତ୍ର ସମ୍ବନ୍ଧୀୟ ଆଲୋଚନାରେ ଦ୍ୱନ୍ଦ୍ୱ ଦୂର ହେବ। ପଡ଼ୋଶୀଙ୍କ ସହଯୋଗରୁ ଅଟକି ରହିଥିବା କାମ ଆରମ୍ଭ କରିବେ।

**ମିଥୁନ** – ବିବାଦୀୟ କଥା ଚିନ୍ତାକରି କିମ୍ବା ପ୍ରକାଶ କରି ଅନ୍ୟମନସ୍କ ରହିପାରନ୍ତି। ଶୁଭକାର୍ଯ୍ୟରେ ଯୋଗଦେଇ ବନ୍ଧୁଙ୍କ ପ୍ରିୟଭାଜନ ହେବେ। ପୁନର୍ବସୁ ନକ୍ଷତ୍ରର ପାରିବାରିକ ମତାନ୍ତରରୁ ବିତର୍କ ସୃଷ୍ଟି ହେବାର ସମ୍ଭାବନା ରହିଛି। ବନ୍ଧୁଙ୍କ ସ୍ୱାସ୍ଥ୍ୟାବସ୍ଥାରେ ବିଶେଷ ଉନ୍ନତି ଦେଖା ନ ଦେଲେ ମଧ୍ୟ ପରିସ୍ଥିତି ଉତ୍କଟ ହେବନାହିଁ।

**କର୍କଟ** – ଆର୍ଥିକ ସ୍ଥିତିରେ ଉନ୍ନତି ସାଙ୍ଗକୁ କଥାବାର୍ତ୍ତାର କଠୋରତା ସମସ୍ୟା ସୃଷ୍ଟି କରିପାରେ। ଅବଦମିତ ଇଚ୍ଛା, ଅସମ୍ପୂର୍ଣ୍ଣ କାର୍ଯ୍ୟ, ବନ୍ଧୁଙ୍କ ଅନାଦର ଭାବ ଯୋଗୁ ମନ ଦୁଃଖ ହେବ। ପୁଷ୍ୟା ନକ୍ଷତ୍ରର ଗୃହସଜ୍ଜା, ଗାଡ଼ି ମରାମତି, ଜମିଜମା କିଣା ବିକା ପ୍ରତି ଆଗ୍ରହ ବଢ଼ିପାରେ। ଯାତ୍ରା,ବ୍ୟବସାୟ, ବନ୍ଧୁଙ୍କ ସହ ଆଲୋଚନା ମନ୍ଦ ହେବନି।

**ସିଂହ** – ଉତ୍ତରାଫାଲଗୁନୀ ନକ୍ଷତ୍ର କର୍ମକ୍ଷେତ୍ରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। କେତେକ କ୍ଷେତ୍ରରେ ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କାଠିକର ପାଠ ହୋଇପାରେ। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ। ସାମାଜିକ ସ୍ତରରେ ହସ ଖୁସିର ବାତାବରଣରୁ ମନ ପ୍ରଫୁଲ୍ଲ ରହିବ।

**କନ୍ୟା** – ହସ୍ତା ନକ୍ଷତ୍ର ସକାଶେ ବ୍ୟୟାଧିକ୍ୟ କାରଣରୁ ଅର୍ଥ ସଂକଟ ଦେଖା ଦେଇପାରେ। ଘରୋଇ ସମସ୍ୟା ସାଙ୍ଗକୁ ବ୍ୟବସାୟରେ ପ୍ରତିବନ୍ଧକଜନିତ ଟେନ୍‌ସନ ଲାଗି ରହିବ। କର୍ମକ୍ଷେତ୍ରର ଜଣେ ବନ୍ଧୁଙ୍କ ସହାୟତାରେ କାର୍ଯ୍ୟ ହାସଲ କରିବେ। ପୂର୍ବ ସ୍ଥିରୀକୃତ ଯୋଜନା ପ୍ରକାରେ କୌଣସି ନୂତନ କର୍ମାରମ୍ଭ କରିବେ।

**ତୁଳା** – ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ ଭଲ କାମ କରି ମଧ୍ୟ ନିନ୍ଦା ଶୁଣିବେ। ଚଳଚ୍ଚିତ୍ର, ସାହିତ୍ୟ, ସାମ୍ବାଦିକତା, କଳା, ସଙ୍ଗୀତ କ୍ଷେତ୍ରରୁ ସୁଫଳ ମିଳିବ। ବିଶାଖା ନକ୍ଷତ୍ର କ୍ରୟ, ବିକ୍ରୟ କ୍ଷେତ୍ରରେ ସତର୍କ ନହେଲେ ଠକାମିରେ ପଡ଼ିପାରନ୍ତି। ଏକାଧାରରେ ଶାରୀରିକ ଓ ମାନସିକ ଅସୁସ୍ଥତାବଶତଃ କେତେକ କାମ ସ୍ଥଗିତ ରହିଯିବ।

**ବିଛା** – ଇଚ୍ଛା ନ ଥାଇ ମଧ୍ୟ ଦୂରଯାତ୍ରା, ବ୍ୟୟବହୁଳତା, ସ୍ୱାସ୍ଥ୍ୟ ସମସ୍ୟା ବିଷୟ ଚିନ୍ତାକରି ମନ ଭାରାକ୍ରାନ୍ତ ରହିବ। ଜ୍ୟେଷ୍ଠା ନକ୍ଷତ୍ରର ଶୁଭେଚ୍ଛୁଙ୍କ ସହାୟତାରେ ପଡ଼ୋଶୀଙ୍କ ସହ ମନୋମାଳିନ୍ୟ ଦୂର ହୋଇପାରିବ। ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହେବ ଓ ଅଦାଲତର ରାୟ ସପକ୍ଷରେ ଯିବ। ଶତ୍ରୁଙ୍କ ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ।

**ଧନୁ** – ସହାନୁଭୂତିର ସହ ବନ୍ଧୁଙ୍କ ସହଯୋଗ ପାଇ ସ୍ଥଗିତ କାମ ତ୍ୱରାନ୍ୱିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବାର ମଧ୍ୟ ସୂଚନା ରହିଛି। ଉତ୍ତରାଷାଢ଼ା ନକ୍ଷତ୍ର ଶୁଣାକଥାକୁ ସତ ମନେ କରି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି। ପାରିବାରିକ ଜଞ୍ଜାଳ ବୃଦ୍ଧି ଓ ଅର୍ଥାଭାବ ସାମୟିକ ଅଶାନ୍ତିର କାରଣ ହୋଇପାରେ।

**ମକର** – ଧନିଷ୍ଠା ନକ୍ଷତ୍ର ବାକି ପଡ଼ିଥିବା ଅର୍ଥ ଆଦାୟରେ ସକ୍ଷମ ହେବେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ ଓ ଲକ୍ଷ୍ୟ ପୂରଣ ହୋଇଯିବ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବାରେ ଆପଣଙ୍କ କୌଶଳପୂର୍ଣ୍ଣ କାର୍ଯ୍ୟକଳାପ ସହାୟକ ହୋଇପାରେ। ପ୍ରତ୍ୟେକ କ୍ଷେତ୍ରରେ ଚୁପ୍‌ଚାପ ହୋଇ ବସିରହିବା ଅପେକ୍ଷା କିଛି କରିବା ଠିକ୍ ହେବ।

**କୁମ୍ଭ** – ସମସ୍ୟାବହୁଳ ପରିସ୍ଥିତି ରହିଥିଲେ ମଧ୍ୟ କୌଶଳରେ ସବୁ ସୁଧାରି ନେବେ। ବ୍ୟବସାୟରେ ନୂତନ ଦିଗନ୍ତ ସୃଷ୍ଟି ହେବ ଏବଂ ଆଶାର ଆଲୋକ ନିଶ୍ଚିତ ଦେଖିବେ। ପୂର୍ବଭାଦ୍ର ନକ୍ଷତ୍ର ଅଯଥା ତର୍କ ନ କରି ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ବନ୍ଧୁ ସାହାଯ୍ୟ ସହଯୋଗର ଦୃଢ଼ ପ୍ରତିଶ୍ରୁତି ପାଇ ମନ ସାମୟିକ ହାଲୁକା ହୋଇଯିବ।

**ମୀନ** – ପାରିବାରିକ ସ୍ଥିତିରେ ସମସ୍ୟାଗୁଡ଼ିକ ସମାଧାନ କରିବା ସକାଶେ ନିକଟସ୍ଥ ଭଦ୍ରଲୋକଙ୍କ ସହାୟତା ଆବଶ୍ୟକ କରିପାରନ୍ତି। ଅଫିସରେ ଥିବା ସମୟରେ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହେବାକୁ ପଡ଼ିପାରେ। ଉତ୍ତରଭାଦ୍ର ନକ୍ଷତ୍ର ବ୍ୟବସାୟରେ ଆଖିଦୃଷ୍ଟିଆ ସଫଳତା ହାସଲ କରିପାରିବେ ନାହିଁ। ଆଜି ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି।

ଆଜି ଅଗଷ୍ଟ ୧୦ ତାରିଖ, ଡେଙ୍ଗୁ ନିରୋଧକ ଦିବସ, ଶ୍ରାବଣ ଶୁକ୍ଳ ଷଷ୍ଠୀ ଶନିବାର, ରାଶି ନକ୍ଷତ୍ର-ଚିତ୍ରା/କନ୍ୟା, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୧୬ ମି. ଗତେ ଘ.୦୮।୧୬ ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ସକାଳ ଘ.୦୮।୪୦ ମି. ଗତେ ଘ ୧୦।୧୬ ମି. ମଧ୍ୟେ ରାହୁକାଳ।

**ବିଧାୟକ ଧ୍ରୁବ ସାହୁଙ୍କୁ ହାଇକୋର୍ଟ ନୋଟିସ**

କଟକ,୯।୮ (କାର୍ତ୍ତିକ ସାହୁ): କେନ୍ଦ୍ରାପଡ଼ା ଜିଲା ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀରେ ୨୦୨୪ ସାଧାରଣ ନିର୍ବାଚନରେ ଅନିୟମିତତା ହୋଇଥିବା ନେଇ ହାଇକୋର୍ଟରେ ରୁଜୁ ମାମଲାର ଶୁଣାଣି ଶୁକ୍ରବାର ହୋଇଛି। ଅଭିଯୋଗ ସମ୍ପର୍କରେ ସତ୍ୟପାଠ ଦାଖଲ ନିମନ୍ତେ ରାଜନଗର ବିଜେଡି ବିଧାୟକ ଧ୍ରୁବ ଚରଣ ସାହୁଙ୍କୁ ହାଇକୋର୍ଟ ନୋଟିସ ଜାରି କରିଛନ୍ତି। ସୂଚନା ଅନୁସାରେ, ବିଧାନସଭା ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲବେଳେ ବିଜେଡି ବିଜୟୀ ପ୍ରାର୍ଥୀ ତଥା ରାଜନଗର ବିଧାୟକ ଧ୍ରୁବ ସାହୁ ମିଥ୍ୟା ତଥ୍ୟ ପ୍ରଦାନ କରିଛନ୍ତି। ଏନେଇ ଭାଜପାର ପରାଜିତ ପ୍ରାର୍ଥୀ ଲଳିତ କୁମାର ବେହେରା ହାଇକୋର୍ଟରେ ମାମଲା ରୁଜୁ କରି ଧ୍ରୁବଙ୍କ ବିଜୟକୁ ଅସିଦ୍ଧ ଘୋଷଣା ପାଇଁ ପ୍ରାର୍ଥନା କରିଛନ୍ତି।

# ପ୍ରତିବାଦରେ ପଶ୍ଚିମବଙ୍ଗ ଗାଡ଼ି ଅଟକ

## ଓଡ଼ିଶାକୁ ଆଳୁ ଗାଡ଼ି ନ ଛାଡ଼ିବାର ପ୍ରତିକ୍ରିୟା

**ମଙ୍ଗୁଳି–ଜଗତପୁର,୯।୮(ମାନସ ସାମଲ)**

ପଶ୍ଚିମବଙ୍ଗ ସରକାର ରାଜନୈତିକ ଉଦ୍ଦେଶ୍ୟ ରଖି ଓଡ଼ିଶାକୁ ଆଳୁ ଗାଡ଼ି ନ ଛାଡିବା ପ୍ରତିବାଦରେ କଟକ ଜିଲାର ବିଭିନ୍ନ ସାମାଜିକ ସଙ୍ଗଠନ, ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବୀ ଏକତ୍ରିତ ହୋଇ ୧୬ ନମ୍ବର ଜାତୀୟ ରାଜପଥର ମଙ୍ଗୁଳି ଛକରେ ଶୁକ୍ରବାର ପ୍ରତିବାଦ କରିଥିଲେ। ପଶ୍ଚିମବଙ୍ଗକୁ ଓ ପଶ୍ଚିମବଙ୍ଗରୁ ଖାଦ୍ୟ ସାମଗ୍ରୀ ପରିବହନ କରୁଥିବା ସମସ୍ତ ଗାଡ଼ିକୁ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଅଟକ ରଖାଯାଇଥିଲା। ପଶ୍ଚିମବଙ୍ଗ ସରକାର ଏହି ସମସ୍ୟାର ସମାଧାନ ନ କଲେ ଆନ୍ଦୋଳନକୁ ଜୋର୍‌ଦାର କରାଯିବ ବୋଲି ମାନବ ଅଧିକାର କର୍ମୀ ସସ୍ମିତା ଦାସ କହିଛନ୍ତି। ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ଟାଙ୍ଗୀ ଥାନା ପକ୍ଷରୁ ୨ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ନାରାୟଣ ବିଶ୍ୱାଳ, ସଞ୍ଜିତ ମହାନ୍ତି, ରବୀନ୍ଦ୍ର ମହାପାତ୍ର, ଅଭିନେତା ମିଟୁ ମିଥୁନ, ପ୍ରଣବ ଦାସ, ସବିତା ଦାସ, ରଞ୍ଜନ ବେହେରା, ପ୍ରହଲ୍ଲାଦ ମହାରଣା, ଅରୂପାନନ୍ଦ ନାୟକ ଓ ପୁଷ୍ପାଞ୍ଜଳି ଦାସଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।



ରାସ୍ତାରେ ଅଟକି ରହିଥିବା ଟ୍ରକ୍।

## ୩୦ ଟଙ୍କାରେ ଆଳୁ ଯୋଗାଇବେ ସରକାର: ମନ୍ତ୍ରୀ

**ଭୁବନେଶ୍ୱର,୯।୮(ସୁନିତ୍ ମିଶ୍ର)**

ରାଜ୍ୟରେ ବର୍ତ୍ତମାନ ଆଳୁ ଦର ବୃଦ୍ଧି ଖାଉଟିଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଛି। ସରକାରଙ୍କ ବହୁ ଚେଷ୍ଟା ସତ୍ତ୍ୱେ ଆଳୁ ଦର ନିୟନ୍ତ୍ରଣକୁ ଆସିପାରି ନାହିଁ। ଏବେ ମଧ୍ୟ ବଜାରରେ ଆଳୁ ୪୫, ୫୦ କେଉଁଠି ୬୦ ଟଙ୍କାରେ ବିକ୍ରି ହେଉଛି। ଆଳୁ ସମସ୍ୟା ସମାଧାନ ପାଇଁ କେଉଁଆଡୁ ବି ବାଟ ଫିଟୁ ନ ଥିବା ବେଳେ ନାଫେଡ୍ ମାଧ୍ୟମରେ ରାଜ୍ୟ ସରକାର ଆଳୁ କିଣିବେ ବୋଲି ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ନୂଆଦିଲ୍ଲୀଠାରେ ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ପାତ୍ର କହିଛନ୍ତି, ଏଥିପାଇଁ ଅର୍ଡର ଦିଆଯାଇଛି। ଦିନେ କିମ୍ବା ୨ଦିନ ଭିତରେ ଓଡ଼ିଶାରେ ଆଳୁ ପହଞ୍ଚିବ। ରାଜ୍ୟ ସରକାର ଉଚ୍ଚା ଦରରେ ଆଳୁ କିଣିଲେ ମଧ୍ୟ କିଲୋ ପିଛା ୩୦ ଟଙ୍କାରେ ବିକିବାକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟର ସବୁ ସହରରେ କିଲୋ ପିଛା ୩୦ ଟଙ୍କାରେ ଆଳୁ ବିକ୍ରି କରାଯିବ। ଆଳୁ ସମସ୍ୟା ସମାଧାନ ପାଇଁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ମାଝୀ କଥା ହୋଇଥିଲେ। ଏହାପରେ ପଶ୍ଚିମବଙ୍ଗର ମୁଖ୍ୟ ଶାସନ ସଚିବଙ୍କୁ ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ ଚିଠି ଲେଖିଥିଲେ। ଏବେ ମଧ୍ୟ ଆଳୁ ସମସ୍ୟା ସମାଧାନ ପାଇଁ ଉଦ୍ୟମ ଚାଲିଛି। ରାଜ୍ୟରେ ଦେଖାଦେଇଥିବା ଆଳୁ ସଙ୍କଟ ଦୂର ପାଇଁ ନାଫେଡ୍ ମାଧ୍ୟମରେ ଉତ୍ତରପ୍ରଦେଶରୁ ଆଳୁ ଆଣିବାକୁ ଅର୍ଡର ଦିଆଯାଇଛି। ପର୍ଯ୍ୟାପ୍ତ ପରିମାଣରେ ଆଳୁ ଆସୁଛି। ଓଡ଼ିଶାରୁ ବା ଓଡ଼ିଶା ଦେଇ ଯେଉଁସବୁ ସାମଗ୍ରୀ ପଶ୍ଚିମବଙ୍ଗ ଯାଉଛି, ସେଥିପ୍ରତି ରାଜ୍ୟ ସରକାର କିଛି ପଦକ୍ଷେପ ନେବେ କି ପ୍ରଶ୍ନରେ ମନ୍ତ୍ରୀ କହିଛନ୍ତି, ସେମିତି କିଛି ପରିସ୍ଥିତି ନ ଉପୁଜୁ ବୋଲି ଆମେ ଚାହୁଁଛୁ। କଥାବାର୍ତ୍ତା ମାଧ୍ୟମରେ ସମସ୍ୟା ସମାଧାନ ହେଉ ବୋଲି ଚାହୁଁଛୁ। କାରଣ ପଶ୍ଚିମବଙ୍ଗ ଆମର ପଡ଼ୋଶୀ ରାଜ୍ୟ। ଆମ ସହ ତାଙ୍କର ସମ୍ପର୍କ ଭଲ ରହୁ। ଯେମିତି ଆଳୁ ଆସୁଥିଲା, ସେମିତି ଆସୁ। ସେଥିପାଇଁ ଉଦ୍ୟମ ଜାରି ରହିଛି। କିନ୍ତୁ ଲୋକମାନେ ଆନ୍ଧ୍ରପ୍ରଦେଶରୁ ପଶ୍ଚିମବଙ୍ଗ ଯାଉଥିବା ମାଛ ଓ ଅଣ୍ଡା ଟ୍ରକ୍ ସବୁ ଅଟକାଇଛନ୍ତି ବୋଲି ଶୁଣିବାକୁ ପାଇଥିବା ମନ୍ତ୍ରୀ ପାତ୍ର କହିଛନ୍ତି।

# ମୃତ ମା' ହାତୀକୁ ଉଠାଇବାକୁ ଛୁଆର ଉଦ୍ୟମ



ମା' ହାତୀ ମୃତଦେହ ନିକଟରେ ଛୁଆହାତୀ।

**କେନ୍ଦୁଝର,୯।୮(ନରେଶ ଚନ୍ଦ୍ର ପଟ୍ଟନାୟକ)**

ମରି ପଡ଼ିଥିବା ମା'କୁ ଉଠାଇବାକୁ ଚେଷ୍ଟା କରିଥିଲା ଛୁଆହାତୀ। ମା' ଆଖି ନ ଖୋଲିବାରୁ ଲୁହ ଗଡ଼ାଇ ଇତସ୍ତତ ହୋଇ ଘୂରି ବୁଲିବା ପରେ ଶେଷରେ ନିରାଶ ହୋଇ ଜଙ୍ଗଲ ଭିତରକୁ ଚାଲିଯାଇଥିଲା। ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଏଭଳି ଦୃଶ୍ୟ ପ୍ରାଣୀପ୍ରେମୀମାନଙ୍କୁ ଉଦ୍‌ବେଳିତ କରିଛି। ଏଭଳି ଘଟଣା ଘଟିଛି କେନ୍ଦୁଝର ବନ୍ୟପ୍ରାଣୀ ଡିଭିଜନ ଅନ୍ତର୍ଗତ ହଦଗଡ଼ ହାତୀ ଅଭୟାରଣ୍ୟରେ।

ହଦଗଡ଼ ବନଖଣ୍ଡ ଅନ୍ତର୍ଗତ ହାତୀ ଅଭୟାରଣ୍ୟରୁ ବୁଧବାର ଏକ ମାଈ ହାତୀର ମୃତଦେହ ବନ ବିଭାଗ ଠାବ କରିଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ଜଙ୍ଗଲରେ ପୋତି ଦିଆଯାଇଥିଲା। ମାତ୍ର ମୃତଦେହ ନିକଟରେ ଏକ ଛୁଆହାତୀ ଛିଡ଼ା ହୋଇ ମା'କୁ ଉଠାଉଥିବା ଦୃଶ୍ୟ ଶୁକ୍ରବାର ମୋବାଇଲରୁ ମୋବାଇଲକୁ ଘୁରିବୁଲୁଛି। ଯାହାକି ମା' ଓ ଛୁଆର ଅନାବିଳ ପ୍ରେମକୁ ପ୍ରମାଣିତ କରିଛି। ଏହି ଫଟୋ ଉକ୍ତ ହାତୀର ବୋଲି ମଧ୍ୟ ଡିଏଫଓ ଅଭୟ

### ସୋସିଆଲ ମିଡିଆରେ ଭାଇରାଲ୍

ଦଳେଇ ସୂଚନା ଦେଇଛନ୍ତି। ଛୁଆହାତୀ ବାରମ୍ବାର ଆସି ମା'କୁ ଉଠାଇବାକୁ ପ୍ରୟାସ କରିଥିଲା। ନିରାଶ ହେବା ପରେ ଜଙ୍ଗଲକୁ ଫେରିଯାଇଥିଲା ବୋଲି ସ୍ଥାନୀୟ ରେଞ୍ଜ ଅଧିକାରୀ ସୂଚନା ଦେଇଛନ୍ତି। ହାତୀ ମୃତ୍ୟୁ ଅତ୍ୟନ୍ତ ଦୁଃଖଦ ଘଟଣା। ଏହାଠାରୁ ଅଧିକ ଦୁଃଖଦ ଘଟଣା ହେଉଛି, ମା' ଓ ଛୁଆହାତୀ ମଧ୍ୟରେ ଥିବା ସ୍ନେହ ମମତାରର ଦୃଶ୍ୟ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ସୂଚନାଯୋଗ୍ୟ, ହଦଗଡ଼ ହସ୍ତୀ ଅଭୟାରଣ୍ୟ ୯୧.୮୯ ବର୍ଗ କିଲୋମିଟର ପର୍ଯ୍ୟନ୍ତ ପରିବ୍ୟାପ୍ତ। ଆନନ୍ଦପୁର ବ୍ୟତୀତ ବାଲେଶ୍ୱର, ବାରିପଦା ଏବଂ କରଞ୍ଜିଆ ଡିଭିଜନକୁ ଲାଗି ରହିଛି। ତେଣୁ ହାତୀ ସବୁବେଳେ ଗୋଟିଏ ସ୍ଥାନରେ ନ ରହି ଚଳପ୍ରଚଳ କରିଥାନ୍ତି। ମା' ଓ ଛୁଆହାତୀ କିଛିଦିନ ହେଲା ଏହି ଅଞ୍ଚଳରେ ବୁଲୁଥିଲେ। ତେବେ ମା' ହାତୀର ମୃତ୍ୟୁ ପରେ ଛୁଆହାତୀଟି ଏକୁଟିଆ ହୋଇଯାଇଛି।

# ସଂକୀର୍ଣ୍ଣ ନଳାରେ ଫସିଗଲେ ମାନସିକ ଭିନ୍ନକ୍ଷମ ଯୁବକ

**ପାଲଲହଡ଼ା,୯।୮ (ଦିବ୍ୟଜ୍ୟୋତି ଦାଶ)**



ନଳା ଭିତରେ ଫସିଯାଇଥିବା ମାନସିକ ଭିନ୍ନକ୍ଷମ ଯୁବକଙ୍କୁ ଉଦ୍ଧାରକରି ଅଣାଯାଉଛି।

ଚିକିତ୍ସା ପାଇଁ ପରିବାର ସହ ମେଡିକାଲ ଆସିଥିବା ବେଳେ ଜଣେ ମାନସିକ ଭିନ୍ନକ୍ଷମ ଯୁବକ ଦୌଡ଼ି ପଳାଇଯାଇ ଏକ ସଂକୀର୍ଣ୍ଣ ନଳାରେ ପଶିଯିବାରୁ ୩ ଘଣ୍ଟା ଫସି ରହିଥିଲେ। ପରେ ପ୍ରଶାସନ, ପୋଲିସ ଓ ଅଗ୍ନିଶମ ବାହିନୀ ଜେସିବି ମେସିନ ଲଗାଇ ନଳା ତାଡ଼ିବା ପରେ ଯୁବକ ଜଣଙ୍କୁ ଉଦ୍ଧାର କରାଯାଇଥିଲା। ଅନୁଗୋଳ ଜିଲା ପାଲଲହଡ଼ା ସହରରେ ଶୁକ୍ରବାର ଘଟିଥିବା ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ଅନୁଯାୟୀ, ଦେବଗଡ଼ ଜିଲା ବାରକୋଟ ଅଞ୍ଚଳର ମାନସିକ ଭିନ୍ନକ୍ଷମ ଯୁବକ ଖୁଲୁ ସେଠୀ (୨୨)ଙ୍କୁ ତାଙ୍କ ମା' ବାପା ପାଲଲହଡ଼ା ଉପଖଣ୍ଡ ମେଡିକାଲକୁ ଚିକିତ୍ସା ପାଇଁ ଆଣିଥିଲେ। ଡାକ୍ତର ଖୁଲୁଙ୍କୁ ଦେଖିବା ପରେ ଅଧିକ ଚିକିତ୍ସା ପାଇଁ କେନ୍ଦୁଝର ଜିଲା ମେଡିକାଲକୁ ଯିବାକୁ ପରାମର୍ଶ ଦେଇଥିଲେ। ତେବେ ଖୁଲୁ ମା' ବାପାଙ୍କ ସହିତ ଯାଉଥିବାବେଳେ ଦୌଡ଼ି ଦୌଡ଼ି ଉଦିତନଗରସ୍ଥିତ ୪୯ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏକ ସଂକୀର୍ଣ୍ଣ ନଳା ମଧ୍ୟରେ ପଶି ଯାଇଥିଲେ। ସ୍ଥାନୀୟ ସ୍ୱେଚ୍ଛାସେବୀମାନେ ତାଙ୍କୁ ବାହାର କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସମ୍ଭବ ନ ହେବାରୁ

### ୩ ଘଣ୍ଟା ପରେ ଜେସିବି ଲଗାଇ ଉଦ୍ଧାର

ପୋଲିସ ଓ ଦମକଳ ବାହିନୀକୁ ଖବର ଦିଆଯାଇଥିଲା। ଖବରପାଇ ପାଲଲହଡ଼ା ଉପଜିଲାପାଳ ସୁଶାନ୍ତ କୁମାର ପତି ମଧ୍ୟ ପହଞ୍ଚିଥିଲେ। ପରେ ଅଗ୍ନିଶମ ବିଭାଗ ଏବଂ ପୋଲିସ ଜେସିବି ମେଶିନ ସାହାଯ୍ୟରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଘଟଣାସ୍ଥଳରେ ଏକ ଡାକ୍ତରୀ ଟିମ୍ ଉପସ୍ଥିତ ଥିଲେ। ଦୀର୍ଘ ୩ ଘଣ୍ଟା ପରିଶ୍ରମ ପରେ ଯୁବକ ଜଣଙ୍କୁ ନଳା ଭିତରୁ ଉଦ୍ଧାର କରାଯାଇଥିଲା। ସେଠାରେ ଉପସ୍ଥିତ ଡାକ୍ତରୀ ଟିମ୍ ଯୁବକଙ୍କ ପ୍ରାଥମିକ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ପରବର୍ତ୍ତୀ ଚିକିତ୍ସା ପାଇଁ ଉପଖଣ୍ଡ ଡାକ୍ତରଖାନାକୁ ନିଆଯାଇଥିଲା।

# କଦଳୀଗଛ ତନ୍ତୁରୁ ସାନିଟାରି ପ୍ୟାଡ୍

**ଅନୁଗୋଳ,୯।୮ (ଜ୍ୟୋତିରଞ୍ଜନ ସାହୁ)**

କଦଳୀ ଗଛ ତନ୍ତୁରୁ ପ୍ରସ୍ତୁତ କରାଯାଇଛି କପଡ଼ା ସାନିଟାରି ପ୍ୟାଡ୍। ଏହାକୁ ଅନ୍ୟ ପ୍ୟାଡ୍ ଭଳି ଥରେ ବ୍ୟବହାର ପରେ ଫିଙ୍ଗା ନ ଯାଇ ପୁନଃ ବ୍ୟବହାର କରାଯାଇପାରିବ। ଶ୍ରୀ ମାତା ଅମୃତାନନ୍ଦମୟୀ ଦେବୀ ସଂସ୍ଥା ଦ୍ୱାରା ପରିଚାଳିତ ସୌକ୍ଷମ ଏବଂ କେନ୍ଦ୍ର ସରକାରଙ୍କ କୌଶଳ ବିକାଶ ମନ୍ତ୍ରଣାଳୟ ଅଧୀନ ଜନଶିକ୍ଷଣ ସଂସ୍ଥାନ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ଏପରି ପ୍ୟାଡ୍ ସମ୍ପର୍କରେ ଶୁକ୍ରବାରଠାରୁ ସଚେତନତା ଅଭିଯାନର ଶୁଭାରମ୍ଭ କରାଯାଇଛି। ରାଜ୍ୟ ସରକାରଙ୍କ ସହଯୋଗରେ ଅନୁଗୋଳ ଜିଲାରେ ପାଇଲଟ ପ୍ରକଳ୍ପ ଭାବେ ଏ ନେଇ ସଚେତନତା କାର୍ଯ୍ୟକ୍ରମ ଆଦିବାସୀ ଆବାସିକ ବିଦ୍ୟାଳୟଗୁଡ଼ିକ ମାଧ୍ୟମରେ ଆରମ୍ଭ କରାଯାଇଛି।

ଅନୁଗୋଳ ଜିଲା ତାଳଚେର ଉପଖଣ୍ଡ ଅନନ୍ତବେରିଣୀ ଆଦିବାସୀ ଆବାସିକ ବିଦ୍ୟାଳୟରେ ଏହି ସଚେତନତା ଅଭିଯାନରେ ସୌକ୍ଷମର ମୁଖ୍ୟ ନିର୍ଦ୍ଦେଶିକା ତଥା ଭାରତର ପ୍ୟାଡ୍ ମହିଳା ଭାବେ ପରିଚିତ ଅଞ୍ଜୁ ବିଷ୍ଟୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ତାଳଚେର ଉପଖଣ୍ଡ ସମ୍ପ୍ରସାରଣ ଅଧିକାରୀ ଜୟଶ୍ରୀ ଧଳ, ସୌକ୍ଷମର ଓଡ଼ିଶା ରାଜ୍ୟ ନିର୍ଦ୍ଦେଶକ ଦେବପ୍ରସାଦ ପଟ୍ଟନାୟକ, ଜନଶିକ୍ଷଣ ସଂସ୍ଥାନ ଅନୁଗୋଳର ନିର୍ଦ୍ଦେଶକ ସୌରୀ ରଞ୍ଜନ ପଣ୍ଡା, ପ୍ରଧାନଶିକ୍ଷକ ନାରାୟଣ ସାହୁ ଅତିଥି ଭାବେ ଯୋଗଦେଇଥିଲେ। କଦଳୀ ଗଛ ତନ୍ତୁରୁ ପ୍ରସ୍ତୁତ ଏହି କପଡ଼ା ସାନିଟାରି ପ୍ୟାଡ୍ ପୁନଃ ବ୍ୟବହାର ହୋଇପାରିବ। ଏଥିସହ ଏହାର ଉପକାରିତା ସମ୍ପର୍କରେ ଅଞ୍ଜୁ ବିଷ୍ଟୀ ପିଲାମାନଙ୍କୁ ବୁଝାଇଥିଲେ। ରାଜ୍ୟ ନିର୍ଦ୍ଦେଶକ ପଟ୍ଟନାୟକ କହିଥିଲେ, ଅତିଶୀଘ୍ର ପିଲାମାନଙ୍କୁ ଏହା ବ୍ୟବହାର ପାଇଁ ପ୍ରଦାନ କରାଯିବ। ତିନିମାସ ପରେ ପ୍ୟାଡର ଉପକାରିତା ସମ୍ପର୍କରେ ବ୍ୟବହାରକାରୀ ମତାମତ ପ୍ରଦାନ କରିବେ। ଜନ ଶିକ୍ଷଣ ସଂସ୍ଥାନ ନିର୍ଦ୍ଦେଶକ ପଣ୍ଡା ଅନୁଗୋଳ ଜିଲାରେ କେନ୍ଦ୍ର ସରକାରଙ୍କ କୌଶଳ ବିକାଶ ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ଜନ ଶିକ୍ଷଣ ସଂସ୍ଥାନ ମାଧ୍ୟମରେ ସିଲାଇ ପ୍ରଶିକ୍ଷଣ ନେଉଥିବା ପ୍ରଶିକ୍ଷାର୍ଥୀଙ୍କ ଦ୍ୱାରା ସାନିଟାରି ପ୍ୟାଡର ଉତ୍ପାଦନ ୟୁନିଟ୍ ଖୋଲାଯିବ ବୋଲି ସୂଚନା ଦେଇଥିଲେ। ଜିଲାର ସମସ୍ତ ଆଦିବାସୀ ବିଦ୍ୟାଳୟ ଓ ଅନ୍ୟ ସ୍କୁଲ, କଲେଜରେ ଏପରି ସଚେତନତା କାର୍ଯ୍ୟକ୍ରମ କରାଯିବାର ଲକ୍ଷ୍ୟ ରଖାଯାଇଛି। ଜନଶିକ୍ଷଣ ସଂସ୍ଥାନ କାର୍ଯ୍ୟକ୍ରମ ଅଧିକାରୀ ସ୍ୱାତି ସାମଲ ଏବଂ କାର୍ଯ୍ୟକ୍ରମ ସଂଯୋଜକ ଚିତ୍ତ ରଞ୍ଜନ ସାମଲ, ବିଦ୍ୟାଳୟ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ତାଳଚେର ଉପଖଣ୍ଡ ସମ୍ପ୍ରସାରଣ ଅଧିକାରୀ ଜୟଶ୍ରୀ ଧଳ ଧନ୍ୟବାଦ ପ୍ରଦାନ କରିଥିଲେ।

### ପୁନଃ ବ୍ୟବହାର କରିହେବ, ଅନୁଗୋଳରେ କରାଗଲା ସଚେତନ





ସଚେତନତା କାର୍ଯ୍ୟକ୍ରମରେ ସୌକ୍ଷମର ମୁଖ୍ୟ ନିର୍ଦ୍ଦେଶିକାଙ୍କ ସହିତ ଅନ୍ୟମାନେ।



ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)ର ସରସଂଘଚାଳକ ମୋହନ ଭାଗବତ ଶୁକ୍ରବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ସାରି ଫେରୁଛନ୍ତି।

# ଫାଇଲେରିଆ ନିରାକରଣ: ଆଜିଠୁ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ

**ଭୁବନେଶ୍ୱର, ୯।୮(ଅସମାପିକା ସାହୁ)**

ଫାଇଲେରିଆ ନିରାକରଣ ପାଇଁ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ(ଏମ୍‌ଡିଏ) ଶନିବାରଠାରୁ ଆରମ୍ଭ ହେବ। ୧କୋଟି ୯୩ ଲକ୍ଷ ୨୨ହଜାର ୯୧୯ଜଣଙ୍କୁ ଫାଇଲେରିଆ ନିରୋଧୀ ଔଷଧ ଦିଆଯିବ। ତେବେ କାର୍ଯ୍ୟସୂଚୀ ଅନୁଯାୟୀ, ଅନୁଗୋଳ, ବରଗଡ଼, ଢେଙ୍କାନାଳ, ଗଞ୍ଜାମ, ଝାରସୁଗୁଡ଼ା, ଯାଜପୁର, ମୟୂରଭଞ୍ଜ, କେନ୍ଦୁଝର, ସମ୍ବଲପୁର, ସୋନପୁର ଓ ସୁନ୍ଦରଗଡ଼ ଜିଲାରେ ୧୦ରୁ ୧୯ ତାରିଖ ମଧ୍ୟରେ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ସହିତ ଜାତୀୟ କୃମିନାଶକ ଦିବସ(ଏନ୍‌ଡିଡି) କାର୍ଯ୍ୟକ୍ରମର ଦ୍ୱିତୀୟ ରାଉଣ୍ଡ ଅନୁଷ୍ଠିତ ହେବ। ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ଅଧୀନରେ ୩ଟି ଔଷଧ ଯଥା – ଡିଇସି ସହିତ ଆଲବେଣ୍ଡାଜଲ ଓ ଆଇଭରମେକ୍ଟିନ ବଟିକା ଖାଇବାକୁ ଦିଆଯିବ। ୨ ବର୍ଷରୁ କମ୍ ବୟସର ଶିଶୁ, ଗର୍ଭବତୀ ମହିଳା ଏବଂ ଗୁରୁତର ଅସୁସ୍ଥ ଲୋକ ଏହି ଔଷଧ ଖାଇବେ ନାହିଁ। ଏହି କାର୍ଯ୍ୟକ୍ରମରେ ୭୭,୨୯୧ ଡ୍ରଗ ଆଡ୍‌ମିନିଷ୍ଟ୍ରେଟର ନିୟୋଜିତ ହୋଇଛନ୍ତି। ଏମାନଙ୍କ କାର୍ଯ୍ୟକୁ ତଦାରଖ କରିବା ପାଇଁ ୭୭ହଜାର ସୁପରଭାଇଜର ରହିଛନ୍ତି ବୋଲି ଶୁକ୍ରବାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

ଏ ସମ୍ପର୍କରେ ସୂଚନା ଦେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିଳକଣ୍ଠ ମିଶ୍ର କହିଲେ, ଫାଇଲେରିଆ ନିରାକରଣ ଲକ୍ଷ୍ୟ ହାସଲ କରିବାକୁ ହେଲେ ମିଳିତ ପ୍ରୟାସ ଏବଂ ସମସ୍ତଙ୍କ ସହଯୋଗ ଏକାନ୍ତ ଆବଶ୍ୟକ। ଏଥିପାଇଁ ସମସ୍ତ ଫାଇଲେରିଆ ପ୍ରବଣ ଜିଲା ଓ ବ୍ଲକ ଉପରେ ଗୁରୁତ୍ୱ ଦିଆଯାଉଛି। ଆଶା, ଅଙ୍ଗନୱାଡ଼ି, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଅନ୍ୟ ସ୍ୱେଚ୍ଛାସେବୀଙ୍କୁ ଡ୍ରଗ୍ ଆଡମିନିଷ୍ଟ୍ରେଟର ଭାବେ ଚିହ୍ନଟ କରାଯାଇଛି। ସେମାନେ ପ୍ରତ୍ୟେକ ଘରକୁ ଘର ଯାଇ ଏମ୍‌ଡିଏ ଔଷଧ ସେବନ କରାଇବେ। ଅନ୍ତତଃ ୯୦ ପ୍ରତିଶତ ଲୋକ ଡ୍ରଗ ଆଡମିନିଷ୍ଟ୍ରେଟରଙ୍କ ସମ୍ମୁଖରେ ଔଷଧ ଖାଇବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସମସ୍ତଙ୍କୁ ଔଷଧ ଖୁଆଇବା ପାଇଁ ସମସ୍ତଙ୍କ ସହଯୋଗ ଜରୁରୀ ହୋଇଥିବାରୁ ବିଭିନ୍ନ ବିଭାଗ ଭିତରେ ସମନ୍ୱୟ, ସହଯୋଗ, ସମର୍ଥନ ନିହାତି ଆବଶ୍ୟକ ବୋଲି ସେ କହିଥିଲେ। ସମ୍ମିଳନୀରେ ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର, ଜନସ୍ୱାସ୍ଥ୍ୟ ସ୍ୱତନ୍ତ୍ର ଶାସନ ସଚିବ ଡା. ଜେ.ଏମ. ବେବର୍ତ୍ତାଙ୍କ ସହିତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏମ୍‌ଡିଏ କାର୍ଯ୍ୟକ୍ରମରେ ସହଯୋଗ କରିବାକୁ ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ, ବିଦ୍ୟାଳୟ ଏବଂ ଗଣଶିକ୍ଷା, ଉଚ୍ଚଶିକ୍ଷା, ମିଶନ ଶକ୍ତି, ମହିଳା ଏବଂ ଶିଶୁ ବିକାଶ, ଶିଳ୍ପ, ଇସ୍ପାତ ଏବଂ ଖଣି, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ, ଗୃହ ଓ ନଗର ଉନ୍ନୟନ ଇତ୍ୟାଦି ବିଭାଗକୁ ଅନୁରୋଧ କରାଯାଇଥିବା ସୂଚନା ଦିଆଯାଇଛି।





ଖବରଦାତା ସମ୍ମିଳନୀରେ ଏମ୍‌ଡିଏ ସମ୍ପର୍କରେ ସୂଚନା ଦିଆଯାଉଛି।

GAYATRI
COLLEGE OF ENGINEERING
Near Income Tax Office, Ambapua, Brahmapur
B.TECH. (4 Yrs./ LE)
Computer Sc. Engineering, Artificial Intelligence, Civil, Mechanical, EEE
100% PLACEMENT ASSISTANCE
MCA, MBA
Approved by AICTE, Affiliated to BPUT
BCA, BBA
Approved by AICTE
B.Sc. Biotech., M.Sc. Biotech. & M.Sc. Computer Sc.
Affiliated to Brahmapur University
Contact : 9437579479, 9437962526, 8144898953

ତୁମେ ଯଦି ପୃଥିବୀରେ ଶାନ୍ତି ପ୍ରତିଷ୍ଠିତ ହେଉ ବୋଲି ଚାହୁଁଥାଅ- ତେବେ ଆଗ ନିଜ ହୃଦୟରେ ଶାନ୍ତି ସ୍ଥାପନ କର। ... ଜଣେ ତା'ର ପ୍ରଗାଢ ନିଦ୍ରାରୁ ଜାଗି ଉଠିପାରେ। କିନ୍ତୁ ଥରେ ପ୍ରଗାଢ ଶାନ୍ତି ତୁମ ଭିତରେ ସ୍ଥାପିତ ହେଲେ- ତାହା ଆଉ ଭାଙ୍ଗେ ନାହିଁ। -ଶ୍ରୀମା



# ଅଭିଜ୍ଞ ସୁଦାନ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ପ୍ରୀତି ସୁଦାନ ୟୁପିଏସ୍‌ସି(ୟୁନିୟନ୍ ପବ୍ଲିକ୍ ସର୍ଭିସ୍ କମିଶନ)ର ଅଧ୍ୟକ୍ଷ ଭାବେ ନିଯୁକ୍ତ ହୋଇଛନ୍ତି। ଏକ ବିବାଦୀୟ ପରିସ୍ଥିତିରେ ଡ. ମନୋଜ ସୋନୀ ଏହି ପଦବୀରୁ ଇସ୍ତଫା ଦେବା ପରେ ସୁଦାନ ଦାୟିତ୍ୱ ନେଇଛନ୍ତି । ଏବେ କମିଶନର ବିଶ୍ୱସନୀୟତା ପୁନଃସ୍ଥାପିତ କରିବା ତାଙ୍କ ପାଇଁ ଏକ ଆହ୍ୱାନ ହୋଇଛି। ସୋନୀଙ୍କ କାର୍ଯ୍ୟକାଳ ୫ ବର୍ଷ ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ଏହା ପୂରଣ ହେବା ପୂର୍ବରୁ ବ୍ୟକ୍ତିଗତ କାରଣ ଦର୍ଶାଇ ସେ ଇସ୍ତଫା ଦେଇଥିଲେ। ଟ୍ରେନି ଆଇଏଏସ୍ ପୂଜା ଖେଡ୍‌କରଙ୍କ ଜାଲିଆତି ଘଟଣା ସହ ସୋନୀଙ୍କ ଇସ୍ତଫାର ସମ୍ପର୍କ ରହିଛି। ପୂଜା ଅସାଧୁ ଉପାୟରେ ୧୨ ଥର ସିଭିଲ୍ ସର୍ଭିସ ପରୀକ୍ଷା ଦେଇଥିବା ଅଭିଯୋଗ ହୋଇଥିଲା ; ଯାହା ଅନୁମତିପ୍ରାପ୍ତ ପ୍ରୟାସଠାରୁ ଯଥେଷ୍ଟ ଅଧିକ। ଏହି ଜାଲିଆତି ୟୁପିଏସ୍‌ସିର ଛବିକୁ କ୍ଷତି ପହଞ୍ଚାଇଛି ଏବଂ ଏବେଠାରୁ ସବୁକିଛି ସଞ୍ଚାଳନ କରିବା ସୁଦାନଙ୍କ ନେତୃତ୍ୱ ପାଇଁ ଗୁରୁତ୍ୱପୂର୍ଣ୍ଣ ହେବ। ୧୯୮୩ ବ୍ୟାଚ୍ ଆନ୍ଧ୍ର କ୍ୟାଡର୍ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ସୁଦାନଙ୍କର ବ୍ୟାପକ ଅଭିଜ୍ଞତା ଅଛି। କୋଭିଡ୍-୧୯ ମହାମାରୀ ସମୟରେ ସେ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ଭାବେ କାର୍ଯ୍ୟ କରିଥିଲେ। ସାମ୍ପ୍ରତିକ ଇତିହାସରେ ସବୁଠୁ ବଡ଼ ସ୍ୱାସ୍ଥ୍ୟ ସଙ୍କଟକୁ ମୁକାବିଲା କରିବାରେ ସେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ୨୦୨୨ରେ ସୁଦାନ ୟୁପିଏସ୍‌ସିର ସଦସ୍ୟ ଭାବେ ନିଯୁକ୍ତ ହୋଇଥିଲେ। ଅଧିକ ସ୍ୱଚ୍ଛ ଓ ପୁନର୍ଗଠନ ପାଇଁ କମିଶନକୁ ଆଗେଇନେବାର କଠିନ କାର୍ଯ୍ୟ ତାଙ୍କ ସମ୍ମୁଖରେ ରହିଛି। ସୁଦାନଙ୍କ କାର୍ଯ୍ୟକାଳ ୨୦୨୫ ମାର୍ଚ୍ଚରେ ଶେଷ ହେବ । ଏହା ଅପେକ୍ଷାକୃତ କମ୍ ସମୟ, କିନ୍ତୁ ତାଙ୍କଠାରୁ ଅଧିକ କିଛି ଆଶା କରାଯାଉଛି। ସୁଦାନଙ୍କ ଅଭିଜ୍ଞତା, ବିଶେଷକରି ମହାମାରୀ ସମୟରେ ତାଙ୍କ ରଣନୀତିକ ବିଚକ୍ଷଣତା ପୁନର୍ବାର ୟୁପିଏସ୍‌ସି ଉପରେ ଲୋକଙ୍କ ବିଶ୍ୱାସ ଫେରାଇ ଆଣିବା ସହ ଏବକାର ସଙ୍କଟରୁ ମୁକାଳି ତାହାକୁ ଆହୁରି ଦୃଢ଼ କରିବାରେ ସହାୟକ ହେବ।

### ଅପ୍ରତ୍ୟାଶିତ ପରିବର୍ତ୍ତନ

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅପ୍ରତ୍ୟାଶିତ ଭାବେ ସୀମା ସୁରକ୍ଷା ବଳ(ବିଏସ୍‌ଏଫ୍)ର ମହାନିର୍ଦ୍ଦେଶକ ନୀତିନ ଅଗ୍ରୱାଲ ଏବଂ ତାଙ୍କ ଡେପୁଟି ତଥା ସ୍ୱତନ୍ତ୍ର ମହାନିର୍ଦ୍ଦେଶକ (ପଶ୍ଚିମ) ୱାଇ.ବି. ଖୁରାନିଆଙ୍କୁ ପଦବୀରୁ ହଟାଇ ସେମାନଙ୍କ ରାଜ୍ୟ କ୍ୟାଡର୍‌କୁ ପଠାଇଦେଇଛି। ଏହି ପଦକ୍ଷେପ ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ୧୯୮୯ ବ୍ୟାଚ୍ କେରଳ କ୍ୟାଡର୍ ଆଇପିଏସ୍ ଅଧିକାରୀ ଅଗ୍ରୱାଲ ଗତବର୍ଷ ଜୁନ୍‌ରୁ ବିଏସ୍‌ଏଫ୍‌ର ଶୀର୍ଷ ପଦବୀରେ ରହିଥିଲେ ଏବଂ ୧୯୯୦ ବ୍ୟାଚ୍ ଓଡ଼ିଶା କ୍ୟାଡର୍ ଆଇପିଏସ୍ ଅଧିକାରୀ ଖୁରାନିଆ ପାକିସ୍ତାନ ସୀମାରେ ବିଏସ୍‌ଏଫ୍ ଅପରେଶନର ଇନ୍‌ଚାର୍ଜ ଥିଲେ। ଏହି ଆକସ୍ମିକ ପଦକ୍ଷେପକୁ ନେଇ ଲୋକେ ଚର୍ଚ୍ଚା କରୁଛନ୍ତି ଏବଂ ଏହା ପଛର ପ୍ରକୃତ ରହସ୍ୟ କ'ଣ ରହିଛି ତାହା ଅନେକ ଜାଣିବାକୁ ଚାହୁଁଛନ୍ତି। ଅଗ୍ରୱାଲ ଅବସର ସମୟ ଆଉ ଦୁଇ ବର୍ଷ ବାକି ଥିବାବେଳେ ଏଭଳି ନିଷ୍ପତ୍ତି ଅନେକଙ୍କୁ ଦ୍ୱନ୍ଦ୍ୱରେ ପକାଇଛି। କେତେଜଣ ବିଶ୍ୱାସ କରନ୍ତି ଯେ, ନିକଟରେ ଜମ୍ମୁ-କଶ୍ମୀରରେ ବୃଦ୍ଧି ପାଇଥିବା ଉଗ୍ରବାଦୀ କାର୍ଯ୍ୟକଳାପକୁ ଲକ୍ଷ୍ୟ କରି ଏଭଳି ପଦକ୍ଷେପ ନିଆଯାଇଛି। ଉଲ୍ଲେଖନୀୟ ଯେ, ଜମ୍ମୁ-କଶ୍ମୀରରେ ଉଗ୍ରବାଦୀ ମୁକାବିଲାରେ ବିଏସ୍‌ଏଫ୍ ଆଗରେ ରହିଛି। ଖୁରାନିଆ କେରଳକୁ ଫେରି ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଦାୟିତ୍ୱ ନେଇପାରନ୍ତି ବୋଲି ଗୁଞ୍ଜରଣ ବି ସୃଷ୍ଟି ହୋଇଛି। କିନ୍ତୁ ଏକ ସମୟରେ ଉଭୟ ଅଧିକାରୀଙ୍କୁ ହଠାତ୍ ହଟାଇ ଦିଆଯିବା ଘଟଣାକୁ ନେଇ କଳ୍ପନାଜଳ୍ପନା ବୃଦ୍ଧି ପାଇଛି। ସୀମା ସୁରକ୍ଷାକୁ ନେଇ ବହୁ ସମସ୍ୟା ବିଶେଷକରି ଅଧିକ ଅନୁପ୍ରବେଶ ବଢୁଥିବାରୁ, ସେ ସବୁକୁ ଦୃଷ୍ଟିରେ ରଖି ପରିବର୍ତ୍ତନ କରାଯାଇଥାଇପାରେ ବୋଲି ଅନେକେ ଭାବୁଛନ୍ତି। ଏହି ପଦକ୍ଷେପ ପଛର କାରଣ ସମ୍ପର୍କରେ ସରକାର ଅଧିକ କିଛି କହିନାହାନ୍ତି।

### କେ.କେ. ଭରସା

ନିକଟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମହାରାଷ୍ଟ୍ର, ମଣିପୁର, ମେଘାଳୟ, ତେଲଙ୍ଗାନା, ରାଜସ୍ଥାନ, ସିକିମ୍, ଝାଡ଼ଖଣ୍ଡ ଓ ଛତିଶଗଡ଼ ସମେତ ଅନେକ ରାଜ୍ୟର ନୂଆ ରାଜ୍ୟପାଳଙ୍କୁ ନିଯୁକ୍ତି ଦେଇଥିଲେ। ପୁଡୁଚେରୀ ଓ ଚଣ୍ଡିଗଡ଼ର ଲ୍ୟୁଟ୍‌ନାଣ୍ଟ ଗଭର୍ନରଙ୍କୁ ମଧ୍ୟ ପରିବର୍ତ୍ତନ କରାଯାଇଥିଲା। ଏହି ସବୁ ନିଯୁକ୍ତି ମଧ୍ୟରେ ଅଧିକ କୌତୂହଳପୂର୍ଣ୍ଣ ହେଉଛି କେ. କୈଳାସ ନାଥନଙ୍କ ନିଯୁକ୍ତି। ଗୁଜରାଟର ସବୁଠୁ ପ୍ରଭାବଶାଳୀ ଅମଲାତନ୍ତ୍ରୀମାନଙ୍କ ମଧ୍ୟରେ କୈଳାସ ନାଥନ ଅନ୍ୟତମ ଓ ତାଙ୍କୁ ପୁଡୁଚେରୀର ଲ୍ୟୁଟ୍‌ନାଣ୍ଟ ଗଭର୍ନର ଭାବେ ନିଯୁକ୍ତ କରାଯାଇଛି। କୈଳାସ ନାଥନ କେ.କେ. ନାମରେ ବେଶ୍ ଜଣାଶୁଣା। ସେ ୨୦୧୩ରେ ଅତିରିକ୍ତ ମୁଖ୍ୟ ସଚିବ ଭାବେ ଅବସର ନେଇଥିଲେ। ସେବେଠାରୁ ସେ ପ୍ରଶାସନିକ କ୍ଷେତ୍ରରେ ଜଣେ ଅତି ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିତ୍ୱ ରହିଆସିଛନ୍ତି। ବର୍ତ୍ତମାନ ପୁଡୁଚେରୀର ଲ୍ୟୁଟ୍‌ନାଣ୍ଟ ଗଭର୍ନର ଭାବେ ତାଙ୍କ ନିଯୁକ୍ତି ଦର୍ଶାଇଛି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟରେ ଏବେ ବି ତାଙ୍କର ଗୁରୁତ୍ୱ ରହିଛି। କେ.କେ. ଅବସର ପରେ ଗୁଜରାଟର ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପ୍ରମୁଖ ସଚିବ ହୋଇଥିଲେ। ତାଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଏହି ପଦବୀ ସୃଷ୍ଟି କରାଯାଇଥିଲା। ତାଙ୍କ କାର୍ଯ୍ୟକାଳ ମଧ୍ୟରେ ସେ ଚାରିଜଣ ମୁଖ୍ୟମନ୍ତ୍ରୀ - ନରେନ୍ଦ୍ର ମୋଦି, ଆନନ୍ଦିବେନ ପଟେଲ, ବିଜୟ ରୂପାନି ଏବଂ ଭୂପେନ୍ଦ୍ର ପଟେଲଙ୍କ ଅଧୀନରେ କାର୍ଯ୍ୟ କରିଥିଲେ। ଏହାସତ୍ତ୍ୱେ କେ.କେ. ଲଗାତର ମୋଦିଙ୍କର ଜଣେ ବିଶ୍ୱସ୍ତ ରହିଥିବା ଦେଖାଯାଉଛି ଏବଂ ସେ ଅହମ୍ମଦାବାଦ ଓ ନୂଆଦିଲ୍ଲୀ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଲିଙ୍କ୍ ଭାବରେ କାର୍ଯ୍ୟ କରୁଛନ୍ତି। ଗୁଜରାଟର ପ୍ରଶାସନିକ ଦୃଶ୍ୟପଟରେ କେ.କେ.ଙ୍କ ପ୍ରଭାବ ଦୀର୍ଘଦିନ ହେବ ରହିଆସିଛି ଏବଂ ତାଙ୍କ ଉପରେ କେନ୍ଦ୍ରୀୟ ନେତୃତ୍ୱଙ୍କ ବିଶ୍ୱାସ ଓ ଭରସା ଜାରି ରହିଛି ବୋଲି ଏବକାର ନିଯୁକ୍ତି ସ୍ପଷ୍ଟ କରୁଛି।

Email: dilipcherian@gmail.com

# ଶିକ୍ଷୟିତ୍ରୀଙ୍କ ଦୁଃଖଦ କାହାଣୀ



ଅକ୍ଷୟ କୁମାର ମିଶ୍ର

ସେଦିନ ଦେଖାହୋଇଗଲା ଜଣେ ଶିକ୍ଷୟିତ୍ରୀଙ୍କ ସହିତ ସମ୍ପର୍କକ୍ରାନ୍ତି ଏକ୍ସପ୍ରେସ୍‌ର ଏକ ସାଧାରଣ କମ୍ପାର୍ଟମେଣ୍ଟ ଭିତରେ। ଦିଲ୍ଲୀରୁ ଆସୁଥିବାରୁ ବାଟରେ ବୋଧହୁଏ ବହୁ ରେଳଯାତ୍ରୀ ଓହ୍ଲାଇ ଗଲେଣି। କାରଣ ଅନ୍ୟାନ୍ୟ ଟ୍ରେନ୍ ଭଳି ସେମିତି ଭିଡ଼ ନ ଥିଲା। ଏଣୁ ଅଧିକ କସରତ କରିବାକୁ ପଡ଼ିଲା ନାହିଁ ନିଜ ପାଇଁ ଏକ ସିଟ୍ ଯୋଗାଡ଼ କରିବାକୁ। ପରବର୍ତ୍ତୀ ଷ୍ଟେଶନରେ ସେହି ଭଦ୍ର ମହିଳା ଜଣକ ଟ୍ରେନ୍ ଚଢ଼ିଥିଲେ। ସିଟ୍ ଆଶାରେ ହେଉ କିମ୍ବା ମୋତେ ଚିହ୍ନିଥିବା ଯୋଗୁ ହେଉ ସେ ମୋ ପାଖକୁ ଆସିଲେ। ଆମେ ନମସ୍କାର ଆଦାନପ୍ରଦାନ ହେଲୁ। ତା'ପରେ ପାଖ ସିଟ୍‌ରେ ସେ ବସିଲେ। ପତଳା ଶରୀର। ମଳିନ ଚେହେରା। ଦେଖିଲେ ଅନୁମାନ କରାଯାଇ ପାରୁଥିଲା ବୟସ ଷାଠିଏ ଅତିକ୍ରମ କରିସାରିବଣି। ମୋର ଅନୁମାନ ସତ୍ୟ ହେଲା, ଯେତେବେଳେ ସେ ମୋ ପ୍ରଶ୍ନର ଉତ୍ତର ଦେବାକୁ ଯାଇ କହିଲେ, ଏକ ମାସ ପୂର୍ବରୁ ସେ ଚାକିରିରୁ ଅବସର ନେଇସାରିଲେଣି ବୋଲି। କିନ୍ତୁ ଏହି କଥାଟି ସେ କହିଲା ବେଳେ ମୁଁ ଅନୁଭବ କରୁଥିଲି ସତେଯେମିତି ତାଙ୍କ ଭିତରେ ଅନେକ ଅବ୍ୟକ୍ତ ଯନ୍ତ୍ରଣା।

ଶିକ୍ଷୟିତ୍ରୀ ଜଣକ ମୋତେ ପଚାରିଲେ, ''ସାର୍! ମୁଁ ବାର୍ଦ୍ଧକ୍ୟ ଭତ୍ତା ପାଇ ପାରିବିନି ?'' ପ୍ରଶ୍ନର ଉତ୍ତର ଯଦିଓ ଅତି ସଂକ୍ଷିପ୍ତ, 'ହଁ' କିମ୍ବା 'ନା' ରେ ସୀମିତ, ମାତ୍ର ପ୍ରଶ୍ନଟି ମୋତେ ସଂକଟରେ ପକାଇଲା। ମୁଁ ସ୍ଥିର କରିପାରୁନଥିଲି କ'ଣ କହିବି! କାରଣ ମୋର ଉତ୍ତର ସହିତ ତାଙ୍କର ବାର୍ଦ୍ଧକ୍ୟ ଭତ୍ତା ପାଇବାର କୌଣସି ସମ୍ପର୍କ ନ ଥିଲା। ମୁଁ ଜାଣିଥିଲି 'ହଁ' କହିଲେ ମିଛ ଆଶ୍ୱାସନା ହେବ। 'ନା' କଲେ ହୁଏତ ତାଙ୍କ ଭିତରେ ଅନ୍ତିମ ଆଶାର ଆଲୋକଟା ଚିରଦିନ ପାଇଁ ନିର୍ବାପିତ ହୋଇଯିବ। କିନ୍ତୁ ମୋର ଉତ୍ତରକୁ ଅପେକ୍ଷା କରିବାକୁ ତାଙ୍କ ନିକଟରେ ଧୈର୍ଯ୍ୟ ନ ଥିଲା। ସେ କହିଚାଲିଲେ...

''ପାଠପଢ଼ା ସମୟରୁ ଧରିନେଇଥିଲି ଶିକ୍ଷକତା ହେଉଛି ଏ ସମାଜରେ ସବୁଠାରୁ ସମ୍ମାନଜନକ ବୃତ୍ତି। ସବୁ ଶ୍ରେଣୀର ଲୋକେ ଶିକ୍ଷକଙ୍କୁ ସମ୍ମାନ ଦିଅନ୍ତି। ଏହି ଅବବୋଧକୁ ଆଧାର କରି ଜଣେ ଆଦର୍ଶ ଶିକ୍ଷୟିତ୍ରୀ ହେବା ପାଇଁ ପିଲାବେଳରୁ ମୋର ଭାରି ଇଚ୍ଛା ଥିଲା। ଏଣୁ ଇତିହାସରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିସାରିବା ପରେ ଶିକ୍ଷକ ପ୍ରଶିକ୍ଷଣ ତାଲିମ ବି.ଏଡ୍. ଡିଗ୍ରୀ ହାସଲ କଲି। ଏହି ସମସ୍ତ ଶିକ୍ଷାଗତ ଯୋଗ୍ୟତା ହାସଲ କଲାପରେ ନିଯୁକ୍ତି ବିଜ୍ଞାପନକୁ ଅପେକ୍ଷା କଲି। ମାତ୍ର ଶିକ୍ଷକ ନିଯୁକ୍ତି ନିମନ୍ତେ କୌଣସି ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇଲା ନାହିଁ। ଦୁଇ ତିନି ବର୍ଷ ପରେ ହତାଶାଭାବ ଦେଖାଦେଲା। ମନରେ ବାରମ୍ବାର ପ୍ରଶ୍ନ ଉଠିଲା, ସତରେ କ'ଣ ଶିକ୍ଷକ ହେବା



ଆଶା ଆଶାରେ ରହିଯିବ ? ସଂଯୋଗକ୍ରମେ ୧୯୯୨ ମସିହାରେ ଆମ ପଞ୍ଚାୟତରେ ଗୋଟିଏ ଉଚ୍ଚ ବିଦ୍ୟାଳୟ ଖୋଲିଲା। ପଞ୍ଚାୟତରେ ଉଚ୍ଚ ବିଦ୍ୟାଳୟ ନ ଥିବା ହେତୁ ପାଞ୍ଚ ଛଅଟି ଗାଆଁର ଲୋକେ ଏକାଠି ହୋଇ ବିଦ୍ୟାଳୟ ଖୋଲିଲେ। ସେମାନଙ୍କ ମଧ୍ୟରୁ କିଛି ଲୋକ ମୋତେ ପ୍ରଧାନଶିକ୍ଷକ ଭାବେ ରହିବାକୁ ଆସି ପ୍ରସ୍ତାବ ରଖିଲେ। ବହୁତ ଭାବିଚିନ୍ତି ପ୍ରସ୍ତାବଟି ଗ୍ରହଣ କଲି ଏବଂ ଆବେଦନ କଲି। ପରିଚାଳନା କମିଟି ଦ୍ୱାରା ଗଠିତ ଏକ ଚୟନ କମିଟି ଆବେଦନକାରୀଙ୍କ ସାକ୍ଷାତ୍‌କାର ନେଲେ। ଯେତେବେଳେ ଜାଣିଲି ସେମାନେ ମୋତେ ଚୟନ କରିଛନ୍ତି, ଖୁସିରେ ମୋ ପାଦ ମାଟିରେ ଲାଗି ନଥିଲା। ତାପରେ ନିଯୁକ୍ତି। ଏବେବି ନିଯୁକ୍ତି ପତ୍ରଟି ସୁନ୍ଦର ଭାବେ ବନ୍ଧେଇ ହୋଇ ମୋ ବାକ୍ସରେ ଥୁଆ ହୋଇଛି ମୂଲ୍ୟବାନ ସନ୍ତକ ରୂପରେ।

ବିଦ୍ୟାଳୟ ସୁରୁଖୁରୁରେ ଚାଲିଲା। ଆମେ ଯେତେ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ସେହି ବିଦ୍ୟାଳୟରେ ନିଯୁକ୍ତି ପାଇଲୁ, ସମସ୍ତେ ଶିକ୍ଷକତାକୁ ଏକ ବ୍ରତ ଭାବରେ ଗ୍ରହଣ କରି ଉତ୍ତମ ଶିକ୍ଷାଦାନରେ ଲାଗିପଡ଼ିଲୁ। ଖୁବ୍‌ଶୀଘ୍ର ଏଇ ଖବର ଚାରିଆଡ଼କୁ ବ୍ୟାପିଗଲା। ତା' ପରବର୍ଷଠାରୁ ଦୂରଦୂରାନ୍ତରୁ ପିଲା ଆସିଲେ ଆମ ବିଦ୍ୟାଳୟକୁ ପାଠପଢ଼ିବା ନିମନ୍ତେ। ଏହାକୁ ଲକ୍ଷ୍ୟ କରି ବିଦ୍ୟାଳୟରେ ଛାତ୍ରାବାସ ଖୋଲିଲୁ। ପ୍ରତି ଶ୍ରେଣୀରେ ଏକ ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର। ୧୯୯୫ ମସିହାରେ ଆମ ସ୍କୁଲର ପିଲାମାନେ ପ୍ରଥମ କରି ମାଟ୍ରିକ୍ ପରୀକ୍ଷା ଦେଲେ। ଶତ ପ୍ରତିଶତ ପରୀକ୍ଷାଫଳ। ବିଦ୍ୟାଳୟର ସୁନାମ ଦ୍ୱିଗୁଣ ବଢ଼ିଗଲା। ଏମିତି ଏକ ଦୁଇ ତିନି କରି ଚାରୋଟି ବ୍ୟାଚ୍ ପରୀକ୍ଷା ଦିଆସରିଲା। ଆମ ବିଦ୍ୟାଳୟ ଅନୁଦାନଯୋଗ୍ୟ ହେଲା। ଦରମା ପ୍ରାପ୍ତିର ଆଶା ବଢ଼ିଲା। ସବୁ ଦୁଃଖକୁ ଚାପି ରଖି ଆଶାବାନ୍ଧି ପଡ଼ିରହିଲୁ। ଭାବିଲୁ ଏବର୍ଷ ନହେଲେ ଆସନ୍ତା ବର୍ଷ ଅନୁଦାନ ମିଳିବ। ଯାହା ଧାର ଉଧାର ହୋଇଥିବ ସବୁ ଟଙ୍କା ଶୁଝିଯିବ। କିନ୍ତୁ ପଦ୍ମ ଘୁଞ୍ଚି ଘୁଞ୍ଚି ଚାଲିଲା। ରାଜ୍ୟରେ ସରକାର ବଦଳିଲା, ହେଲେ ଆମ ଭାଗ୍ୟ ବଦଳିଲା ନାହିଁ।

ଏହାର ପ୍ରତିବାଦରେ ବଡ଼ ବଡ଼ ଆନ୍ଦୋଳନ ଗଢ଼ି ଉଠିଲା। ୨୦୦୪ ମସିହାରେ ଶୁଣାଗଲା ସରକାର ନିଷ୍ପତ୍ତି କରିଛନ୍ତି ଏଯାବତ୍ ସମସ୍ତ ଯୋଗ୍ୟ ବିବେଚିତ ବିଦ୍ୟାଳୟକୁ ଅନୁଦାନ ଦେବେ। ପର୍ବତର ମୂଷିକ ପ୍ରସବ ଉପାଖ୍ୟାନ ପରି ଏକ କଦାକାର ବିକଳାଙ୍ଗ କୁତ୍ସିତ ଅସାମ୍ବିଧାନିକ ଅନୁଦାନ ଆଇନ ସରକାର ଆଣିଲେ। ସେଥିରେ ଲାଗୁ ହେଲା ନାହିଁ ମହଙ୍ଗା ଭତ୍ତା। ବାର୍ଷିକ ଦରମା ବୃଦ୍ଧିର ବ୍ୟବସ୍ଥା ଉଚ୍ଛେଦ ହେଲା। ରହିଲା ନାହିଁ ଚାକିରି ସର୍ତ୍ତାବଳୀ। ଜଣେ ଟିଂଜି ଶିକ୍ଷକର ମାସିକ ଦରମା ହେଲା ୧୫୭୯ ଟଙ୍କା। ଅନ୍ୟାନ୍ୟ ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କ ଦରମା ଆହୁରି କମ୍। କୁହନ୍ତୁ ଏହାକୁ ଦରମା କୁହାଯିବ ନା ଭତ୍ତା ? ଶିକ୍ଷକଙ୍କୁ ଅଧିକାର ଦେଲେ ନା ଅନୁକମ୍ପା ଦେଖାଇଲେ ?

ଯେଉଁ ଦିନ ଏହି ଭତ୍ତା ପାଇଲି, ଦୁଃଖରେ କାନ୍ଦି ଉଠିଥିଲି। ହେଲେ ନିରୁପାୟ। ମନକୁ ଆଶ୍ୱାସନା ଦେଇ ପଡ଼ି ରହିବା ବ୍ୟତୀତ କୌଣସି ରାସ୍ତା ହିଁ ନଥିଲା। ସରକାରଙ୍କ ଆର୍ଥିକ ଅବସ୍ଥା ସୁଧାରି ଗଲେ ଆମ ନ୍ୟାଯ୍ୟ ଅଧିକାର ପୁଣି ମିଳିଯିବ ବୋଲି ନିଜକୁ ବୁଝାଇଦେଲି। ଏହି ମୁଣ୍ଡାମୁଣ୍ଡି ଭତ୍ତାରେ ଚାଲିଲା ତିନି ବର୍ଷ। ତାପରେ ୪୯୯୫ ଟଙ୍କା। ଏଇଥିରେ ବିତିଗଲା ଛଅ ବର୍ଷ, ଅନୁକମ୍ପା ରାଶି ବଢ଼ାଇ ସରକାର କଲେ ୧୩,୫୦୦ ଟଙ୍କା। ଏହାର ପାଞ୍ଚ ବର୍ଷ ପରେ ୨୦୧୮ ମସିହାରେ ଘୋଷଣା କଲେ ବ୍ଲକ୍‌ଗ୍ରାଣ୍ଟ ପ୍ରଥା ଉଠିଗଲା। ବହୁତ ଖୁସି ଲାଗିଲା। ବିଳମ୍ବରେ ହେଲେବି ସରକାର ଦୁଃଖ ବୁଝିଲେ। ଅବସର ପରେ ଗଣ୍ଡାଏ ପେନସନ୍ ମିଳିଗଲେ ବାର୍ଦ୍ଧକ୍ୟଟା ସୁଖ ଶାନ୍ତିରେ କଟିବ। କିନ୍ତୁ ଏ କ'ଣ ! ଆମ ପାଇଁ ପେନସନ୍ ନାହିଁ ବୋଲି ଶୁଣିବା ପରେ ପାଦତଳର ମାଟିଟା ବି ନାହିଁ ବୋଲି ଅନୁଭବ କଲି। ୩୨ ବର୍ଷ ପରେ ଯେଉଁଦିନ ଅବସର ନେଲି, ସେଦିନ ଗୋଟିଏ ଅନାବଶ୍ୟକ ସମ୍ବର୍ଦ୍ଧନା ପତ୍ର, ପୁଷ୍ପଗୁଚ୍ଛ ନେଇ ଫେରୁଥିବା ବେଳେ ଚତୁର୍ଦ୍ଦିଗ ଅନ୍ଧକାର ଦେଖାଯାଉଥିଲା। ଦୁଇମାସ ତଳେ ସ୍ୱାମୀ ହାର୍ଟ ଆଟାକ୍‌ରେ ଆରପାରିକୁ ଚାଲି ଯାଇଥିଲେ। ଏକମାତ୍ର ପୁଅକୁ ଠିକ୍ ସମୟରେ ପଢ଼ାଖର୍ଚ୍ଚ ଯୋଗାଇ ପାରିଲିନି ବୋଲି ଅଭିମାନରେ ଆଇ.ଟି.ଆଇ. ପଢ଼ି ସୁରତରେ। ଯାହା ପାଏ ତା' ପରିବାର ପାଇଁ ନିଅଣ୍ଟ। ଏବେ ମୁଁ ସମ୍ପୂର୍ଣ୍ଣ ଅସହାୟା।

ଭଦ୍ରମହିଳା ଜଣକ ସମବେଦନା ପାଇବା ପାଇଁ ଯେ ଏସବୁ କହୁଥିଲେ ତାହା ନୁହେଁ। ମୋ ଜାଣିବାରେ ୯୧୬ଟି ଉଚ୍ଚ ପ୍ରାଥମିକ, ୧୩୮ଟି ମଦ୍ରାସା, ୩୭ଟି ସଂସ୍କୃତ ବିଦ୍ୟାଳୟ, ୨୬୦୮ଟି ଉଚ୍ଚ ବିଦ୍ୟାଳୟ, ୬୬୨ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ୪୮୮ଟି ମହାବିଦ୍ୟାଳୟରେ କାର୍ଯ୍ୟ କରୁଥିବା ୬୦ ହଜାରରୁ ଊର୍ଦ୍ଧ୍ୱ ଶିକ୍ଷକ, ଶିକ୍ଷା କର୍ମଚାରୀ, ଅଧ୍ୟାପକ ତଥା ଅଣଅଧ୍ୟାପକ କର୍ମଚାରୀଙ୍କର ଜୀବନ କାହାଣୀ ଠିକ୍ ଏମିତି ଅକଥନୀୟ ଦୁର୍ଦ୍ଦଶାରେ ଭରପୂର। ଉଚ୍ଚ ନ୍ୟାୟାଳୟ ଏମାନଙ୍କ ସପକ୍ଷରେ ରାୟ ଶୁଣାଇ ସାରିଥିଲେ ମଧ୍ୟ ସରକାର ନୀରବ। ଏମାନେ ପୁରୁଣା ପେନସନ୍ କିମ୍ବା ନୂତନ ପେନସନ୍ ଯୋଜନା କେଉଁଥିରେ ଅନ୍ତର୍ଭୁକ୍ତ ନୁହନ୍ତି। ଅବସର ପରେ ପେଟ, ପିଠି, ପକେଟ୍ ସବୁ ଖାଲି। ଏମାନଙ୍କୁ ରାଶନ୍ କାର୍ଡ଼ ମିଳିନାହିଁ। କୌଣସି ସ୍ୱାସ୍ଥ୍ୟକାର୍ଡ଼ ପରିସରଭୁକ୍ତ ଏମାନେ ନୁହନ୍ତି। ବାର୍ଦ୍ଧକ୍ୟ ଭତ୍ତା ମନା। କାରଣ ଏମାନେ ଚାକିରି କରୁଥିଲେ। ଅଜାଣତରେ ପାଟିରୁ ବାହାରି ଆସିଲା, ହାୟରେ ବ୍ୟବସ୍ଥା ! ବାକି ରହିଲା ଦେଖିବାକୁ, ନୂଆ ସରକାର ଏ ବାବଦରେ କ'ଣ ପଦକ୍ଷେପ ନେଉଛନ୍ତି?

**ସଭାପତି, ଓଷ୍ଟା**
**ମୋ : ୯୯୩୮୭୬୩୨୩୭**

# ଅବସର ପୂର୍ବ ଓ ପରର ପ୍ରସ୍ତୁତି



ଡ. ମନୋରଞ୍ଜନ ପ୍ରଧାନ

ଜନ୍ମ ଓ ମୃତ୍ୟୁ ଯେଭଳି ଅକାଟ୍ୟ ସତ୍ୟ, ସେଭଳି ଚାକିରିର ନିର୍ଦ୍ଧାରିତ ଅବଧି ପରେ ଅବସର ନେବା ବା ସେବା ନିବୃତ୍ତ ହେବା ନିଶ୍ଚିତ। ତେଣୁ ଚାକିରି ସରିବା ବେଳେ ଅଧୀର ଓ ଅଧୈର୍ଯ୍ୟ ହେବା ଅନୁଚିତ। ଏହା ସତ୍ୟ ଯେ ଚାକିରି ସମୟ ଓ ପରର ଅବସ୍ଥା ଭିତରେ ଅନେକ ଭିନ୍ନତା ରହିଛି। ଚାକିରି ସମୟରେ ଗୋଟିଏ ପ୍ରକାର ବ୍ୟବସ୍ଥିତ ଜୀବନ ଜିଇବାକୁ ପଡ଼େ। ଠିକ୍ ସମୟରେ କାର୍ଯ୍ୟାଳୟରେ ପହଞ୍ଚିବା, ଦିନତମାମ ନିଜ ସରକାରୀ ବା ବେସରକାରୀ କାମରେ ବ୍ୟସ୍ତ ରହିବା ଓ ସମ୍ପୂର୍ଣ୍ଣ ବ୍ୟସ୍ତବହୁଳ ଜୀବନ ବିତେଇବା ଇତ୍ୟାଦି। ସେତେବେଳେ ବନ୍ଧୁ ଅନେକ, କିନ୍ତୁ ସମୟ ଅଭାବରୁ ସମ୍ପର୍କ କମ୍, ମାନେ ସମ୍ପଦ ଅନେକ ହେଲେ ସମ୍ପର୍କ ନଗଣ୍ୟ।

ବହୁ ସମୟରେ ଦେଖାଯାଏ କି ଅନେକ ଲୋକ ସେବା ନିବୃତ୍ତ ପରେ ଅତ୍ୟନ୍ତ ନିରାଶ, ବିବସ ଓ ହତୋତ୍ସାହ ହୋଇପଡ଼ନ୍ତି। ଏପରିକି ସେମାନଙ୍କର ମାନସିକ ସନ୍ତୁଳନ ବିଗିଡ଼ିଯାଏ ଏବଂ ଶୀଘ୍ର ଦେହତ୍ୟାଗ କରିବାର ଅନେକ ଦୃଷ୍ଟାନ୍ତ ଦେଖିବାକୁ ମିଳେ। ଏଭଳି ବିବସତାର କାରଣ ଅନେକ। ପ୍ରଥମତଃ ଦୈନନ୍ଦିନ କାର୍ଯ୍ୟରୁ ହଠାତ ଛୁଟି ହୋଇଯାଏ। ପୂର୍ବ ପ୍ରସ୍ତୁତି ଓ ଯୋଜନା ନ ଥିବାରୁ ସମୟ କିପରି କଟିବ ଭାବି ଭାବି ମାନସିକ ଦୁଶ୍ଚିନ୍ତାର ଶିକାର ହୁଅନ୍ତି। ଦ୍ୱିତୀୟରେ ପାରିଶ୍ରମିକ ଭାବରେ ପାଉଥିବା ମାସିକ ପାଉଣା ହଠାତ୍ ଅଧା ହୋଇଯାଏ ବା ପୂରା ଶୂନ୍ୟ ହୋଇଯାଏ। ବେଳେବେଳେ କାଗଜପତ୍ର ଠିକ୍‌ଠାକ୍ ନଥିବା ହେତୁ ଅବସର ଅନେକ ମାସ ବା ବର୍ଷ ପରେ ମଧ୍ୟ ପେନ୍‌ସନ ପାଇବାରେ ଜଟିଳତା ଦେଖାଦିଏ। ତୃତୀୟରେ ପଦବୀରେ ଥିବାବେଳେ ଯେଉଁ ସାମାଜିକ ପ୍ରତିଷ୍ଠା ଓ ପ୍ରତିପତ୍ତି ଥାଏ ତାହା କମିଯାଏ। ବିଶେଷକରି ନିଜ ଚାକିରି ଜୀବନରେ ଯଦି ପଦ ପଦବୀ ବା ଚୌକି ମାୟାରେ ଅନ୍ଧ ହୋଇ ଲୋକମାନଙ୍କୁ ହଇରାଣ ହରକତ କରିଥିବେ, ସାମାଜିକ ସମ୍ପର୍କ ରଖି ନ ଥିବେ, ତେବେ କଥା ସରିଲା। ଅବସର ପରେ କେହି ମୁହଁ ବି ଚାହିଁବେ ନାହିଁ। ଚତୁର୍ଥରେ ଯଦି ଚାକିରି ସମୟରେ ଦରମା ଛଡ଼ା ହାତଗୁଞ୍ଜା ନେବାର ଅଭ୍ୟାସ ଥାଏ, ତାହାହେଲେ ଅବସର ପରେ ଉପୁରିକୁ ଭାବିଭାବି ରକ୍ତଚାପ ବଢ଼ିବା ସମ୍ଭାବନା ବେଶି। ପଞ୍ଚମରେ ଚାକିରି କାଳରେ ଦିନ ରାତି ଫାଇଲ ଚାଷ କରି କରି ସିଂହ ଭାଗ ସମୟ ବିତିଯାଏ। ଫଳତଃ ନା ପରିବାରକୁ ସମୟ ଦେଇପାରେ ନା ପଡ଼ୋଶୀ ବା ଅନ୍ୟମାନଙ୍କୁ। ତେଣୁ ଅବସର ପରେ ସମୟ ଅତିବାହିତ କରିବା ପାଇଁ ସାଙ୍ଗସାଥୀର ଅଭାବ ଦେଖାଯାଏ। ଫଳତଃ ସମୟ ବିତେଇବା କଷ୍ଟକର ହୋଇପଡ଼େ ଓ ମାନସିକ ଅବସାଦ ବଢ଼େ। ଷଷ୍ଠରେ ଆଜିକାଲିର ପାରିବାରିକ ଜୀବନ ଅତ୍ୟନ୍ତ ଦୁର୍ବିଷହ। ଆଜିକାଲି ପୂର୍ବ ପରି ଯୌଥ ପରିବାର ବ୍ୟବସ୍ଥା ଆଉ ନାହିଁ। ସମସ୍ତେ ଆମେ ଦୁଇ ଆମର ଦୁଇ ବା ଏକ ନୀତିର ଗରାଖ। ତାହା ପୁଣି ଏକା ଏକା ରହିବାକୁ ଇଚ୍ଛା। ସମସ୍ତେ ରୋଜଗାର ପାଇଁ ବ୍ୟସ୍ତ। ମାଆବାପାମାନେ ନିଜ ପିଲାମାନେ କିପରି ଟଙ୍କା ଉତ୍ପାଦନ ଯନ୍ତ୍ର ହୋଇ କୋଟି କୋଟି ରୋଜଗାର କରିପାରିବେ, ସେଥିପାଇଁ



ପ୍ରବଳ ଇଚ୍ଛୁକ ଓ ଉତ୍ସୁକ। ତେଣୁ ପିଲାମାନେ ବଡ଼ ବଡ଼ ଅନୁଷ୍ଠାନରେ ପାଠପଢି କିଭଳି ବଡ଼ ବଡ଼ ଡିଗ୍ରୀ ହାସଲ କରି ରାଜ୍ୟ ବା ଦେଶ ବାହାରେ କାମକରି ଟଙ୍କା ଗଦାରେ ବସିବେ, ସେଥିପାଇଁ ତତ୍ପର। ତେଣୁ ବାର୍ଦ୍ଧକ୍ୟ ସମୟରେ ପିଲାମାନେ ଦେଶବିଦେଶରେ ବା ଘରଠାରୁ ଅନେକ ଦୂରରେ । ଘରେ କେବଳ ବୁଢ଼ୀବୁଢ଼ାଙ୍କ ନିଃସଙ୍ଗ ଜୀବନ। ପିଲାମାନଙ୍କ ଦୟା ହେଲେ ଫୋନ୍‌ରେ ଦେଖାଦେଖି ବା ଗପାଗପି।

ଅପରପକ୍ଷରେ ଛୋଟ ପରିବାରରେ ରହି ସୁଖ ପାଇବା ନିଶାରେ ନିଜ ଝିଅପୁଅଙ୍କୁ ଗୁରୁତ୍ୱ ଦେଇ ନିଜ ମାଆବାପାଙ୍କୁ ଅବହେଳା କରିଥିଲେ, ନିଜ ପିଲାମାନେ ମଧ୍ୟ ମାଆବାପାଙ୍କୁ ସେମାନଙ୍କ ଶେଷ କାଳରେ ଅବହେଳା କରିବା ଆରମ୍ଭ କରିଦିଅନ୍ତି। ଫଳରେ ବୃଦ୍ଧାବୃଦ୍ଧ ମନସ୍ତାପ ଭିତରେ ମାନସିକ ଓ ଆବେଗିକ ସ୍ତରରେ ଭାଙ୍ଗି ପଡ଼ନ୍ତି। ଏଭଳି ଅନେକ କାରଣ ଅବସର ପରର ଅଶାନ୍ତ, ଅସନ୍ତୋଷ ତଥା ଦୁଃଖଦ ଜୀବନର ମୁଖ୍ୟ କାରଣ ହୋଇପାରେ। ତେବେ ଅବସର ପରର ଜୀବନକୁ ବ୍ୟବସ୍ଥିତ, ଶୃଙ୍ଖଳିତ, ସଙ୍ଗଠିତ ତଥା ସୁଖକର, ଶାନ୍ତିମୟ ଓ ଫଳପ୍ରଦ କରିବା ପାଇଁ ପୂର୍ବପ୍ରସ୍ତୁତି ନିତାନ୍ତ ପ୍ରୟୋଜନ। ନିମ୍ନରେ କେତେକ ଉପାୟ ସମ୍ବନ୍ଧରେ ଆଲୋଚନା କରାଗଲା।

ପ୍ରଥମତଃ ଅବସର ନେଇଥିବା ବ୍ୟକ୍ତି ନିଜକୁ ସମାଜର ସାଧାରଣ ମଣିଷ ଭଳି ବଞ୍ଚିବା ପାଇଁ ମାନସିକ ପ୍ରସ୍ତୁତି କରିବା ଉଚିତ। ମାନେ ସେବା ନିବୃତ୍ତ ହେବା ପରେ ମଧ୍ୟ ଅନେକ ଲୋକ ନିଜକୁ ଅଫିସର୍, କର୍ମଚାରୀ ବା ଚାକିରିରେ ଥିଲାବେଳେ ଯେଉଁ ଥାଟ ଥିଲା ସେମିତି ଭାବେ ନିଜକୁ ଗ୍ରହଣ କରିଥାନ୍ତି । କିନ୍ତୁ ଲୋକେ ତାଙ୍କୁ ସେଭଳି ଗ୍ରହଣ କରନ୍ତି ନାହିଁ କି ସମ୍ମାନ ଦିଅନ୍ତି ନାହିଁ। ଫଳରେ ଦୁଃଖୀ ହୁଅନ୍ତି। ଅଭିମାନ ଅବା କ୍ରୋଧ ପ୍ରକାଶ କରନ୍ତି, ଯାହାର କୌଣସି ମୂଲ୍ୟ ହିଁ ନ ଥାଏ। ତେଣୁ ଅବସର ପରେ ବ୍ୟକ୍ତି ଚାକିରିର ପୂର୍ବ ଅବସ୍ଥାକୁ ଆସିଯିବା ଉଚିତ। ବିଶେଷକରି ନିଜ କଲୋନୀ ବା ସାହି ବା ସମାଜରେ ସମସ୍ତଙ୍କ ସହ ମିଳିମିଶି ଚଳିବାକୁ ମାନସିକ ପ୍ରସ୍ତୁତି କରିପାରିଲେ ଆନନ୍ଦ ମିଳିପାରିବ। ଦ୍ୱିତୀୟରେ ଅବସର ପରେ ସମୟ କିପରି ଅତିବାହିତ କରିବେ ସେଥିପାଇଁ କର୍ମନିଯୁକ୍ତି ସମୟରେ ହିଁ ଯୋଜନା ବା ପୂର୍ବପ୍ରସ୍ତୁତି କରିବା ଦରକାର। ତୃତୀୟରେ ଫଳପ୍ରଦ ଅବସର ଜୀବନ ପାଇଁ କୌଣସି ଆଧ୍ୟାତ୍ମିକ ସଙ୍ଗଠନ ବା ସାମାଜିକ ସେବା ପ୍ରଦାନକାରୀ ଅନୁଷ୍ଠାନ(ଗୁଡ଼ିକ)ରେ ନିଜକୁ ନିୟୋଜିତ କରିବା ପାଇଁ ମାନସିକ ପ୍ରସ୍ତୁତି ଜରୁରୀ। ଚତୁର୍ଥରେ ସମାଜର ଅବହେଳିତ ଲୋକଙ୍କ ସେବା ପାଇଁ ନିଜକୁ ସଜାଗ କରାଇପାରିଲେ ନିଜର ସମୟ ସଫଳ ଭାବେ ଉପଯୋଗ ହେବ। ଷଷ୍ଠରେ ଅବସର ପରେ ପୁସ୍ତକ ପଠନ ଓ ଲିଖନରେ ନିଜକୁ ନିୟୋଜିତ କରାଯାଇପାରେ। କାରଣ ପୁସ୍ତକ ଭଳି ନିର୍ଭରଶୀଳ ଉପକାରୀ ବନ୍ଧୁ ଏ ଦୁନିଆରେ କେହି ନୁହେଁ। ପୁସ୍ତକ କେବଳ ଜ୍ଞାନ ସଞ୍ଚାରର ଏକ ବିସ୍ତୀର୍ଣ୍ଣ ମାର୍ଗ ନୁହେଁ ବରଂ ଏହା ପ୍ରତିକୂଳ ପରିସ୍ଥିତିକୁ ମୁକାବିଲା କରିବାର ଉପାୟ, ମନସ୍ତାପ ବେଳର ହସ ସଞ୍ଜିବନୀ, ଦୁଃଖଦ ଅବସ୍ଥାର ସମବେଦନା ଓ ସବୁ ସମସ୍ୟାର ସମାଧାନ ମନ୍ତ୍ର। ତେଣୁ ସେବା ନିବୃତ୍ତ ସମୟ ସୁଖମୟ ସହ ବ୍ୟବସ୍ଥିତ ଜୀବନ ଜିଇବାକୁ ହେଲେ ଅବସର ପୂର୍ବ ଓ ପରର ଯୋଜନାବଦ୍ଧ ପ୍ରସ୍ତୁତି ପ୍ରଣିଧାନଯୋଗ୍ୟ।

**ସହକାରୀ ପ୍ରଫେସର, ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ, ଜୟପୁର, କୋରାପୁଟ**
**ମୋ:୯୪୩୭୯୧୪୮୧୮**

## ଏଇ ଭାରତରେ

ହାଇଦ୍ରାବାଦର ମହମ୍ମଦ ଆଖାର ମୋହିମୁଦ୍ଦିନଙ୍କ କାର୍ଯ୍ୟ ତାଙ୍କ ପାଇଁ ଏକ ଭିନ୍ନ ପରିଚୟ ସୃଷ୍ଟି କରିଛି। ସେ 'ବାୟୋ ରିଫର୍ମ' ଷ୍ଟାଟଅପ୍ ଗଠନ କରି ତା'ମାଧ୍ୟମରେ ମକା ବର୍ଜ୍ୟରୁ ବିଘଟନଯୋଗ୍ୟ ବ୍ୟାଗ ତିଆରି କରୁଛନ୍ତି। ମୁଖ୍ୟତଃ କ୍ୟାରି ବ୍ୟାଗ, ବାୟୋମେଡିକାଲ ୱେଷ୍ଟ ବ୍ୟାଗ, ଗାର୍ବେଜ ବ୍ୟାଗ, ଫୁଡ୍ ପାଉଚ ଇତ୍ୟାଦି ତିଆରି ହେଉଛି। ଏହି ସବୁ ବ୍ୟାଗ ମାଟିରେ ୧୮୦ ଦିନରେ ମିଶିଯାଉଛି ଏବଂ ପ୍ଲାଷ୍ଟିକ ବ୍ୟାଗ ବ୍ୟବହାର କମାଇ ପ୍ରଦୂଷଣ ଦୂର କରୁଛି ବୋଲି କୁହନ୍ତି ମୋହିମୁଦ୍ଦିନ। ଏଭଳି ବ୍ୟାଗ ତିଆରି କରିବାରେ ସେ ମକା ବର୍ଜ୍ୟ ସହ ସୁଗାର, ସେଲୁଲୋଜ ଓ ଅନ୍ୟାନ୍ୟ ପ୍ରାକୃତିକ ଉପାଦାନ ବ୍ୟବହାର କରୁଛନ୍ତି। ଗତବର୍ଷ ଏହି ବ୍ୟାଗରୁ ସେ ୧.୮ କୋଟି ଟଙ୍କା ଆୟ କରିଥିଲେ। ଏବେ ଦିନକୁ ୪-୫ ଲକ୍ଷ ବ୍ୟାଗ ତିଆରି ହେଉଛି। ୨୦୨୨ରେ ମାତ୍ର ୨୨ ବର୍ଷ ବୟସରେ ମୋହିମୁଦ୍ଦିନ ବାୟୋ ରିଫର୍ମ ପ୍ରତିଷ୍ଠା କରିଥିଲେ। ସେତେବେଳେ ସେ ଇଞ୍ଜିନିୟରିଂର ତୃତୀୟ ବର୍ଷ ଛାତ୍ର ଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

**୧୦ ଅଗଷ୍ଟ ୧୯୭୫**

- ରାଜ୍ୟ ସାଂସ୍କୃତିକ ବ୍ୟାପାର ବିଭାଗ ଚିଲିକା ହ୍ରଦ ନିକଟରେ ୬ଷ୍ଠ ଶତାବ୍ଦୀରେ ନିର୍ମିତ ୧୨ ମିଟର ଉଚ୍ଚତା ବିଶିଷ୍ଟ ପ୍ରାଚୀନ 'ସ୍ୱର୍ଣ୍ଣ ଜଳେଶ୍ୱର' ମନ୍ଦିରର ପୁନରୁଦ୍ଧାର କରିଛନ୍ତି।
- ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ଲୋକସଭା ବାଚସ୍ପତିଙ୍କ ନିର୍ବାଚନ ବିରୁଦ୍ଧରେ କୌଣସି କୋର୍ଟ କଚେରିରେ ଆବେଦନ କରାଯାଇ ପାରିବ ନାହିଁ ବୋଲି ପାର୍ଲାମେଣ୍ଟର ଉଭୟ ଗୃହରେ ସଂଶୋଧନ କରାଯାଇଥିବା ସମ୍ବିଧାନ ସଂଶୋଧନ ବିଲ୍ ରାଜ୍ୟ ବିଧାନ ସଭାରେ ଅନୁମୋଦିତ।
- ଶ୍ରୀଲଙ୍କାରେ ଏକ ସାର କାରଖାନା ସ୍ଥାପନ କରାଯିବା ନିମନ୍ତେ ଭାରତ ୧୦ କୋଟି ଟଙ୍କା ଋଣ ଯୋଗାଇଦେବା ସଂକ୍ରାନ୍ତରେ ଏକ ରାଜିନାମା ସ୍ୱାକ୍ଷରିତ।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 9 | | | 7 | | 5 | 2 | |
| | | | 1 | | | | 9 | 4 |
| 6 | | 1 | | | | | 8 | |
| | 2 | | | | | | | 5 |
| 3 | | | | | 8 | | | |
| 9 | | | | 6 | | 4 | | |
| | | | | | | 2 | | |
| | 7 | | 2 | 1 | | | 4 | |
| 5 | | | 3 | | 7 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 9 | 8 | 5 | 7 | 3 | 1 | 2 | 6 |
| 3 | 2 | 6 | 9 | 1 | 4 | 7 | 5 | 8 |
| 1 | 7 | 5 | 2 | 8 | 6 | 9 | 4 | 3 |
| 9 | 8 | 4 | 1 | 3 | 5 | 2 | 6 | 7 |
| 2 | 3 | 1 | 6 | 9 | 7 | 5 | 8 | 4 |
| 6 | 5 | 7 | 4 | 2 | 8 | 3 | 9 | 1 |
| 8 | 4 | 9 | 7 | 5 | 1 | 6 | 3 | 2 |
| 5 | 1 | 3 | 8 | 6 | 2 | 4 | 7 | 9 |
| 7 | 6 | 2 | 3 | 4 | 9 | 8 | 1 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସ୍ୱାସ୍ଥ୍ୟକାର୍ଡ ପ୍ରତିଶ୍ରୁତି ପୂରଣ କରାଯାଉ

ମହାଶୟ,

ନିର୍ବାଚନ ପୂର୍ବରୁ ବିଜେଡି ସରକାର ନିଷ୍ପତ୍ତି ନେଇଥିଲେ ଯେ, ସରକାରକୁ ଆସିଲେ ବିଜୁ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନାରେ ସହରରେ ରହୁଥିବା ସମସ୍ତ ଗରିବ, ଧନୀ, ସରକାରୀ ଚାକିରିଆ, ଅବସରପ୍ରାପ୍ତ ନିଗମ ଓ ସରକାରୀ କର୍ମଚାରୀଙ୍କ ପାଇଁ ଉପରୋକ୍ତ ଯୋଜନା ଲାଗୁ ହେବ। ଏହାକୁ ଲକ୍ଷ୍ୟରଖି ଭାଜପା ସରକାର ମଧ୍ୟ ନିଷ୍ପତ୍ତି ନେଇଥିଲେ ଯେ, ସରକାରକୁ ଆସିଲେ ଉପରୋକ୍ତ ଯୋଜନା ସହରରେ ରହୁଥିବା ସମସ୍ତଙ୍କୁ ଉଭୟ ବିଜୁ ଓ ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟ ଯୋଜନାରେ ସାମିଲ କରିବୁ। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଯେ, ଭାଜପା ସରକାର ଆସିବାର ୨ ମାସ ବିତି ଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଏ ସମ୍ବନ୍ଧରେ ଆଲୋଚନା ମଧ୍ୟ ହେଉନାହିଁ। ଭାଜପାକୁ ସମସ୍ତ ଗ୍ରାମ ଓ ସହରବାସୀ ଭୋଟ୍ ଦେଇ ସରକାରରେ ବସାଇଲେ। ଏଣୁ ଯଥାଶୀଘ୍ର ଦେଇଥିବା ପ୍ରତିଶ୍ରୁତି ପୂରଣ କରିବାକୁ ସରକାରଙ୍କୁ ଅନୁରୋଧ ।

**-ସଂଗ୍ରାମ ପଟ୍ଟନାୟକ, ଅବସରପ୍ରାପ୍ତ ଅଧିକାରୀ**

## ଚିରନ୍ତନୀ

ଆଜି ପୁଣି ଧୀରେ ଧୀରେ ଉଭା ହେଲା ତେସନେ
ଶୁଭ୍ର ଶୋଭାର ଢେଉ ବୁଣି ଦେଇ ବସନେ
ମୃଦୁ ମଧୁ ହାସ ଲେଖି ସଜ ଓଠ ତଟରେ
କସିଦେଇ ଏ ପରାଣ ଅକାରଣ କଷଣେ !
-(ପଥର ପ୍ରେମିକ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ରାଜ୍ୟ ସଭାରେ ଧନ୍‌କର-ଜୟା ବଚ୍ଚନ ମୁହାଁମୁହିଁ



ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀପ୍ ଧନ୍‌କର



ରାଜ୍ୟ ସଭାରୁ କକ୍ଷତ୍ୟାଗ କରିବା ପରେ ଗଣମାଧ୍ୟମ ଆଗରେ ବକ୍ତବ୍ୟ ରଖୁଛନ୍ତି ସମାଜବାଦୀ ପାର୍ଟି ସଦସ୍ୟା ଜୟା ବଚ୍ଚନ। ନିକଟରେ ଅଛନ୍ତି କଂଗ୍ରେସ ସଂସଦୀୟ ଦଳ ନେତ୍ରୀ ସୋନିଆ ଗାନ୍ଧୀ।

ନୂଆଦିଲ୍ଲୀ,୯।୮

ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀପ୍ ଧନ୍‌କର ଏବଂ ଅଭିନେତ୍ରୀରୁ ସମାଜବାଦୀ ପାର୍ଟି ଏମ୍‌ପି ହୋଇଥିବା ଜୟା ବଚ୍ଚନଙ୍କ ମଧ୍ୟରେ ଶୁକ୍ରବାର ଅପରାହ୍ଣରେ ଜୋର୍‌ଦାର କଥା କଟାକଟି ହୋଇଥିଲା। ଗୃହର ସଦସ୍ୟମାନଙ୍କ ପ୍ରତି ଧନ୍‌କରଙ୍କ ଭାଷା ଗ୍ରହଣୀୟ ନୁହେଁ ବୋଲି ଜୟା ଅଭିଯୋଗ କରିଥିଲେ। ଏଥିରେ ରାଗିଯାଇ ଧନ୍‌କର ଏସ୍‌ପି ସଦସ୍ୟଙ୍କୁ ଆଉ କହିବା ପାଇଁ ସୁଯୋଗ ଦେଇ ନ ଥିଲେ। ଜୟା ବଚ୍ଚନ ସେଲିବ୍ରିଟି ହୋଇପାରନ୍ତି, କିନ୍ତୁ ତାଙ୍କୁ ଗୃହର ମର୍ଯ୍ୟାଦା ହୃଦୟଙ୍ଗମ କରିବାକୁ ହେବ ବୋଲି ଧନ୍‌କର କହିଥିଲେ। ଜୟାଙ୍କୁ ସମର୍ଥନ ଜଣାଇ କଂଗ୍ରେସ ନେତ୍ରୀ

## ବିରୋଧୀଙ୍କ କକ୍ଷତ୍ୟାଗ

ସୋନିଆ ଗାନ୍ଧୀଙ୍କ ନେତୃତ୍ୱରେ ବିରୋଧୀ ସଦସ୍ୟମାନେ କକ୍ଷତ୍ୟାଗ କରିଥିଲେ।

ବିରୋଧୀ ଏମ୍‌ପିମାନଙ୍କ ପ୍ରତି କରାଯାଉଥିବା ବ୍ୟବହାରକୁ ଜୟା ସମାଲୋଚନା କରିଥିଲେ। ଅଧ୍ୟକ୍ଷ ଭାବେ ତାଙ୍କର ସବୁ କଥାକୁ ଅନୁମତି ମିଳୁଛି। ସେ ଅଧ୍ୟକ୍ଷ ଆସନରେ ବସି ଯାହା କହୁଛନ୍ତି, ତାହାକୁ ମୁଁ ସମାଲୋଚନା କରୁଛି। ଆମେ ସ୍କୁଲ ପିଲା ନୋହୁଁ, ଆମ ଭିତରେ ଅନେକେ ବରିଷ୍ଠ ନାଗରିକ ରହିଛନ୍ତି। ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ କହିବା ପାଇଁ ଛିଡ଼ାହେବା ବେଳେ ତାଙ୍କ ମାଇକ ବନ୍ଦ କରିଦିଆଯାଉଥିବା ଜୟା କହିଥିଲେ। ଏହାର ଜବାବରେ ଧନ୍‌କର କହିଥିଲେ, ମୁଁ ପାଠ ପଢ଼ାଇବାକୁ ଚାହୁଁନାହିଁ, ଗୃହର ମର୍ଯ୍ୟାଦା ବୁଝିବାକୁ କହୁଛି। ଏହା ଏକ ଅପମାନଜନକ ଅନୁଭବ ବୋଲି କକ୍ଷତ୍ୟାଗ ପରେ ଜୟା ଗଣମାଧ୍ୟମକୁ କହିଛନ୍ତି।

# ଜନଜାତିଙ୍କ ବିକାଶ ଲାଗି ବିଜେଡି ସମର୍ପିତ: ନବୀନ

ଭୁବନେଶ୍ୱର୯।୮ (ଅନିଲ ଦାସ)



ଶଙ୍ଖ ଭବନରେ ଶୁକ୍ରବାର ବିଜେଡି ପକ୍ଷରୁ ଆୟୋଜିତ ବିଶ୍ୱ ଆଦିବାସୀ ଦିବସରେ ସଭାପତି ନବୀନ ପଟ୍ଟନାୟକ।

ବିଜେଡି ପକ୍ଷରୁ ଶଙ୍ଖ ଭବନରେ ଶୁକ୍ରବାର ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେଡି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି, ଜନଜାତି ସମ୍ପ୍ରଦାୟର ବିକାଶ ବିନା ଓଡ଼ିଶାର ବିକାଶ ସମ୍ଭବ ନୁହେଁ । ରାଜ୍ୟର ସମୁଦାୟ ଜନସଂଖ୍ୟାର ପ୍ରାୟ ଏକ ଚତୁର୍ଥାଂଶ ଆଦିବାସୀ ସମ୍ପ୍ରଦାୟ। ସେମାନଙ୍କ କଲ୍ୟାଣ ଏବଂ ସଂସ୍କୃତିର ସୁରକ୍ଷା ପାଇଁ ବିଜେଡି ସରକାର ଅନେକ ପଦକ୍ଷେପ ନେଇଥିଲା। କୋରାପୁଟରେ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ, କଳାହାଣ୍ଡିରେ ଶହୀଦ ରେଣ୍ଡୋ ମାଝି ମେଡିକାଲ କଲେଜ, ବାରିପଦାରେ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏବଂ ରାଉରକେଲାରେ ଭଗବାନ ବିର୍ସା ମୁଣ୍ଡା ହକି ଷ୍ଟାଡିୟମ ବିଜେଡି ସରକାର କରିଛି । ସେମାନଙ୍କ ସଂସ୍କୃତିର ସୁରକ୍ଷା ପାଇଁ ବିଜେଡି ସରକାର ସ୍ପେସିଆଲ ଡେଭେଲପମେଣ୍ଟ କାଉନ୍‌ସିଲ ଗଠନ କରିଥିଲା । ଏହା ଥିଲା ସାରା ଦେଶରେ ଏକ ନୂଆ ପଦକ୍ଷେପ । ଜଙ୍ଗଲ ଜମି ଅଧିକାର ହେଉ ବା ଶିକ୍ଷାର ପ୍ରସାର ବା ଜୀବିକାର ସୁରକ୍ଷା ବା ସାନ୍ତାଳି ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବା ଏସବୁ କାମ ବିଜେଡି ସରକାର ସମୟରେ ହିଁ ହୋଇଛି । ବିଜେଡି ସରକାର ୧୬୯ କମ୍ୟୁନିଟିକୁ ଜନଜାତି ସମ୍ପ୍ରଦାୟର

## ୧୬୯ ସମୁଦାୟକୁ ଜନଜାତି ତାଲିକାରେ ସାମିଲ କରିବାକୁ ଦାବି

ମାନ୍ୟତା ପ୍ରଦାନ କରିବା ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଲଗାତର ଦାବି କରି ଆସୁଛି । ସେହିପରି କିଛି ଜନଜାତି ଭାଷା ଯଥା– ହୋ, ମୁଣ୍ଡାରୀ, ଭୂମିଜ, ସଉରା ଓ କୁଇ ଇତ୍ୟାଦିକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବା ପାଇଁ ବିଜେଡି ଦାବି କରିଆସୁଛି। ଉଭୟ ଦାବିକୁ କେନ୍ଦ୍ର ସରକାର ତୁରନ୍ତ ମାନିନେବା ଉଚିତ ବୋଲି ନବୀନ କହିଛନ୍ତି। ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି ଏହି କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇଥିବା ବେଳେ କୋରାପୁଟର ବିଜେଡି ସାଂସଦ ପ୍ରାର୍ଥୀ କୌଶଲ୍ୟା ହିକ୍କା, ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର ଓ ଅଶୋକ ପଣ୍ଡା ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ବିଜୁ ଜନତା ଦଳର ମିଡିଆ ସଂଯୋଜକ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭରେ ଭିନ୍ନ ଭିନ୍ନ ଗ୍ରୁପ ଆଦିବାସୀ ନୃତ୍ୟର ତାଳେ ତାଳେ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ଜନଜାତି ସମ୍ପ୍ରଦାୟର ଲୋକମାନେ ଏହିକାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି ବିଶ୍ୱ ଆଦିବାସୀ ଦିବସରେ ବିଜେଡିର ବହୁ ନେତା ଓ କର୍ମୀ ଯୋଗଦେଇଥିଲେ।

# ‘ଧନ୍ୟବାଦ ମୁଖ୍ୟମନ୍ତ୍ରୀ ମୋହନ ମାଝୀ’ କାର୍ଯ୍ୟକ୍ରମ କରିବ କୃଷକ ମୋର୍ଚ୍ଚା:ମହେଶ୍ୱର



ଭାଜପା କୃଷକ ମୋର୍ଚ୍ଚାର ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଉପସ୍ଥିତ ନେତୃବୃନ୍ଦ।

ଭୁବନେଶ୍ୱର, ୯।୮ (ସୁନିତ୍ ମିଶ୍ର)

ଭାଜପା କୃଷକ ମୋର୍ଚ୍ଚାର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ମାଷ୍ଟରକ୍ୟାଣ୍ଟିନ ସ୍ଥିତ ବୁଲନଭାଇ ସେବାସଦନଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ କହିଛନ୍ତି, କେନ୍ଦ୍ର ଓ ରାଜ୍ୟ ସରକାର ଚାଷୀଙ୍କ ଆୟକୁ ଦ୍ୱିଗୁଣିତ କରିବା ପାଇଁ ଅନେକ ଯୋଜନା କରିଛନ୍ତି। ଏସବୁ କୃଷକ କଲ୍ୟାଣକାରୀ ଯୋଜନାରେ ଚାଷୀର ଅର୍ଥନୈତିକ ଅଭିବୃଦ୍ଧି ଘଟିବା ସହ କୃଷି ଉତ୍ପାଦିତ ଦ୍ରବ୍ୟରେ ଓଡ଼ିଶା ଆତ୍ମନିର୍ଭରଶୀଳ ହୋଇପାରିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସରକାର ଧାନର କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ବୃଦ୍ଧି କରିବା ସହ ରାଜ୍ୟର ସମସ୍ତ ୫୮ଟି ସବ୍‌ଡିଭିଜନରେ ଶୀତଳଭଣ୍ଡାର ପ୍ରତିଷ୍ଠା, ପ୍ରତି ବ୍ଲକ୍‌ରେ ପରିବା ମଣ୍ଡି ଖୋଲିବା ନିଷ୍ପତ୍ତି, ପିଏମ୍ କିଷାନରେ ୬ ଲକ୍ଷ ଚାଷୀଙ୍କୁ ସାମିଲକରି ସହରାଞ୍ଚଳ ଚାଷୀଙ୍କୁ ଏଥିରେ ଅନ୍ତର୍ଭୁକ୍ତ କରିବା ଓ ସମସ୍ତ ଚାଷଜମିକୁ ଉଠା ଜଳସେଚନ କରିବା ନିଷ୍ପତ୍ତି ନେଇଛନ୍ତି। ବିଜେଡି ସରକାର ଓଡ଼ିଶାର ୩୫% ଚାଷଜମିକୁ ଜଳସେଚିତ କରିବା ପାଇଁ ନିର୍ବାଚନ ଇସ୍ତାହାରରେ ଘୋଷଣା କରିଥିଲେ। କିନ୍ତୁ ୨୪ ବର୍ଷ ବିତିଗଲା ପରେ ମଧ୍ୟ ୧% ଜମିକୁ ଜଳସେଚିତ କରିପାରିଲେ ନାହିଁ। ମୋହନ ମାଝୀଙ୍କ ନେତୃତ୍ୱରେ ଭାଜପା ସରକାର ଗଠନ ହେବା ପରେ ରାଜ୍ୟର ସମସ୍ତ ଜମିକୁ ଜଳସେଚିତ କରିବା ପାଇଁ ବଜେଟରେ ବ୍ୟବସ୍ଥା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି କୃଷକ କଲ୍ୟାଣକାରୀ ଯୋଜନାକୁ ନେଇ ଭାଜପା କୃଷକ ମୋର୍ଚ୍ଚା ଆଗାମୀ ଦିନରେ ରାଜ୍ୟର ସମସ୍ତ ଗ୍ରାମରେ କୃଷକ ସମାବେଶକରି ଚାଷୀମାନଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବ। ଏହାସହ ‘ଧନ୍ୟବାଦ ମୁଖ୍ୟମନ୍ତ୍ରୀ ମୋହନ ମାଝୀ’ କାର୍ଯ୍ୟକ୍ରମ କରାଯିବ ବୋଲି ସେ କହିଛନ୍ତି। ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୃଷକ କଲ୍ୟାଣକାରୀ ଯୋଜନାକୁ ଚାଷୀମାନଙ୍କ ପାଖରେ ପହଞ୍ଚାଇବା ପାଇଁ କୃଷକ ମୋର୍ଚ୍ଚାର କାର୍ଯ୍ୟକର୍ତ୍ତାମାନଙ୍କୁ ପରାମର୍ଶ ଦେଇଛନ୍ତି। ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର କହିଛନ୍ତି, କାଲି ପର୍ଯ୍ୟନ୍ତ ବିରୋଧୀ ଦଳ ଆସନରେ ବସିଥିଲୁ। କୃଷକଙ୍କ ସମସ୍ୟାର ସମାଧାନ ପାଇଁ ଧାନମଣ୍ଡିରେ ଆନ୍ଦୋଳନ କରୁଥିଲୁ। ବର୍ତ୍ତମାନ ଏଥିରେ ପରିବର୍ତ୍ତନ ଘଟିଛି। କୃଷକ ବିରୋଧୀ ସରକାରର ପତନ ଘଟି ଭାଜପା ସରକାରକୁ ଆସିଛି। ୨୦୧୩ରେ ବିଜେଡି ସରକାର ସମୟରେ ଧାନର ସହାୟକ ମୂଲ୍ୟ ୧୨୮୦ ଟଙ୍କା ଥିଲା। ସେ ସମୟରେ ମଣ୍ଡିଗୁଡ଼ିକରୁ ଧାନ କୁଇଣ୍ଟାଲ ପ୍ରତି ୫ରୁ ୧୦ କେ.ଜି. କଟ୍‌ନି ଛଟ୍‌ନି କରାଯାଉଥିଲା। ବର୍ତ୍ତମାନ ମୋହନ ମାଝୀ ସରକାର ଏହାର ସମାଧାନ କରିଛନ୍ତି। ରାଜ୍ୟ ଦେଉଥିବା ସୁବିଧା ସୁଯୋଗର ଚାଷୀ କିପରି ଲାଭ ଉଠାଇପାରିବେ ସେଥିପ୍ରତି ଯତ୍ନବାନ୍ ହେବାକୁ କୃଷକ ମୋର୍ଚ୍ଚାର କାର୍ଯ୍ୟକର୍ତ୍ତାମାନଙ୍କୁ ସେ ପରାମର୍ଶ ଦେଇଛନ୍ତି।

# ଚୁପ୍ ହୋଇ ବସିବୁ ନାହିଁ, ବୃହତ୍ତର ଆନ୍ଦୋଳନ କରିବୁ: ଗୌତମ ବୁଦ୍ଧ

ଭୋଗରାଇ, ୯।୮ ( ପ୍ରଦୀପ ଦାସ )

ବାଲେଶ୍ୱର ଜିଲା ଭୋଗରାଇ ନିର୍ବାଚନମଣ୍ଡଳୀର ବିକାଶ ଲାଗି ବିଜେଡି ସବୁବେଳେ ତତ୍ପର ଥିଲା ଏବେ ବି ସଂଗ୍ରାମ ଜାରି ରଖିଛି। ଭୋଗରାଇର ଜନସାଧାରଣଙ୍କ ଅଧିକାର ଓ ବିକାଶରେ ଭାଜପା ସରକାର ପ୍ରତିବନ୍ଧକ ସାଜିଲେ ବିଜେଡି ଚୁପ୍ ହୋଇବସିବ ନାହିଁ । ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଇଥିବା ଜନହିତକର କାର୍ଯ୍ୟର ଅନୁଦାନ ଅର୍ଥ ଭାଜପା ସରକାର କାର୍ଯ୍ୟରେ ବାଧା ସୃଷ୍ଟି କଲେ ଭୋଗରାଇର ଜନସାଧାରଣ ବୃହତ୍ତର ଗଣଆନ୍ଦୋଳନ କରିବେ। ଭୂଷଣ୍ଡେଶ୍ୱର ମହାଦେବଙ୍କପୀଠରେ ଶୁକ୍ରବାର ଅନୁଷ୍ଠିତ ବିଜେଡିର ଗଣସମାବେଶ ଓ ପ୍ରତିବାଦ ସଭାରେ ସ୍ଥାନୀୟ ବିଧାୟକ ଗୌତମ ବୁଦ୍ଧ ଦାସ ଏହା କହିଛନ୍ତି।

ଭୋଗରାଇ ବିଜେଡି ଶାଖା ସଭାପତି ରମାକାନ୍ତ କରଣଙ୍କ ପୌରୋହିତ୍ୟରେ ଆୟୋଜିତ ସମାବେଶରେ ଦଳୀୟ ନେତୃବୃନ୍ଦ ଭାଜପା ସରକାରର ଅପାରଗତା ସ୍ପଷ୍ଟ ପ୍ରମାଣିତ ହେଉଥିବା ଅଭିଯୋଗ କରିଥିବା ବେଳେ ଭୋଗରାଇର ପର୍ଯ୍ୟଟନ କ୍ଷେତ୍ରରେ ରାଜ୍ୟ ସରକାର ବୈମାତୃକ ମନୋଭାବ ପୋଷଣ କରୁଥିବା ପ୍ରକାଶ କରିଥିଲେ। ପୂର୍ବ ବିଜେଡି ସରକାର ଏସିଆର ସର୍ବବୃହତ ଶିବଲିଙ୍ଗ ଭୂଷଣ୍ଡେଶ୍ୱର ମହାଦେବଙ୍କ ନୂତନ ମନ୍ଦିର ନିର୍ମାଣ ନିମନ୍ତେ ୩କୋଟି ଟଙ୍କା, କମର୍ଦ୍ଦା ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣରେ ୫୦ ଲକ୍ଷ ଟଙ୍କା, ଉଦୟପୁର ଗଙ୍ଗାମାତା ମନ୍ଦିର ନିମନ୍ତେ ୧କୋଟି ଟଙ୍କା ଆର୍ଥିକ ଅନୁଦାନ ଘୋଷଣା କରିଥିବା ବେଳେ ଏ ସମସ୍ତ ଅର୍ଥ ଭାଜପା ସରକାର ଫେରାଇ ନେବାକୁ ପ୍ରଶାସନିକ ଓ ପର୍ଯ୍ୟଟନ ବିଭାଗ ପ୍ରକାଶ କରିଥିବା ବିଜେଡି ନେତାମାନେ କହିଥିଲେ। ଏହା ବିରୋଧରେ ଜନସଚେତନତା ଓ ବ୍ୟାପକ ଗଣ ଆନ୍ଦୋଳନ କରିବାକୁ ବିଜେଡିର ସମସ୍ତ ନେତା ଓ କର୍ମୀ ଅଣ୍ଟା ଭିଡନ୍ତୁ ବୋଲି ନେତୃବୃନ୍ଦ ମତବ୍ୟକ୍ତ କରିଥିଲେ। ମୁଖ୍ୟଅତିଥି ବିଧାୟକ ଗୌତମ ବୁଦ୍ଧ ଭୋଗରାଇର ବିକାଶ କ୍ଷେତ୍ରରେ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବାକୁ ପ୍ରତିଜ୍ଞାବଦ୍ଧ ବୋଲି କହିବା ସହିତ ଭୋଗରାଇର ସ୍ୱାର୍ଥ ପାଇଁ ବିଧାନସଭା ଓ ନିଜ ଅଞ୍ଚଳରେ ଲଢେଇ ଜାରି ରହିବ ବୋଲି ପ୍ରକାଶ କରିଥିଲେ। ଏହି ସମାବେଶ ଓ ପ୍ରତିବାଦ ସଭାରେ ପୂର୍ବତନ ବିଧାୟକ ସୁଶାନ୍ତ ଚାନ୍ଦ, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ଭୋଗରାଇ ବିଜେଡି କାର୍ଯ୍ୟକାରୀ ସଭାପତି ଗଣପତି ଗିରି, ଜିଲା ବିଜେଡି ଉପସଭାପତି ତପନ କୁମାର ପଣ୍ଡା, ସାଧାରଣ ସମ୍ପାଦକ ହେମନ୍ତ ବେହେରା, ଯୁବ ସଭାପତି ଅଶୋକ କୁମାର ସାହୁ, ଜିଲାପରିଷଦ ସଦସ୍ୟା ନିବେଦିତା ମହାନ୍ତି, ଦମୟନ୍ତୀ ସାହୁ, କବିତା ମହାନ୍ତି, ପଞ୍ଚାୟତ ସମିତି ଉପାଧ୍ୟକ୍ଷା ମୀନାରାଣୀ ସାସମଲ, ବରିଷ୍ଠ ନେତା ନିଶିକାନ୍ତ ସାହୁ, ଭବେନ୍ଦ୍ର ସାହୁ ପ୍ରମୁଖ ଗଣ ଆନ୍ଦୋଳନକୁ ଶକ୍ତିଶାଳୀ କରିବାକୁ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। ସନ୍ତୋଷ କୁମାର ଦତ୍ତ ଧନ୍ୟବାଦ ଦେଇଥିଲେ। ଏହିସମାବେଶରେ ଭୋଗରାଇର ୫୦ପଞ୍ଚାୟତର ବିଜେଡି ଜନପ୍ରତିନିଧି, ଛାମୁଆ ନେତାମାନେ ଯୋଗ ଦେଇଥିଲେ ।





ଭୋଗରାଇ ବିଜେଡି ପକ୍ଷରୁ ଆୟୋଜିତ ପ୍ରତିବାଦ ସଭାରେ ବିଧାୟକ ଗୌତମ ବୁଦ୍ଧ ଦାସ ଓ ଦଳୀୟ ନେତୃବୃନ୍ଦ।

# କୁଡୁମୀ ବର୍ଗର ନେତ୍ରୀଙ୍କ ନାଁରେ କହି ବିଜେଡି ନିଜ କର୍ମୀଙ୍କୁ ଅସମ୍ମାନ କରିଛି: ଭାଜପା

ଭୁବନେଶ୍ୱର, ୯।୮ (ସୁନିତ୍ ମିଶ୍ର)

ଜଣେ କୁଡୁମୀ ସମାଜ ଓ ପଛୁଆ ବର୍ଗର ନେତ୍ରୀଙ୍କୁ ସାମାନ୍ୟ ଗଛର ଡାଳ ସହ ତୁଳନାକରି ସମଗ୍ର କୁଡୁମୀ ସମାଜ, ମୟୂରଭଞ୍ଜବାସୀ ତଥା ସମସ୍ତ ବିଜେଡି କର୍ମୀଙ୍କୁ ଅସମ୍ମାନ କରାଯାଇଛି। ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ବ୍ୟକ୍ତିଗତ ସଚିବ ସଂତୃପ୍ତ ମିଶ୍ରଙ୍କ ବକ୍ତବ୍ୟରୁ ତାହା ସ୍ପଷ୍ଟ ହୋଇଛି ବୋଲି ଭାଜପା ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ ଅଭିଯୋଗ କରିଛନ୍ତି। ସୁରଥ ଅଭିଯୋଗ କରିଛନ୍ତି, ମୁଖିଆଙ୍କ ଜିଲାର ଡାଳ, ପତ୍ର ସବୁ ଯାଇଥିବାବେଳେ କେବଳ ଥୁଣ୍ଟା ଗଛଟିଏ ବିଷୟରେ ସଂତୃପ୍ତ ମିଶ୍ର କ’ଣ କହିବେ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନବାବୁ ‘ସଂତୃପ୍ତ ମିଶ୍ର’ ନାମରେ ଯେଉଁ ମଞ୍ଜି କଟକରେ ଲଗାଇଥିଲେ ତାହା ତ ମୂଳରୁ ଗଜା ହେଲା ନାହିଁ, ଗଛ ଓ ଡାଳ ଆସିବ କେଉଁଠୁ। ଆମ ଦେଶ ଓ ରାଜ୍ୟକୁ ବାଂଲାଦେଶ ସହ ତୁଳନାକରି ନୂଆ ନେତା ସାଜିଥିବା ସଂତୃପ୍ତ ମିଶ୍ର ନିଜର ଅପରିପକ୍ୱତାର ପରିଚୟ ଦେଇଛନ୍ତି। ଜନନେତା, ପ୍ରତିଷ୍ଠାତା ସଦସ୍ୟ ଯେଉଁଠି ଅଲୋଡ଼ା ସେଇଠି ନୂଆ ନେତାଗିରି କରୁଥିବା ଏକ କମ୍ପାନୀର ପୂର୍ବତନ ଅଧିକାରୀ ଦଳର ଗଣତନ୍ତ୍ର କଥା କହୁଛନ୍ତି। ପୋଷ୍ଟରରୁ ବିଜୁ ପଟ୍ଟନାୟକଙ୍କ ଛବି ଗାଏବ କରି ଗୁମାସ୍ତାର ଛବି ଯୋଡ଼ିଥିବା ବିଜେଡିର ନେତାମାନେ ‘ବରପୁତ୍ରଙ୍କ ସମ୍ମାନ’ କଥା କହିବା ହାସ୍ୟାସ୍ପଦ। ବାସ୍ତବରେ ବିଜେଡି ଶାସନରେ ବିଜୁବାବୁଙ୍କୁ ସବୁଠୁ ଅଧିକ ଅପମାନ କରିଛି। ଜଣେ ପ୍ରଶାସକରୁ ନେତା ହୋଇ ରାଜ୍ୟ ସାରା କୋଟି କୋଟି ଟଙ୍କା ଅପବ୍ୟୟକରି ହେଲିକପ୍ଟରରେ ବୁଲି ନେତାଙ୍କୁ ତଳେ ଠିଆକରି ଟ୍ରାଫିକ୍ ପୋଲିସ ଦାୟିତ୍ୱ ଦେଲେ ଏହା କିଭଳି ସମ୍ମାନ। ଦଳକୁ ପୁନରୁଦ୍ଧାର କରନ୍ତୁ ମନା ନାହିଁ, ପ୍ରଭାବଶାଳୀ କ୍ଷମତା କେନ୍ଦ୍ର ବିଷୟରେ କ’ଣ କହୁଛନ୍ତି, ତାହା ଜାଣିରଖିବା ଉଚିତ ବୋଲି ସୁରଥ କହିଛନ୍ତି। ସୂଚନାଯୋଗ୍ୟ, ବିଶ୍ୱ ଜନଜାତି ଦିବସ ପାଳନ ଅବସରରେ ଯୋଗଦେଇ ବିଜେଡିରୁ କଟକ ଲୋକ ସଭା ପ୍ରାର୍ଥୀ ହୋଇଥିବା ସଂତୃପ୍ତ ମିଶ୍ର ପରୋକ୍ଷରେ ପୂର୍ବତନ ରାଜ୍ୟ ସଭା ସଦସ୍ୟ ମମତା ମହାନ୍ତଙ୍କୁ ଟାର୍ଗେଟ କରିଥିଲେ ବୋଲି ଭାଜପା ଅଭିଯୋଗ ମଧ୍ୟ କରିଛି।


## ODISHA JOINT ENTRANCE EXAMINATION (OJEE) – 2024

No. OJEE/377 Dt.08/08/2024

**TENTATIVE SCHEDULE OF REGISTRATION**

**No.h-07:** Interested NEET-UG 2024 qualified candidates wish to participate in Odisha state medical counselling have to register in prior for data pre-processing. Only State Natives are eligible for all the state quota MBBS and BDS seats in Odisha. However, other state candidates may be eligible for NRI quota seats only. Therefore, candidates must ensure their eligibility before registering.

| Activity | Date |
|---|---|
| Registration and Online Application Uploading of Documents for Online Verification | 10-08-2024 12:00 NOON to 14-08-2024 11:59 PM |
| All eligible PC Candidates are required to attend the Medical Board at **LT – II, SCB Medical College, Cuttack** | 13-08-2024 and 14-08-2024 |
| All eligible ES candidates are required to attend the ES Board at **Rajya Sainik Board, Odisha at IRC Village, Nayapalli, Bhubaneswar** | 13-08-2024, 14-08-2024 and 16-08-2024 |
| Publication of provisional State Merit List of registered candidates | 18-08-2024 5:00 PM |
| Any Query raised by candidates on the merit list | 19-08-2024 by 5:00 PM |
| Publication of final State Merit List of registered candidates | 20-08-2024 |

**For other details regarding registration process visit https://ojee.nic.in**
**Detail Schedule of the Counselling Process for Admission to MBBS/BDS Courses will be notified in Due Course of Time.**

Mail id of OJEE2024: odishaojee@gmail.com
**Website: www. ojee.nic.in, www.odishajee.com**

**All the candidates are informed to follow the dates of PC board and Ex-Serviceman board strictly. Candidates missing the dates to appear before the applicable PC/ES Boards will be deprived of getting PC or ES reservations.**

OIPR-44026/11/0007/2425 **Sd./- Chairman, OJEE**

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**REQUIRED**
“PVC/ HDPE factory in BBSR having ISI products requires production / sales staff having expertise/ experience in similar line”.
CONTACT
8917513602/9439008838

**WANTED**
1) Accountant - Exp. in Tally
2) Supervisor
3) Data Entry Operator (Tally)
KUKUMINA CONSTRUCTIONS (P) LTD.
CONTACT
7978354180 / 9338554697

**SVS MEDICAL COLLEGE HOSPITAL**
Mahabubnagar, Telangana State
REQUIRED
Professors, Associate Professors, Asst. Professors in the Depts. of Orthopedics, OBG, General Medicine, General Surgery, ENT, Pediatrics, Forensic Medicine, SPM and Resident/ Duty Medical Officers are also required.
Contact : +91 9010075083
Email resume to “svsmc_mbnr@yahoo.co.in”



No.T-52
ଓଡ଼ିଶା ସରକାର
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର ଇଂରାଜୀ ତା12.୫.2024ରିଖ ଦିନ, ୟୁନିଟ୍-୫, ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ମୁଖ୍ୟମନ୍ତ୍ରୀଙ୍କ **ଅଭିଯୋଗ ଶୁଣାଣି ବନ୍ଦ ରହିବ**। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ
OIPR-09014/11/0017/2425



No.CAD-803
idco | ODISHA NEW OPPORTUNITIES

**OFFICE OF THE CHIEF GENERAL MANAGER (P&C), IDCO, IDCO TOWER, BHUBANESWAR**
Tender Call Notice No.H.O./P&C/EST-E - 2712/04/2024 23381, Dated : 06.08.2024
**NOTICE INVITING TENDER THROUGH e-PROCUREMENT**

Name of the Work : “Construction of Approach road and Box culvert in front of Deras sea food park Entry Gate, Deras, Bhubaneswar.”
Estimated Cost : Rs. 82.04 lakhs (apprx).
Period of Completion : 03 (Three) Calendar Months.

| Procurement Officer | Bid Identification No. | Availability of Tender on-line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Tower, Bhubaneswar | Bid Id. No. PC / EST / E-16 / 2024-25 | 17.00 Hours of 17.08.2024 | 17.00 Hours of 02.09.2024 |

Further details can be seen from the e-Procurement Portal : www.Tendersorissa.gov.in and Corrigendum if any will not be published in newspapers and can only be seen in the e-Procurement portal www.tendersorissa.gov.in and IDCO Website www.idco.in.

**Sd./- Chief General Manager (P&C), IDCO, Bhubaneswar.**
OIPR-14003/11/0037/2425

## ସଂକ୍ଷେପରେ

### ସ୍ୱାଧୀନତା ଦିବସ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା

ପାରଳାଖେମୁଣ୍ଡି, ୯।୮ (ଗିରିଧାରୀ ପରିଛା): ଗଜପତି ଜିଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ମହେନ୍ଦ୍ରଗିରି ଉଚ୍ଚ ବିଦ୍ୟାଳୟଠାରେ ଆସନ୍ତା ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଅଛି। ଏହି ପ୍ରତିଯୋଗିତାରେ ଉଚ୍ଚପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ପ୍ରବନ୍ଧ, ବକ୍ତୃତା, କୁଇଜ, ଦେଶାତ୍ମକ ବୋଧକ ସଙ୍ଗୀତ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତୀ ପ୍ରତିଯୋଗୀଙ୍କୁ ଗଜପତି ଷ୍ଟାଡିୟମଠାରେ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ଦିନ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯିବ। ଏହି ପ୍ରତିଯୋଗିତାର ବିଚାରକ ମଣ୍ଡଳୀ ଭାବରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟା ବିଚିତ୍ରାନନ୍ଦ ବେବର୍ତ୍ତା, ସହକାରୀ ଶିକ୍ଷକ କିଶୋର ଚନ୍ଦ୍ର ଦାଶ, ଅମେଶ ଲିମ୍ମା, ସୁଲତା ଶୁଭଦର୍ଶୀ, ଜଗନ୍ନାଥ ପଟ୍ଟନାୟକ, ଅନିତା ଦାସ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ଛାତ୍ରୀଙ୍କ ମୋବାଇଲ୍ ଝାମ୍ପିନେଇ ଯୁବକ ଛେଚା ଖାଇଲେ

ହିଞ୍ଜିଳିକାଟୁ, ୯।୮ (ଦ୍ୱିତୀକୃଷ୍ଣ ପଣ୍ଡା): ଏକତରଫା ପ୍ରେମ କରିବା ଓ ଏଥିରେ ବିଫଳ ହେବାରୁ ଛାତ୍ରୀଙ୍କ ମୋବାଇଲ ଝାମ୍ପି ନେବା ଯୁବକଙ୍କୁ ମହଙ୍ଗା ପଡ଼ିଛି। ଘଟଣା ସ୍ଥଳରେ ଉପସ୍ଥିତ ଲୋକେ ଯୁବକଙ୍କୁ କାବୁକରି ଉତ୍ତମମଧ୍ୟମ ଦେବା ପରେ ପୋଲିସକୁ ଦେଇଛନ୍ତି। ଶୁକ୍ରବାର ସକାଳେ ଶେରଗଡ ଥାନା ଅଞ୍ଚଳର ଜଣେ ଛାତ୍ରୀ ଏକ ଘରୋଇ ବସ୍ ଯୋଗେ ହିଞ୍ଜିଳିକାଟୁ କଲେଜକୁ ଆସିଥିଲେ। ଶେରଗଡ ଥାନା କୁମାରପାଣି ଗ୍ରାମର ଅନ୍ୟ ଜଣେ ଛାତ୍ର ବସ୍‌ରେ ଛାତ୍ରୀଙ୍କୁ ଏକତରଫା ପ୍ରେମ ନିବେଦନ ଓ ଅଶ୍ଳୀଳ ଇଙ୍ଗିତ କରିଆସୁଥିଲେ। ଛାତ୍ରୀଜଣଙ୍କ ହିଞ୍ଜିଳିକାଟୁ ବସ ଟର୍ମିନାଲ ପରିସରରେ ଓହ୍ଲାଇବା ବେଳେ ଛାତ୍ରଜଣଙ୍କ ଜୋର ଜବରଦସ୍ତ ଛାତ୍ରୀଙ୍କ ମୋବାଇଲ ଝାମ୍ପି ନେଇ ଯାଇଥିଲେ। ଛାତ୍ରୀଜଣଙ୍କ ପାଟି କରିବାରୁ ଉପସ୍ଥିତ ଲୋକେ ସଂପୃକ୍ତ ଛାତ୍ରଙ୍କୁ କାବୁ କରିବା ସହ ଉତ୍ତମମଧ୍ୟମ ଦେବା ପରେ ହିଞ୍ଜିଳି ପୁଲିସକୁ ଡାକି ଜିମା ଦେଇଥିଲେ। ପୋଲିସ ଛାତ୍ରଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଜଣାପଡିଛି।

### ଛାତ୍ରୀଛାତ୍ରଙ୍କୁ ଅଗ୍ନି ନିର୍ବାପନ ତାଲିମ

ବୁଗୁଡ଼ା, ୯।୮ (କାଳିଚରଣ ଦାଶ): ବୁଗୁଡ଼ା ଅଗ୍ନିଶମ ବିଭାଗ ପକ୍ଷରୁ ବି.କରଡାବାଡି ଗ୍ରାମ ସର୍ଦ୍ଦାର ଅନ୍ତର୍ଯ୍ୟାମୀ ବିଦ୍ୟାପୀଠର ଛାତ୍ରୀଛାତ୍ରଙ୍କୁ ଅଗ୍ନି ଅଘଟଣକୁ ପ୍ରଶମିତ କରିବା ନିମନ୍ତେ ତାଲିମ ପ୍ରଦାନ କରାଯାଇଛି। ଅଗ୍ନିଶମ କର୍ମଚାରୀମାନେ ଅଗ୍ନି ନିର୍ବାପକ ଯନ୍ତ୍ରର ବ୍ୟବହାର ପ୍ରକ୍ରିୟା ଓ ନିଆଁ ଲିଭାଇବାର ପଦ୍ଧତି ପ୍ରଦର୍ଶନ କରିଥିଲେ। ଛାତ୍ରୀଛାତ୍ରମାନେ ତାଲିମ ପାଇଥିବା ପଦ୍ଧତ ପ୍ରୟୋଗ କରି ଅଗ୍ନି ନିର୍ବାପନ କରିଥିଲେ।

### ରାଜ୍ୟ ସଭାପତିଙ୍କୁ ସାକ୍ଷାତକଲେ ସାମ୍ବାଦିକ ସଂଘର କର୍ମକର୍ତ୍ତା

ଶେରଗଡ଼, ୯।୮ (ସୂର୍ଯ୍ୟନାରାୟଣ ଦାଶ): ଶେରଗଡ ପୂର୍ତ୍ତ ବିଭାଗ ବଙ୍ଗଳାରେ ଆଞ୍ଚଳିକ ସାମ୍ବାଦିକ ସଂଘର କର୍ମକର୍ତ୍ତାମାନେ ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତିଙ୍କୁ ସାକ୍ଷାତ କରିଛନ୍ତି। ରାଜ୍ୟ ସଭାପତି ବିଭୂତି ଭୂଷଣ କର ଓ ଭୁବନେଶ୍ୱର ରୋଟାରୀ କ୍ଲବର କର୍ମକର୍ତ୍ତାମାନେ ପୂର୍ତ୍ତ ବିଭାଗ ବଙ୍ଗଳାରେ ପହଞ୍ଚିବା ପରେ ଶେରଗଡ ଆଞ୍ଚଳିକ ସାମ୍ବାଦିକ ସଂଘର କର୍ମକର୍ତ୍ତା ଓ ଉତ୍କଳ ସାମ୍ବାଦିକ ସଂଘର କର୍ମକର୍ତ୍ତାମାନେ ଫୁଲତୋଡା ଦେଇ ଶୁଭେଚ୍ଛା ଜଣାଇଥିଲେ। ଆଗାମୀ ୧୧ ତାରିଖରେ କୋରାପୁଟର ଜୟପୁର ଠାରେ ଉତ୍କଳ ସାମ୍ବାଦିକ ସଂଘର ଏକ ଅଧିବେଶନ ହେବ। ଶେରଗଡ ପକ୍ଷରୁ କେତେ ସଭ୍ୟ ଯୋଗଦେବେ ସେ ନେଇ ଆଲୋଚନା ହୋଇଥିଲା। ବୈଠକରେ ସାମ୍ବାଦିକମାନଙ୍କ ବୀମା ଉପରେ ଆଲୋଚନା କରାଯାଇଛି। ଏହି ଆଲୋଚନା ସମୟରେ ଉତ୍କଳ ସାମ୍ବାଦିକ ସଂଘ ଶେରଗଡ ଶାଖାର ସଭାପତି ଅଖିଳ କୁମାର ପଟ୍ଟନାୟକ, ଆଂଚଳିକ ସାମ୍ବାଦିକ ସଂଘର ସଭାପତି ସୂର୍ଯ୍ୟନାରାୟଣ ଦାଶ, ସାମ୍ବାଦିକ ଭିକ ନାୟକ, ଗୌରହରୀ ସାବତ, ରାମକୃଷ୍ଣ ପାଣି, ବଳରାମ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ।

# ଚିହ୍ନଟ ହେବେ ଭୂମିହୀନ ପରିବାର, ୧୬ରୁ ସର୍ଭେ



ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଆଲୋଚନା କରୁଛନ୍ତି।

**ଜିଲା ରାଜସ୍ୱ ସମୀକ୍ଷା ବୈଠକ**
- ଡିସେମ୍ବରରେ ମିଳିବ ପଟ୍ଟା
- ସରକାରୀ ଜମି ଜବଲ ଦଖଲକାରୀଙ୍କୁ ଚିହ୍ନଟ ନିର୍ଦ୍ଦେଶ

**ଛତ୍ରପୁର, ୯।୮ (ଦିଲୀପ ସାମଲ):** ଗଞ୍ଜାମ ଜିଲା ରାଜସ୍ୱ ସମୀକ୍ଷା ବୈଠକ ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଗଞ୍ଜାମ ଜିଲାରେ ଥିବା ଭୂମିହୀନ ପରିବାରକୁ ଚିହ୍ନଟ କରିବାକୁ ତହସିଲାଦରମାନଙ୍କୁ କୁହାଯାଇଛି। ପୁଣି ଏକ ଫ୍ରେସ ସର୍ଭେ କରାଯିବ। ଏହି ସର୍ଭେ କାର୍ଯ୍ୟ ଆସନ୍ତା ୧୬ ତାରିଖରୁ ଆରମ୍ଭ ହୋଇ ସେପ୍ଟେମ୍ବର ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ପରେ ସମସ୍ତ ତହସିଲ ଅଞ୍ଚଳରେ ଭୂମିହୀନ ପରିବାର ଚିହ୍ନଟ ପରେ ସେମାନଙ୍କୁ ୩୧ ଡିସେମ୍ବର ସୁଦ୍ଧା ପଟ୍ଟା ପ୍ରଦାନ କରାଯିବ ବୋଲି କୁହାଯାଇଛି। ଜିଲାରେ ୯ ତହସିଲ ଅଧିନରେ ୨୩ଟି ଗ୍ରାମରେ ହାଇଟେକ ସର୍ଭେ ଚାଲିଛ, ତାହା ତୁରନ୍ତ ସାରିବାକୁ ତହସିଲଦାରମାନଙ୍କୁ ଜିଲାପାଳ କହିଥିଲେ। ଯେଉଁମାନେ ସରକାରୀ ଜମି ଜବଲଦଖଲ କରି ରଖିଛନ୍ତି ତୁରନ୍ତ ତାହା ଚିହ୍ନଟ କରି ନିୟମ ଅନୁସାରେ କାର୍ଯ୍ୟାନୁଷ୍ଠାନ ନେବାକୁ କୁହାଯାଇଛି। ୨୧୭୯ ସିକିମ ସ୍ୱତ୍ୱଧାରୀ ଚାଷୀମାନଙ୍କ ସ୍ଥିତିବାନ ପଟ୍ଟା ତୁରନ୍ତ ସେଟେଲମେଣ୍ଟ କରିବାକୁ ତହାସିଲଦାରମାନଙ୍କୁ କୁହାଯାଇଛି। ୩୩ ହଜାର ୧୫ ଗ୍ରାମକଣ୍ଟକ ପଟ୍ଟା ଫଇସଲା କରି ତାହା ବନ୍ଦୋବସ୍ତ କରି ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରିବାକୁ ଅତିରିକ୍ତ ଜିଲାପାଳ ରାଜସ୍ୱ ଦେବବ୍ରତ ସାହୁ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଗ୍ରାମକଣ୍ଟକ ଜମିର ବନ୍ଦୋବସ୍ତ ଆବେଦନ ଦରଖାସ୍ତ ସମୟ ସୀମା ବୃଦ୍ଧି ପାଇଁ ମାର୍ଚ୍ଚ ୩୧ ପ୍ରର୍ଯ୍ୟନ୍ତ ହୋଇଛି। ବେବନ୍ଦୋବସ୍ତ ଥିବା ଜମିକୁ ବନ୍ଦୋବସ୍ତ କରିବାକୁ ବୈଠକରେ କୁହାଯାଇଥିଲା। ଯେତେସବୁ ମିଶକେଶ ସାର୍ଟିଫିକେଟ ଆସୁଛି ତୁରନ୍ତ ପ୍ରଦାନ କରିବାକୁ କୁହାଯାଇଛି। ଜିଲାରେ ୫୬ଟି ନୂଆ ରାଜସ୍ୱ ଗ୍ରାମ ଚିହ୍ନଟ ହୋଇଥିବା ବେଳେ ମାତ୍ର ୧୪ଟି ଭୂଲେଖ ଅପଲୋଡ ହୋଇଛି, ବଳକା ୪୨ଟି ଭୂଲେଖ ଅପଲୋଡ କରିବାକୁ କୁହାଯାଇଛି। ଜିଲାରେ ଯେଉଁସବୁ ପ୍ରକଳ୍ପ କାମ ଜମି ଅଧିଗ୍ରହଣ ପାଇଁ ଅଟକି ରହିଛି ତୁରନ୍ତ ଜମିଅଧିଗ୍ରହଣ କାମ ସାରିବାକୁ କୁହାଯାଇଛି। ପ୍ରାକୃତିକ ବିପର୍ଯ୍ୟୟ ବେଳେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ପରିବାରକୁ ଆର୍ଥିକ ସହାୟତା ରାଶି ପ୍ରଦାନ କରିବାକୁ କୁହାଯାଇଛି। ୧୯୬୬ଟି ପ୍ରାଥମିକ ବିଦ୍ୟାଳୟ ଓ ୪୭ଟି କଲେଜକୁ ନିଜସ୍ୱ ପଟ୍ଟା ପ୍ରଦାନ କରାଯିବ। ସେହିପରି ସଡକ ଦୁର୍ଘଟଣା ସଂଖ୍ୟା ହ୍ରାସ ପାଇଁ ଆରଟିଓଙ୍କ ପକ୍ଷରୁ ଅଧିକରୁ ଅଧିକ ଚଢାଉ କରିବାକୁ କୁହାଯାଇଥିଲା। ବିଶେଷକରି ସ୍କୁଲ, କଲେଜ ଓ ଗ୍ରାମାଞ୍ଚଳମାନଙ୍କରେ ନାବଳକମାନେ ଗାଡ଼ି ଚଳାଉଥିବାରୁ ତାହାକୁ ଧରିବା ପାଇଁ ଆରଟିଓଙ୍କୁ କୁହାଯାଇଛି। ମାପ ଓ ଓଜନ ବିଭାଗ ବିଭିନ୍ନ ପେଟ୍ରୋଲ ପମ୍ପ, ଚାଉଳ କଳ ଆଦିରେ ବ୍ୟାପକ ଚଢାଉ କିରବାକୁ କୁହାଯାଇଛି। ବୈଠକରେ ଅତିରିକ୍ତ ଜିଲାପାଳ ଦେବବ୍ରତ ସାହୁ, ବ୍ରହ୍ମପୁର ଉପଜିଲାପାଳ ଧୀନା ଦସ୍ତାଗିର, ଛତ୍ରପୁର ଉପଜିଲାପାଳ ଦେବଦତ ମହାନ୍ତ, ଭଞ୍ଜନଗର ଉପଜିଲାପାଳ ଅନିଲ ସେଠୀଙ୍କ ସମେତ ସମସ୍ତ ତହସିଲଦାରଙ୍କ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଭାଜପା ପକ୍ଷରୁ ଅଗଷ୍ଟ କ୍ରାନ୍ତି ଦିବସ ପାଳିତ



ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ପୁଷ୍ପ ମାଲ୍ୟାର୍ପଣ କରୁଛନ୍ତି।

ଭଞ୍ଜନଗର, ୯।୮ (ବାବୁଲା ପ୍ରଧାନ): ଭଞ୍ଜନଗର ଭାଜପା ପକ୍ଷରୁ ଶୁକ୍ରବାର ଅଗଷ୍ଟ କ୍ରାନ୍ତିଦିବସ ପାଳିତ ହୋଇଯାଇଛି। ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସହରର ବିଭିନ୍ନ ମହାନ ପୁରୁଷଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଭାଜପା ନେତା ନୀଳମାଧବ ପାତ୍ର, ସନ୍ତୋଷ ତିଆଡ଼ି, ବିଷ୍ଣୁ ପ୍ରସାଦ ପ୍ରଧାନ, ମନୋଜ କୁମାର ପଟ୍ଟନାୟକ, ରମେଶ ବେହେରା, ଶିବ ମହାପାତ୍ର, ମାନସ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ସ୍ଥାନୀୟ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଯୁବ ରେଡକ୍ରସ ପକ୍ଷରୁ ମଧ୍ୟ କ୍ରାନ୍ତି ଦିବସ ପାଳିତ ହୋଇଯାଇଛି। ଏଥିରେ ଭାରପ୍ରାପ୍ତ ଅଧ୍ୟକ୍ଷ ଆରତୀ ବାଳା ପ୍ରଧାନ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଧାପକ ବିଭାସ ଦାସ, ଅଧାପିକା ସ୍ମରଣିକା ପାଢ଼ୀ, ଅଧାପକ ସୁନାମ ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

# ଗୁରୁଜୀଙ୍କ ମାଡ଼ରେ ଛାତ୍ରଙ୍କ ଆଙ୍ଗୁଠି ଭାଙ୍ଗିଲା

ଦିଗପହଣ୍ଡି/ପାଟପୁର, ୯।୮ (ଅଶେଷ ନାଥ ମିଶ୍ର/ସୀମାଞ୍ଚଳ ସାହୁ)

ସାନଖେମୁଣ୍ଡି ବ୍ଲକ କଙ୍କୋରଡ଼ା ସରସ୍ୱତୀ ଶିଶୁ ମନ୍ଦିରର ଗୁରୁଜୀଙ୍କ ବେତ ମାଡ଼ରେ ଜଣେ ୫ମ ଶ୍ରେଣୀ ଛାତ୍ରଙ୍କ ହାତ ଆଙ୍ଗୁଠି ଭାଙ୍ଗିଥିବା ଅଭିଯୋଗ ହୋଇଛି। ଆହତ ଛାତ୍ର ହେଲେ ସୋହମ ସ୍ୱାଇଁ। ନିଜ ସହପାଠୀଙ୍କ ସହ ଶ୍ରେଣୀ କକ୍ଷକୁ ଯାଉଥିବା ବେଳେ ଅନ୍ୟ ଜଣେ ଛାତ୍ର ପଡ଼ିଯାଇଥିଲେ। ସେହି ସମୟରେ ଜଣେ ଗୁରୁଜୀ ଆସି କୌଣସି କଥା ନ ବୁଝି ସୋହମଙ୍କୁ ବେତରେ ମାଡ଼ ମାରିଥିଲେ। ଫଳରେ ଛାତ୍ରଙ୍କ ଆଙ୍ଗୁଠି ମାଡ଼ ହୋଇଥିବାରୁ ସେ ଦାଦା ମିଥୁନ ସ୍ୱାଇଁଙ୍କ ଦୋକାନକୁ ଆସି ଜଣାଇଥିଲେ। ପରେ ମିଥୁନ ଶିଶୁ ମନ୍ଦିରରେ ପହଞ୍ଚି ପ୍ରଧାନାଚାର୍ଯ୍ୟ ସୋମନାଥ ପୋଲାକିଙ୍କୁ ଅଭିଯୋଗ କରିବାରୁ ତାଙ୍କୁ ଦୁର୍ବ୍ୟବହାର କରାଯାଇଥିବା କହିଛନ୍ତି। ପରେ ସେ ସୋହମଙ୍କୁ ଆଡ଼ପଡ଼ା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଚିକିତ୍ସା କରାଇଥିଲେ। ତାଙ୍କ ଡ଼ାହାଣ ହାତର ଆଙ୍ଗୁଠି ଭାଙ୍ଗି ଯାଇଥିବା ସେ କହିଛନ୍ତି।

# ନାବାଳିକା ଅସଦାଚରଣ ମାମଲାରେ ୩ ବର୍ଷ ଜେଲ

ଫୁଲବାଣୀ, ୯।୮ (ରାକେଶ କୁମାର ରାଉତ): ଫୁଲବାଣୀ ଫାଷ୍ଟ ଟ୍ରାକ ପୋକ୍‌ସୋ କୋର୍ଟ ବିଚାରପତି କୈଳାସ ଚନ୍ଦ୍ର ସ୍ୱାଇଁ ଶୁକ୍ରବାର ଏକ ନାବାଳିକା ଅସଦାଚରଣ ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ତାଙ୍କୁ ୩ ହଜାର ଟଙ୍କା ଜରିମାନା କରାଯାଇଛି। ଏହା ଅନାଦେୟ ଅଧିକ ୯ ମାସ ଜେଲ ଭୋଗିବାକୁ ରାୟରେ ଉଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଦାରିଙ୍ଗବାଡି ଥାନା ଦଳବାଡ଼ି ଗ୍ରାମର ମୁକେଶ କୁମାର ନାୟକ। ସୂଚନା ଅନୁସାରେ, ୨୦୧୬ ମସିହା ମେ ୧ ତାରିଖରେ ଅଭିଯୁକ୍ତ ମୁକେଶ କୁକୁଡ଼ା କିଣିବାକୁ ବୋଲେରୋ ଗାଡ଼ି ନେଇ ପୀଡ଼ିତାଙ୍କ ଘରକୁ ଯାଇଥିଲେ। ଘରେ କୁକୁଡା ନ ଥିବାରୁ ଅଭିଯୁକ୍ତ କୁକୁଡ଼ା ଥିବା ଘର ଦେଖାଇ ଦେବାକୁ ପୀଡ଼ିତାଙ୍କୁ ସାଙ୍ଗରେ ନେଇଥିଲେ। କିଛି ଦୂରରେ ଥିବା ଅର୍ଦ୍ଧ ନିର୍ମିତ ଘର ଭିତରେ ନାବାଳିକାଙ୍କୁ ଅସଦାଚରଣ କରିବାକୁ ଚେଷ୍ଟା କରିଥିଲେ। ପୀଡ଼ିତା ଅଭିଯୁକ୍ତଙ୍କୁ ଠେଲି ଦେଇ ଘରକୁ ଯାଇ ଘଟଣା ବିଷୟରେ କହିଥିଲେ। ଏ ନେଇ ପୀଡ଼ିତାଙ୍କ ବାପା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ବିଚାରପତି ୧୭ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପି.ପି. ବନମାଳୀ ବେହେରା ମାମଲା ପରିଚାଳନା କରୁଥିଲେ।

# ବିଶ୍ୱ ଆଦିବାସୀ ଦିବସ ପାଳିତ

ମୋହନା/ନୂଆଗଡ଼, ୯।୮ (ମନ୍ମଥ ମିଶ୍ର/ଯୋଗ୍ୟବନ୍ତ ପରିଛା): ଗଜପତି ଜିଲା ମୋହନାରେ ଆଦିବାସୀ ମହାସଂଘ ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ମହାସଂଘର ସଭାପତି ନିର ଭୂୟାଁ ଓ କାର୍ଯ୍ୟକାରୀ ସଭାପତି ସୁରେନ୍ଦ୍ର କୁମାର ନାୟକଙ୍କ ନେତୃତ୍ୱରେ ଶତାଧିକ ଆଦିବାସୀ ମହିଳା ପୁରୁଷ ସ୍ଥାନୀୟ କଲେଜ ଛକ ଠାରୁ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଓ ବାଦ୍ୟ ଯନ୍ତ୍ର ସହ ଶୋଭାଯାତ୍ରାରେ ବାହାରି ହାଇସ୍କୁଲ ପଡ଼ିଆରେ ଆୟୋଜିତ ସଭାସ୍ଥଳରେ ପହଞ୍ଚିଥିଲେ। ସେଠାରେ ମୁଖ୍ୟ ଅତିଥିଭାବେ ମୋହନା ବିଧାୟକ ଦାଶରଥି ଗମାଙ୍ଗ, ମୁଖ୍ୟବକ୍ତା ଅଶୋକ ଭୂୟାଁ, ସମ୍ମାନିତ ଅତିଥି ପୂର୍ବତନ ବିଧାୟକ ବାସନ୍ତୀ ମଲିକ, ମହାସଚିବ ଥିଓପିଲ ଗମାଙ୍ଗ, ଉପସଭାପତି ଶ୍ରୀକାନ୍ତ ମଲିକ, ବ୍ଲକ ସଭାପତି ଶରତ ମଲିକ, କୁଇ ଉନ୍ନୟନ ସଭାପତି ଅରି ମଲିକ ଦୀପ ପ୍ରଜ୍ୱଳନ କରିଥିଲେ।



ମୋହନା ହାଇସ୍କୁଲ ପଡ଼ିଆରେ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ପରେ ମଞ୍ଚରେ ଆଦିବାସୀମାନଙ୍କ ବିଭିନ୍ନ ସମସ୍ୟାଗୁଡ଼ିକର ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ସମାଧାନ କରାଯିବାକୁ ଗୁରୁତ୍ୱାରୋପ କରାଯାଇଥିଲା। ସମାବେଶରେ ଜିଲାର ୭ଟି ବ୍ଲକରୁ ଆଦିବାସୀମାନେ ଯୋଗଦେଇଥିଲେ। ସେହିପରି ନୂଆଗଡ଼ ବ୍ଲକ ଅନ୍ତର୍ଗତ ବାବା ସାହେବ ଆମ୍ବେଡକର ଜୁନିୟର କଲେଜ ଖେଳପଡ଼ିଆ ଠାରେ ଅନୁଷ୍ଠିତ ବ୍ଲକସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଓ ଅତିଥି ଭାବେ ଦିକନ ଲବାନ ଭୂୟାଁ, ସମ୍ମାନିତ ଅତିଥି ଭାବେ ଆଦିବାସୀ ନେତା ଜେମସ ରାଇକାଙ୍କ ସମେତ ପୁରୁଖା ଆଦିବାସୀ ବ୍ୟକ୍ତିମାନେ ମଞ୍ଚାସୀନ ଥିଲେ। ଅତିଥିମାନେ ଆଦିବାସୀଙ୍କ ପରମ୍ପରା ଓ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଭାଇଚାରା ବଜାଇ ରଖିବାକୁ ଅଭିଭାଷଣରେ କହିଥିଲେ। ଓଡ଼ିଶା ସଉରା ଆଦିବାସୀ ସଂଘ ନୂଆଗଡ଼ ବ୍ଲକର ସଭାପତି ନୃସିଂହ ମଣ୍ଡଳ, ସମ୍ପାଦକ ମିଖାଏଲ ଶବର, କୋଷାଧ୍ୟକ୍ଷ ସର୍ବଶ୍ରୀ ଗମାଙ୍ଗ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ମୋବାଇଲ ନେଟ୍‌ୱର୍କ ପାଇଁ ବିଡିଓଙ୍କୁ ଗୁହାରି

ଖଜୁରିପଡ଼ା, ୯।୮ (ବିଦୁର ବେହେରା): କନ୍ଧମାଳ ଜିଲା ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ସମ୍ନେପଦର ଗ୍ରାମରେ ପ୍ରାୟ ବର୍ଷକ ତଳେ ଏକ ଜିଓ ଟାୱାର ସ୍ଥାପନ ହୋଇଛ। ହେଲେ ଗ୍ରାମବାସୀ ମୋବାଇଲ ନେଟୱର୍କ ପାଇବାରୁ ବଞ୍ଚିତ ହେଉଛନ୍ତି। ଜରୁରୀ ସମୟରେ ଲୋକେ ବହୁ ଅସୁବିଧା ଭୋଗୁଛନ୍ତି। ତେଣୁ କଲୋନୀ ସାହି, ମଲ୍ଲିକ ସାହି, ନେଡିସାହି, ଘାଇ ସାହିର ଭଞ୍ଜ କିଶୋର ମଲ୍ଲିକ, ବିଜୟ କୁମାର ସେଠୀ, ଅଙ୍ଗଦ ଦେହୁରୀ, ସୁରଥ ଦିଗାଲ, ସୁବେଧ କୁମାର୍ ସେଠୀ ପ୍ରମୁଖ ବିଡ଼ିଓ ଜର୍ଜ ତୁଙ୍ଗୁ ତୁଙ୍ଗୁଙ୍କୁ ଭେଟି ନେଟୱର୍କ ସମସ୍ୟା ଉପରେ ଆଲୋଚନା କରିବା ସହ ଅଭିଯୋଗ ପତ୍ର ଦାଖଲ କରିଛନ୍ତି। ବିଡିଓ ଏହି ସମସ୍ୟା ଦୂର କରିବା ଦିଗରେ ପ୍ରଚେଷ୍ଟା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

### ୨ ଚୋର ଗିରଫ: ଟଙ୍କା, ଖଣ୍ଡା ଜବତ

ଭଞ୍ଜନଗର, ୯।୮ (ବାବୁଲା ପ୍ରଧାନ): ଦୁଇଜଣ ଚୋରଙ୍କୁ ଭଞ୍ଜନଗର ପୋଲିସ ଶୁକ୍ରବାର ଗିରଫ କରିଛି। ସେମାନେ ହେଲେ ଉଡ଼ିଆର ସୁଦର୍ଶନ ବେହେରା ଓ ବାଉଁଶଲୁଣ୍ଡିର ବଳରାମ ନାୟକ। ସେମାନଙ୍କ ଠାରୁ ୨୬ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଏବଂ ୩ଟି ଖଣ୍ଡା ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନଙ୍କୁ ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, ଅଭିଯୁକ୍ତମାନେ ବିଗତ କିଛିଦିନ ମଧ୍ୟରେ ଜାମପଲ୍ଲୀ, ଗାମୁଣ୍ଡି, ବେଲଗୁଣ୍ଠା ଏବଂ ଗାଲେରୀ ଅଞ୍ଚଳର ବିଭିନ୍ନ ଘରର କବାଟ ଏବଂ ଗ୍ରିଲକୁ ଶାବଳରେ ଭାଙ୍ଗି ଚୋରି କରୁଥିଲେ। ଏ ନେଇ ସଂପୃକ୍ତ ଅଞ୍ଚଳବାସୀ ଚିନ୍ତିତ ଥିଲେ। ଏହିଭଳି ଗତ ମାସ ୨୧ ତାରିଖରେ ଅଭିଯୁକ୍ତମାନେ ଜାମପଲ୍ଲୀର ସ୍ୱାଧୀନ ବେହେରାଙ୍କ ଘରୁ ଟଙ୍କା, ସୁନା ଚୋରି କରିନେଇଥିଲେ। ଫଳରେ ଭଞ୍ଜନଗର ଥାନା ଅଧିକାରୀ କୁମର ମୁଦୁଲି ଅଭିଯୁକ୍ତମାନଙ୍କୁ ଗିରଫ ପାଇଁ ଯୋଜନା କରିଥିଲେ। ଏକାଧିକ ଟିମ ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ସଫଳ ହୋଇଛି।

# ଆମ୍ବୁଲାନ୍ସ କର୍ମଚାରୀଙ୍କ ଜିଲାସ୍ତରୀୟ କର୍ମୀ ସମ୍ମିଳନୀ



ସମ୍ମିଳନୀରେ ଉପସ୍ଥିତ ୧୦୮ ଆମ୍ବୁଲାନ୍ସ କର୍ମଚାରୀ।

**ନୂଆଗଡ଼, ୯।୮ (ଯୋଗ୍ୟବନ୍ତ ପରିଛା):** ଗଜପତି ଜିଲା ନୂଆଗଡ଼ ବ୍ଲକ ଅନ୍ତର୍ଗତ ଖଜୁରୀପଦା ଠାରେ ଅଲ ଓଡ଼ିଶା ୧୦୮ ଆମ୍ବୁଲାନ୍ସ କର୍ମଚାରୀ ମହାସଂଘର ଉପ ସଭାପତି କ୍ରୀଷ୍ଣଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ଜିଲାସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଜିଲାରୁ ୧୦୮ ଆମ୍ବୁଲାନ୍ସ ପାଇଲଟ, ଫାର୍ମାସିଷ୍ଟ, ଆଟେଣ୍ଡାଣ୍ଟ କର୍ମଚାରୀ ଯୋଗଦାନ କରିଥିଲେ। ୧୦୮ ଆମ୍ବୁଲାନ୍ସ କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା, ସଂଘକୁ କିଭଳି ସୁଦୃଢ କରାଯିବ ଏବଂ ବିଭିନ୍ନ ବିଷୟରେ ଆଲୋଚନା କରାଯାଇଥିଲା। ମୁଖ୍ୟତଃ ଆମ୍ବୁଲାନ୍ସ କର୍ମଚାରୀମାନେ ୧୨ଘଣ୍ଟା କାମକରି ୮ଘଣ୍ଟାର ପାରିଶ୍ରମିକ ପାଉଛନ୍ତି। ୪ଘଣ୍ଟାର ପ୍ରାପ୍ୟ ଆମ୍ବୁଲାନ୍ସ କର୍ମଚାରୀଙ୍କ ଠିକା ସଂସ୍ଥା ହଡ଼ପ କରି ନେଇ ଯାଉଛନ୍ତି। ତେଣୁ ଏହାକୁ ଘୋର ନିନ୍ଦା କରିବା ସହ ଠିକ କାମକୁ ଠିକ ପ୍ରାପ୍ୟ କିପରି ମିଳିବ ସେନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଏତଦବ୍ୟତୀତ ଜିଲାସ୍ତରୀୟ ନୂତନ କମିଟି ଗଠନ କରାଯାଇଥିଲା। ସଭାପତି କ୍ରିଷ୍ଣଚନ୍ଦ୍ର ନାୟକ, ଉପ ସଭାପତି ଆଲୋକ କୁମାର ନାୟକ, ସମ୍ପାଦକ ଜିତେନ୍ଦ୍ର କୁମାର ନାୟକ, ସହ ସମ୍ପାଦକ ସରୋଜ କୁମାର ପଟ୍ଟନାୟକ, କୋଷାଧ୍ୟକ୍ଷ ସୁମିତ ବାରିକ୍, ସହ କୋଷାଧ୍ୟକ୍ଷ କେଦାରନାଥ ସାହୁ, କୋର କମିଟି ଦୁର୍ଗାପ୍ରସାଦ ପାଢୀ, ଅଶ୍ୱିନ୍ କୁମାର ନାୟକ, ସଦସ୍ୟ ଜିସାୟ ପାଣି, ଲୁକା ବଡ ରଇତଙ୍କୁ ସର୍ବ ସମ୍ମତିରେ ଚୟନ କରାଯାଇଥିଲା।

# ବିକାଶ ନାଁରେ ଆଦିବାସୀଙ୍କ ବିସ୍ଥାପନକୁ ବିରୋଧ



ଦାରିଙ୍ଗବାଡି/ବ୍ରାହ୍ମଣୀଗାଁ, ୯।୮ (ଅରୁଣ ସାହୁ/ମନୋରଞ୍ଜନ ରଣା): ବିଶ୍ୱ ଆଦିବାସୀ ଦିବସ ଅବସରରେ ଶୁକ୍ରବାର ଦାରିଙ୍ଗବାଡି ବ୍ଲକ ସରାମୂଳି ପଞ୍ଚାୟତର ପ୍ରାହାଡପଙ୍କା ଠାରେ ଡିମ୍ବାଲୁ ନଦୀ ଭିଟାମାଟି ସୁରକ୍ଷା/ବ୍ରାହ୍ମଣୀଗାଁ ସୁରକ୍ଷା ମଞ୍ଚ ପକ୍ଷରୁ ଜନ ସମାବେଶ ଆୟୋଜନ କରାଯାଇଥିଲା। ସଙ୍ଗଠନର ସଭାପତି ଯୋଶେଫ ମୁଠାମାଝୀଙ୍କ ଅଧ୍ୟକ୍ଷତାରେ ଏହି ସମାବେଶରେ ଅଖିଳ ଭାରତ କିଶାନ୍ ମଜଦୁର ସଭାର ଜାତୀୟ ସମ୍ପାଦକ ଭାଲଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଆଦିବାସୀଙ୍କ ଜମି ଜଙ୍ଗଲ ଓ ଜୀବିକା ତଥା ଭାଷା ଓ ସଂସ୍କୃତିର ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ବିକାଶ ନାଁରେ ସରକାରଙ୍କ ଦ୍ୱାରା ଆଦିବାସୀ ଓ ଦଳିତଙ୍କ ବିସ୍ଥାପନକୁ ସେ ବିରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାନ୍ଧୁଙ୍ଗା ପାଟମାଝୀ, ପିତାମ୍ବର ରୂପାମଝୀ, ନୀର ପାଟମାଝୀ, ରାଜେନ୍ଦ୍ର ମାଝୀ, ଲଙ୍ଗା ଟାଙ୍ଗରଙ୍ଗା, ଫିଲିପ୍ ବଲିୟାରସିଂ ପ୍ରମୁଖ ସ୍ଥାନୀୟ ନେତାଙ୍କ ସମେତ ଏଆଇକେଏମଏସର ଜିଲା ଆବାହକ କୁଶନାଥ ପ୍ରଧାନ ଯୋଗଦେଇ ଡୁମ୍ବାଲୁ ନଦୀରେ ଡ୍ୟାମ ନିର୍ମାଣକୁ ବିରୋଧ କରିଥିଲେ। କାର୍ଯ୍ୟକ୍ରମରେ ଉଭୟ କନ୍ଧମାଳ ଓ ରାୟଗଡା ଜିଲାର ସୀମାନ୍ତ ଅଞ୍ଚଳର ୩୫ରୁ ଅଧିକ ଗ୍ରାମର ଲୋକମାନେ ବିଭିନ୍ନ ପାରମ୍ପାରିକ ଅସ୍ତ୍ରଶସ୍ତ୍ର ସାମିଲ ହୋଇଥିଲେ।

# ହାତୀ ଦିବସ ଉପଲକ୍ଷେ ଚିତ୍ରାଙ୍କନ ପ୍ରତିଯୋଗିତା

ଆର,ଉଦୟଗିରି, ୯।୮ (ମନୋଜ କୁମାର ପାଢୀ): ଅଗଷ୍ଟ ୧୨ ତାରିଖ ବିଶ୍ୱ ହାତୀ ଦିବସ ଉପଲକ୍ଷେ ରାମଗିରି ରେଞ୍ଜ ଅଫିସ ତରଫରୁ ଶୁକ୍ରବାର ମହେନ୍ଦ୍ରଗଡ଼ କାର୍ତ୍ତିକ ଗମାଙ୍ଗ ଉଚ୍ଚ ବିଦ୍ୟାଳୟରେ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ଏଥିରେ ମହେନ୍ଦ୍ରଗଡ଼ ଉ. ପ୍ରା ବିଦ୍ୟାଳୟର ସପ୍ତମ ଶ୍ରେଣୀ ସଚିନ କୋଠଦଳାଇ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଗୁରୁବାର ୫ମ, ୬ଷ୍ଠ ଓ ୭ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ହୋଇଥିବା ସାଧାରଣ ଜ୍ଞାନ ପରୀକ୍ଷାରେ ରମାକାନ୍ତ ରଇତ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ମିଥୁନ ବଡ଼ରଇତ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଏହି ୩ କୃତୀ ଛାତ୍ର ଆସନ୍ତା ୧୨ ତାରିଖରେ ପାରଳାଖେମୁଣ୍ଡିଠାରେ ହେବାକୁ ଥିବା ହାତୀ ଦିବସ ପାଳନ କାର୍ଯ୍ୟକ୍ରମରେ ପାଇଁ ମନୋନୀତ ହୋଇଛନ୍ତି। ବିଦ୍ୟାଳୟରେ କାର୍ଯ୍ୟକ୍ରମକୁ ବନପାଳ ବିଶ୍ୱନାଥ ଭୂୟାଁ, ବନରକ୍ଷୀ ରମେଶ ଚନ୍ଦ୍ର ନାୟକ ଇକୋ କ୍ଲବ ମାଷ୍ଟର ଟ୍ରେନେର ସୁବାସ ଚନ୍ଦ୍ର ସାହୁ ସମ୍ପାଦନ କରିଥିଲେ।

# ଧରାକୋଟର ନୂତନ ସରକାରୀ ଡିଗ୍ରୀ ମହାବିଦ୍ୟାଳୟ ଉଦ୍‌ଘାଟିତ

ଧରାକୋଟ/ଛତ୍ରପୁର, ୯।୮ (ବିଷ୍ଣୁକେଶରୀ ଆଚାର୍ଯ୍ୟ/ଦିଲୀପ ସାମଲ): ଓଡିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଶୁକ୍ରବାର ରାଜ୍ୟର ୮ଟି ଜିଲାର ୧୪ଟି ଉପାନ୍ତ/ସୀମାନ୍ତ ଅଞ୍ଚଳରେ ନୂତନ ସରକାରୀ ଡିଗ୍ରୀ ମହାବିଦ୍ୟାଳୟ ଉଦଘାଟନ ହୋଇଛି। ଏହି ପରିପ୍ରେକ୍ଷୀରେ ଗଞ୍ଜାମ ଜିଲା ଧରାକୋଟଠାରେ ନୂତନ ସରକାରୀ ଡିଗ୍ରୀ ମହାବିଦ୍ୟାଳୟର ମଧ୍ୟ ଉଦଘାଟନ ହୋଇଯାଇଛି। ଏହାକୁ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଆଭାସି ମାଧ୍ୟମରେ ଉଦଘାଟନ କରିଛନ୍ତି। ଏ ସରକାର ଲୋକଙ୍କ ସରକାର ଏବଂ ଜନଭାଗିଦାରୀଙ୍କ ସରକାର। ମହାବିଦ୍ୟାଳୟର ପିଲାମାନଙ୍କ ଉତ୍ତମ ଭବିଷ୍ୟତ କାମନା କରିବା ସହିତ



ପ୍ରଥମ ବ୍ୟାଚ କିପରି ଅଧିକ ସ୍ମରଣ ରହିବ ସେଥିପାଇଁ କାର୍ଯ୍ୟ କରନ୍ତୁ ବୋଲି ମନ୍ତ୍ରୀ ବିଦ୍ୟାର୍ଥୀମାନଙ୍କୁ ପରାମର୍ଶ ଦେଇଥିଲେ। ଭିସି ମାଧ୍ୟମରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ଅତିରିକ୍ତ ଜିଲାପାଳ ସୁଧାଂଶୁ କୁମାର ଭୋଇ, ଜିଲା ଶିକ୍ଷା ଅଧିକାରୀ ଅମିତା ପଟ୍ଟନାୟକ ଯୋଡି ହୋଇଥିବା ବେଳେ ଭୁବନେଶ୍ୱରଠାରେ ମନ୍ତ୍ରୀଙ୍କ ସମେତ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସେହିପରି ଧରାକୋଟ ବ୍ଲକ କନଫରେନ୍ସ ହଲରେ ଆଞ୍ଚଳିକ ନିର୍ଦ୍ଦେଶକ ଉଚ୍ଚଶିକ୍ଷା ବିଭାଗ ବ୍ରହ୍ମପୁର ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ, ବିଡିଓ ଡେନିସ ବେହେରା, ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଗଣେଶ୍ୱର ମାଝୀ, ଧରାକୋଟ ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁଜିତ କୁମାର ପଣ୍ଡାଙ୍କ ସମେତ ସମସ୍ତ ଅତିଥି ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଧରାକୋଟ ସ୍ନାତକ ମହାବିଦ୍ୟାଳୟରେ ଇତିହାସ, ଶିକ୍ଷା ଓ ରାଜନୀତି ବିଭାଗର ଅନର୍ସ ପାଠ୍ୟକ୍ରମ ଖୋଲିଥିବା ବେଳେ ବର୍ତ୍ତମାନ ସୁଦ୍ଧା ୯୬ ସିଟ ମଧ୍ୟରୁ ୨୭ଜଣ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ଧରାକୋଟ ସ୍ନାତକ ମହାବିଦ୍ୟାଳୟ ପାଇଁ ନାମଲେଖା ପ୍ରକ୍ରିୟା ନୋଡାଲ କଲେଜ ଆସିକା ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟରେ ଜାରି ରହିଛି। ଇଚ୍ଛୁକ ଥିବା ଛାତ୍ରୀଛାତ୍ର ନାମ ଲେଖାଇ ପାରିବେ ବୋଲି ଜଣାଯାଇଛି।

**ବାଲି ବୋଝେଇ ୨ ଟ୍ରାକ୍ଟର ଜବତ**

ଆସିକା(ସୁରେନ୍ଦ୍ର ନାଥ ସାହୁ): ଆସିକା ତହସିଲ ପକ୍ଷରୁ ବୁଧବାର ରଷିକୁଲ୍ୟା ନଦୀରୁ ବେଆଇନ ଭାବେ ବାଲି ଚାଲାଣ କରୁଥିବା ୨ଟି ଟ୍ରାକ୍ଟର ଜବତ କରାଯାଇଥିଲା। ଗୋଟିଏ ଟ୍ରାକ୍ଟର ଆସିକା ଏନଏସିର ସୁନାମ୍ବ ସାହି ନିକଟରୁ ଓ ଅନ୍ୟଟି ଚେରମାରିଆ ନିକଟରୁ ଆସିକା ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ଜବତ କରିଥିଲେ। ଟ୍ରାକ୍ଟର ଦୁଇଟିରୁ ୫୦ ହଜାର ଟଙ୍କା ଜରିମାନା ଆଦାୟ କରି ଛଡାଯାଇଛି। ସେହିଭଳି ଆସିକା-ବ୍ରହ୍ମପୁର ୫୯ନମ୍ବର ଜାତୀୟ ରାଜପଥର ଚେରମାରିଆ ନିକଟସ୍ଥ ପାକିଡି ପାହାଡ ପାଦଦେଶରେ ଏକ ସ୍ଥାନରେ ମଧ୍ୟ ବହୁ ପରିମାଣର ବାଲି ଗଚ୍ଛିତ ରଖାଯାଇଥିବା ବେଳେ ତହସିଲଦାର ସେଠାରେ ନାଲି ପତାକା ଲଗାଇଛନ୍ତି।

# ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ

ପାରଳାଖେମୁଣ୍ଡି, ୯।୮ (ଗିରିଧାରୀ ପରିଛା): ସ୍ୱାଧୀନତାର ୭୮ତମ ବର୍ଷ ପାଳନ ଅବସରରେ ଅମୃତ ମହୋତ୍ସବ ପାଳନ ଅବସରରେ ଆସନ୍ତା ୧୩ ରୁ ୧୫ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି 'ହର ଘର ତ୍ରିରଙ୍ଗା' କାର୍ଯ୍ୟକ୍ରମ ସାରା ଦେଶରେ ପାଳନ କରିବା ପାଇଁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ଅବସରରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଗଜପତି ଜିଲାରେ ଆଡମ୍ବର ସହକାରେ ପାଳନ ପାଇଁ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଆବାସି ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଅଛି। ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲାର ସମସ୍ତ ପଞ୍ଚାୟତ,ବ୍ଲକ, କାଶୀନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ପାରଳାଖେମୁଣ୍ଡି ପୌର ପରିଷଦରେ ପାଳିତ ହେବ 'ହର ଘର ତ୍ରିରଙ୍ଗା' କାର୍ଯ୍ୟକ୍ରମ। ଜିଲାର ସମସ୍ତ ଅଞ୍ଚଳରେ କିଭଳି ବ୍ୟାପକ ଭାବେ ପାଳନ ହେବ ସେଥି ସକାଶେ ସରକାରଙ୍କ ପ୍ରଦତ୍ତ ମାର୍ଗଦର୍ଶିକା ଅନୁପାଳନ କରିବାକୁ ଜିଲାପାଳ ଜଣାଇଥିଲେ। ଜିଲାର ସ୍ୱୟଂ ସହାୟିକା ମହିଳାମାନଙ୍କ ଦ୍ୱାରା ୧୧ ତାରିଖ ମଧ୍ୟରେ ୯୦ ହଜାର ତ୍ରିରଙ୍ଗା ପତାକା ବଣ୍ଟାଯିବ। ସମସ୍ତ ବ୍ଲକରେ ପତାକା ଯୋଗାଇ ଦିଆଯିବ। ଜିଲାର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ପୌରପାଳିକା ନିର୍ବାହୀ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପତାକା ବଣ୍ଟନ କରାଯିବ। ଜନସାଧାରଣଙ୍କ ହୃଦୟରେ ଜାତୀୟ ଭାବନା ଉଦ୍ରେକ ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ କରିବାକୁ ଜିଲାପାଳ ଅବଗତ କରାଇଥିଲେ। ତ୍ରିରଙ୍ଗା ଯାତ୍ରା, ତ୍ରିରଙ୍ଗା ରାଲି, ତ୍ରିରଙ୍ଗା ଦୌଡ, ତ୍ରିରଙ୍ଗା ଦସ୍ତଖତ ସଂଗ୍ରହ, ତ୍ରିରଙ୍ଗା ଶପଥ ପାଠ, ତ୍ରିରଙ୍ଗା ସେଲ୍ଫି,ତ୍ରିରଙ୍ଗା ସମ୍ମାନ, ତ୍ରିରଙ୍ଗା ମେଳା ପ୍ରଭୃତି ଠିକ ଭାବେ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

# ବିବାହ ପ୍ରଲୋଭନ ଦେଖାଇ ବଳାତ୍କାର, ଯୁବକ ଗିରଫ

ବେଲଗୁଣ୍ଠା,୯।୮ (କୃଷ୍ଣ ଚନ୍ଦ୍ର ପଟ୍ଟନାୟକ): ବେଲଗୁଣ୍ଠା ଥାନା ଅନ୍ତର୍ଗତ ବାଣତୁମ୍ବ ଗ୍ରାମରେ ଜଣେ ୨୨ ବର୍ଷୀୟ ଯୁବତୀଙ୍କୁ ବିବାହର ପ୍ରଲୋଭନ ଦେଖାଇ ବାରମ୍ବାର ବଳାତ୍କାର କରିବା ଏବଂ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଭାଇରାଲ୍ କରିବାକୁ ଧମକ ଦେବା ଅଭିଯୋଗରେ ଶୁକ୍ରବାର ବେଲଗୁଣ୍ଠା ପୋଲିସ ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନା ପ୍ରକାରେ ବାଣତୁମ୍ବ ଗ୍ରାମରେ ଜଣେ ଯୁବତୀଙ୍କ ସହ ସେହି ଗ୍ରାମର ସୁଶାନ୍ତ ସେଠୀ ନାମକ ଜଣେ ଯୁବକ ବିବାହର ପ୍ରଲୋଭନ ଦେଖାଇ ପ୍ରାୟ ପାଞ୍ଚମାସ ଧରି ଶାରିରୀକ ସମ୍ପର୍କ ରଖି ଆସୁଥିଲେ। ଯୁବତୀ ଜଣଙ୍କ ସୁଶାନ୍ତକୁ ବିବାହ କରିବା କଥା କହିଲେ ସେ ବାରମ୍ବାର ଏଡ଼ାଇ ଯିବା ସହିତ ବିବାହ କରିବାକୁ ବାଧ କଲେ ସେ ରଖିଥିବା ଯୁବତୀଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋକୁ ସାମାଜିକ ଗଣମାଧ୍ୟମରେ ଛାଡିଦେବାର ଭୟ ଦେଖାଉଥିଲେ। ଏନେଇ ଯୁବତୀ ଜଣଙ୍କ ଘରେ ଜଣାଇବା ପରେ ଗ୍ରାମର କିଛି ଭଦ୍ରବ୍ୟକ୍ତି ଆପୋଷ ସମାଧାନ କରାଇ ପାଞ୍ଚ ଦିନ ମଧ୍ୟରେ ସୁଶାନ୍ତ ଯୁବତୀଙ୍କୁ ବିବାହ କରିବ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ସୁଶାନ୍ତ ବିବାହ କରିବା ପରିବର୍ତ୍ତେ ଫେରାର ହୋଇଯାଇଥିଲେ। ଏ ନେଇ ଯୁବତୀ ବେଲଗୁଣ୍ଠା ଥାନାରେ ଗତ ୩ ତାରିଖରେ ଏତଲା ଦେଇଥିଲେ। ଶୁକ୍ରବାର ଅପରାହ୍ନରେ ସୁଶାନ୍ତ ଗ୍ରାମକୁ ଆସିଥିବା ଖବର ପାଇ ବେଲଗୁଣ୍ଠା ପୋଲିସ ଚଢ଼ାଉ କରି ତାଙ୍କୁ ଗିରଫ କରି ଭଞ୍ଜନଗର ମେଡିକାଲରେ ଡାକ୍ତରୀ ମାଇନା କରିବା ପରେ କୋର୍ଟ ଚାଲାଣ କରିଛି।

## ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ବିୟୋଗ

ଧରାକୋଟ,୯।୮(ବିଷ୍ଣୁ କେଶରୀ ଆଚାର୍ଯ୍ୟ): ଧରାକୋଟ ବ୍ଲକ ବେଟୁଆର ଗ୍ରାମର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସନ୍ୟାସୀ ବିଶୋୟୀଙ୍କ ପରଲୋକ ହୋଇଯାଇଛି। ଦୀର୍ଘ ଦିନ ଧରି ସେ ମଧୁମେହ ରୋଗରେ ପୀଡିତ ଥିଲେ। ସେ ଜଣେ ଛାତ୍ର ବତ୍ସଳ ଶିକ୍ଷକ ଭାବରେ ଜଣାଶୁଣା ଥିଲେ।


**ଇ-ନିଲାମ ମାଧ୍ୟମରେ ସ୍କ୍ରାପ୍ ବିକ୍ରୟ**

ନଂ.ଏସ୍‌ଇଆର୍/ଏଚ୍‌କ୍ୟୁ-ଏସ୍‌ଟିଓଆର୍‌୦ଏସ୍‌ଏଲ୍‌ଇ (ଡିଏସ୍‌ପିଏଲ୍)/୪/୨୦୨୪-ସେଲ୍/୨ ତାରିଖ: ୦୮।୦୮।୨୦୨୪

ଚକ୍ରଧରପୁର ଡିଭିଜନ ପାଇଁ ଅତିରିକ୍ତ ଇ-ନିଲାମ କାର୍ଯ୍ୟକ୍ରମ ୧୬।୦୮।୨୦୨୪, ୧୭।୦୮।୨୦୨୪ ଓ ୧୯।୦୮।୨୦୨୪ରେ। ବିଦ୍ର: ଇ-ନିଲାମ ସମୟସୂଚୀ ଏବଂ କାଟାଲଗ୍ ପାଇଁ ଦୟାକରି ୱେବ୍‌ସାଇଟ୍: **www.ireps.gov.in/e-Auction** ପରିଦର୍ଶନ କରନ୍ତୁ।

(PR-467) ପ୍ରିନ୍ସିପାଲ ଚିଫ୍ ମ୍ୟାଟେରିଆଲ୍ସ ମ୍ୟାନେଜର/ଗାର୍ଡେନ୍ ରିଚ୍

**ଦକ୍ଷିଣ ପୂର୍ବ ରେଳପଥ**

ହର୍ଷର ସହିତ ଆମେ ସେବାରତ


# ଫୁଲବାଣୀରେ ବିଶ୍ୱ ଆଦିବାସୀ ଦିବସ ପାଳିତ

ଫୁଲବାଣୀ,୯।୮(ରାକେଶ ରାଉତ)

କୁଇ ସମାଜ ସେବା ସମିତି ପକ୍ଷରୁ ଶୁକ୍ରବାର ଫୁଲବାଣୀ ଠାରେ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇ ଯାଇଛି। ସ୍ଥାନୀୟ ମାଦିକୁନ୍ଦା ଛକରୁ ହଜାର ହଜାର ସଂଖ୍ୟାରେ ଆଦିବାସୀ ପୁରୁଷ ଓ ମହିଳା ପାରମ୍ପରିକ ବେଶ ପୋଷାକରେ ସଜ୍ଜିତ ହୋଇ ନାଚଗୀତ ସହ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଦାବିପତ୍ର ଦେଇଥିଲେ। ପରେ ବିଜୁ କଲ୍ୟାଣ ମଣ୍ଡପ ଠାରେ ଏକ ସଭା ଆୟୋଜନ କରାଯାଇଥିଲା। ବୈଠକରେ ଅତିଥି ଭାବେ ପୂର୍ବତନ ବିଧାୟକ ଅଙ୍ଗଦ କହଁର, ମୁଖ୍ୟବକ୍ତା ଭାବେ ଅବସର ପ୍ରାପ୍ତ ସରକାରୀ କର୍ମଚାରୀ ଅଧିକାରୀ ରାଘବ ମଲ୍ଲିକ, କୁଇ ଭାଷା ସାହିତ୍ୟ ସମିତି ସଭାପତି ଦୀନବନ୍ଧୁ କହଁର, ନାରୀ ସଭାନେତ୍ରୀ ସୌଦାମିନୀ କହଁର, କୁଇ ସମାଜ ସେବା ସମିତି ସଭାପତି ସୁଦର୍ଶନ କହଁର, ଗୌତମ ପ୍ରଧାନ, ସମ୍ପାଦକ ଅବନୀ କହଁର, ଭାବୀନ୍ଦ୍ର କହଁର, ଅଚ୍ୟୁତ ଜାନି ଉପସ୍ଥିତ ଥିଲେ।


# ପଞ୍ଚାୟତ ସମିତି କାର୍ଯ୍ୟାଳୟ, ପାଇକମାଲ

ବିଜ୍ଞାପନ ସଂଖ୍ୟା: ୧୮୭୧ ତା:୦୨।୦୮।୨୦୨୪

ଏତଦ୍ୱାରା ପାଇକମାଲ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଅନ୍ତର୍ଗତ ସମସ୍ତ ଗ୍ରା.ପ.ର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନ କାର୍ଯ୍ୟସୂଚୀମତେ ବରତୁଣ୍ଡା ଗ୍ରା.ପ.ର ସାଧାରଣ ସମ୍ପତ୍ତି ଯଥା ସାପ୍ତାହିକ ଗୋରୁ ବଜାର ଧାର୍ଯ୍ୟ ମୂଲ୍ୟ ଓ ମିଆଦ ଅନୁଯାୟୀ ୨୦୨୪-୨୫ ଆର୍ଥିକ ବର୍ଷ ନିମନ୍ତେ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପାଇକମାଲ କିମ୍ବା ତାଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ପ୍ରକାଶ୍ୟ ନିଲାମ କରାଯିବ।

ଅତଏବ ଇଚ୍ଛୁକ ବ୍ୟକ୍ତିମାନେ ନିର୍ଦ୍ଦିଷ୍ଟ ତାରିଖ ଓ ସ୍ଥାନରେ ଉପସ୍ଥିତ ରହି ନିଲାମରେ ଅଂଶଗ୍ରହଣ କରିପାରିବେ। ପ୍ରକାଶ ଥାଉକି ନିଲାମରେ ଅଂଶଗ୍ରହଣ ସମୟରେ ନିମ୍ନୋକ୍ତ ନିୟମ ସବୁ ପାଳନ କରିବାକୁ ହେବ।

୧. ନିଲାମରେ ଅଂଶଗ୍ରହଣ କରିବା ବ୍ୟକ୍ତି କୌଣସି ଦାବି ବକେୟାଦାର ହୋଇ ନ ଥିବେ।
୨. ନିଲାମ ଡାକିବା ଇଚ୍ଛୁକ ବ୍ୟକ୍ତିମାନେ ସମ୍ପୃକ୍ତ ସମ୍ପତ୍ତିର ଧାର୍ଯ୍ୟ ମୂଲ୍ୟ ୦୧/୧୦ (ଏକ ଦଶମାଂଶ)ଟଙ୍କା ଅମାନତ ଆକାରରେ ସମ୍ପୃକ୍ତ ନିଲାମ ଅଧିକାରୀଙ୍କଠାରେ ଜମାଦେଇ ନିଲାମ ଡାକରେ ଅଂଶଗ୍ରହଣ କରିବେ।
୩. ନିଲାମ ଗ୍ରହୀତା ପ୍ରଥମ କିସ୍ତିରେ ଶତକଡ଼ା ୭୫ ଭାଗ ଜମା ଦେବେ ଓ ଦ୍ୱିତୀୟ କିସ୍ତି ଭାଗ ୧୫ ପ୍ରତିଶତ ଅର୍ଥ ୩୧।୧୨।୨୦୨୪ ସୁଦ୍ଧା ଗ୍ରା.ପ.ରେ ପଇଠ କରିବେ। ଅମାନତ ଟଙ୍କା ଶେଷ କିସ୍ତିରେ ଭରଣ କରାଯିବ। ପ୍ରକାଶ ଥାଉକି ୭୫ ପ୍ରତିଶତ ଭାଗ ଅର୍ଥ ଉପ-ଜିଲାପାଳ, ପଦ୍ମପୁରଙ୍କ ଦ୍ୱାରା ନିଲାମ ଦୃଢ଼ୀକରଣ ୧୫ ଦିନ ପରେ ଗ୍ରା.ପ. କାର୍ଯ୍ୟାଳୟଠାରେ ଜମା ଦେବେ।
୪. କିସ୍ତି ଟଙ୍କା ନିର୍ଦ୍ଧାରିତ ସମୟ ସୀମା ଭିତରେ ଜମା ନ ଦେଲେ ଅମାନତ ଟଙ୍କା ବାଜ୍ୟାପ୍ତ ହୋଇ ସାନି ନିଲାମ କରାଯିବ।
୫. ନିଲାମ ଗ୍ରହୀତା ନିୟମ ଅନୁସାରେ ଗ୍ରା.ପ. ସହିତ ନିଜ ଖର୍ଚ୍ଚରେ ଏକ ଚୁକ୍ତିନାମା କରି ପଞ୍ଜୀକରଣ କରାଇବେ।
୬. ନିଲାମ ସମୟରେ ନିଲାମ ଅଧିକାରୀଙ୍କ ନିଷ୍ପତ୍ତି ସର୍ବୋଚ୍ଚ ଭାବେ ଗ୍ରହଣୀୟ ହେବ। କୌଣସି କାରଣ ନ ଦର୍ଶାଇ ନିଲାମ ଅଧିକାରୀ ସର୍ବୋଚ୍ଚ ଡାକକୁ ରଦ୍ଦ କରିପାରିବେ କିମ୍ବା ନିଲାମ ମଧ୍ୟ ବନ୍ଦ କରିପାରିବେ।

| କ୍ର.ନଂ. | ଗ୍ରା.ପ.ର ନାମ | ସମ୍ପତ୍ତିର ନାମ | ସରକାରୀ ଧାର୍ଯ୍ୟ ମୂଲ୍ୟ | ତାରିଖ | ସମୟ | ସ୍ଥାନ |
|---|---|---|---|---|---|---|
| ୧ | ବରତୁଣ୍ଡା | ସାପ୍ତାହିକ ଗୋରୁ ବଜାର | ୪୭,୫୦,୭୦୦/- | ୨୧।୦୮।୨୦୨୪ | ପୂର୍ବାହ୍ନ ୧୦.୦୦ ଘଟିକା | ଗ୍ରା.ପ. କାର୍ଯ୍ୟାଳୟ ପରିସର |

ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପାଇକମାଲ



**HDFC BANK**
We understand your world

# AUCTION NOTICE FOR GOLD ORNAMENTS

The borrower (s) (whose details are provided in the table herein below), in particular, and the public, in general, are hereby informed that the below mentioned Loan account is overdue, and the borrower account holder has not responded to/ complied with the communications and notices send by HDFC Bank Limited (the "Bank") requesting the Borrower to clear his/her/their dues as per the documents in respect of the below mentioned Loan signed/accepted by the borrower (such documents, collectively " Loan Agreement") and therefore defaulted in terms thereof. The bank has in exercise of its rights as a pledge, decided to enforce the pledge and therefore hold a public auction of the gold ornaments pledged to the Bank as security for the loan for the purpose of selling the same and realizing / recovering the dues owed by the borrower to the Bank. **Kindly refer the below auctions schedule. In the event the auction of any pledged security cannot be conducted or concluded on the date mentioned below. Bank reserves the right to conduct or proceed with the said auction on any subsequent date.**

| AUCTIONS DATE | LOAN NO. | BORROWER'S NAME | LOAN AMOUNT | PLACE OF AUCTION |
|---|---|---|---|---|
| 16-08-2024 | 74220146 | RABINDRA PUHAN | 50300 | HDFC BANK LTD, 1ST FLOOR, DALA CHHAK, NEAR SBI, JAJPUR ROAD, JAJPUR-755019 |
| 16-08-2024 | 74241286 | UDE RANA | 37300 | HDFC BANK LTD, 1ST FLOOR, JAIN SHOPPING COMPLEX, OPP.TITLAGARH MUNICIPALITY OFFICE, TITLAGARH-767033 |
| 16-08-2024 | 74230117 | SANJAY KUMAR RANA | 32800 | |
| 16-08-2024 | 73269623 | CHITTA RANJAN BHUYAN | 151200 | HDFC BANK LTD, 7&8, CUTTACK-PURI ROAD, JHARPARA, BHUBANESWAR-751006 |
| 16-08-2024 | 74131649 | ABHISEK MISHRA | 38700 | |
| 16-08-2024 | 74251155 | SAMIRAN DASH | 199900 | |
| 16-08-2024 | 74243657 | MANORANJAN NAYAK | 15500 | |
| 16-08-2024 | 73942056 | BABULA SAMAL | 43700 | HDFC BANK LTD, AT-KANDASARA, PO-NALCO NAGAR, ANGUL-759145 |
| 16-08-2024 | 74066418 | BHIKU SEK | 42000 | |
| 16-08-2024 | 74196070 | AKSHAYA KUMAR BARIK | 23600 | HDFC BANK LTD, BARBIL JODA HIGHWAY, KEONJHAR, BARBIL-758035 |
| 16-08-2024 | 75235366 | SHARIF ALI KHAN | 433000 | HDFC BANK LTD, BIBISARAM MARKET CHAK, JAJPUR TOWN, JAJPUR-755001 |
| 16-08-2024 | 75069421 | SANJEEB KUMAR PATRA | 271400 | |
| 16-08-2024 | 74120536 | SALIGRAM DAS | 115200 | HDFC BANK LTD, BUSINESS PARK, FIRST FLOOR, C111-SAHEEDNAGAR, BHUBANESWAR-751007 |
| 16-08-2024 | 74431538 | SAUMYA RANJAN DASH | 92300 | |
| 16-08-2024 | 74222844 | CHAND SHARMA | 35000 | HDFC BANK LTD, C/O-PRITI AUTO COMBINE, GOL BAZAR, SAMBALPUR-768001 |
| 16-08-2024 | 75263756 | MANAS RANJAN MOHAPATRA | 55000 | HDFC BANK LTD, CHANDVALI CHOWK, ATHGARH-754029 |
| 16-08-2024 | 74355548 | SHANTANU BUDA | 51000 | HDFC BANK LTD, DURGA COMPLEX, JHARSUGUDA-768201 |
| 16-08-2024 | 74533603 | SHIBANANDA PATRA | 148000 | HDFC BANK LTD, F M CIRCLE, BALASORE-756001 |
| 16-08-2024 | 73634513 | PIYUSH RANJAN NAYAK | 110000 | |
| 16-08-2024 | 74184009 | SANTOSH KUMAR NAYAK | 13000 | |
| 16-08-2024 | 74553081 | MANOJ NAYAK | 19500 | HDFC BANK LTD, GANESH TALKIES SQUARE, NIMAPARA, PURI-752106 |
| 16-08-2024 | 74805297 | KUMAR SUBRAT | 210000 | HDFC BANK LTD, GROUND FLOOR, BRAJA NAGAR, FIRST LANE, LUCHAPADA ROAD, BRAHMAPUR, GANJAM-760001 |
| 16-08-2024 | 75217476 | ANJANI DAMODAR MAHARANA | 125500 | |
| 16-08-2024 | 74535372 | RAMESH KUMAR PRADHAN | 153500 | HDFC BANK LTD, GROUND FLOOR, NEAR SAPTASHREE SCIENCE COLLEGE, MAIN ROAD CHIKITI PENTHA, GANJAM-761010 |
| 16-08-2024 | 75203934 | ANIL KUMAR BEHERA | 11500 | HDFC BANK LTD, GROUND FLOOR, OPP. MINOR IRRIGATION OFFICE, KUCHINDA, SAMBALPUR-768222 |
| 16-08-2024 | 73583382 | DEEPAK KUMAR PRADHAN | 59797 | HDFC BANK LTD, GROUND FLOOR, POKHARIAPADA, PATTAMUNDAI, KENDRAPADA-754215 |
| 16-08-2024 | 74845637 | SANTANU KUMAR PAIKARAY | 91450 | HDFC BANK LTD, GROUND FLOOR, RAJENDRA VIHAR APARTMENT, BLOCK- D, FOREST PARK, BHUBANESWAR-751020 |
| 16-08-2024 | 74209166 | KISHORI NAIK | 31000 | HDFC BANK LTD, HATATOTA, TALCHER, ANGUL-759100 |
| 16-08-2024 | 73179024 | GAYATRI PANIGRAHI | 238000 | HDFC BANK LTD, JEYPORE MAIN ROAD, NEAR NH INSPECTION BUNGALOW, KORAPUT, JEYPORE-764001 |
| 16-08-2024 | 75228310 | SHAIK SALEEM | 93700 | |
| 16-08-2024 | 74796391 | GOBINDA CHANDRA PUJARI | 92000 | |
| 16-08-2024 | 74186052 | JAGANNATH BISOI | 38500 | |
| 16-08-2024 | 74266038 | BIBHU PRASAD PATTNAIK | 160000 | |
| 16-08-2024 | 74171536 | ABHINASH BISWAL | 55600 | HDFC BANK LTD, KALINGA NAGAR, DUBURI, JAJPUR-755019 |
| 16-08-2024 | 74824142 | AKASH SINGH | 42600 | HDFC BANK LTD, KIIT CAMPUS 5, NEAR KIMS, ADMINISTRATIVE BLOCK, PATIA, BHUBANESWAR-751024 |
| 16-08-2024 | 74781158 | BHUPENDRA NIAL | 34000 | HDFC BANK LTD, MAHABIR CHOWK, JODA, KEONJHAR-758034 |
| 16-08-2024 | 74088458 | SANJULATA PATI | 420000 | HDFC BANK LTD, MAHIPAL, KENDRAPARA-754211 |
| 16-08-2024 | 73054459 | CHINMAYA BISWAL | 34000 | |
| 16-08-2024 | 74125859 | NILAMBAR SAMAL | 24000 | |
| 16-08-2024 | 74160592 | HARAPRIYA DAS | 19400 | |
| 16-08-2024 | 74222836 | KAMALAKANT SETHI | 13600 | |
| 16-08-2024 | 50200047591899 | JYOTIRANJAN KHANDUAL | 866489 | |
| 16-08-2024 | 74749532 | NAGESWAR NAHAK | 199900 | HDFC BANK LTD, MAIN ROAD, BALISIRA, GUNTHA PADA, BHANJANAGAR, GANJAM-761115 |
| 16-08-2024 | 74795763 | SURYA NARAYAN PADHY | 38600 | HDFC BANK LTD, MAIN ROAD, BHANJANAGAR, GANJAM-761126 |
| 16-08-2024 | 74515586 | ARUN KUMAR NAYAK | 57800 | HDFC BANK LTD, MAIN ROAD, GOSANINUAGAON, BERHAMPUR-760003 |
| 16-08-2024 | 73995395 | B GHANASYAMA | 24900 | |
| 16-08-2024 | 74168798 | B SRINIVAS RAO | 150300 | |
| 16-08-2024 | 74232186 | K MURALI REDDY | 50000 | |
| 16-08-2024 | 74391361 | SUNIL KUMAR RAY | 275000 | HDFC BANK LTD, MAIN ROAD, NEAR RELIANCE TRENDS, BALUGAON-752030 |
| 16-08-2024 | 74222717 | PRUTHIRAJ MAHAPATRA | 77000 | |
| 16-08-2024 | 74184338 | MANASH RANJAN SATRUSALLYA | 36000 | |
| 16-08-2024 | 74157136 | BAPI PADHI | 18000 | |
| 16-08-2024 | 74383527 | DEBARAJ ROUT | 67300 | HDFC BANK LTD, MANIKESWARI CHOWK, BHAWANIPATNA, KALAHANDI-766001 |
| 16-08-2024 | 74211320 | HARE NAIK | 30000 | |
| 16-08-2024 | 74448385 | JENA DURJYODHANA | 115000 | HDFC BANK LTD, MARKET SQUARE, PARLAKHEMUNDI, GAJAPATI-761200 |
| 16-08-2024 | 74214226 | BISHNU TOPPO | 74000 | HDFC BANK LTD, MERIDIEN TOWER, C-8, FIRST FLOOR, UDIT NAGAR, ROURKELA-769012 |
| 16-08-2024 | 75144898 | GIRIDHAR TURUK | 585000 | HDFC BANK LTD, NALCO, BIJU PATTNAIK CHOWK, DAMANJODI, KORAPUT-763008 |
| 16-08-2024 | 74552741 | RANJIT KUMAR KHORA | 46100 | |
| 16-08-2024 | 75125212 | HRUDANANDA SAHOO | 131000 | HDFC BANK LTD, NEAR BIJU PATNAIK COLLEGE, JAYDEV VIHAR, BHUBANESWAR-751013 |
| 16-08-2024 | 74222881 | MANAS RANJAN DWIBEDY | 75000 | HDFC BANK LTD, NEAR ILA MEDICAL STORE, SHANTIPARA, BOLANGIR-767002 |
| 16-08-2024 | 75142901 | MANAS RANJAN SATAPATHY | 195900 | HDFC BANK LTD, PAKALAVARI STREET, CITY POST OFFICE ROAD, GANJAM, BRAHMAPORE-760002 |
| 16-08-2024 | 73575161 | KUNI BEHERA | 41000 | |
| 16-08-2024 | 74220983 | CHINMAY CHITTADARSHI SAMANTSINAR | 982200 | HDFC BANK LTD, PATEL MARG, NABARANGAPUR-764059 |
| 16-08-2024 | 75259099 | K ABINASH | 224000 | |
| 16-08-2024 | 75195443 | SANKAR PRASAD SADANGI | 144300 | |
| 16-08-2024 | 75090372 | AMIR KUMAR BHUYAN | 161100 | HDFC BANK LTD, PATRAPADA, KHURDA, BHUBANESWAR-751019 |
| 16-08-2024 | 74325439 | JAYA KRUSHNA DAS | 142000 | |
| 16-08-2024 | 74327264 | JAYA KRUSHNA DAS | 139800 | |
| 16-08-2024 | 73354338 | BISHNU PRASAD NAYAK | 54700 | |
| 16-08-2024 | 75220613 | PRIYABRATA PATNAIK | 352000 | HDFC BANK LTD, PLOT NO 191, 204, 205, 206, OPPOSITE KEDAR GOURI TEMPLE, UNIT - 36, SAMANTARAPUR, BHUBANESWAR-751014 |
| 16-08-2024 | 74051371 | SASMITA SAHOO | 139000 | |
| 16-08-2024 | 74327504 | SUSMITA BEDAMATTA | 110400 | |
| 16-08-2024 | 75178821 | MUKUNDA PRASAD JENA | 108000 | |
| 16-08-2024 | 74214856 | AJAY KUMAR NAYAK | 55300 | |
| 16-08-2024 | 50200029556381 | PRADEEP KUMAR SUTAR | 682577 | HDFC BANK LTD, PLOT NO 484/1908, MADHUSUDAN NAGAR, BHUBANESWAR-751012 |
| 16-08-2024 | 73727657 | SUJIT MOHANTY | 78000 | HDFC BANK LTD, PLOT NO 516/1676, SAMPARK VIHAR, PATIA SQUARE, BHUBANESWAR-751024 |
| 16-08-2024 | 74163192 | D GANESH RAO | 19500 | |
| 16-08-2024 | 75092401 | PUJA KUMARI SINGH | 83500 | HDFC BANK LTD, PLOT NO 6, MAHANADI VIHAR, CUTTACK-753004 |
| 16-08-2024 | 75192426 | RANJIT SAMANTARAY | 131000 | HDFC BANK LTD, PLOT NO-323/1000, INFRONT OF NEW BUS STAND, PO-PALLAHATA, KHURDA-762056 |
| 16-08-2024 | 75231052 | BISHWA BHUSAN SETHY | 160800 | HDFC BANK LTD, PLOT NO-381/5/A & 381/5/C, UNIT-3, JANPATH, KHARVEL NAGAR, BHUBNESWAR-751001 |
| 16-08-2024 | 75265514 | PRAMILA SAHU | 364200 | HDFC BANK LTD, PLOT NUMBER-634, GANESH BAZAAR, MAIN ROAD, PHULBANI-762001 |
| 16-08-2024 | 74265548 | PRAMOD KUMAR SAHANI | 100000 | |
| 16-08-2024 | 74796440 | CHINMAYA KUMAR BARIK | 129900 | HDFC BANK LTD, PURNA GOURI MARKET COMPLEX, MATHA SAHI, DAHANI GADIA, BHADRAK-756100 |
| 16-08-2024 | 74102769 | ARJUN CHARAN NAYAK | 150000 | |
| 16-08-2024 | 74723924 | SANJIB SAKHAR BAL | 136000 | HDFC BANK LTD, SALEPUR MAIN ROAD, SALEPUR, CUTTACK-754202 |
| 16-08-2024 | 74101287 | SRIMANTA KUMAR PATRA | 44000 | |
| 16-08-2024 | 462435297 | PROMAD KUMAR SAHU | 174600 | HDFC BANK LTD, SARGUNA STREET, ASKA ROAD, BRAHMAPUR-760006 |
| 16-08-2024 | 74382360 | JEETENDRA KUMAR PANIGRAHY | 85900 | |
| 16-08-2024 | 74187860 | SUVAJIT ROY | 208000 | HDFC BANK LTD, VIP PLAZA, VIP ROAD, PURI-752001 |
| 16-08-2024 | 74326271 | SUVAJIT ROY | 104000 | |
| 16-08-2024 | 74322612 | SUVAJIT ROY | 103900 | |
| 16-08-2024 | 73054577 | GURUPRASAD MOHANTY | 81000 | |
| 16-08-2024 | 74169454 | ANWESH PRUSTY | 76700 | |

| Auctions Date | Loan No | Nominee/Borrower's Name | Loan Amount | Place of Auction |
|---|---|---|---|---|
| 16-08-2024 | 74129022 | MINATI PATRA WIFE OF ASHOK KUMAR PATRA | 55800 | HDFC BANK LTD, BARBIL JODA HIGHWAY, KEONJHAR, BARBIL-758035 |

The auction shall be conducted on an "AS IS WHERE IS" and the "AS IS WHAT IS" basis and the Bank is not making and shall not make any representations or warranties as regards the quality, purity, caratage, weight or valuation of the said gold ornaments. It shall be the sole and absolute responsibility of the potential purchasers to verify, examine and satisfy themselves about the quality, purity, caratage, weight or valuation of the said gold ornaments prior to placing their bids and for such purpose it shall be open to potential purchasers to examine, at their sole cost and expense, and at the address set out hereinabove, the gold ornaments whether with or without expert advice 45 minutes prior to the time stipulated for the conduct of the auction. All bids shall be subject to such minimum reserve price as the Bank may deem fit to fix in this regard. The auction process and the sale (if any) pursuant to such auction shall be subject to such further terms and conditions as the Bank may at its sole discretion deem fit to impose. If the borrower(s) mentioned above pays the amount due to the bank in terms of the Loan agreement in his individual loan account in full before the auction as mentioned above, the pledged ornaments securing the said loan may be withdrawn by the bank from the said auction without any further notice. Please note that it is the absolute discretionary power of the undersigned authorized officer of the Bank, either to postpone or to cancel the auction proceedings without prior notice and without assigning any reason therefore and to reject any or all the bids or offers without assigning any reason for the same.

**Date : 10-08-2024,**
**Place : ORISSA**

**Sd/- Authorised Officer,**
**HDFC BANK LTD.**



**Government of Odisha**
**Higher Education Department**

**Remaining Timeline for Admission into 2 year B.Ed., B.H.Ed., M.Ed. Courses for the Academic Session 2024-25 under SAMS**

No. N-74: Timeline for Phase-1, 2 Year B.Ed., B.H.Ed., M.Ed. Courses e-Admission for the year 2024-25 under "Student Academic Management System (SAMS)" is given below. Any change in the timeline will be published on the website **https://te.samsodisha.gov.in/**. The applicants are request to read the Information Brochure carefully.

| Sl # | Activities | Timeline |
|---|---|---|
| 1 | Publication of Entrance Test Score on SAMS TE Portal | 09.08.2024 (Friday) (06.00 P.M.) |
| 2 | Publication of Provisional Allotment of Seats (For First Round Selection) | 12.08.2024 (Monday) (02.00 P.M.) |
| 3 | Online payment of Admission Fees by the selected students through SAMS [Student's login] portal | 12.08.2024 (Monday) (04.00 P.M.) to 16.08.2024 (Friday) (11.45 P.M.) |
| 4 | Reporting of applicants at allotted institutions for taking admission (for First Round Selection) | 13.08.2024 (Tuesday) (10.00 A.M.) to 14.08.2024 (Wednesday) (05.00 P.M.) & 16.08.2024 (Friday) (10.00 A.M.) to 17.08.2024 (Saturday) (05.00 P.M.) |
| 5 | Data updation of admitted students in the e-space (for First Round Admission) by the respective Institutions | 13.08.2024 (Tuesday) (10.00 A.M.) to 17.08.2024 (Saturday) (11.45 P.M.) |
| 6 | Updation of Slide-Up online by the Students taken admission in First Round of selection | 13.08.2024 (Tuesday) (02.00 A.M.) to 18.08.2024 (Sunday) (11.45 P.M.) |
| 7 | Publication of Provisional Allotment of Seats (for Second Round Selection) | 24.08.2024 (Saturday) (02.00 P.M.) |
| 8 | Online payment of admission fees by the selected students through SAMS [Student's login] portal | 24.08.2024 (Saturday) (04.00 P.M.) to 28.08.2024 (Wednesday) (11.45 P.M.) |
| 9 | Reporting of applicant at allotted institutions for taking admission (for Second Round Selection) | 27.08.2024 (Tuesday) (10.00 A.M.) to 29.08.2024 (Thursday) (05.00 P.M.) |
| 10 | Data updation of admitted students in the e-space (for Second Round Admission) by the respective Institutions | 27.08.2024 (Tuesday) (10.00 A.M.) to 29.08.2024 (Thursday) (11.45 P.M.) |
| 11 | Updation of Slide-up online by the Students taken admission in Second Round of Selection | 27.08.2024 (Tuesday) (02.00 P.M.) to 30.08.2024 (Friday) (11.45 P.M.) |
| 12 | Publication of Provisional Allotment of Seats (For Third Round Selection) | 05.09.2024 (Thursday) (02.00 P.M.) |
| 13 | Online payment of admission fees by the selected students through SAMS [Student's login] portal | 05.09.2024 (Thursday) (04.00 P.M.) to 09.09.2024 (Monday) (11.45 P.M.) |
| 14 | Reporting of the applicant at allotted institutions for taking admission (for Third Round Selection) | 06.09.2024 (Friday) (10.00 A.M. to 05.00 P.M.) & 09.09.2024 (Monday) (10.00 A.M.) to 10.09.2024 (Tuesday) (05.00 P.M.) |
| 15 | Data updation of admitted students in the e-space (for Third Round of Selection) by the respective Institutions | 06.09.2024 (Friday) (10.00 A.M.) to 10.09.2024 (Tuesday) (11.45 P.M.) |
| 16 | Updation of Slide-Up option online by the students taken admission in Third Round of Selection | 06.09.2024 (Friday) (02.00 P.M.) to 11.09.2024 (Wednsday) (11.45 P.M.) |
| 17 | Publication of Provisional Allotment of Seats (For Fourth Round Selection) | 17.09.2024 (Tuesday) (02.00 P.M.) |
| 18 | Online payment of admission fees by the selected students through SAMS (Student's login) portal (for Foruth Round Selection) | 17.09.2024 (Tuesday) (04.00 P.M.) to 20.09.2024 (Friday) (11.45 P.M.) |
| 19 | Reporting of applicants at allotted institutions for taking admission (for Fourth Round Selection) | 18.09.2024 (Wednesday) (10.00 A.M.) to 21.09.2024 (Saturday) (05.00 P.M.) |
| 20 | Data updation of admitted students in the e-space (for Fourth Round Selection) by the respective Institutions | 18.09.2024 (Wednesday) (10.00 A.M.) to 21.09.2024 (Saturday) (11.45 P.M.) |
| 21 | Publication of rank wise waiting list in (1:50 Ratio) among the remaining applicants as per the actual vacancy as on 22.09.2024 in HEI's e-space as well as in the Student's login | 25.09.2024 (Wednesday) (10.00 A.M.) |
| 22 | Publication of list of selected as well as waitlisted applicants by the HEI's at their Notice Board/ Website and also communicate them via Call/ SMS by the HEIs. | 25.09.2024 (Wednesday) (04.00 P.M.) |
| 23 | Reporting of waitlisted applicants to take admission in one of the selected HEIs, where the admission fees will be deposited directly at the HEIs (Directly to HEI via any mode i.e. UPI/NEFT/ Net Banking etc.) | 26.09.2024 (Thursday) (10.00 A.M.) to 28.09.2024 (Saturday) (05.00 P.M.) |
| 24 | Admission updation of the selected waitlisted students data by the HEIs in their e-space | 26.09.2024 (Thursday) (10.00 A.M.) to 28.09.2024 (Saturday) (11.45 P.M.) |
| 25 | Commencement of 1st year classes for B.Ed., B.H.Ed., M.Ed. for the AY: 2024-25 | 23.09.2024 (Monday) |

**For more details please contact:**
**e-Admission Helpline (Toll Free) Number 155335/1800-345-6770**

**Sd./- Deputy Director, PTC Section**
**OIPR-11001/11/0021/2425**

# ଜିଲାର ୫୦୩ ପଞ୍ଚାୟତରେ ହେବ ଡିଜିଟାଲ ଫସଲ ସର୍ବେକ୍ଷଣ

ବ୍ରହ୍ମପୁର,୯।୮(ଅଶୋକ କୁମାର ସାହୁ)

ଚଳିତ ଖରିଫ ଋତୁରେ ଗଞ୍ଜାମ ଜିଲାର ୫୦୩ ପଞ୍ଚାୟତରେ ଡିଜିଟାଲ ଫସଲ ସର୍ବେକ୍ଷଣ ହେବ। ଏଥିରେ ୨୯୬୮୩୭୬ ପ୍ଲଟ ଅନ୍ତର୍ଭୁକ୍ତ ରହିଛି। ଏନେଇ କାର୍ଯ୍ୟଖସଡା ଚୂଡାନ୍ତ ହୋଇଛି। ଜିଲାର ୬ କୃଷି ଜିଲା ଅଧୀନ ୨୨ ବ୍ଲକର ଡିଜିଟାଲ ଫସଲ ସର୍ବେକ୍ଷଣ କାର୍ଯ୍ୟକ୍ରମ ସମ୍ପାଦନ ପାଇଁ ନିଯୁକ୍ତ ସମସ୍ତ ବ୍ଲକ ସୁପରଭାଇଜିଂ ଅଫିସର ଓ ବ୍ଲକ ମାଷ୍ଟର ଟ୍ରେନରମାନଙ୍କୁ ତାଲିମ ପ୍ରଦାନ କାର୍ଯ୍ୟକ୍ରମ ସରିଛି। ବ୍ରହ୍ମପୁର, ଭଞ୍ଜନଗର, ଛତ୍ରପୁରଠାରେ ଉକ୍ତ କାର୍ଯକ୍ରମ ହୋଇଛି। ବ୍ରହ୍ମପୁର କୃଷି ଜିଲାର ରଙ୍ଗେଇଲୁଣ୍ଡା ବ୍ଲକ କାର୍ଯ୍ୟାଳୟ ପରିସରରେ ଦିଗପହଣ୍ଡି, ସାନଖେମୁଣ୍ଡି, କୁକୁଡାଖଣ୍ଡି, ରଙ୍ଗେଇଲୁଣ୍ଡା, ଚିକିଟି ଓ ପାତ୍ରପୁର ବ୍ଲକର ସୁପରଭାଇଜିଂ ଅଫିସର ଓ ବ୍ଲକ ମାଷ୍ଟର ଟ୍ରେନରମାନଙ୍କୁ ଏନେଇ ତାଲିମ ଦିଆଯାଇଛି। ଭଞ୍ଜନଗର ଆରଏମସି ବିଲ୍ଡିଂଠାରେ ଭଞ୍ଜନଗର, ବେଲଗୁଣ୍ଠା, ବୁଗୁଡା, ଜଗନ୍ନାଥପ୍ରସାଦ, ଆସିକା, ଶେରଗଡ, ସୋରଡା, ଧରାକୋଟ ଏବଂ ଛତ୍ରପୁର ବ୍ଲକ କାର୍ଯ୍ୟାଳୟରେ ଛତ୍ରପୁର, ଗଞ୍ଜାମ, ପୁରୁଷୋତ୍ତମପୁର, ହିଞ୍ଜିଳିକାଟୁ, ଖଲ୍ଲିକୋଟ, ବେଗୁନିଆପଡା, କବିସୂର୍ଯ୍ୟନଗର ଓ ପୋଲସରା ବ୍ଲକର ବ୍ଲକ ସପୁରଭାଇଜିଂ ଅଫିସର ଓ ବ୍ଲକ ମାଷ୍ଟର ଟ୍ରେନରମାନଙ୍କୁ ତାଲିମ ଦିଆଯାଇଥିଲା। ମୁଖ୍ୟ ଜିଲା କୃଷି ଅଧିକାରୀ ରବିନାରାୟଣ ପଣ୍ଡାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସମ୍ପାଦନ ହୋଇଛି। ଦୁଇ ଜିଲାସ୍ତରୀୟ ମାଷ୍ଟରଟ୍ରେନର ଭବାତୋଷ ମଲ୍ଲିକ, (ଡେପୁଟି କଲେକ୍ଟର, ଅଭିଯୋଗ ଛତ୍ରପୁର) ଓ କିଶୋର କୁମାର ସେଠୀ (ସହକାରୀ କୃଷି ଅଧିକାରୀ, ମୁଖ୍ୟ ଜିଲା କୃଷି କାର୍ଯ୍ୟାଳୟ ବ୍ରହ୍ମପୁର) ତାଲିମ ଦେଇଥିଲେ। ସମଗ୍ର ଜିଲାର ୧୦୨ ଅଧିକାରୀଙ୍କୁ ତାଲିମ ପ୍ରଦାନ କରାଯାଇଛି। ବ୍ଲକସ୍ତରରେ ବିଡିଓ, ତହସିଲଦାର ଓ ଗୋଷ୍ଠୀ କୃଷି ଅଧିକାରୀମାନେ ଡିଜିଟାଲ ଫସଲ ସର୍ବେକ୍ଷଣରେ ସୁପରଭାଇଜିଂ ଅଫିସର ଭାବେ କାର୍ଯ୍ୟ ସମ୍ପାଦନ କରିବାକୁ ସ୍ଥିରିକୃତ ହୋଇଛନ୍ତି। କୃଷି ଓ ଆନୁସଙ୍ଗିକ ବିଭାଗର ମଦାସିନ ଅଧିକାରୀମାନେ ମାଷ୍ଟରଟ୍ରେନର ରୂପେ କାର୍ଯ୍ୟ ସମ୍ପାଦନ କରିବା ପାଇଁ ସ୍ଥିର କରାଯାଇଛି। ଆସନ୍ତା ୧୬ ରୁ ସେପ୍ଟେମ୍ବର ୧୫ ତାରିଖ ଭିତରେ ଏହି କାର୍ଯ୍ୟ ସାରିବାକୁ ସରକାରୀ ନିର୍ଦ୍ଦେଶ ରହିଛି ବୋଲି ଜିଲା ମୁଖ୍ୟ କୃଷି ଅଧିକାରୀ କହିଛନ୍ତି।



କାର୍ଯ୍ୟକ୍ରମରେ ସୁପରଭାଇଜିଂ ଅଫିସର ଓ ମାଷ୍ଟରଟ୍ରେନରମାନଙ୍କୁ ତାଲିମ ଦିଆଯାଉଛି।

## ସଂକ୍ଷେପରେ

### ଏମ୍‌ବିଏ ବିଭାଗରେ ସ୍ୱତନ୍ତ୍ର ବକ୍ତୃତାମାଳା କାର୍ଯ୍ୟକ୍ରମ

ବ୍ରହ୍ମପୁର,୯।୮(ସ୍ୱାଧୀନ ଶେଖର ପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଏମ୍‌ବିଏ ବିଭାଗ ସମ୍ମିଳନୀ କକ୍ଷରେ ସ୍ୱତନ୍ତ୍ର ବକ୍ତୃତାମାଳା ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଡ଼. ସୁନୀଲ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବକ୍ତା ଭାବେ ବ୍ରହ୍ମପୁରର ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ରାଜ କିରଣ ପାଢ଼ୀ ଯୋଗ ଦେଇ କେନ୍ଦ୍ର ବଜେଟ ଉପରେ ଆଲୋକପାତ କରିଥିଲେ। ବିଭାଗୀୟ ମୁଖ୍ୟ ଡ଼. ପ୍ରଧାନ ସ୍ୱାଗତ ଭାଷଣ ଦେଇ ଥିବା ବେଳେ ଡ଼. ଅପୂର୍ବା ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଡ଼. ସାରଦା ପ୍ରସାଦ ସାହୁ, ଡ଼. ବିଶ୍ୱଜିତ ଛଟେଇ, ଡ଼. ସୁମନ କଲ୍ୟାଣ ଚୌଧୁରୀଙ୍କ ସମେତ ଗବେଷିକାଗବେଷକ ଉପସ୍ଥିତ ଥିଲେ।

### ବୁଦ୍ଧଦେବ ଭଟ୍ଟାଚାର୍ଯ୍ୟଙ୍କ ବିୟୋଗରେ ସିପିଏମ୍‌ର ଶୋକସଭା

ବ୍ରହ୍ମପୁର,୯।୮(ସ୍ମୃତି ରଞ୍ଜନ ମହାଲିକ)

ପଶ୍ଚିମବଙ୍ଗ ପୂର୍ବତନ ମୁଖ୍ୟମନ୍ତ୍ରୀ ବୁଦ୍ଧଦେବ ଭଟ୍ଟାଚାର୍ଯ୍ୟଙ୍କ ବିୟୋଗରେ ସିପିଏମ ଗଞ୍ଜାମ ଜିଲା କମିଟି ପକ୍ଷରୁ ଦଳୀୟ କାର୍ଯ୍ୟାଳୟରେ ଶୁକ୍ରବାର ଶୋକସଭା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସମ୍ପାଦକ ଅଲି କିଶୋର ପଟ୍ଟନାୟକ ଯୋଗ ଦେଇ ଭଟ୍ଟାଚାର୍ଯ୍ୟ ଜଣେ ସରଳ, ସ୍ୱଚ୍ଛ, ସ୍ୱଚ୍ଛବାଦୀ ଓ ଦୃଢ଼ ପ୍ରଶାସକ ଥିଲେ ବୋଲି କହିଥିଲେ। ତାଙ୍କର ୫ ଦଶନ୍ଧି ରାଜନୈତିକ ଜୀବନ ମଧ୍ୟରେ ସାଧାରଣ ସଭ୍ୟରୁ ପଲିଟ ବ୍ୟୁରୋ ସଭ୍ୟ ଓ ବିଧାୟକରୁ ମୁଖ୍ୟମନ୍ତ୍ରୀ ପର୍ଯ୍ୟନ୍ତ ଶୀର୍ଷ ସ୍ଥାନରେ ପହଞ୍ଚିଥିଲେ। ସେ ଦେଶ ବିଦେଶ ସଂପର୍କରେ ଅନେକ ପୁସ୍ତକ ରଚନା କରିଥିଲେ। ଭାଷା ଓ ସଂସ୍କୃତିର ବିକାଶ ପାଇଁ ସେ ସର୍ବଦା ଉଦ୍ୟମ କରିଥିଲେ ବୋଲି ସମ୍ପାଦକ କହିଥିଲେ। ସିଆଇଟିୟୁର ଜିଲା ସଭାପତି ପ୍ରତାପ ଚୌଧୁରୀ ସଭାପତିତ୍ୱ କରିଥିଲେ। ସିପିଏମ ଜିଲା ସଂପାଦକ ଯୁଧିଷ୍ଠିର ବେହେରା ସଭାରେ ସ୍ମୃତି ଚାରଣ କରିଥିଲେ।

### ମା' ଲକ୍ଷ୍ମୀଙ୍କ କୁଙ୍କୁମ ପୂଜା

ବ୍ରହ୍ମପୁର,୯।୮(ସ୍ମୃତି ରଞ୍ଜନ ମହାଲିକ)- ଶ୍ରାବଣ ମାସ ଅବସରରେ ସାନବଜାର କପିଳେଶ୍ୱର ମନ୍ଦିରରେ ଶୁକ୍ରବାର ମହାଲକ୍ଷ୍ମୀଙ୍କ କୁଙ୍କୁମ ପୂଜା ଅନୁଷ୍ଠିତ ହୋଇଯାଇଛି। ତେଲୁଗୁ ସଂପ୍ରଦାୟର ମହିଳା ଶ୍ରଦ୍ଧାଳୁ ମହାଲକ୍ଷ୍ମୀଙ୍କୁ କୁଙ୍କୁମ ଓ ହଳଦୀ ସମେତ ଅନ୍ୟାନ୍ୟ ପୂଜା ସାମଗ୍ରୀ ଦ୍ୱାରା ପୂଜା କରିଥିଲେ। ଏହି ଅବସରରେ କଳସ ଯାତ୍ରା ହୋଇଥିଲା। ରାଜେଶ୍ୱର ପୃଷ୍ଟି ଓ ତାଙ୍କ ପରିବାର ବର୍ଗ ପୂଜାରେ କର୍ତ୍ତା ଥିଲେ। ତେଲଗୁ ପରିବାରର ସଦସ୍ୟମାନେ ଉପସ୍ଥିତ ଥିଲେ।

# ଭାଇବୋହୂଙ୍କୁ ଅସଦାଚରଣ: ଦେଢ଼ଶୁରଙ୍କୁ ଜେଲ

ବ୍ରହ୍ମପୁର,୯।୮(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଏସଡିଜେଏମ ପ୍ରଜ୍ଞା ପରମିତା ପ୍ରତିହାରୀ ଶୁକ୍ରବାର ଏକ ଅସଦାଚରଣ ମାମଲାର ରାୟ ପ୍ରକାଶ କରି ପିଡ଼ିତାଙ୍କ ଦେଢ଼ଶୁର ତଥା ଅଭିଯୁକ୍ତ କରମ କୁମାର ସିଂ (୩୫)ଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାଙ୍କୁ ୧୫ ମାସ ଜେଲ ଦଣ୍ଡରେ ଦଣ୍ଡିତ କରିବା ସହ ୫୦୦ଟଙ୍କା ଜରିମାନା ଦେବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଜରିମାନା ଅନାଦାୟ ଅତିରିକ୍ତ ୧ ମାସ ଜେଲ ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ପରମ କୁମାର ସିଂ ଗୋଷାଣୀନୂଆଗାଁ ଅଞ୍ଚଳରେ ନିଜ ବାପାଙ୍କ ସହ ରହୁଥିବା ବେଳେ ତାଙ୍କ ବଡ ଭାଇ କରମ କୁମାର ସିଂ ଗୋପାଳପୁର ଥାନା ଆମପୁଆ ବିବେକ ବିହାରରେ ପରିବାର ସହ ରହୁଛନ୍ତି। ଗତ ଜାନୁଆରୀ ୨୭ ତାରିଖ ସକାଳେ କରମ ଗୋଷାଣୀନୂଆଗାଁ ଭାଇ ଘରକୁ ଆସିଥିଲେ। ଭାଇବୋହୂ ରୋଷେଇ ଘରେ ଥିବା ବେଳେ ସେ ସେଠାରେ ପହଞ୍ଚି ତାଙ୍କୁ ଅସଦାଚରଣ କରିଥିଲେ। ମହିଳା ଜଣଙ୍କ ଚିତ୍କାର କରିବାରୁ ଅନ୍ୟ କୋଠରିରେ ଥିବା ତାଙ୍କ ସ୍ୱାମୀ ସେଠାରେ ପହଞ୍ଚି ଭାଇ କରମଙ୍କୁ ସେଠାରୁ ଟାଣି ଆଣି ଘରୁ ତଡି ଦେଇଥିଲେ। କରମ ସେମାନଙ୍କୁ ଧମକ ଦେଇ ଚାଲି ଯାଇଥିଲେ। ପରେ ପିଡ଼ିତା ଏ ନେଇ ଗୋଷାଣୀନୂଆଗାଁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୨୫/୨୪ରେ ଏକ ମାମଲା ରୁଜୁକରି ଫେବୃଆରୀ ମାସ ୨୮ ତାରିଖରେ କରମଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ଗିରଫ ପରଠାରୁ ଅଭିଯୁକ୍ତ ବ୍ରହ୍ମପୁର ଜେଲରେ ବିଚାରାଧୀନ ବନ୍ଦୀ ଅଛନ୍ତି। ତଦନ୍ତ ଅଧିକାରୀ ତଥା ଏସଆଇ କୃତିବାସ ନାହାକ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ। ମାମଲାର ବିଚାର ବେଳେ ୬ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସାକ୍ଷୀଙ୍କ ବୟାନକୁ ଆଧାର କରି ପ୍ରମାଣ ମିଳିଥିବାରୁ ମାଜିଷ୍ଟ୍ରେଟ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ କ୍ୟାଡର ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର (ଏପିପି) ମାଳତୀ ପାଳ ମକଦ୍ଦମା ପରିଚାଳନା କରିଥିଲେ।

# ବଳାତ୍କାର ମାମଲା, ଦୋଷୀଙ୍କୁ ୧୦ ବର୍ଷ ଜେଲ

## ପୀଡିତାଙ୍କୁ ୪ ଲକ୍ଷ ସହାୟତା ନିର୍ଦ୍ଦେଶ

ବ୍ରହ୍ମପୁର,୯।୮(ସୁବାସ ଚନ୍ଦ୍ର ପାଢ଼ୀ): ବ୍ରହ୍ମପୁରସ୍ଥିତ ଫାଷ୍ଟ୍ରାକ ପୋକ୍ସୋ କୋର୍ଟର ଜଜ୍ ଗଣେଶ୍ୱର ପତି ଶୁକ୍ରବାର ଏକ ନାବାଳିକା ବଳାତ୍କାର ମାମଲାରେ ଦୋଷୀଙ୍କୁ ୧୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିବା ସହ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୪ ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଦୋଷୀ ଜଣକ ହେଲେ ଗଞ୍ଜାମ ଜିଲା କେ. ନୂଆଗାଁ ଥାନା ଅଞ୍ଚଳର ବଲରାମ ସେଠୀ ଓରଫ ବଳିଆ(୩୮)। ଅନ୍ୟପକ୍ଷରେ ପିଡ଼ିତା ନାବାଳିକାଙ୍କୁ ୪ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଦେବାକୁ ଜଜ୍ ଜିଲା ଆଇନ ସେବା ପ୍ରାଧିକରଣ ସଚିବ (ଡିଏଲଏସଏ)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

୨୦୧୩ ଫେବୃଆରୀ ୫ ତାରିଖରେ କେ. ନୂଆଗାଁ ଥାନା ଅଞ୍ଚଳର ଜଣେ ୧୫ ବର୍ଷୀୟା ନାବାଳିକା ପୋଖରୀରୁ ପାଣି ଧରି ଘରକୁ ଆସୁଥିବା ବେଳେ ବଳିଆ ତାଙ୍କୁ ଏକ ବୁଦା ମୂଳକୁ ଟେକି ନେଇ ବଳାତ୍କାର କରିଥିଲେ। ନାବାଳିକା ଜଣକ ଘରକୁ ଫେରି ପରିବାର ଲୋକଙ୍କୁ ଘଟଣା ସମ୍ପର୍କରେ କହିବା ପରେ ଗ୍ରାମବାସୀଙ୍କ ଉପସ୍ଥିତିରେ ଏକ ବୈଠକ ହୋଇଥିଲା। ବୈଠକରେ ବଳିଆ ନିଜ ଦୋଷ ସ୍ୱୀକାର କରିବା ସହ ନାବାଳିକାଙ୍କୁ ବିବାହ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ତାଙ୍କ ଭଉଣୀଙ୍କ ବିବାହ ସରିବା ପରେ ସେ ପୀଡ଼ିତାଙ୍କୁ ବିବାହ କରିବେ ବୋଲି କହିଥିଲେ। ବୈଠକର ୭ ଦିନ ପରେ ନାବାଳିକାଙ୍କ ସହ ବଳିଆଙ୍କ ନିର୍ବନ୍ଧ ହୋଇଥିଲା। ଏହା ପରେ ବଳିଆ ଚେନ୍ନାଇ କାମ କରିବାକୁ ଚାଲି ଯାଇଥିଲେ। କିଛି ମାସ ପରେ ତାଙ୍କ ଭଉଣୀଙ୍କ ବିବାହ ହେଲା । ୨ ବର୍ଷ ପରେ ବଳିଆ ବିବାହ କରିବାକୁ ମନା କରିବା ସହ ବିଭିନ୍ନ ଧମକ ଦେବାରୁ ୨୦୧୫ ମାର୍ଚ୍ଚ ୧୧ ତାରିଖରେ ପୀଡ଼ିତା କେ. ନୂଆଗାଁ ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ.୨୧/୧୫ରେ ବଳାତ୍କାର ମାମଲା ରୁଜୁ କରି ବଳିଆଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା । ଜେଲରେ ୮ ମାସ ରହିବା ପରେ ତାଙ୍କୁ ଜାମିନ ମିଳିଥିଲା । ହେଲେ ମାମଲାର ବିଚାର ବେଳେ ସେ ହାଜର ହେଉ ନ ଥିବାରୁ କୋର୍ଟ ତାଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା (ଏନବିଡବ୍ଲ୍ୟୁ)ଜାରି କରିଥିଲେ। ୨୦୨୪ ମାର୍ଚ୍ଚ ୨୪ ତାରିଖରେ ବଳିଆଙ୍କୁ ପୋଲିସ ପୁଣି ଗିରଫ କରି କୋର୍ଟ ଚାଲାଣ କରିଥିଲା । ମୋଟ ୧୫ ସାକ୍ଷୀଙ୍କ ବୟାନ ଓ ଉପଯୁକ୍ତ ସାକ୍ଷ୍ୟ ପ୍ରମାଣଙ୍କୁ ଭିତ୍ତି କରି ଜଜ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ମୋହନ ସିଙ୍ଗାରୀ ମକଦ୍ଦମା ପରିଚାଳନା କରୁଥିଲେ ।




ବ୍ରହ୍ମପୁର ମହାତ୍ମା ଗାନ୍ଧୀ ଷ୍ଟାଡିୟମରେ ଓଡିଶା ଭାରୋତ୍ତୋଳନ ପ୍ରତିଯୋଗିତାକୁ ଶୁକ୍ରବାର ବିଧାୟକ କେ.ଅନିଲ କୁମାର ଉଦ୍‌ଘାଟନ କରୁଛନ୍ତି।

# ଭାରତ ବିକାଶ ପରିଷଦ ପକ୍ଷରୁ କର୍ମଶାଳା

ବ୍ରହ୍ମପୁର,୯।୮(ସ୍ମୃତି ରଞ୍ଜନ ମହାଲିକ)

ଭାରତ ବିକାଶ ପରିଷଦ ବ୍ରହ୍ମପୁର ଶାଖା ଓ ସ୍ୱାମୀ ବିବେକାନନ୍ଦ ଶାଖା ପକ୍ଷରୁ ପରିବାର ସମ୍ମିଳନୀ ଓ କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ସୀମାଂଚଳ ଦାଶ ଅଧ୍ୟକ୍ଷତା କରିଥିଲେ। ଏଥିରେ ପରିଷଦର ପୂର୍ବ କ୍ଷେତ୍ର ସଭାପତି ସୁମନ ସିଂ, ସାଧାରଣ ସଂପାଦକ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ମହିଳା ସଂଯୋଜିକା ସୁପ୍ରିତି ରଥ, ରାଜ୍ୟ ସାଧାରଣ ସଂପାଦକ ସୌମେନ୍ଦ୍ର ଦାଶ, ସଂଗଠନ ସଂପାଦକ ରାମଚନ୍ଦ୍ର ଦଳାଇ ଯୋଗ ଦେଇଥିଲେ। ପରିଷଦର ଲକ୍ଷ୍ୟ, ଆଦର୍ଶ ସଂପର୍କରେ ସଭାପତି କହିଥିଲେ। ରାଜ୍ୟ ସାଧାରଣ ସଂପାଦକ ସୌମେନ୍ଦ୍ର ଦାଶ ସଂଘର ବିଭିନ୍ନ ପ୍ରକଳ୍ପ ସଂପର୍କରେ କହିଥିଲେ। ବିବେକାନନ୍ଦ ଶାଖା ସଭାପତି ବାବୁଲି ଚାନ୍ଦ ଗୌଡ ଅତିଥି ପରିଚୟ ଦେଇଥିଲେ। ଶାଖା ସଂଗଠନ ସଂପାଦକ ରୁଦ୍ର ପ୍ରସାଦ ସିଂଦେଓ କର୍ମଶାଳା ଆୟୋଜନର ଆବଶ୍ୟକତା କହିଥିଲେ। ବ୍ରହ୍ମପୁର ଶାଖାର ଉପସଭାପତି ନାରାୟଣ ପାଢ଼ି, ଜେ ସତ୍ୟ ନାରାୟଣ ସୁବୁଦ୍ଧି, ରାଜ୍ୟ ସେବା ସଚିବ ରମେଶ ପଣ୍ଡା, ହୃଷୀକେଶ ପାଢ଼ି, ପ୍ରକାଶ ଭଜାନିଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ମହାମାୟୀ ମହିଳା କଲେଜରେ ଏଡ୍‌ସ ସଚେତନତା କର୍ମଶାଳା




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ବ୍ରହ୍ମପୁର,୯।୮(ସ୍ୱାଧୀନ ଶେଖର ପାଢ଼ୀ)

ମହାମାୟୀ ମହିଳା କଲେଜରେ ଏଚଆଇଭି ଏଡ୍‌ସ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ଡ. ନିବେଦିତା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଯୁବ ରେଡକ୍ରସ ତରଫରୁ ଆୟୋଜିତ କର୍ମଶାଳାରେ ଜିଲା ଏଡ୍‌ସ ସେଲର ଅଧିକାରୀ ହେମନ୍ତ କୁମାର ଦାଶ ଅତିଥି ରହି ଏଚଆଇଭିର କାରଣ, ନିରାକରଣ ଉପରେ କହିଥିଲେ । ଏଚଆଇଭି ସଚେତନତା କ୍ଷେତ୍ରରେ ଯୁବ ଗୋଷ୍ଠୀ ଆଗକୁ ଆସିବା ଦରକାର ଓ ସମାଜରୁ ଏହାକୁ ମୂଳପୋଛ କରିବାକୁ ସମସ୍ତଙ୍କର ସହଯୋଗ ଦରକାର ବୋଲି କହିଥିଲେ। ଏଡ୍‌ସ ସେଲର ଡ.ସନ୍ତୋଷ କୁମାର ରାଜୁ ଅନ୍ୟତମ ଅତିଥି ଭାବେ ଯୋଗଦେଇ ମାନସିକ ସ୍ୱାସ୍ଥ୍ୟ ସମ୍ପର୍କରେ ବୁଝାଇବା ସହ ସ୍ୱେଚ୍ଛାସେବୀମାନଙ୍କର ଭୂମିକା ସଂପର୍କରେ କହିଥିଲେ । ରେଡ଼କ୍ରସ ସଂଯୋଜିକା ଡ. ସର୍ଣ୍ଣଲତା ପଟ୍ଟନାୟକ ସ୍ୱାଗତଭାଷଣ ଦେବା ସହ କର୍ମଶାଳାର ଉଦ୍ଦେଶ୍ୟ କହିଥିଲେ। ରେଡକ୍ରସ ସହ ସଂଯୋଜିକା ସୁରଭି ଗୌଡ଼ ଧନ୍ୟବାଦ ଦେଇଥିଲେ। ବହୁ ବିଦ୍ୟାର୍ଥୀ ଉପସ୍ଥିତ ଥିଲେ।

# ଇ ଲାଇବ୍ରେରିରେ ପାଠପଢା ସମୟ ୧୨ ଘଣ୍ଟାକୁ ବୃଦ୍ଧି

ବ୍ରହ୍ମପୁର,୯।୮(ସ୍ମୃତି ରଞ୍ଜନ ମହାଲିକ)

ଟାଉନ ହଲରେ ଥିବା ଇ ଲାଇବ୍ରେରିରେ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ଛାତ୍ରୀଛାତ୍ରଙ୍କ ପାଠ ପଢାରେ ସମୟ ହ୍ରାସ କରାଯାଇଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ଶୁକ୍ରବାର ଛାତ୍ରୀଛାତ୍ରମାନେ ବିଏମ୍‌ସି ମେୟର ସଂଘମିତ୍ରା ଦଳେଇଙ୍କୁ ଲାଇବ୍ରେରିରେ ପାଠ ପଢା ସମୟ ବୃଦ୍ଧି ପାଇଁ ଦାବି ପତ୍ର ପ୍ରଦାନ କରିଥିଲେ। ତେବେ ମେୟର ଲାଇବ୍ରେରିରେ ପଢ଼ିବା ସମୟ ୬ ଘଣ୍ଟା ବଦଳରେ ୧୨ ଘଣ୍ଟା କରାଯିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ପ୍ରତିଯୋଗିତା ମୂଳକ ପରୀକ୍ଷା ନିମନ୍ତେ ପ୍ରସ୍ତୁତ ହେଉଥିବା ଛାତ୍ରୀଛାତ୍ରଙ୍କ ପଞ୍ଜିକରଣ ଅବଧି ୨ ବର୍ଷ ଧାର୍ଯ୍ୟ କରାଯାଇଥିବା ସୂଚନା ମିଳିଛି। ଆସନ୍ତା ସୋମବାରଠାରୁ ଲାଇବ୍ରେରିରେ ପଢ଼ିବା ସମୟ ୧୨ ଘଣ୍ଟା କରାଯିବ ବୋଲି ମେୟର କହିଥିବା ଛାତ୍ରୀଛାତ୍ରମାନେ କହିଛନ୍ତି। ଏଥିସହ ୨ ଜଣିଆ କମିଟି ଦ୍ୱାରା ଲାଇବ୍ରେରିର ପାଠ୍ୟ ପୁସ୍ତକ ଯାଞ୍ଚ କରାଯିବ। ଛାତ୍ରୀଛାତ୍ରମାନେ ପୂର୍ବରୁ ପଢା ସମୟ ବୃଦ୍ଧି, ୪ଟି ଲାଇବ୍ରେରି, ୨୦୦ ଛାତ୍ରଙ୍କ ପାଇଁ ୫ଟି ଓ ୧୦୦ ଛାତ୍ରଙ୍କ ପାଇଁ ୨ଟି ପରିସ୍ରାଗାର ଖୋଲିବା ପାଇଁ କମିଶନରଙ୍କୁ ଦାବି ପତ୍ର ପ୍ରଦାନ କରିଥିଲେ।

# ହରିକୃଷ୍ଣ ନଗର ଉନ୍ନୟନ କମିଟି ପକ୍ଷରୁ ଚାରାରୋପଣ

ବ୍ରହ୍ମପୁର,୯।୮(ସ୍ମୃତି ରଞ୍ଜନ ମହାଲିକ)

ହରିକୃଷ୍ଣ ନଗର ଉନ୍ନୟନ କମିଟି ପକ୍ଷରୁ ଶୁକ୍ରବାର ଚାରାରୋପଣ କାର୍ଯ୍ୟକ୍ରମ ହୋଇଯାଇଛି। ବିଜେଡି ନେତା ସୁବାଷ ମହାରଣା ଅତିଥି ଥିଲେ। ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଗଛ ଲଗାଯାଇଥିଲା। ଗଛଟିଏ ଲଗାନ୍ତୁ ପୃଥିବୀକୁ ବଂଚାନ୍ତୁ ବୋଲି ଅତିଥି କହିଥିଲେ। ଉନ୍ନୟନ କମିଟିର ସଭାପତି କେ ନାଗେଶ୍ୱର ରାଓ, ସାଧାରଣ ସଂପାଦକ ଅଶୋକ କୁମାର ଦାଶ, ଉପସଭାପତି ଟି ସତ୍ୟ ନାରାୟଣ ସୁବୁଦ୍ଧି, ସହ ସଂପାଦକ ପ୍ରସାଦ ରଥ, ସନ୍ତୋଷ ରଥ, ପ୍ରସନ୍ନ ଦାଶ, ଉପଦେଷ୍ଟା ନିରଞ୍ଜନ ସାବତଙ୍କ ସମେତ କମିଟିର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ନ୍ୟୁ-ବର୍ନ ସ୍କ୍ରିନିଂ ଲାବରେଟୋରି ଉଦ୍‌ଘାଟିତ



ଏମ୍‌କେସିଜି ଡିନ ପ୍ରଫେସର ଡା. ସୁଚିତ୍ରା ଦାସ ଲାବରେଟୋରି ଉଦଘାଟନ କରୁଛନ୍ତି।

ବ୍ରହ୍ମପୁର ୯।୮(ସୁବାସ ଚନ୍ଦ୍ର ପାଢ଼ୀ)

ଏମକେସିଜି ମେଡିକାଲ କଲେଜରେ ବାୟୋକେମିଷ୍ଟ୍ରି ବିଭାଗରେ ଗୁରୁବାର ନ୍ୟୁ-ବର୍ନ ସ୍କ୍ରିନିଂ ଲାବରେଟୋରି ଉଦଘାଟିତ ହୋଇଯାଇଛି । ଏମକେସିଜିର ଡିନ ତଥା ଅଧ୍ୟକ୍ଷ ପ୍ରଫେସର ଡା. ସୁଚିତ୍ରା ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଏମକେସିଜି ରେଜିଷ୍ଟ୍ରାର ସଂଗ୍ରାମ ପଣ୍ଡା, ଅତିରିକ୍ତ ଅଧ୍ୟକ୍ଷ ପ୍ରଫେସର ଡା. ଦୁର୍ଗାମାଧବ ଶତପଥି, ବାୟୋକେମିଷ୍ଟ୍ରି ବିଭାଗ ମୁଖ୍ୟ ପ୍ରଫେସର ଡା. ନିରୁପମା ଦେବୀ, ଶିଶୁ ବିଭାଗ ମୁଖ୍ୟ ପ୍ରଫେସର ଡା. ନରେନ୍ଦ୍ର ବେହେରା, ମାଇକ୍ରୋବାୟୋଲୋଜି ବିଭାଗ ମୁଖ୍ୟ ପ୍ରଫେସର ଡା. ସଂଘମିତ୍ରା ପାଢୀ, ପାଥୋଲୋଜି ବିଭାଗ ମୁଖ୍ୟ ପ୍ରଫେସର ଡା. ସୁଲତା ଚୌଧୁରୀ, ଆନାଟୋମୀ ବିଭାଗ ମୁଖ୍ୟ ପ୍ରଫେସର ଡା. ଜେ ସାଗର ପୃଷ୍ଟି, ପ୍ରସୂତି ଓ ସ୍ତ୍ରୀ ରୋଗ ବିଭାଗର ବରିଷ୍ଠ ଡାକ୍ତର ପ୍ରଫେସର ଭାରତୀ ମିଶ୍ର, ଡା. ସଂଘମିତ୍ରା ମହାପାତ୍ର, ଡା. ଇନ୍ଦିରା ପାଳ, ଟେକନିସିଆନ ସତ୍ୟବ୍ରତ ସାହୁ, ପରମାନନ୍ଦ ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ । ନୂଆ ଲାବରେଟୋରିରେ ନବଜାତ ଶିଶୁଙ୍କ ଅତ୍ୟାଧୁନିକ ପ୍ରଣାଳୀରେ ଥାଇରଏଡ ଏବଂ ଆନେମିଆ ପରୀକ୍ଷା କରାଯାଇପାରିବ । ଏଲିସା ପଦ୍ଧତିରେ ବ୍ଲଟିଂ ପେପର ଦ୍ୱାରା ଏହି ପରୀକ୍ଷା କରାଯିବ। ପୂର୍ବରୁ ଶିଶୁଙ୍କ ଥାଇରଏଡ ପରୀକ୍ଷା ପାଇଁ ଗୋଟିଏ ଶିଶି ରକ୍ତ ସଂଗ୍ରହ କରିବାକୁ ପଡୁଥିଲା। ହେଲେ ଏହି ଅତ୍ୟାଧୁନିକ ପଦ୍ଧତିରେ ମାତ୍ର ୫ ବୁନ୍ଦା ରକ୍ତ ଦ୍ୱାରା ଥାଇରଏଡ ପରୀକ୍ଷା ହୋଇପାରିବ ବୋଲି କୁହାଯାଇଛି । ସେହିପରି ୩ ଘଣ୍ଟା ଭିତରେ ପରୀକ୍ଷା ରିପୋର୍ଟ ପ୍ରସ୍ତୁତ ହୋଇପାରିବ ବୋଲି ସୂଚନା ଦିଆଯାଇଛି।

# ଭାଜପା ପାଳିଲା କ୍ରାନ୍ତି ଦିବସ

ବ୍ରହ୍ମପୁର,୯।୮(ନରସିଂହ ସାହୁ): ବ୍ରହ୍ମପୁର ଭାଜପା ପକ୍ଷରୁ ଶୁକ୍ରବାର ଅଗଷ୍ଟ କ୍ରାନ୍ତି ଦିବସ ଏବଂ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ମହାନଗର ବିଭିନ୍ନ ସ୍ଥାନରେ ମହାତ୍ମା ଗାନ୍ଧୀଙ୍କ ସମେତ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଗଞ୍ଜାମ ସାଙ୍ଗଠନିକ ଜିଲା ସଭାପତି ଡ଼ା. ସୁବାସ ସାହୁ, ବିଧାୟକ କେ. ଅନିଲ କୁମାର, ଛାମୁଆ ସଂଗଠନର ନେତ୍ରୀ ଓ ନେତାମାନେ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଟାଉନ ହଲ ଛକରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ସ୍ୱତନ୍ତ୍ର ସମାବେଶ ହୋଇଥିଲା। ମହାତ୍ମା ଗାନ୍ଧୀଙ୍କ ଡ଼ାକରାରେ ଭାରତରୁ ବ୍ରିଟିଶ ସରକାରକୁ ହଟାଇବା ଲାଗି କ୍ରାନ୍ତି ଦିବସରେ ନିଆଯାଇଥିବା ନିଷ୍ପତ୍ତି ସ୍ମପର୍କରେ ବିଧାୟକ ଓ ଜିଲା ସଭାପତି ଉପସ୍ଥିତ କର୍ମୀ ଓ ଅନ୍ୟମାନଙ୍କୁ ସଚେତନ କରାଇଥିଲେ।

ସମାବେଶରେ ଭାରତର ସମ୍ବିଧାନ, ଗଣତନ୍ତ୍ର ଓ ଅଖଣ୍ଡତା ସୁରକ୍ଷା ନିମନ୍ତେ ଆଜିର ଦିବସରେ ସମସ୍ତେ ସଂକଳ୍ପବଦ୍ଧ ହେବାକୁ ଆହ୍ୱାନ ଦିଆଯାଇଥିଲା। ଏହାସହ ବିଶ୍ୱ ଆଦିବାସୀ ଦିବସ ପାଳନର ତାପର୍ଯ୍ୟ ନେଇ ଆଲୋକପାତ କରାଯାଇଥିଲା। ରେଶମ ସହରର ବିଭିନ୍ନ ସଂଗଠନ ଓ ଅନୁଷ୍ଠାନ ପକ୍ଷରୁ ମଧ୍ୟ କ୍ରାନ୍ତି ଦିବସ ପାଳନ କରାଯାଇଥିଲା। କଂଗ୍ରେସ ପକ୍ଷରୁ ମଧ୍ୟ ଏହି ଦିବସ ଯଥାରୀତି ପାଳନ କରାଯାଇଥିଲା।

# ଏମ୍‌କେସିଜି ଓ ସିଟି ହସ୍ପିଟାଲକୁ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ହେବ

ବ୍ରହ୍ମପୁର,୯।୮(ସୁବାସ ଚନ୍ଦ୍ର ପାଢ଼ୀ/ ସ୍ମୃତି ରଞ୍ଜନ ମହାଲିକ)

ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ସମେତ ସିଟି ହସ୍ପିଟାଲକୁ ନିରବଚ୍ଛିନ୍ନ ବିଜୁଳି ସେବା ଯୋଗାଇ ଦେବାକୁ ଟିପିଏସଓଡିଏଲ ପଦକ୍ଷେପ ନେଇଛି। କମ୍ପାନୀ ପକ୍ଷରୁ ଏହି ୨ ହସ୍ପିଟାଲକୁ ଭୂତଳ କେବୁଲ ଯୋଗେ ବିଜୁଳି ଯୋଗାଣ କାର୍ଯ୍ୟକ୍ରମ ଜାରି ରହିଛି । ବିପର୍ଯ୍ୟୟ ପରିସ୍ଥିତିରେ ଏହା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସହାୟକ ହେବ। ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି ବିନିଯୋଗରେ ଏହି ଭୂତଳ କେବୁଲିଂ କାର୍ଯ୍ୟ କରାଯାଉଛି । ଏଥିସହ ଏକାଧିକ ଉତ୍ସରୁ ବିଜୁଳି ଯୋଗାଣର ବିକଳ୍ପକୁ ହସ୍ପିଟାଲ ନିମନ୍ତେ ପ୍ରସ୍ତୁତ ରଖାଯାଇଛି। ବ୍ରହ୍ମପୁର, ନରେନ୍ଦ୍ରପୁର ଗ୍ରୀଡରୁ ନୂଆ ମେଡିକାଲ ପ୍ରାଥମିକ ସବଷ୍ଟେସନ ମଧ୍ୟରେ ଏକ ୩୩ କେଭି ଭୂତଳ ବିଦ୍ୟୁତ ତାର ଟଣାଯାଉଛି। ସଂପୃକ୍ତ ଲାଇନରୁ ୨ଟି ୧୧ କେଭି ଫିଡରକୁ ନିରନ୍ତର ବିଜୁଳି ସେବା ମିଳିବ। ଗୋଟିଏ ଫିଡର୍ ଲାଇନ ନୂଆ ମେଡିକାଲ ସବଷ୍ଟେସନରୁ ଏମକେସିଜିକୁ, ଅନ୍ୟଟି ପୁରୁଣା ମେଡିକାଲ ସବଷ୍ଟେସନରୁ ସିଟି ହସ୍ପିଟାଲକୁ ବିଜୁଳି ସେବା ଯୋଗାଇବ। ଏଣୁ ଉଭୟ ଫିଡରଗୁଡ଼ିକର ଭୂତଳ କେବୁଲିଂ କାର୍ଯ୍ୟ ଚାଲିଛି। ଏହି ପ୍ରକଳ୍ପ ଅଧିନରେ ୮ କିମି ୩୩ କେଭି ଭୂତଳ କେବୁଲ ଓ ୫.୫ କିମି ୧୧ କେଭି କେବୁଲ ବିଛାଇବାକୁ ଲକ୍ଷ୍ୟ ରଖାଯାଇଛି । ବର୍ତ୍ତମାନ ସୁଦ୍ଧା ଟିପିଏସଓଡିଏଲ ଯଥାକ୍ରମେ ୨.୯ କିମି ଓ ୨.୧୭୫ କିମି କେବୁଲ ବିଛାଇଛି। ଟିପିଏସଓଡିଏଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି ଯେ, ଏମକେସିଜି ଓ ସିଟି ହସ୍ପିଟାଲକୁ ନିରନ୍ତର ବିଜୁଳି ସେବା ଯୋଗାଣ ହୋଇପାରିଲେ ସ୍ୱାସ୍ଥ୍ୟ ସେବା ଅଧିକ ଦୃଢ଼ ହୋଇପାରିବ। ଏହାକୁ ପ୍ରାଧାନ୍ୟ ଦେଇ କମ୍ପାନୀ ଭିତ୍ତିଭୂମି ପ୍ରସ୍ତୁତ କରୁଛି । ଯୁଦ୍ଧକାଳୀନ ଭିତ୍ତିରେ ଉକ୍ତ କାର୍ଯ୍ୟ ଶେଷ କରିବାକୁ ପ୍ରୟାସ ଜାରି ରହିଛି ବୋଲି ସେ କହିଛନ୍ତି।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଅଗଷ୍ଟ କ୍ରାନ୍ତି ଦିବସ




ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ବ୍ରହ୍ମପୁର,୯।୮(ସ୍ୱାଧୀନ ଶେଖର ପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ରାଜନୀତି ବିଜ୍ଞାନ, ଲୋକ ପ୍ରଶାସନ ବିଭାଗ ଓ ସ୍ନାତକୋତ୍ତର ଇତିହାସ ବିଭାଗ ମିଳିତ ଆନୁକୁଲ୍ୟରେ ଶୁକ୍ରବାର ସ୍ନାତକୋତ୍ତର ପରିଷଦ କମିଟି ହଲରେ 'ଅଗଷ୍ଟ କ୍ରାନ୍ତି' ଦିବସ ପାଳିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ, କୁଳ ସଚିବ ସଚ୍ଚିଦାନନ୍ଦ ନାୟକ ଏବଂ ସ୍ନାତକୋତ୍ତର ବିଭାଗ ପରିଷଦର ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ ସ୍ୱାଧିନତା ସଂଗ୍ରାମୀମାନଙ୍କୁ ମାଲ୍ୟ ଅର୍ପଣ କରିଥିଲେ। ଛାତ୍ରୀଛାତ୍ରଙ୍କ ଏକ ଶୋଭାଯାତ୍ରା କ୍ୟାମ୍ପସ ପରିକ୍ରମା କରିଥିଲା। ଇତିହାସ ବିଭାଗ ମୁଖ୍ୟ ଡ. ସଦାନନ୍ଦ ନାୟକ, ରାଜନୀତି ବିଜ୍ଞାନ ବିଭାଗ ସଂଯୋଜକ ଡ. ସାରଦା ପ୍ରସନ୍ନ ରାଉତ, ଡ. ରାଜେଶ ସେଠ, ଲୋକପ୍ରଶାସନ ବିଭାଗ ସଂଯୋଜକ ସଞ୍ଜୟ ମେହେର, ଡ. ରମାକାନ୍ତ ଭୂୟାଁ, ଡ. ଶଙ୍କର୍ଷଣ ମଲ୍ଲିକ ମଞ୍ଚାସୀନ ଥିଲେ। ଡ. ସୌମେନ୍ଦ୍ର କୁମାର ମହାନ୍ତି, ଡ. ଭାଗ୍ୟଶ୍ରୀ ରଥ, ଡ. ଦିଲ୍ଲୀପ କୁମାର ମାଝୀ, ଯଜ୍ଞଦତ୍ତ ପଟ୍ଟନାୟକ ଏବଂ ପ୍ରାଧାପିକାପ୍ରାଧାପକ ଉପସ୍ଥିତ ଥିଲେ। ସ୍ୱାଧୀନତା ସଂଗ୍ରାମୀମାନଙ୍କର ଅବଦାନକୁ ସ୍ମୃତିଚାରଣ କରିବା ସହ ବର୍ତ୍ତମାନ ସମୟରେ ଅଗଷ୍ଟ କ୍ରାନ୍ତି ଦିବସର ଉପାଦେୟତା ସମ୍ବନ୍ଧରେ ମତ ଉପସ୍ଥାପନ କରିଥିଲେ। ସେହିପରି ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଇତିହାସ ଓ ରାଜନୀତି ବିଜ୍ଞାନ ମିଳିତ ଆନୁକୁଲ୍ୟରେ ଏହି ଦିବସ ପାଳିତ ହୋଇଛି । ବିଶ୍ୱବିଦ୍ୟାଳୟ ଭାରପ୍ରାପ୍ତ କୁଳପତି ପ୍ରଫେସର ଗୀତାଜଂଳି ଦାସଙ୍କ ନିର୍ଦ୍ଦେଶରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷା ପ୍ରଫେସର ପଦ୍ମିନୀ ସାହୁ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟବକ୍ତା ତାମିଲନାଡୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଭଗବାନ ସାହୁ ଅଗଷ୍ଟ ବିପ୍ଳବ ଉପେର ଆଲୋକପାତ କରିଥିଲେ । ଇତିହାସ ବିଭାଗ ମୁଖ୍ୟ ପ୍ରଫେସର ପ୍ରସନ୍ନ କୁମାର ନରେନ୍ଦ୍ର ଅତିଥି ପରିଚୟ ଦେଇଥିଲେ । ରାଜନିତୀ ବିଭାଗ ମୁଖ୍ୟ ବରୁଣ କୁମାର ବେହେରା ଧନ୍ୟବାଦ ଦେଇଥିଲେ।

# ସ୍ଥାୟୀ ଜୈବ ଇନ୍ଧନ: ଏକ ସବୁଜ ଭବିଷ୍ୟତକୁ ପ୍ରୋତ୍ସାହନ




ପ୍ରତିବର୍ଷ ଅଗଷ୍ଟ ୧୦ରେ ବିଶ୍ୱ ଜୈବ ଇନ୍ଧନ ଦିବସ ପାଳନ କରାଯାଏ। ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ, ପାରମ୍ପରିକ ଜୀବାଶ୍ମ ଇନ୍ଧନର ବିକଳ୍ପ ଭାବରେ ଜୈବ ଇନ୍ଧନର ମହତ୍ତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା। ଯେହେତୁ ଆମେ ଚଳିତ ବର୍ଷ ବିଶ୍ୱ ଜୈବ ଇନ୍ଧନ ଦିବସ ପାଳନ କରିବାକୁ ଯାଉଛୁ, ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ ଏବଂ ଶକ୍ତି ନିରାପତ୍ତାକୁ ପ୍ରୋତ୍ସାହିତ କରିବାରେ ଜୈବ ଇନ୍ଧନର ଭୂମିକା ବୁଝିବା ଏକାନ୍ତ ଆବଶ୍ୟକ। ଗ୍ରୀନ ହାଉସ ଗ୍ୟାସ ନିର୍ଗମନ ହ୍ରାସ, ଶକ୍ତି ନିରାପତ୍ତାକୁ ପ୍ରୋତ୍ସାହନ ଏବଂ ଗ୍ରାମାଞ୍ଚଳର ବିକାଶରେ ଜୈବ ଇନ୍ଧନର ଗୁରୁତ୍ୱକୁ ଆଲୋକିତ କରିବାକୁ ଏହି ଦିନର ଲକ୍ଷ୍ୟ ରହିଛି। ଜନସାଧାରଣ ଏବଂ ନୀତି ନିର୍ଦ୍ଧାରଣକାରୀଙ୍କୁ ଜୈବ ଇନ୍ଧନର ଉପକାରିତା ବିଷୟରେ ଶିକ୍ଷା ଦେବା ପାଇଁ ଏହା ଏକ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରେ।


ବିଶ୍ୱ ଜୈବ ଇନ୍ଧନ ଦିବସ ୨୦୨୪ପାଇଁ ବିଷୟବସ୍ତୁ ବା ଥିମ ହେଉଛି 'ସ୍ଥାୟୀ ଜୈବ ଇନ୍ଧନ: ଏକ ସବୁଜ ଭବିଷ୍ୟତକୁ ପ୍ରୋତ୍ସାହିତ କରିବା'। ଦୀର୍ଘ ଦିନର ପରିବେଶ ଜନିତ ଲାଭକୁ ସୁନିଶ୍ଚିତ କରିବା ପାଇଁ ଏହି ଥିମ ସ୍ଥାୟୀ ଢଙ୍ଗରେ ଜୈବ ଇନ୍ଧନର ବିକାଶ ଏବଂ ବ୍ୟବହାର ଉପରେ ଗୁରୁତ୍ୱାରୋପ କରେ।

## ଗାଈଙ୍କ ଆଶ୍ରୟଦାତା ଉମାମହେଶ୍ୱର


ଖମ୍ମାମ

ତେଲଙ୍ଗାନାର ଡମ୍ମାପେଟ୍ ମଣ୍ଡଳ ନିବାସୀ ୫୭ ବର୍ଷୀୟ ଚାଷୀ କୌଟା ଉମାମହେଶ୍ୱର ରାଓଙ୍କ ପାଇଁ ଗାଈମାନେ ଦେବୀଙ୍କଠାରୁ କମ୍ ନୁହନ୍ତି। ସେ ଓ ତାଙ୍କ ପରିବାର ନିଃସ୍ୱାର୍ଥପର ଭାବରେ ଗାଈଗୁଡ଼ିକର ଯତ୍ନ ନେବା ସହ ସେମାନଙ୍କୁ ସ୍ନେହ ଦେଇଥାନ୍ତି। ହାଇଦ୍ରାବାଦର ସ୍ଲାଟରହାଉସ୍‌କୁ ଯାଉଥିବା ଗୋରୁଗୁଡ଼ିକୁ ପୋଲିସ ଉଦ୍ଧାର କରିବା ପରେ ଉମାମହେଶ୍ୱର ସେମାନଙ୍କୁ ଖାଦ୍ୟ ଓ ଆଶ୍ରୟ ଯୋଗାଇଆସୁଛନ୍ତି। ଏହି ମାନବୀୟ କାର୍ଯ୍ୟ ପାଇଁ ଉମାମହେଶ୍ୱର ତାଙ୍କ ଜୀବନକୁ ଉତ୍ସର୍ଗ କରିଛନ୍ତି। କୃଷି କାର୍ଯ୍ୟ ସହ ସେ ଶ୍ରୀକ୍ରିଷ୍ଣସାଇ ଗୋଶାଳା ପ୍ରତିଷ୍ଠା କରିଛନ୍ତି। ଉକ୍ତ ଗୋଶାଳାରେ ୮୦ଟି ଗାଈଙ୍କୁ ଆଶ୍ରୟ ଦିଆଯାଇଛି। ଏଥିପାଇଁ ସେ ମାସିକ ଲକ୍ଷେ ଟଙ୍କା ଖର୍ଚ୍ଚ କରିଥାନ୍ତି।

# ୨ ଗାଁ ଚଳାଉଛନ୍ତି ମହେଶ ବାବୁ



ମୁମ୍ବାଇ: ସାଉଥ୍ ଫିଲ୍ମ ଇଣ୍ଡଷ୍ଟ୍ରିର ସୁପରଷ୍ଟାର ମହେଶ ବାବୁ ଶୁକ୍ରବାର ତାଙ୍କର ୪୯ତମ ଜନ୍ମଦିନ ପାଳନ କରିଛନ୍ତି। ଏହି ଅଭିନେତା ବହୁ ବର୍ଷ ଧରି ଫିଲ୍ମ ଇଣ୍ଡଷ୍ଟ୍ରିରେ ସକ୍ରିୟ ଅଛନ୍ତି ଓ ଅନେକ ହିଟ୍ ଫିଲ୍ମ ଭେଟି ଦେଇଛନ୍ତି। ଜାଣି ଆଶ୍ଚର୍ଯ୍ୟ ହେବେ ଯେ ମହେଶ ବାବୁ କୋଟି କୋଟି ଟଙ୍କା ସମ୍ପତ୍ତିର ମାଲିକ ହୋଇଥିଲେ ବି ପ୍ରତିବର୍ଷ ବହୁ ସମ୍ପତ୍ତି ଦାନରେ ଦେଇଦିଅନ୍ତି। ସେ ଦୁଇଟି ଗାଁକୁ ପୋଷ୍ୟ ଭାବେ ଗ୍ରହଣ କରିଛନ୍ତି, ଯେଉଁଠାରେ ସେ ରାସ୍ତା, ବିଦ୍ୟୁତ୍, ବିଦ୍ୟାଳୟ ଏବଂ ସ୍ୱାସ୍ଥ୍ୟ ସୁବିଧା ସମେତ ସମସ୍ତ ଭିତ୍ତିଭୂମି ଯୋଗାଇ ଦେଇଛନ୍ତି। ମହେଶ ବାବୁ ତାଙ୍କ ବାପାଙ୍କ ପଥ ଅନୁସରଣ କରି ଫିଲ୍ମ ଇଣ୍ଡଷ୍ଟ୍ରିରେ ଏଣ୍ଟ୍ରି କରିଥିଲେ। ତାଙ୍କ ବାପା କ୍ରିଷ୍ଣା ଜଣେ ପ୍ରସିଦ୍ଧ ଅଭିନେତା ତଥା ଚଳଚ୍ଚିତ୍ର ନିର୍ମାତା ଥିଲେ।

ରିପୋର୍ଟ ଅନୁଯାୟୀ, ମହେଶ ବାବୁଙ୍କର ମୋଟ ସମ୍ପତ୍ତିର ମୂଲ୍ୟ ୩୫୦ କୋଟି ଟଙ୍କା। ପ୍ରତିବର୍ଷ ସେ ରୋଜଗାରର ୩୦ ପ୍ରତିଶତ ଗରିବ ଲୋକଙ୍କୁ ଦାନ କରନ୍ତି। ଅର୍ଥାତ୍ ସେ ପ୍ରତିବର୍ଷ ୨୫-୩୦ କୋଟି ଟଙ୍କା ଦାନ ଦେଇଥା'ନ୍ତି। ସେ ନିଜକୁ ଅନେକ ଏନ୍‌ଜିଓ ସହିତ ମଧ୍ୟ ଜଡିତ ରଖିଛନ୍ତି। ସେଥିମଧ୍ୟରୁ କେତେକ ଏନ୍‌ଜିଓ ସେ ନିଜେ ଚଳାନ୍ତି। ଏହି ସଂସ୍ଥାଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି ରେନ୍‌ବୋ ଶିଶୁ ଡାକ୍ତରଖାନା, ଯେଉଁଠାରେ ସେ ଗରିବ ପିଲାମାନଙ୍କୁ ମାଗଣା ଚିକିତ୍ସା ଯୋଗାଇବାରେ ସାହାଯ୍ୟ କରନ୍ତି। ଅଦ୍ୟାବଧି ମହେଶ ବାବୁ ଏହା ମାଧ୍ୟମରେ ଏକ ହଜାରରୁ ଅଧିକ ପିଲାଙ୍କ ହୃତ୍‌ପିଣ୍ଡ ସର୍ଜରୀ କରାଇଛନ୍ତି।

## ଆଇଟମ୍ ଗୀତକୁ ମୀନାକ୍ଷୀ ମନ



ମୁମ୍ବାଇ: ପୂର୍ବତନ ଅଭିନେତ୍ରୀ ମୀନାକ୍ଷୀ ଶେଷାଦ୍ରୀ ଏକ ଆଇଟମ୍ ଗୀତ କରିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଚମତ୍କାର ନୃତ୍ୟ ପରିବେଶଣ କରିଥିବା ଏହି ଅଭିନେତ୍ରୀ ନିକଟରେ ତାଙ୍କର ଆଗ୍ରହ ଓ ବିଶ୍ୱାସକୁ ଶେୟାର କରିଛନ୍ତି। ତାଙ୍କର କୌଣସି ଆଇଟମ ଗୀତ ନ ଥିବାରୁ ସେ ଏକ ଭଲ ଗୀତ କରିବାକୁ ଚାହାନ୍ତି ବୋଲି କହିଛନ୍ତି।


### ପୂର୍ବ ତଟ ରେଳପଥ

ଟେଣ୍ଡର ସଂ. MCSW-Thinclient-24-25-20

କାର୍ଯ୍ୟର ନାମ : ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱରରେ କର୍ମଶାଳା ଅନୁଯାୟୀ ୱାଇଡ୍ ମଡ୍ୟୁଲର କାର୍ଯ୍ୟାନ୍ୱୟନ ପାଇଁ 20ଟି ଥିନ୍ କ୍ଲାଏଣ୍ଟ ପିସି (100 ପର୍ଯ୍ୟନ୍ତ ବିସ୍ତାରଯୋଗ୍ୟ), 01 ସର୍ଭର, ଏସି ସର୍ଭର କ୍ୟାବିନେଟ୍, OFC କନେକ୍ଟିଭିଟି, LAN ସହିତ ସମ୍ବନ୍ଧିତ ଯୋଗାଣ, ସଂସ୍ଥାପନ ଏବଂ କମିଶନ।

ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) : 38,19,188.00, EMD (ଟଙ୍କାରେ): 76,400.00, ଶେଷ ହେବା ଅବଧି : 06 ମାସ।

ବିକ୍ରି ଆରମ୍ଭ ହେବା ତାରିଖ : ତା.12.08.2024ରିଖ,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.26.08.2024 ରିଖ 1500 ଘଟିକାରେ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ। ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର ନଥିପତ୍ର http://www.ireps.gov.in ରେ ଉପଲବ୍ଧ ଅଟେ।

ଡେପୁଟି ଚିଫ୍ ମେକାନିକାଲ ଇଞ୍ଜିନିୟର,
PR-405/P/24-25 ରେଳ ଡବା ମରାମତି କାରଖାନା/ମଞ୍ଚେଶ୍ୱର

### OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KALAHANDI
(DISTRICT PROGRAMME MANAGEMENT UNIT)
PHONE/FAX: 06670-230998, EMAIL:dpmukalahandi@gmail.com

No.2254/DPMU (NHM) Date:08.08.2024

**NOTICE**
(In House Selection)

**No.E-193:** Interested eligible candidates are invited for the In-House selection of the contractual employees currently working under National Health Mission in the same post under the OSH & FW Society in other district, desiring to be posted in Kalahandi District against the vacant positions on contractual basis as mentioned below.

| SL No | Name of the Post | No. of positions vacant | Application submission and document verification |
|---|---|---|---|
| 1 | AYUSH M.O. (BAMS) Female (RBSK) | ST-2 | The candidates are required to attend for document verification on dated 21-08-2024 from 10.00 AM to 1 PM |
| 2 | AYUSH M.O. (BHMS) Female (RBSK) | UR-3, SC-2, ST-3 | |
| 3 | AYUSH M.O. (BHMS) Male (RBSK) | UR-1, ST-3 | |
| 4 | AYUSH M.O. (BAMS) Co-located | UR-1, ST-5 | |
| 5 | AYUSH M.O. (BHMS) Co-located | UR-2, ST-4 | |

Interested eligible NHM employees fulfilling the criteria can log on to www.kalahandi.odisha.gov.in for details (terms and conditions & application form etc.). Eligible employees for the above post **(who are working in different district in same post)** who are interested required to attend at the Office of the Chief District Medical and Public Health Officer, Kalahandi, Bhawanipatna with required documents (please read general information and instruction page) for application submission and verification of documents as mentioned above schedule date and time. No one will be considered after the scheduled date & time. Number of vacancies under this advertisement is provisional which may increase or decrease depending upon the actual vacancy. Time to time notification regarding status of selection process will be web hoisted in district web-site. The undersigned reserves the right to cancel / reject any or all the applications without assigning any reason thereof. This office will not be responsible for any delay to come in the schedule date & No personal query will be entertained.

OIPR-10076/11/0004/2425 Sd./-Chief District Medical & Public Health Officer, Kalahandi

### ODISHA JOINT ENTRANCE EXAMINATION - 2024 (OJEE - 2024)
PUBLIC NOTICE REGARDING
OJEE WEB COUNSELLING FOR 2024-25

No. : OJEE/375 Date : 08.08.2024

No.h-06: This is for the information of all concerned that OJEE Web-Based Counselling Process for **Integrated MBA and Pending process for LE Pharmacy** is going to start from **9th August, 2024 (Friday)**.

Interested candidates having valid OJEE 2024 Rank (OJEE conducted during May, 2024 ) are advised to visit OJEE websites (www.ojee.nic.in / www.odishajee.com) and see the detailed **Counselling Schedule and the process** for these courses.

They are further advised to carefully go through the documents, **"Counselling Brochure"** and **"Step-by-Step Procedure"**, available in the website to get other detailed information about the entire counselling process. The process of Integrated MBA will be as per the schedule only.

Sd./- Chairman, OJEE
Odisha

OIPR-44026/11/0006/2425

### ODISHA COMPUTER APPLICATION CENTRE
### REQUEST FOR PROPOSAL
Enq.No.-OCAC-IFITP-SW-0011-2024-24063

Odisha Computer Application Centre (OCAC) invites Request for Proposal (RFP) for selection of an Agency for the installation and management of Odisha Pavilion at the Semicon India 2024 Exposition and Conference in Greater Noida at India Expo Mart, Delhi NCR from 11th - 13th September 2024. For details please visit websites www.ocac.in & www.odisha.gov.in.

The bid document is available at official website www.ocac.in & www.odisha.gov.in and should be submitted through Regd. Post / Speed Post only (not through Courier) and reach OCAC **latest by 22.08.2024, by 11:00 AM**. OCAC reserves the right to accept/ reject any/ all bids without assigning any reason thereof.

**General Manager(Admin), OCAC**, Plot No.-N-1/7-D, Acharya Vihar, P.O.-RRL, Bhubaneswar-751013, Ph.-2567280/ 2567064/ 2567295

No. U-05 OIPR-16003/11/0007/2425

### MAHARAJA SRIRAM CHANDRA BHANJA DEO UNIVERSITY
SRIRAM CHANDRA VIHAR, TAKATPUR, BARIPADA-757003 (ODISHA)

**WALK-IN-INTERVIEW**

No.694/MSCBU (SFC-205/2019)/2024 Date:8.8.24

**No.CAD-798:** A walk-in-interview for engagement of Guest Faculty on purely temporary basis in the subjects RS & GIS, MLIS, Sanskrit, Yoga and Naturopathy, English, Geology, History, Political Science and Commerce will be conducted as per the scheduled dates. The interested candidates may access the University Website: www.nou.nic.in for details and for further updates.

By Order of Vice-Chancellor,
Sd./- Chairman, PG Council

OIPR-11129/11/0002/2425

### ବିଜ୍ଞାପିତ ଅଞ୍ଚଳ ପରିଷଦ, ଅତାବିରା
ପତ୍ର ସଂଖ୍ୟା-1133, ତାରିଖ-08.08.24

**ନିଲାମ ବିଜ୍ଞାପନ**

No.C-398:ଅତାବିରା ବିଜ୍ଞାପିତ ଅଞ୍ଚଳ ପରିଷଦର ଉଠାଦୋକାନୀ ମାର୍କେଟ ଫିସ୍‌କୁ ସନ୍ ୨୦୨୪-୨୫ ମସିହା ଯଥା-ତା.୦୧.୦୯.୨୦୨୪ ରୁ ୩୧.୦୮.୨୦୨୫ ରିଖ ପର୍ଯ୍ୟନ୍ତ ସିଲ୍ ଲଫାପାରେ ଲିଜ୍ ଦେବା ନିମନ୍ତେ ସ୍ଥିର ହୋଇଅଛି। ଏଣୁ ଏହି ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି କି ଇଚ୍ଛୁକ ବ୍ୟକ୍ତି/ଅନୁଷ୍ଠାନ ଲିଜ୍ ନେବା ନିମନ୍ତେ (ଛୁଟି ଦିନ ବ୍ୟତୀତ) ତା.୧୩.୦୮.୨୦୨୪ ରିଖ ଠାରୁ ତା.୨୦.୦୮.୨୦୨୪ ରିଖ ଅପରାହ୍ଣ ୩ ଘ. ମଧ୍ୟରେ ଟ.୧୦୦୦/- (ଏକ ହଜାର ଟଙ୍କା) (ଯାହା ଫେରସ୍ତ ନୁହେଁ) କାର୍ଯ୍ୟାଳୟରେ ଜମାଦେଇ ଟେଣ୍ଡର ଫର୍ମ ନେଇ ସଠିକ୍, ନିର୍ଭୁଲ ପୂରଣ କରି ସମସ୍ତ ଦସ୍ତାବିଜ ସହ ତା.୨୧.୦୮.୨୦୨୪ ରିଖ ୫ ଘ. ମଧ୍ୟରେ ରେଜେଷ୍ଟ୍ରି ଡାକ କିମ୍ବା ତ୍ୱରିତ ଡାକ ମାଧ୍ୟମରେ କାର୍ଯ୍ୟାଳୟକୁ ପଠାଇପାରିବେ। ତା.୨୨.୦୮.୨୦୨୪ ରିଖ ୧୨ ଘ. ସମୟରେ ପରିଷଦର ନିର୍ବାହୀ ଅଧିକାରୀଙ୍କ ପ୍ରକୋଷ୍ଠରେ ଟେଣ୍ଡର ଦେଇଥିବା ବ୍ୟକ୍ତି ଓ ପ୍ରାଧିକୃତ ବ୍ୟକ୍ତିଙ୍କ ଉପସ୍ଥିତିରେ ଟେଣ୍ଡର ଖୋଲାଯିବ। ନିର୍ଦ୍ଧାରିତ ତାରିଖ ଓ ସମୟ ପରେ ଟେଣ୍ଡର ଦରଖାସ୍ତ ଗ୍ରହଣୀୟ ହେବନାହିଁ। ନିର୍ବାହୀ ଅଧିକାରୀ ଅତାବିରା ଯେ କୌଣସି ସମୟରେ ବିନା କାରଣ ଦର୍ଶାଇ ଟେଣ୍ଡର ପ୍ରକ୍ରିୟାକୁ ବାତିଲ କରିପାରିବେ, ଟେଣ୍ଡର ସମ୍ବନ୍ଧୀୟ ବିବରଣୀ ପରିଷଦ କାର୍ଯ୍ୟାଳୟରୁ ବୁଝିପାରିବେ।

ସ୍ୱା./-ନିର୍ବାହୀ ଅଧିକାରୀ
OIPR-13176/11/0001/2425 ବିଜ୍ଞାପିତ ଅଞ୍ଚଳ ପରିଷଦ, ଅତାବିରା

### OFFICE OF THE ROURKELA MUNICIPAL CORPORATION
Uditnagar, Rourkela, Sundargarh, Pin-769012, Tel. - 0661-2500388,
e-mail ID : rourkelamunicipality@gmail.com

No. 9834 Date : 08.08.2024

**TENDER CALL NOTICE**

No.C-393 : Sealed Tenders are invited from intending Supplier / Firm / Agency / Stockiest for supply of Printed items to Rourkela Municipal Corporation. The rates will be valid for one year and procurement will be made in phased manner during the year from time to time as per the requirement.

The details of the tender papers/Technical specifications along with term and conditions etc. may be seen from the Website of Rourkela Municipal Corporation i.e www.rmc.nic.in.

The tender papers to be sent through Speed Post/ Registered post/Courier or may be deposited in Tender Box in the Address of **Municipal Commissioner, Rourkela Municipal Corporation, Udit Nagar, Rourkela, Pin - 769012**, so that it shall be received by this office on or before 1.00 PM on 02.09.2024. THE TENDERS RECEIVED BEYOND THE PRESCRIBED TIME AND DATE SHALL BE SUMMARILY REJECTED. The tender will be opened in RMC on the same day at 4.00 PM in presence of the bidder or their authorized representatives who ever present. The undersigned reserves the right to accept or reject any of quotations or negotiate with more than one agency without assigning any reason thereof.

SD./- Commissioner
Rourkela Municipal Corporation

OIPR-13131/11/0012/2425

### Government of Odisha
### e-Procurement Notice
**INVITATION FOR BIDS (IFB)**
Bid Identification No.C.C.E.Dkl. (R&B) 03/2024-25
Email Id- sedklpwd@gmail.com
Letter No.1575/ Dt.07.08.2024

**No.B-161:** The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for Repair & Rehabilitation of Bridge Works as detailed below:

1. Name of the Work : Repair & Rehabilitation of Bridge Works
2. No. of Works : 01 (One) No.
3. Estimated Cost : Rs.1.74 Crore **(as given in column No.03 of table)**
4. Cost of Tender Paper : Rs.10,000.00
5. Class of Contractor : 'B' Class & 'A' Class **(as given in column No.07 of table**
6. Period of Completion of Work : 06 (Six) **(as given in column No.08 of table)**
7. Date and time of availability of bid document in the website : From Dt.16.08.2024 to 5.00 P.M. of Dt.30.08.2024
8. Date of Opening of Bid : Dt.31.08.2024 at 11.30 A.M.

The bidders have to participate in ONLINE bidding only further details can be seen from the e-Procurement Portal: www.tendersodisha.gov.in. Any addendum/corrigendum/ cancellation of tender can also be seen in the said website.

Sd./- Chief Engineer
Dhenkanal (R&B) Circle, Dhenkanal
OIPR-34132/11/0004/2425

### OFFICE OF THE ENGINEER-IN-CHIEF (CIVIL), ODISHA
### NIRMAN SOUDHA, UNIT-V, BHUBANESWAR
### INVITATIONS FOR BIDS (IFB)
No.B-156

E-mail ID : cebuildings_orissa@yahoo.co.in, cebuildings@rediffmail.com
Tel. - (0674)-2391523

File No-B-IV-H (H&D)-119/2023 Lr. No.-31664 Bhubaneswar, the 7th Aug., 2024

**Invitation for Bids**
Bid Identification No. C.E. (B) - 05/2024-25

| | | | |
|---|---|---|---|
| 1. | The Chief Engineer, Buildings, Odisha, Bhubaneswar, on behalf of Governor of Odisha, invites percentage rate bids in double cover system in ONLINE MODE only, for the works, (1) Construction of Trauma Care Unit and New SDH Building at Rairakhol, Sambalpur, (2) Construction of CHC Building at Berhampura in Cuttack District, (3) Construction of CHC Building at Bindhanima in Cuttack District, (4) Construction of CHC Building at Kanpur in CUttack District, (5) Construction of CHC Building at Kodola in the district of Ganjam, (6) Construction of CHC Building at Patrapur in Ganjam, (7) Construction of CHC Building at Khalikote in Ganjam, (8) Construction of 50 Bedded Critical care Block at MC & H Balasore, Odisha as detailed below. | | |
| 2. | Nature of work | : | Building works |
| 3. | No. of work | : | 08 Nos. |
| 4. | Bid Cost. | : | Rs. 10,000/- (each) |
| 5. | Class of Contractor | : | 'A' / Special / Super class |
| 6. | Availability of Bid Documents in the website | : | From dt. 20.08.2024 to 17.00 Hours of dt. 05.09.2024 |
| 7. | Date of Opening of Bid | : | Dt. 06.09.2024 at 11:30 AM. |
| 8. | The Bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | | |

Sd./-
Chief Engineer (Buildings),
Odisha, Bhubaneswar

OIPR-34117/11/0013/2425

### ଖାରିପାଣି ମତ୍ସ୍ୟ ଚାଷୀମାନେ ଧ୍ୟାନ ଦିଅନ୍ତୁ

### ଖାରିପାଣି ମତ୍ସ୍ୟ/ଚିଙ୍ଗୁଡ଼ି ଫାର୍ମ ପଞ୍ଜୀକରଣର ନବୀକରଣ ପାଇଁ ଆବେଦନର ସୁବର୍ଣ୍ଣ ସୁଯୋଗ

**(୭ ଜାନୁଆରୀ, ୨୦୨୫ ପର୍ଯ୍ୟନ୍ତ ଉପଲବ୍ଧ)**

- ଯେହେତୁ ଆମ ରାଜ୍ୟରେ ବହୁତ ଗୁଡ଼ାଏ ଖାରିପାଣି ମତ୍ସ୍ୟ/ଚିଙ୍ଗୁଡ଼ି ଫାର୍ମର ପଞ୍ଜୀକରଣର (Registration) ଅବଧି ସରିଯାଇଛି ଏବଂ ସେଗୁଡ଼ିକର ନବୀକରଣ (Renewal) ପାଇଁ ଦରଖାସ୍ତ ତଟୀୟ ଜଳକୃଷି ପ୍ରାଧିକରଣ (CAA), ଚେନ୍ନାଇଙ୍କ ନିକଟରେ ଦାଖଲ କରାଯାଇନାହିଁ, ଏଥିପାଇଁ CAA ଦ୍ୱାରା ୮ ଜାନୁଆରୀ, ୨୦୨୪ରେ ସଂଶୋଧିତ ନୂତନ ନିୟମାବଳୀ ଅନୁସାରେ ଦରଖାସ୍ତରେ ହୋଇଥିବା ବିଳମ୍ବକୁ ଥରେ ମାତ୍ର କ୍ଷମା କରିବାର ବ୍ୟବସ୍ଥା ରହିଅଛି।
- ଏହି ବ୍ୟବସ୍ଥା ଅନୁସାରେ ଜୁନ, ୨୦୦୫ ମସିହା ପରଠାରୁ ପଞ୍ଜୀକରଣ ହୋଇଥିବା ସମସ୍ତ ଖାରିପାଣି ମତ୍ସ୍ୟ/ଚିଙ୍ଗୁଡ଼ି ଫାର୍ମ ୭ ଜାନୁୟାରୀ, ୨୦୨୫ ସୁଦ୍ଧା ନିଜ ଫାର୍ମର ପଞ୍ଜୀକରଣର ନବୀକରଣ ପାଇଁ CAA, ଚେନ୍ନାଇଙ୍କ ନିକଟରେ ସିଧାସଳଖ ଭାବରେ ଆବେଦନ କରିବେ ଏବଂ ଏହାର ଏକକିତା ନକଲ ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ନିକଟରେ ଦାଖଲ କରିବେ।
- ଏହି ବ୍ୟବସ୍ଥା ୭ ଜାନୁୟାରୀ, ୨୦୨୫ ପରେ ଲାଗୁ ହୋଇପାରିବ ନାହିଁ।
- ଏଥିପାଇଁ ସମସ୍ତ ଖାରିପାଣି ମତ୍ସ୍ୟ/ଚିଙ୍ଗୁଡ଼ି ଚାଷୀମାନେ ଅତିରିକ୍ତ ଶୁଳ୍କ (ପ୍ରତି ୫ ବର୍ଷରେ ପଞ୍ଜୀକରଣ ନବୀକରଣ ଶୁଳ୍କର ଦୁଇଗୁଣା) ସିଧାସଳଖ CAA, ଚେନ୍ନାଇଙ୍କ ନିକଟରେ ଦାଖଲ କରି ନିଜ ଫାର୍ମର ପଞ୍ଜୀକରଣର ନବୀକରଣ କରିପାରିବେ।
- ଏଥିପାଇଁ ସମସ୍ତ ଖାରିପାଣି ମତ୍ସ୍ୟ/ଚିଙ୍ଗୁଡ଼ି ଚାଷୀମାନେ ସମ୍ପୂର୍ଣ୍ଣ ଭାବେ ପୂରଣ ହୋଇଥିବା ଦରଖାସ୍ତ ସହିତ ଉପଯୁକ୍ତ କାଗଜପତ୍ର ଏବଂ ଗୋଟିଏ ବିଳମ୍ବ ହେତୁ କାରଣ ଦର୍ଶାଯାଇଥିବା ପତ୍ର ସହିତ ଯଥୋଚିତ ଶୁଳ୍କ ସହ ସିଧାସଳଖ CAA, ଚେନ୍ନାଇଙ୍କୁ ପ୍ରେରଣ କରିବେ ଏବଂ ଏହାର ଏକକିତା ନକଲ ବ୍ଲକ/ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ନିକଟରେ ଦାଖଲ କରିବେ।
- ଅଧିକ ବିବରଣୀ ପାଇଁ ବ୍ଲକ/ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ସହ ଯୋଗାଯୋଗ କରନ୍ତୁ ଏବଂ ମତ୍ସ୍ୟ ନିର୍ଦ୍ଦେଶାଳୟ, ଓଡ଼ିଶା, କଟକର ୱେବ୍‌ସାଇଟ୍‌ରେ କ୍ଲିକ୍ କରନ୍ତୁ **http://fisheries.odisha.gov.in/**

**ମତ୍ସ୍ୟ ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ**
ଫୋନ୍: ୦୬୭୧-୨୪୧୪୦୬୧, ଫ୍ୟାକ୍ସ: ୦୬୭୧-୨୪୧୦୫୨୧
ଇ-ମେଲ: **director.odifish@gmail.com**

OIPR-06030/11/0010/2425

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................



ମୁବସ୍ୱର୍
ପରିବାରବର୍ଗ



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଫୋନ୍‌ପେର ନୂତନ ଉତ୍ପାଦ

ନୂଆଦିଲ୍ଲୀ,୯।୮

ଦେଶର ପ୍ରମୁଖ ଡିଜିଟାଲ ଫାଇନାନ୍ସ ପ୍ଲାଟ୍‌ଫର୍ମ 'ଫୋନ୍‌ପେ'ର ନୂତନ ଉତ୍ପାଦ 'ଜୀବନ ବୀମା'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ପ୍ଲାଟ୍‌ଫର୍ମରେ ପୂର୍ବ-ଅନୁମୋଦିତ ଟର୍ମ ଲାଇଫ୍ ଇନ୍ସ୍ୟୁରାନ୍ସ ଫିଚରକୁ ସର୍ବଭାରତୀୟ ସ୍ତରରେ ଉନ୍ମୋଚନ (ଅନାବରଣ) କରାଯାଇଛି। ସେହିଭଳି ପଲିସି କ୍ରୟ ସମୟରେ ଆୟ ପ୍ରମାଣର ଆବଶ୍ୟକତାକୁ ଛାଡ଼କରି ଲକ୍ଷ ଲକ୍ଷ ଭାରତୀୟଙ୍କ ପାଇଁ ବୀମା କଭରେଜକୁ ଅଧିକ ସହଜ ଏବଂ ସୁଲଭ କରିବା ଏହି ଫିଚରର ଲକ୍ଷ୍ୟ ରହିଛି। ଏହି ନୂତନ ଉତ୍ପାଦ ଶୁଭାରମ୍ଭ ସହ ଫୋନ୍‌ପେ ଭାରତରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣର ଏକ ନୂତନ ଯୁଗ ଆରମ୍ଭ କରିଛି। ଫୋନ୍ ପେ ଇନ୍ସ୍ୟୁରାନ୍ସ ବ୍ରୋକିଂ ସର୍ଭିସେସ୍‌ର ସିଇଓ ବିଶାଲ ଗୁପ୍ତା କହିଛନ୍ତି, ଆମ ପ୍ଲାଟ୍‌ଫର୍ମରେ ପୂର୍ବ ଅନୁମୋଦିତ ସମ୍ ଆସ୍ୟୁରାନ୍ସ (ପିଏସ୍‌ଏ) ଫିଚରର ଶୁଭାରମ୍ଭ କରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ବିଭିନ୍ନ ସାମାଜିକ-ଅର୍ଥନୈତିକ ସ୍ତରରେ ଭାରତୀୟମାନଙ୍କ ପାଇଁ ଉତ୍ପାଦଗୁଡ଼ିକୁ ଅଧିକ ସୁଲଭ ଏବଂ ସୁଗମ କରି ପୂର୍ବରୁ କମ୍ ସେବା ପାଇଥିବା ଗ୍ରାହକମାନଙ୍କୁ ଜୀବନ ବୀମା କ୍ଷେତ୍ରରେ ଆଣିବା ଉଦ୍ଦେଶ୍ୟରେ ଏହାକୁ ଶୁଭାରମ୍ଭ କରାଯାଇଛି।

# ତନିସ୍କର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ ଉଦ୍‌ଘାଟିତ

## କେନ୍ଦୁଝରରେ ନୂଆ ଷ୍ଟୋର

କେନ୍ଦୁଝର,୯।୮(ନରେଶ ଚନ୍ଦ୍ର ପଟ୍ଟନାୟକ)



ଟାଟା ଗ୍ରୁପର ଅଂଶ ତଥା ତନିସ୍କ ପକ୍ଷରୁ କେନ୍ଦୁଝରରେ ଏକ ନୂଆ ଷ୍ଟୋର ଶୁକ୍ରବାର ଶୁଭାରମ୍ଭ କରାଯାଇଛି। ନୂଆ ଷ୍ଟୋରକୁ ତନିସ୍କର ରିଟେଲ ଅପରେଶନ ମୁଖ୍ୟ ଅନୁପମ ଶାହ, କ୍ଲଷ୍ଟର ବିଜନେସ ମ୍ୟାନେଜର ଅରିନ୍ଦମ ପ୍ରମାଣିକ ଓ ଆସୋସିଏଟ ଦୁର୍ଗାଦତ୍ତ ସୁବୁଦ୍ଧି ନୂତନ ଷ୍ଟୋରର ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନର ଅଂଶ ବିଶେଷ ଭାବେ ବ୍ରାଣ୍ଡ ପକ୍ଷରୁ ଆକର୍ଷଣୀୟ ଅଫର ପ୍ରଦାନ କରାଯାଇଛି। ଯେଉଁଥିରେ ଗ୍ରାହକମାନେ ପ୍ରତି କିଣାକିଣି ଉପରେ ମାଗଣା ସୁନା କଏନ ପାଇପାରିବେ। ଏହି ଅଫର ୨୦୨୪ ଅଗଷ୍ଟ ୯ରୁ ୧୧ ପର୍ଯ୍ୟନ୍ତ ଉପଲବ୍ଧ। ନୂଆ ଷ୍ଟୋରଟି କେନ୍ଦୁଝରର ସିରାଜୁଦ୍ଦିନ ଛକ ନିକଟ ଡିଡି କଲେଜ ରୋଡ୍‌ରେ ଖୋଲାଯାଇଛି। ଷ୍ଟୋରଟି ୩୦୦୦ ବର୍ଗଫୁଟ ଅଞ୍ଚଳରେ ସ୍ଥାପନ କରାଯାଇଥିବା ବେଳେ ସେଥିରେ ସୁନା, ଆକର୍ଷଣୀୟ ହୀରା, ରଙ୍ଗିନ ଜେମଷ୍ଟୋନ, ଦକ୍ଷିଣ ଭାରତୀୟ ଗ୍ଲାସ୍ କୁନ୍ଦନ ଓ ପୋଲ ଆଦି ତନିସ୍କର ଡିଜାଇନଗୁଡ଼ିକ ରହିଛି।

ଏହି ଅବସରରେ ତନିସ୍କର ରିଟେଲ ଅପରେଶନ ହେଡ୍ ଅନୁପମ ଶାହ କହିଛନ୍ତି, ଓଡ଼ିଶାର କେନ୍ଦୁଝରରେ ଆମର ନୂଆ ଷ୍ଟୋରକୁ ଉଦ୍‌ଘାଟନ ଘୋଷଣା କରି ଆମେ ଅତ୍ୟନ୍ତ ଉତ୍ସାହିତ। ଭାରତର ସବୁଠୁ ଅଧିକ ପସନ୍ଦ କରାଯାଉଥିବା ଗହଣା ବ୍ରାଣ୍ଡ ଭାବେ ଆମ ପୃଷ୍ଠପୋଷକମାନଙ୍କୁ ଉଲ୍ଲେଖନୀୟ ଗ୍ରାହକ ସେବା ପ୍ରଦାନ କରିବା ଲାଗି ତନିସ୍କ ପ୍ରତିବଦ୍ଧ ରହିଛି। ପ୍ରତିଟି ଅବସରରେ ଗୋଟିଏ ଛାତ ତଳେ ସୁବିଧାରେ ମିଳୁଥିବା ଉଲ୍ଲାସପୂର୍ଣ୍ଣ ଶପିଂ ଅନୁଭୂତି ପ୍ରଦାନ କରି ତନିସ୍କର ପରମ୍ପରା ଜାରି ରଖିବା ମୁଖ୍ୟ ଉଦ୍ଦେଶ୍ୟ। ଷ୍ଟୋରରେ ସୁନାର ଆକର୍ଷଣୀୟ ଡିଜାଇନ, ହୀରା କୁନ୍ଦନ, ପୋଲ ଓ ପାରମ୍ପରିକ ଷ୍ଟାଇଲ ରହିଛି, ଯାହା ଗ୍ରାହକଙ୍କ ବିବିଧ ଆବଶ୍ୟକତାକୁ ପୂରଣ କରୁଛି।

# ଶେୟାର ବଜାରରେ ଉତ୍ସାହ

ନୂଆଦିଲ୍ଲୀ,୯।୮

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ହୋଇଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୮୨୦ (୮୧୯.୬୯) ପଏଣ୍ଟ ବଢ଼ି ୭୯,୭୦୬ (୭୯,୭୦୫.୯୧) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୨୫୦ (୨୫୦.୫୦) ପଏଣ୍ଟ ବୃଦ୍ଧି ଘଟି ୨୪,୩୬୭ (୨୪,୩୬୭.୫୦) ଅଙ୍କରେ କାରବାର ଶେଷ କରିଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

# ଦ୍ରୁତ ଅଭିବୃଦ୍ଧିଶୀଳ ଏୟାରଲାଇନ

ନୂଆଦିଲ୍ଲୀ,୯।୮

ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ ଏୟାରଲାଇନ ଆକାଶା ଏୟାର ନିକଟରେ ତା'ର ବ୍ୟବସାୟିକ ପରିଚାଳନାର ୨ୟ ବାର୍ଷିକୀ ଉତ୍ସବ ପାଳନ କରିଛି। ଏପରିକି ଏହି ଏୟାରଲାଇନ୍ ୨୦୨୨ ଅଗଷ୍ଟ ୭ରେ ମୁମ୍ବାଇରୁ ଅହମ୍ମଦାବାଦ ମଧ୍ୟରେ ପ୍ରଥମ ବାଣିଜ୍ୟିକ ଉଡ଼ାଣ ଆରମ୍ଭ କରିଥିଲା। ସେହିଭଳି ନିଜର ପରିଚାଳନାଗତ ଦକ୍ଷତା ଓ ଅତ୍ୟଧିକ ସକାରାତ୍ମକ ଗ୍ରାହକ ମତାମତ ଏହାକୁ ପରିଚାଳନା ଆରମ୍ଭ ପରଠାରୁ ଭାରତରେ ୧୧ନିୟୁତ ଅଧିକ ଯାତ୍ରୀଙ୍କର ପସନ୍ଦର କ୍ୟାରିୟରରେ ପରିଣତ ହୋଇଛି। ଏୟାର ଟ୍ରାଭେଲ ପାଇଁ ବଢୁଥିବା ଚାହିଦା ପୂରଣ କରିବା ଲାଗି ନିଜର ପ୍ରୟାସରେ ଆକାଶା ଏୟାର ୩ ଅଙ୍କ ବିଶିଷ୍ଟ ଅଭିବୃଦ୍ଧି ପଞ୍ଜୀକୃତ ଏବଂ ଅନ୍ତର୍ଜାତୀୟ ବିମାନ ଚଳାଚଳ ଇତିହାସରେ ଦ୍ରୁତ ଅଭିବୃଦ୍ଧିଶୀଳ ଏୟାରଲାଇନ ଭାବେ ନିଜର ସ୍ଥିତି ବଜାୟ ରଖିଛି। ଆକାଶା ଏୟାର ବର୍ତ୍ତମାନ ଭୁବନେଶ୍ୱର ସମେତ ୨୨ଟି ଘରୋଇ ଏବଂ ୫ଟି ଅନ୍ତର୍ଜାତୀୟ ଗନ୍ତବ୍ୟସ୍ଥଳରେ ସାପ୍ତାହିକ ୯୦୦ରୁ ଅଧିକ ବିମାନ ପରିଚାଳନା କରୁଛି। ଗତ ଆର୍ଥିକ ବର୍ଷରେ ଆକାଶା ଉପଲବ୍ଧ ସିଟ୍ କିଲୋମିଟରରେ ୩୦୦% ଅଭିବୃଦ୍ଧି ହାସଲକରି ଏୟାରଲାଇନ୍ସ ଅଭିବୃଦ୍ଧି ପାଇଁ ଏକ ନୂଆ ରେକର୍ଡ ସୃଷ୍ଟି କରିଛି। ଏ ସମ୍ପର୍କରେ ଆକାଶା ଏୟାରର ପ୍ରତିଷ୍ଠାତା ତଥା ସିଇଓ ବିନୟ ଦୁବେ କହିଛନ୍ତି, ୨ ବର୍ଷ ପୂର୍ବେ ଆମେ ଏୟାର ଟ୍ରାଭେଲକୁ ପୁନଃ ବ୍ୟାଖ୍ୟା କରିବା ପାଇଁ ଏକ ଦୃଷ୍ଟିକୋଣ ସହ ନିଜର ଯାତ୍ରା ଆରମ୍ଭ କରିଥିଲୁ ଏବଂ ଆଜି ଆମେ ସଫଳତାର ସହିତ ଆମର ଲକ୍ଷ୍ୟକୁ ପୂରଣ କରିଛୁ।

# ସୋନାଲିକାର ନୂତନ ମାଇଲଖୁଣ୍ଟ



## ୪ ମାସରେ ୫୦,୦୦୦ରୁ ଅଧିକ ଟ୍ରାକ୍ଟର ବିକ୍ରି

ନୂଆଦିଲ୍ଲୀ,୯।୮

ଦେଶର ୧ ନମ୍ବର ଟ୍ରାକ୍ଟର ରପ୍ତାନିକାରୀ ବ୍ରାଣ୍ଡ୍ ସୋନାଲିକା ଟ୍ରାକ୍ଟର ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ୪ମାସରେ ୫୦,୦୦୦ ରୁ ଅଧିକ ଟ୍ରାକ୍ଟର ବିକ୍ରିକରି ଏକ ନୂତନ ମାଇଲଖୁଣ୍ଟ ହାସଲ କରିଛି। କମ୍ପାନୀ ୨୦୨୪ ଏପ୍ରିଲରୁ ଜୁଲାଇ ମଧ୍ୟରେ ମୋଟ ୫୧,୨୬୮ଟି ଟ୍ରାକ୍ଟର ବିକ୍ରିକରି ଘରୋଇ ଶିଳ୍ପ ପ୍ରଦର୍ଶନକୁ ମଧ୍ୟ ଅତିକ୍ରମ କରିଛି। ଏ ସମ୍ପର୍କରେ ଇଣ୍ଟରନ୍ୟାଶନାଲ ଟ୍ରାକ୍ଟର୍ସ ଲିମିଟେଡ୍‌ର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରମଣ ମିତ୍ତଲ କହିଛନ୍ତି, ଆମେ କେବଳ ନୂତନ ମାଇଲଖୁଣ୍ଟ ହାସଲ କରିନାହୁଁ ୪ ମାସରେ ୫୦,୦୦୦ରୁ ଅଧିକ ଟ୍ରାକ୍ଟର ବିକ୍ରିକରି ଅତ୍ୟଧିକ ଖୁସି ମଧ୍ୟ ଅନୁଭବ କରୁଛୁ। ଏପରିକି ଆମର ଦୃଢ଼ ଆଭିମୁଖ୍ୟ ଆମକୁ କ୍ରମାଗତ ଭାବେ ଘରୋଇ ଶିଳ୍ପର ପ୍ରଦର୍ଶନକୁ ଅତିକ୍ରମ କରିବା ଓ ଅଗ୍ରଣୀ ବଜାର ଅଂଶଧନ ହାସଲକାରୀଙ୍କ ମଧ୍ୟରେ ରହିବା ପାଇଁ ସକ୍ଷମ କରାଇଛି। ସେହିଭଳି ବିଶ୍ୱର ୧ନମ୍ବର ଟ୍ରାକ୍ଟର ପ୍ଲାଣ୍ଟରେ ସୋନାଲିକାର ଇନ୍-ହାଉସ ପ୍ରଡକ୍ସନ କ୍ଷମତା ସହ ହେଭି ଡ୍ୟୁଟି ଇଞ୍ଜିନ, ଟ୍ରାନ୍ସମିଶନ, ସିଟ୍ ମେଟାଲ ଆଦି ନିର୍ମାଣ କରାଯାଉଛି।

# ସିପ୍‌ଲାର ନୂତନ ଅଭିଯାନ

ନୂଆଦିଲ୍ଲୀ,୯।୮

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ହେଲ୍‌ଥ ବ୍ରାଣ୍ଡ୍ ସିପ୍‌ଲାର ନୂତନ ଅଭିଯାନ 'ବ୍ରେଥ୍ ଫ୍ରି ମନ୍‌ସୁନ୍ ଯାତ୍ରା'ର ଶୁଭାରମ୍ଭ କରାଯାଇଛି। ବିଶେଷକରି ବର୍ଷାଋତୁ ଆସିବା ସହ ଏହା ଆମର ଶ୍ୱାସକ୍ରିୟା ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ସୃଷ୍ଟି କରିଥାଏ। ଏପରିକି ବର୍ଦ୍ଧିତ ଆର୍ଦ୍ରତା ଓ ଓଦାପଣ ଫୁସ୍‌ଫୁସର ସ୍ଥିତିକୁ ଖରାପ କରିପାରେ ବୋଲି ଆକଳନ କରାଯାଉଛି। ବର୍ଷର ଏଭଳି ସମୟରେ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବା ଜରୁରୀ ହୋଇଥାଏ। ସେହିଭଳି ଲୋକମାନଙ୍କୁ ନିଜର ଶ୍ୱାସକ୍ରିୟା ବା ରେସ୍ପିରେଟୋରି ସ୍ୱାସ୍ଥ୍ୟକୁ ଭଲ ଭାବେ ବୁଝିବାରେ ସାହାଯ୍ୟ କରିବା ଲକ୍ଷ୍ୟ ସହିତ ଏହି ଯାତ୍ରା ଆଜ୍‌ମା ଓ ସିଓପିଡି ଭଳି ଗମ୍ଭୀର ଫୁସ୍‌ଫୁସ୍ ରୋଗ ପାଇଁ ସ୍କ୍ରିନିଙ୍ଗ୍ ଲାଗି ବର୍ଦ୍ଧିତ ପହଞ୍ଚ ପ୍ରଦାନ କରୁଛି। ଏପରିକି ସିପ୍‌ଲାର ବ୍ରେଥ୍ ଫ୍ରି ଅଭିଯାନ ସ୍କ୍ରିନିଂ, କାଉନସିଲିଂ ଓ ଚିକିତ୍ସାର ଅନୁପାଳନ କ୍ଷେତ୍ରରେ ଆଜ୍‌ମା ଓ ସିଓପିଡି ରୋଗୀଙ୍କ ଲାଗି ବ୍ୟାପକ ସହଯୋଗ ସଂଶାଧନ ପ୍ରଦାନ କରିବାରେ ଗୁରୁତ୍ୱପୂର୍ଣ୍ଣ ରହି ଆସିଛି। ଏ ସମ୍ପର୍କରେ ଡା. ଉତ୍ପଳ କୁମାର ନନ୍ଦୀ କହିଛନ୍ତି, ମୌସୁମୀ ଆର୍ଦ୍ରତା, ମୋଲ୍ଡ, ଥଣ୍ଡା ପବନ ଓ ଭାଇରାଲ ଇନ୍‌ଫେକ୍ସନର ସମେତ ଅନେକ ବିପଦ ଆଣିଥାଏ। ଏଭଳି କାରକଗୁଡିକ ଯେକୌଣସି ବ୍ୟକ୍ତିଙ୍କ ରେସ୍ପିରେଟୋରି ସ୍ୱାସ୍ଥ୍ୟକୁ ପ୍ରଭାବିତ କରିପାରେ ବୋଲି ଆକଳନ କରାଯାଉଛି। ତେବେ ଏହା ପୂର୍ବରୁ ରେସ୍ପିରେଟୋରି ସ୍ଥିତି ଥିବା ଲୋକଙ୍କ ପାଇଁ ସମସ୍ୟାକୁ ଅଧିକ ବଢାଇ ଦେଇଥାଏ।

# ଏପିବିର ତ୍ରୈମାସିକ ଫଳାଫଳ

ନୂଆଦିଲ୍ଲୀ,୯।୮

ଦେଶର ପ୍ରମୁଖ ଡିଜିଟାଲ ବ୍ୟାଙ୍କିଙ୍ଗ୍ ପ୍ଲାଟ୍‌ଫର୍ମ ଏୟାରଟେଲ ପେମେଣ୍ଟସ ବ୍ୟାଙ୍କ (ଏପିବି)ର ନିର୍ଦ୍ଦେଶକମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବ୍ୟାଙ୍କର ଆଗାମୀ କାର୍ଯ୍ୟକଳାପ ସହ ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ଫଳାଫଳ ମଧ୍ୟ ଘୋଷଣା କରାଯାଇଛି। ଏପରିକି ପ୍ରଥମ ଥର ପାଇଁ ବ୍ୟାଙ୍କର ତ୍ରୈମାସିକ ରାଜସ୍ୱ ୬୧୦ କୋଟି ଟଙ୍କାକୁ ବୃଦ୍ଧି ପାଇଛି, ଯାହା ବାର୍ଷିକ ଆଧାରରେ ୫୨% ଅଧିକ ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏ ସମ୍ପର୍କରେ ଏପିବିର ଏମ୍‌ଡି ଓ ସିଇଓ ଅନୁବ୍ରତ ବିଶ୍ୱାସ କହିଛନ୍ତି, ଆମର ରାଜସ୍ୱ ପ୍ରଥମ ଥର ପାଇଁ ୬୦୦କୋଟି ଟଙ୍କା ଅତିକ୍ରମ କରିବା ସହ ଆମେ ଚଳିତ ତ୍ରୈମାସିକରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ସମ୍ପର୍କରେ ଘୋଷଣାକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଏହି ଶିଳ୍ପ ଅଗ୍ରଣୀ ଅଭିବୃଦ୍ଧି ଭାରତ ପାଇଁ ଆମର ଫ୍ଲାଗ୍‌ଶିପ ସୁରକ୍ଷିତ ଦୈନନ୍ଦିନ ଟ୍ରାଞ୍ଜାକ୍ସନ ଆକାଉଣ୍ଟର ମଜଭୁତ ଗ୍ରହଣୀୟତା ଏବଂ ଆମର ସମସ୍ତ ବ୍ୟବସାୟଗୁଡିକରେ ଡିଜିଟାଲ ପେମେଣ୍ଟସ୍ କ୍ଷେତ୍ରରେ ଏକ ବୃଦ୍ଧି ଦ୍ୱାରା ପରିଚାଳିତ ହୋଇଛି। ବ୍ୟାଙ୍କ ଆଜି ଭାରତର ସର୍ବବୃହତ୍ ଅଣଉନ୍ମୋଚିତ ଡିଜିଟାଲ ସୁଯୋଗଗୁଡିକର ବ୍ୟାପକ ଲାଭ ଉଠାଉଥିବା ଶ୍ରେଣୀର ପ୍ରଥମ ସଂସ୍ଥା ଭାବେ ସୁବ୍ୟବସ୍ଥିତ ରହିଛି।

# ଆଜି ସରିବ 'ହାଟ୍' ପ୍ରଦର୍ଶନୀ

ଭୁବନେଶ୍ୱର,୯।୮ (ଅନୁରାଧା ମହାରଣା)

ଫ୍ୟାଶନ୍ ଇଣ୍ଡଷ୍ଟ୍ରିର ପ୍ରସିଦ୍ଧ ବ୍ରାଣ୍ଡ୍ ସହିତ ଫ୍ୟାଶନ୍ ଆଣ୍ଡ୍ ଲାଇଫ୍ ଷ୍ଟାଇଲ୍ ପ୍ରଦର୍ଶନୀ 'ହାଟ୍' ଶୁକ୍ରବାର ଆରମ୍ଭ ହୋଇଛି। ଜୟଦେବ ବିହାରସ୍ଥିତ ହୋଟେଲ ପାଲ୍ ହାଇଟ୍‌ସରେ ଆୟୋଜିତ ଏହି ପ୍ରଦର୍ଶନୀ ଶନିବାର ଉଦଯାପିତ ହେବ। ସକାଳ ୧୦ଟା ରୁ ରାତି ୮ଟା ଯାଏଁ ଅନୁଷ୍ଠିତ ଚାଲୁଥିବା ଏହି ପ୍ରଦର୍ଶନୀରେ ରେ ସର୍ବୋତ୍ତମ ପୋଷାକ, କାଉଚ୍, ହ୍ୟାଣ୍ଡଲୁମ୍, ଟସର, ମୁସ୍‌ଲିନ୍ ଏବଂ ପାରମ୍ପରିକ ଓ ଡିଜାଇନରର୍ ପୋଷାକ, ଅଜ୍ରାକ୍, କାଜୁଆଲ୍ ପୋଷାକ, ଚିକନ୍‌କରୀ କୁର୍ତ୍ତୀ, ବିଭିନ୍ନ ଅଳଙ୍କାର ପ୍ରଦର୍ଶିତ ହେଉଛି। ଘର ସସେଜଇବା ସାମଗ୍ରୀ, ବ୍ୟାଗ୍, ଡିଜାଇନର ପିସ୍, କ୍ଲଚ୍, ଜୋତା, ସ୍କିନ୍ କେୟାର ପ୍ରଡକ୍ଟ, ଉପହାର ଆଇଟମ୍ ଆଦି ଉପଲବ୍ଧ ହୋଇଛି। ହାଟ୍‌ର ଏହି ସଂସ୍କରଣ ହେଉଛି ପ୍ରି ଫେଷ୍ଟିଭାଲ୍ ଏବଂ ରାକ୍ଷୀ ସଂସ୍କରଣ। ଅନେକ ଚମତ୍କାର ଲାଇଫ ଷ୍ଟାଇଲ୍ ପ୍ରଡକ୍ଟ ସହିତ, ଆକର୍ଷଣୀୟ ସାମଗ୍ରୀକୁ ନେଇ ପ୍ରଦର୍ଶନୀ ଆୟୋଜିତ ହୋଇଥିବାବେଳେ ଭୁବେନଶ୍ୱରବାସୀଙ୍କ ଠାରୁ ଭଲ ପ୍ରତିକ୍ରିୟା ଆଶା କରୁଥିବା ଅନୁପମ୍ ମୁଖାର୍ଜୀ କହିଛନ୍ତି।


# Classified Everyday

0674-2580101, 2549949



REAL ESTATE

SALE

IDCO plot sale at Khurda Industrial Estate Area 239 decimal with 50ft. Black top road connected with Electric connection and shade. Interested buyer may contact- 9437107010. D-997

କଟକ-ଭୁବନେଶ୍ୱର ମଧ୍ୟରେ ନବନିର୍ମିତ Sum Hospital, Grand Bazar (NH-16) ରୁ ଅଳ୍ପ ଦୂରତାରେ ୩୦ ଫୁଟ ରାସ୍ତା ଥାଇ ଘରବାରି plot କିଣନ୍ତୁ। 9658562429. D-75983


**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9777554170, 7978874990.** D-989

Duplex project at Retang Medical, Station, CV Raman University Tamando, Bhubaneswar. 7008459987. D-75976

**Ready to move 2BHK flat for sale @ 20lakh near Gudiapokhari, Bhubaneswar. Call- 9937544226.** D-756

**2/3BHK Flat Uttara, Patia, KalingaNagar, Hanspal, Patrapada, BJB Nagar. 8270370007.** D-949

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9861463011, 9777154964.** D-990





**Commercial Office 4200 sqft. furnished Ground Floor Chandrasekharpur Bhubaneswar. 9438194381.** D-972





Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75767

Newly open health benefits spa by expert therapist. Contact: 6371861658. D- 76142

Newly open health benefits SPA special offer @ 799 Bapuji Nagar. 8018429809. D-76144

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**Relax, Refresh your body, mind at Saikrupa Spa with best therapies. 8984068077.** D-883

Newly open Jyoti SPA positively health benefits (Expert therapist). 8458067955. D-76141



BUSINESS

We require white Hospital Bedsheets and School Notebooks. Contact- 8260232337. D-987

AFFIDAVIT

By virtue of an affidavit No.-56, date 05.08.2024 the Executive Magistrate, Puri, I am Krushnapriya Pradhan (69), W/o- Susil Kumar Pradhan, Vill- Chamarkera, Post.- Basudevpur, P.S.- Puri Sadar, Dist.- Puri hereby declaration have changed my name from "Puspalata Pradhan" to "Krushnapriya Pradhan" and Date of year 1951 change to 15.02.1955. I shall be known as "Krushnapriya Pradhan" for all purpose. D-992

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before the Notary Public, Bhubaneswar, dated 08.08.2024, I Ranjita Das, D/o- Baidhar Das, W/o- Ashok Kumar Sahu permanent resident of village- Palada, P.O.- Nahapara, Via- Rambag, P.S./Dist.- Jajpur, PIN- 755014, Odisha having Aadhaar No.- xxxx xxxx 0886 have chaged my name from Ranjulata Das (which has been mentioned in all my Educational Certificates and document/ papers) to Ranjita Das. Henceforth, I shall be known as Ranjita Das for all purposes.
Ranjita Das, Date- 09.08.2024, D/o- Baidhar Das, W/o- Ashok Kumar Sahu
D-988

I, Chandan Prasad Shah, S/o- Badri Prasad Shah, R/o- Dabur Gali, P.S.-Town, Dist.- Sambalpur declare by this affidavit No.- 815, dated 21.01.2017 that from now onwards I shall be known as Chandan Shah, S/o- Badri Prasad Shah for all purposes.
Chandan Shah
D-993

I, Sonia Shah, W/o- Chandan Shah, R/o- Dabur Gali, P.S.-Town, Dist.- Sambalpur declare by this affidavit No. 1410, dated 09.08.2024 that from now onwards I shall be known as SONIYA SHAH, W/o- Chandan Shah for all purposes.
Soniya Shah
D-994

LEGAL NOTICE

ସିଭିଲ ଜଜ୍ (ସିନିୟର ଡିଭିଜନ)ଙ୍କ ଅଦାଲତ, ବୌଦ୍ଧ
ସିଭିଲ କେସ୍ ନଂ.-୧୪/୨୦୨୪
ରାଜ କୁମାର କହଁର ଏବଂ ଅନ୍ୟମାନେ .......ବାଦୀ
ବନାମ
ସନ୍ଧ୍ୟାରାଣୀ କହଁର ଏବଂ ଅନ୍ୟମାନେ ........ପ୍ରତିବାଦୀ
ପ୍ରାପ୍ତେଷୁ
କ୍ରମିକ ନଂ.-୧, ସନ୍ଧ୍ୟାରାଣୀ କହଁର, ପି- ନବୀନ କହଁର, ଗ୍ରାମ- ସରଧାପୁର, ପୋ- ବଲଣ୍ଡା, ଥାନା/ଜି- ବୌଦ୍ଧ,
ଏତଦ୍ୱାରା ଜଣାଇ ଦିଆଯାଉଛି ଯେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଚାଲିଥିବା ସିଭିଲ କେସ୍ ନଂ.-୧୪/୨୦୨୪ର ପକ୍ଷ ଅଟନ୍ତି। ଉପରୋକ୍ତ ଠିକଣାରେ ଅଦାଲତରୁ ନୋଟିସ ପ୍ରେରଣ କରାଗଲେ ମଧ ତାହା ଗ୍ରହଣ କରୁନାହାନ୍ତି। ଏଣୁ ଆପଣଙ୍କୁ ଜଣାଇ ଦିଆଯାଉଛି ଯେ, ଆସନ୍ତା ତା୨୧ରିଖ ଅଗଷ୍ଟ ମାସ ୨୦୨୪, ଘ ୧୦.୩୦ମି ସମୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଉପସ୍ଥିତ ରହି ନିଜର ପକ୍ଷ ରଖିବେ, ନଚେତ୍ ଅଦାଲତ ଆପଣଙ୍କର ଅନୁପସ୍ଥିତିରେ ବିଚାର ପ୍ରକ୍ରିୟା ଆରମ୍ଭ କରିବେ ଓ ପରେ ଆପଣଙ୍କର କୌଣସି ଆପତ୍ତି ଅଭିଯୋଗ ବିଚାରକୁ ନିଆଯିବ ନାହିଁ।
ସ୍ୱାକ୍ଷର- ସିଭିଲ ଜଜ୍ (ସିନିୟର ଡିଭିଜନ), ବୌଦ୍ଧ
ଧ-୯୯୮

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଠ କରନ୍ତୁ।
BHIM UPI
ଦେୟ ପେଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



୰ଶିବାଜୀ ମିଶ୍ର
କାଶୀପୁର, ଗଙ୍ଗନଗର, ବୁଦ୍ଧେଶ୍ୱରୀ
ଜନ୍ମ- ୦୨।୦୪।୧୯୪୨
ମହାପ୍ରୟାଣ- ୨୩।୦୭।୨୦୨୩
ବାପା, ଦେଖୁ ଦେଖୁ ବର୍ଷେ ଚାଲିଗଲା। ତୁମର ସ୍ନେହ, ଶ୍ରଦ୍ଧା ଓ ପରୋପକାରିତା ଚିରସ୍ମୃତି ହୋଇ ରହିବ। ପ୍ରଭୁ ଶ୍ରୀଜଗନ୍ନାଥ ଓ ମା' କୁଣ୍ଡେଶ୍ୱରୀ ତୁମର ଅମର ଆତ୍ମାକୁ ସଦା ସଦ୍‌ଗତି ଦେଉ ଥାଆନ୍ତୁ। ସ୍ୱର୍ଗରେ ରହି ଆମକୁ ଆଶୀର୍ବାଦ କରୁଥାଅ।
ଶୋକସନ୍ତପ୍ତ- ପ୍ରସନ୍ନ, ସ୍ୱର୍ଣ୍ଣଲତା, ପ୍ରିୟମ୍ବଦା, ରାମ, ଝୁନା, ଜଗନ, ସୁନୀ ଓ ସପରିବାର, ଆତ୍ମୀୟସ୍ୱଜନ।
ଧ-୯୯୬

### ତୃତୀୟ ବାର୍ଷିକ ଶ୍ରାଦ୍ଧୋତ୍ସବ



ସ୍ୱର୍ଗତ ଶ୍ୟାମସୁନ୍ଦର ପଟ୍ଟନାୟକ
ଡାଣ୍ଡିମାଳ ସାହି
ତିରୋଧାନ: ଶ୍ରାବଣ ଶୁକ୍ଳ ଷଷ୍ଠୀ, ୧୪।୦୮।୨୧
ଚାହୁଁ ଚାହୁଁ ୩ ବର୍ଷ ବିତିଗଲାଣି। ତୁମେ ଆମକୁ ଛାଡ଼ି ଅନାଥ କରି ଚାଲିଗଲ। ଆମର ବାପା ଡାକ ହଜିଗଲା। ତୁମର ସଚ୍ଚୋଟ ପଣିଆ, କର୍ତ୍ତବ୍ୟ ପରାୟଣତା ଆଜି ଆମର ପାଥେୟ। ତୁମର ଅମର ଆତ୍ମାର ସଦ୍‌ଗତି ପାଇଁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଆମର ବିନମ୍ର ଶ୍ରଦ୍ଧାଞ୍ଜଳି।
ତୁମର ହତଭାଗ୍ୟ ପରିବାରବର୍ଗ।
ଧ-୯୯୫

**ଟ୍ରାକ୍ଟର ଧକ୍କାରେ ବାଇକ୍ ଚାଳକ ମୃତ**

ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/କାଳିପଦା (ରାଜଶ୍ରୀ ପାଣିଗ୍ରାହୀ): ବାଲେଶ୍ୱର ଜିଲା ବାଲିଆପାଳ ଥାନା ଅଞ୍ଚଳର ବାଲିଆପାଳ-କାଳିପଦା ମୁଖ୍ୟରାସ୍ତାର କେନାଲ ବନ୍ଧ ନିକଟରେ ଶୁକ୍ରବାର ଟ୍ରାକ୍ଟର ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଜାମକୁଣ୍ଡା ପଞ୍ଚାୟତ କଳରୁଇ ଗ୍ରାମର ମୂରଲୀ ମଣ୍ଡଳ(୫୯)। ମୂରଲୀ ବାଇକ୍‌ରେ ଡଗରା ସମୁଦ୍ର କୂଳରୁ ମାଛ ଆଣି ସିମୁଳିଆ ମାର୍କେଟକୁ ବିକ୍ରି କରିବାକୁ ଯାଉଥିବା ବେଳେ ଏକ ଦ୍ରୁତଗାମୀ ସିମେଣ୍ଟ ରଡ୍ ବୋଝେଇ ଟ୍ରାକ୍ଟର ଧକ୍କା ଦେଇ ଛୁ ମାରିଥିଲା। ଫଳରେ ମୂରଲୀ ରାସ୍ତାକଡ଼କୁ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

# ବିଶାଖାପାଟଣାରୁ ମୋଷ୍ଟ ୱାଣ୍ଟେଡ୍ କାର୍ତ୍ତିକ ଗିରଫ

ଜୟପୁର, ୯।୮ (ପବନ ପାଣିଗ୍ରାହୀ)

ପୋଲିସର ମୋଷ୍ଟ ୱାଣ୍ଟେଡ୍ ତାଲିକାରେ ଥିବା ଫେରାର ଥିବା କାର୍ତ୍ତିକ ବାଘଙ୍କୁ ଗୁରୁବାର ବିଶାଖାପାଟଣାରୁ ଗିରଫ କରି ଆଣିବା ପରେ ଶୁକ୍ରବାର ଜୟପୁର ସଦର ପୋଲିସ ତାଙ୍କୁ କୋର୍ଟଚାଲାଣ କରିଛି। ଉମୁରି ଗ୍ରାମରେ ତାଙ୍କ ଘର। କାର୍ତ୍ତିକଙ୍କ ନାମରେ ଜୟପୁର ସଦର ଥାନା, ବୈପାରୀଗୁଡା, ନବରଙ୍ଗପୁର ଥାନାରେ ୧୮ଟି ମାମଲା ରହିଥିଲା। ସେ ପୋଲିସକୁ ଚକମା ଦେଖାଇ ଫେରାର ରହୁଥିଲେ। ସେ ବିଶାଖାପାଟଣାରେ ଥିବା ସୂଚନା ପାଇ ଏକ ସ୍ୱତନ୍ତ୍ର ଟିମ ଗୁରୁବାର ସେଠାକୁ ଯାଇ ଚଢାଉ କରି ତାଙ୍କୁ ଗିରଫ କରିଥିଲା। ଅଭିଯୁକ୍ତ କାର୍ତ୍ତିକଙ୍କଠାରୁ ୫ଟିଗୁଳି, ବନ୍ଧୁକ ସମ୍ପର୍କିତ ଏକ ପତ୍ରିକା ଏବଂ କ୍ରେଟା କାର ଜବତ ହୋଇଛି। ବୈପାରିଗୁଡା ଥାନା ଅଞ୍ଚଳରେ ଏକ ଡକାୟତି ମାମଲାରେ ଓ ଜୟପୁର ଦଶହରା ସମୟରେ ଉମୁରି ଅଞ୍ଚଳରେ ହୋଇଥିବା ଗୁଳିମାଡ଼ ମାମଲାରେ କାର୍ତ୍ତିକ ଜଡ଼ିତ ଥିବା ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି।

# ପରକୀୟା ପ୍ରୀତିରୁ କଳହ, ସ୍ତ୍ରୀଙ୍କୁ ହତ୍ୟା

## ସ୍ୱାମୀ ଗିରଫ

ଖଲ୍ଲିକୋଟ, ୯।୮ (ପ୍ରଶାନ୍ତ କୁମାର ମିଶ୍ର)

ସ୍ୱାମୀଙ୍କ ପରକୀୟା ପ୍ରୀତିକୁ ବିରୋଧ କରୁଥିଲେ ସ୍ତ୍ରୀ। ଏଥିପାଇଁ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ଲାଗି ରହୁଥିଲା। ଏପରିକି ଅଧିକ ଯୌତୁକ ଆଣିବା ପାଇଁ ଦାବିକରି ସ୍ତ୍ରୀଙ୍କୁ ସ୍ୱାମୀ ନିର୍ଯାତନା ଦେଉଥିଲେ। ଗୁରୁବାର ଉଭୟଙ୍କ ମଧ୍ୟରେ ପୁଣି ଗଣ୍ଡଗୋଳ ଘଟିଥିବାବେଳେ ସ୍ତ୍ରୀଙ୍କୁ ସ୍ୱାମୀ ହତ୍ୟା କରିଥିବା ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନାରେ ଅଭିଯୋଗ ହୋଇଛି। ମୃତ ମହିଳା ହେଲେ କେଶପୁର ଛକରେ ରହୁଥିବା ସୁଧୀର ସାହୁଙ୍କ ସ୍ତ୍ରୀ ସ୍ମିତାରାଣୀ ସାହୁ। ଅନ୍ୟପକ୍ଷରେ ସ୍ମିତାରାଣୀ ଫ୍ୟାନରେ ଝୁଲି ଆତ୍ମହତ୍ୟା କରିଥିବା ତାଙ୍କ ଶ୍ୱଶୁର ସୁବାସ ସାହୁ କହିବା ସହ ହତ୍ୟା ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଗୁରୁବାର ରାତି ପ୍ରାୟ ୯ଟାରେ ଝୁଲନ୍ତା ଅବସ୍ଥାରେ ସ୍ମିତାରାଣୀଙ୍କ ମୃତଦେହକୁ ପୋଲିସ ଜବତ କରି ଖଲ୍ଲିକୋଟ ମେଡିକାଲକୁ ପଠାଇଥିଲା। ସ୍ମିତାରାଣୀଙ୍କ ବାପା ଭୋଳାନାଥ ସାହୁଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଏହାସହ ପୋଲିସ ସୁଧୀର ସାହୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

ରମ୍ଭା ଥାନା ଅନ୍ତର୍ଗତ ଖଜୁରିଆପଲ୍ଲୀ ଗ୍ରାମର ଭୋଳାନାଥଙ୍କ ବଡ଼ ଝିଅ ସ୍ମିତାରାଣୀ କେଶପୁର ଗ୍ରାମର ସୁଧୀରଙ୍କୁ ଗତ ୪ ବର୍ଷ ତଳେ ବିବାହ କରିଥିଲେ। ବିବାହ ପରଠାରୁ ଅଧିକ ଯୌତୁକ ଦାବି କରି ଶାଶୁଘର ଲୋକେ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ। ସୁଧୀର ବିବାହ ପରେ ମଧ୍ୟ ଅନ୍ୟ ଜଣେ ଝିଅ ସହିତ ପ୍ରେମ ସମ୍ପର୍କ ରଖିଥିବାରୁ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ସବୁବେଳେ କଳହ ହେଉଥିଲା ବୋଲି ବାପା ଭୋଳାନାଥ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି।

# ମହିଳାଙ୍କୁ ତଣ୍ଟିଚିପି ହତ୍ୟା

## ସ୍ୱାମୀ ଅଟକ

ବଲାଙ୍ଗୀର, ୯।୮ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ପୁଇଁତଲା ଥାନା ଅନ୍ତର୍ଗତ ଫଟକରା ଗାଁରେ ଶୁକ୍ରବାର ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ତଣ୍ଟି ଚିପି ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତା ମହିଳା ହେଲେ ମମତା ଛନ୍ଦ (୩୦)। ଏନେଇ ମମତାଙ୍କ ବାପଘର ଲୋକେ ପୁଇଁତଲା ଥାନାରେ ଅଭିଯୋଗ କରିବା ପାରେ ପୋଲିସ ସ୍ୱାମୀ ଅଭିଜତ ଛନ୍ଦଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଏସଡିପିଓ ପ୍ରଦୀପ କୁମାର ସାହୁ ସୂଚନା ଦେଇଛନ୍ତି। ଖବର ଲେଖାହେବା ସୁଦ୍ଧା ରାତି ୮ଟା ମଧ୍ୟରେ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ। ଅଭିଯୋଗ ଅନୁଯାୟୀ, ୮ ବର୍ଷ ତଳେ ଫଟକରା ଗାଁର ଅଭିଜିତଙ୍କ ସହ ମମତାଙ୍କ ବିବାହ ହୋଇଥିଲା। ଶୁକ୍ରବାର ସକାଳେ ମମତାଙ୍କ ଶ୍ୱଶୁର ଫୋନ୍ କରି ମମତା ଶୋଇଛନ୍ତି, ଉଠୁନାହାଁନ୍ତି ବୋଲି କହିଥିଲେ। ଜଳଜଡ ଗାଁରୁ ମମତାଙ୍କ ବାପଘର ଲୋକେ ତୁରନ୍ତ ଫଟକରା ଯାଇ ଦେଖିଥିଲେ ଘରେ ଏକ ଖଟରେ ମମତାଙ୍କ ମୃତଦେହ ପଡିରହିଲା। ଘରେ ତାଙ୍କ ସ୍ୱାମୀ, ଶ୍ୱଶୁର କି ଶାଶୁ କେହି ନ ଥିଲେ। ଏହାପରେ ଝିଅପକ୍ଷ ଲୋକଙ୍କ ସନ୍ଦେହ ଘନୀଭୂତ ହୋଇଥିଲା। ମମତାଙ୍କୁ ତଣ୍ଟିଚିପି ହତ୍ୟା କରି ସ୍ୱାମୀ ଫେରାର ହୋଇଯାଇଥିବା ସେମାନେ ସନ୍ଦେହ କରିଥିଲେ। ପୁଇଁତଲା ଥାନା ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଛାନଭିନ କରୁଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନିଆଯାଇଥିଲା। ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ କଳହ ଲାଗି ରହୁଥିଲା ବୋଲି ଜଣାପଡିଛି। ମମତାଙ୍କ ତଣ୍ଟିରେ ଦାଗ ରହିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି।

# ଶିକ୍ଷୟିତ୍ରୀଙ୍କ ମାଡ଼ରେ ୨ ଛାତ୍ର ଗୁରୁତର

କେନ୍ଦୁଝର, ୯।୮ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ବ୍ଲକ୍ ମଇଦାନକେଲଠାରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷୟିତ୍ରୀଙ୍କ ମାଡ଼ରେ ୨ ଛାତ୍ର ଗୁରୁତର ହୋଇଛନ୍ତି। ଉଭୟଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏ ନେଇ ଅଭିଭାବକ ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ ଅଭିଯୋଗ କରିବା ପରେ ତଦନ୍ତ ଆରମ୍ଭ ହୋଇଛି।

ସୂଚନା ଅନୁଯାୟୀ, ଉକ୍ତ ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀ ଛାତ୍ରମାନଙ୍କୁ କୌଣସି କାରଣରୁ ନିର୍ଘାତ ମାଡ଼ ମାରିଥିଲେ। ମାଡ଼ରେ ଛାତ୍ରଙ୍କ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଛି। ଛାତ୍ରଦ୍ୱୟ ସେଠାକାର ହଷ୍ଟେଲରେ ରହି ପାଠ ପଢୁଥିଲେ। ଶୁକ୍ରବାର ଉଭୟଙ୍କୁ ମାଡ଼ମାରିବା ପରେ ଘରକୁ ନେଇଯିବାକୁ ଅଭିଭାବକଙ୍କୁ କହିଥିଲେ। ପରିବାର ଲୋକେ ପିଲାଙ୍କ ଅବସ୍ଥା ଦେଖି ଡାକ୍ତରଖାନାରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିବା ସହ ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ ଜଣାଇଥିଲେ। ବ୍ଲକ୍ ଶିକ୍ଷା ଅଧିକାରୀ କ୍ଷେତ୍ର ମୋହନ ହାଁସଦା ଉକ୍ତ ସ୍କୁଲକୁ ଯାଇ ତଦନ୍ତ ଆରମ୍ଭ କରିଛନ୍ତି। ଘଟଣାରେ ସତ୍ୟତା ଥିବା ତଦନ୍ତରୁ ଜଣାପଡ଼ିଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଇଓ ସୂଚନା ଦେଇଛନ୍ତି।

# ମାଧବ ଶବର ହତ୍ୟା ମାମଲାର ସାକ୍ଷ୍ୟ ଗ୍ରହଣ

## ଭିସିରେ ହାଜର ହେଲେ ସବ୍ୟସାଚୀ ପଣ୍ଡା

ଗୁଣପୁର, ୯।୮ (ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ୍ ନାରାୟଣପୁର ଗ୍ରାମର ମାଧବ ଶବର ହତ୍ୟା ମାମଲାରେ ଗୁଣପୁର ଏଡିଜେଙ୍କ କୋର୍ଟରେ ଶୁକ୍ରବାର ସାକ୍ଷ୍ୟ ଗ୍ରହଣ ହୋଇଥିଲା। ଏହି ମାମଲାରେ ତଦନ୍ତ ଅଧିକାରୀ ଥିବା ଦିଲୀପ ନାୟକ ତଥା କେଉଁଝର ଜିଲାର ଅତିରିକ୍ତ ଏସ୍‌ପି ଭିଡିଓ କନ୍‌ଫରେନ୍ସ (ଭିସି) ମାଧ୍ୟମରେ ସାକ୍ଷ୍ୟ ପ୍ରଦାନ କରିଥିଲେ। ସେହିପରି ମାଓବାଦୀ ନେତା ସବ୍ୟସାଚୀ ପଣ୍ଡା ମଧ୍ୟ ବ୍ରହ୍ମପୁର ଜେଲରୁ ଭିସି ମାଧ୍ୟମରେ ଯୋଡ଼ି ହୋଇଥିଲେ। ଗୁଣପୁରଠାରେ ଏଡିଜେ ଶେଖ୍ ମହମ୍ମଦ କ୍ୱାଇସ ସାକ୍ଷୀଙ୍କ ବୟାନ ରେକର୍ଡ କରିଥିଲେ। ଏହି ମାମଲାରେ ସମସ୍ତ ସାକ୍ଷ୍ୟ ଗ୍ରହଣ ସରିଥିବାରୁ ଅଭିଯୁକ୍ତ ସବ୍ୟସାଚୀଙ୍କ ବୟାନ ରେକର୍ଡ ପାଇଁ ସୋମବାର କୋର୍ଟ ପକ୍ଷରୁ ଦିନ ଧାର୍ଯ୍ୟ କରାଯାଇଛି।

ମାମଲାରୁ ଜଣାଯାଏ, ୨୯।୧୦।୨୦୦୦ରେ ମାଓବାଦୀମାନେ ନାରାୟଣପୁର ଗ୍ରାମର ମାଧବ ଶବରଙ୍କ ଘରେ ପଶି ତାଙ୍କୁ ଗୁଳିକରି ହତ୍ୟା କରିଥିଲେ। ମାଧବଙ୍କ ସ୍ତ୍ରୀ ରେବତୀ ଶବର ମଧ୍ୟ ଏହି ଗୁଳିକାଣ୍ଡରେ ଆହତ ହୋଇଥିଲେ। ତାଙ୍କ ସ୍ୱାମୀଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗକୁ ଆଧାରକରି ସବ୍ୟସାଚୀଙ୍କ ସମେତ ଅନେକ ମାଓବାଦୀଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ତେବେ ସାକ୍ଷ୍ୟ ପ୍ରମାଣ ଅଭାବରୁ ଅନେକ ଅଭିଯୁକ୍ତ ଖଲାସ ହୋଇଛନ୍ତି। ସରକାରଙ୍କ ପକ୍ଷରୁ ଉମା ଚରଣ ପଟ୍ଟନାୟକ ଏବଂ ଅଭିଯୁକ୍ତଙ୍କ ପାଇଁ ପ୍ରବୀଣ ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ।

# ୨.୫ଲକ୍ଷ ଟଙ୍କାର ସିଗାରେଟ୍ ଚୋରି

ସୋନପୁର, ୯।୮ (ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର ସହରରେ ଚୋରି ବୃଦ୍ଧି ପାଉଛି। ଚୋରମାନେ ଦୋକାନ ଓ ଘରଗୁଡ଼ିକୁ ଟାର୍ଗେଟ୍ କରୁଛନ୍ତି। ପୂର୍ବରୁ ଚୋରି ହୋଇଥିବା ଦୋକାନରୁ ପୁଣି ଚୋରି ହେଉଛି। ଗୁରୁବାର ରାତିରେ ଜୟଗୁରୁ ମାର୍କେଟ୍‌ର ଗଣେଶ ମହାଲିକଙ୍କ ପାନ ମସଲା ଓ ଗ୍ରୋସରୀ ହୋଲସେଲ ଦୋକନରେ ଚୋରି ହୋଇଛି। ଦୋକାନରେ ପାନ ମସଲା, ବିସ୍କୁଟ୍ ପ୍ୟାକେଟ୍ ଓ ତେଲ ଆଦି ସାମଗ୍ରୀ ଥିଲା। ତେବେ ଚୋର କେବଳ ବାଛି ବାଛି ସିଗାରେଟ୍ ପ୍ୟାକେଟ୍‌ଗୁଡ଼ିକୁ ଚୋରି କରିଛି। ଭିନ୍ନ ଭିନ୍ନ କମ୍ପାନୀର ପ୍ରାୟ ଅଢେଇ ଲକ୍ଷ ଟଙ୍କାର ସିଗାରେଟ୍ ଚୋରି ହୋଇଛି। କଟରରେ ଟିଣ କାଟି, ଆଜବେଷ୍ଟସ୍ ଭାଙ୍ଗି ଚୋର ଛାତ ପଟୁ ଦୋକାନ ଭିତରେ ପ୍ରବେଶ କରିଛି। ସିସିଟିଭି ଫୁଟେଜ୍ ଅନୁଯାୟୀ ଚୋର ଫୁଲ ପ୍ୟାଣ୍ଟ ଓ ଚେକ୍ ସାର୍ଟ ପିନ୍ଧିଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ଦୋକାନ ମାଲିକ ସୋନପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏସ୍‌ଆଇ ଦେବାଶିଷ ସାହୁ ମାମଲାର ତଦନ୍ତ କରୁଛନ୍ତି। ସୂଚନା ଅନୁଯାୟୀ, ଗତବର୍ଷ ସେପ୍ଟେମ୍ବର ୨୧ ତାରିଖରେ ସମାନ ଢଙ୍ଗରେ ଏହି ଦୋକନରୁ ଚୋରି ହୋଇଥିଲା। ପୋଲିସ ଏହି ଘଟଣାରେ ଏପର୍ଯ୍ୟନ୍ତ କାହାରିକୁ ଗିରଫ କରିପାରିନି। ତେଣୁ ଚୋର ପୁଣି ଥରେ ଚୋରି କରିବାକୁ ସାହାସ ପାଇଥିବା ଅନୁମାନ କରାଯାଉଛି।

# ଭିଜିଲାନ୍ସ ହାତରେ ଧରାପଡ଼ିଲେ କନିଷ୍ଠ ଯନ୍ତ୍ରୀ, ସହଯୋଗୀ

## ଶ୍ମଶାନ ଗୃହ ନିର୍ମାଣ ବିଲ୍ ପାଇଁ ୨୫ ହଜାର ଟଙ୍କା ଲାଞ୍ଚ ନେଉଥିଲେ

ଜଗତ୍‌ସିଂହପୁର/କଟକ, ୯।୮ (ପ୍ରମୋଦ କୁମାର ନାୟକ/କାର୍ତ୍ତିକ ସାହୁ)

ଜଗତ୍‌ସିଂହପୁର ଜିଲା ନାଉଗାଁ ବ୍ଲକରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ସ୍ମୃତି ରଞ୍ଜନ ନାୟକ ଓ ସହଯୋଗୀ ବଛାଲୋ ଗ୍ରାମର ବାପିନା ଦାସ ଶୁକ୍ରବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଜଳେଶ୍ୱରପଡ଼ା ଗ୍ରାମର ଶ୍ମଶାନ ଗୃହ ବିଲ୍ କରାଇଦେବା ପାଇଁ ଠିକାଦାର ପ୍ରତାପ କାଣ୍ଡିଙ୍କଠାରୁ ବାପିନାଙ୍କ ଜରିଆରେ କନିଷ୍ଠ ଯନ୍ତ୍ରୀ ସ୍ମୃତି ରଞ୍ଜନ ୨୫ ହଜାର ଟଙ୍କା ଲାଞ୍ଚ ନେଇ ଗିରଫ ହୋଇଛନ୍ତି ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି।

ଶ୍ମଶାନ ଗୃହ ବିଲ୍ କରାଇଦେବା ପାଇଁ ଠିକାଦାର ପ୍ରତାପଙ୍କୁ କନିଷ୍ଠ ଯନ୍ତ୍ରୀ ସ୍ମୃତିରଞ୍ଜନ ୨୫ ହଜାର ଟଙ୍କା ମାଗିଥିଲେ। ଏନେଇ ପ୍ରତାପ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ଗୁରୁବାର କଟକ ଭିଜିଲାନ୍ସ ଥାନା ପକ୍ଷରୁ ମାମଲା (ନଂ.୨୧/୨୪) ରୁଜୁ ହୋଇଥିଲା। ଏଥିସହ ଅଭିଯୁକ୍ତଙ୍କୁ ଗିରଫ ପାଇଁ ଜାଲ ବିଛା ଯାଇଥିଲା। ପୂର୍ବ ପ୍ରସ୍ତୁତି ମୁତାବକ କନିଷ୍ଠ ଯନ୍ତ୍ରୀଙ୍କୁ ପ୍ରତାପ ୨୫ ହଜାର ଟଙ୍କା ଦେବାକୁ ଚେଷ୍ଟା କରିଥିଲେ ସୁଦ୍ଧା ସେ ସିଧାସଳଖ ନେଇ ନ ଥିଲେ।



ସ୍ମୃତିରଞ୍ଜନ ନାୟକ



ବିପିନ ଦାସ

ଏହି ରାଶି ବଛାଲୋ ଗ୍ରାମର ବାପିନା ନେଇଥିଲେ। ଉଭୟ ସ୍ମୃତିରଞ୍ଜନ ଓ ବାପିନା ବ୍ଲକ ନିକଟରେ ଥିବା ରାଜୀବ ଗାନ୍ଧୀ ସେବାକେନ୍ଦ୍ର ପରିସରରେ ଠିଆ ହୋଇଥିବା ବେଳେ ଭିଜିଲାନ୍ସ ଟିମ୍ ସେମାନଙ୍କୁ କାବୁ କରିଥିଲା। ଏହାପରେ ବାପିନାଙ୍କଠାରୁ ନଗଦ ୨୫ ହଜାର ଟଙ୍କା ଜବତ କରାଯାଇଥିଲା। ପରେ ଭିଜିଲାନ୍ସ ଦଳ କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଯାଇ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଫାଇଲ ଜବତ କରିଛି। ଏଥିସହ ରାଉରକେଲା ବାସନ୍ତୀ କଲୋନୀସ୍ଥିତ ବାସୋପଯୋଗୀ ଘର ତନଖି କରାଯାଇଥିଲା। ଉଭୟଙ୍କୁ ଜଗତ୍‌ସିଂହପୁର ଭିଜିଲାନ୍ସ କାର୍ଯ୍ୟାଳୟକୁ ନିଆଯାଇ ପରେ କୋର୍ଟ ଚାଲାଣ କରାଯାଇଥିଲା।

ସୂଚନାଯୋଗ୍ୟ, କନିଷ୍ଠ ଯନ୍ତ୍ରୀ ସ୍ମୃତିରଞ୍ଜନ ୨୦୧୯ରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ଗ୍ରାମ ପଞ୍ଚାୟତ ବୈଷୟିକ ସହାୟକ ଭାବେ ଉକ୍ତ ବ୍ଲକରେ କାର୍ଯ୍ୟଭାର ଗ୍ରହଣ କରିଥିଲେ। ୨୦୨୨ରେ ପଦୋନ୍ନତି ପାଇ କନିଷ୍ଠ ଯନ୍ତ୍ରୀ ଭାବେ କାର୍ଯ୍ୟ କରିଆସୁଥିଲେ। ସେ ଜାମୁଗାଁ, ରୋହିଆ, ଘୋଡ଼ାଂଶ, କୋରୁଅ ପଞ୍ଚାୟତର କନିଷ୍ଠ ଯନ୍ତ୍ରୀ ଭାବେ କାର୍ଯ୍ୟ ତୁଲାଇଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର କେତେଜଣ ବୁଦ୍ଧିଜୀବୀଙ୍କ ଅଭିଯୋଗ ହେଲା, ବାପିନା କେବଳ କନିଷ୍ଠ ଯନ୍ତ୍ରୀ ନୁହନ୍ତି ବ୍ଲକର ଏକାଧିକ ଅଧିକାରୀଙ୍କ ପାଇଁ ଲାଞ୍ଚ ଆଦାୟର ମାଧ୍ୟମ ସାଜିଛନ୍ତି। ତାଙ୍କ ମୋବାଇଲ ଯାଞ୍ଚ ହେଲେ ସତ୍ୟାସତ୍ୟ ପଦାକୁ ଆସିବ ବୋଲି ଦାବି ହେଉଛି।

# ବ୍ୟାଙ୍କ ଠକେଇ ଅଭିଯୋଗ, ଏଜେଣ୍ଟ ଗିରଫ

ଆସିକା, ୯।୮ (ସୁରେନ୍ଦ୍ର ନାଥ ସାହୁ)

ଗଞ୍ଜାମ ଜିଲା ଆସିକା ବିନାୟକ ବଜାରସ୍ଥିତ ୟୁନିୟନ ବ୍ୟାଙ୍କର ଭାଗ୍ୟଲକ୍ଷ୍ମୀ ସ୍କିମରେ ୮୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଠକେଇ କରିଥିବା ଜଣେ ଏଜେଣ୍ଟ ଶୁକ୍ରବାର ଗିରଫ ହୋଇଛନ୍ତି। ସେ ହେଲେ ଆସିକା ଏନ୍‌ଏସି ଲଛମନପଲ୍ଲୀ ଗ୍ରାମର ବାହାନପତି ପ୍ରଧାନ। ବାହାନପତି ଭାଗ୍ୟଲକ୍ଷ୍ମୀ ସ୍କିମ୍‌ରେ ଜମାକାରୀଙ୍କଠାରୁ ଦୈନିକ ଟଙ୍କା ସଂଗ୍ରହ କରୁଥିଲେ। ସେ ଉକ୍ତ ଟଙ୍କା ଠକେଇ କରିଥିବା ଓ ଜମା ସଂଗ୍ରହ ରସିଦ୍ ଜାଲ କରିଥିବା ଗୁରୁବାର ବ୍ୟାଙ୍କର ଶାଖା ପରିଚାଳକ ସୁନୀଲ କୁମାର ଆସିକା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏହାର ତଦନ୍ତ କରି ଏଜେଣ୍ଟ ବାହାନପତିଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ ସୂଚନା ଦେଇଛନ୍ତି। ତାଙ୍କ ଘରୁ ବ୍ୟାଙ୍କ କାଗଜପତ୍ର, ଜମାଖାତା ଓ ରସିଦ ଜବତ ହୋଇଛି।

ବାହାନପତି ଦୈନିକ ବ୍ୟାଙ୍କ ଜମା ଯୋଜନାରେ ବହୁବର୍ଷ ଧରି କାର୍ଯ୍ୟ କରୁଥିଲେ। ସେ ଜମାକାରୀଙ୍କଠାରୁ ଟଙ୍କା ସଂଗ୍ରହ କରି ନେଉଥିଲେ। ତେବେ ଜମାର ଅବଧି ସରିବା ପରେ ମଧ୍ୟ ବହୁ ଜମାକାରୀ ସେମାନଙ୍କ ଟଙ୍କା ଫେରସ୍ତ ନ ପାଇ ବ୍ୟାଙ୍କର ଦ୍ୱାରସ୍ଥ ହୋଇଥିଲେ। ବ୍ୟାଙ୍କ ପକ୍ଷରୁ ଏ ନେଇ ଥାନାରେ ଅଭିଯୋଗ କରାଯାଇଥିଲା। ପୋଲିସ ନଂ. ୪୯୯/୨୪ରେ ମାମଲା ରୁଜୁ କରିଛି। ଅନ୍ୟପକ୍ଷରେ ବାହାନପତିଙ୍କ ବିରୋଧରେ ୩ ଜଣ ଜମାକାରୀ ମଧ୍ୟ ସେମାନଙ୍କ ଟଙ୍କା ହଡ଼ପ ହୋଇଥିବା ନେଇ ପୃଥକ୍ ଭାବେ ପୋଲିସରେ ଅଭିଯୋଗ କରିଛନ୍ତି। ଧରାକୋଟ ନିକଟସ୍ଥ ଜାନିବିଲି ଅଞ୍ଚଳର ବାଳକୃଷ୍ଣ ପଣ୍ଡାଙ୍କ ୯ ଲକ୍ଷ ଟଙ୍କା, ଆସିକା ବିନାୟକ ବଜାରର ଭାନୁ ପ୍ରତାପ ମହାରଣା ଓ ତାଙ୍କ ସ୍ତ୍ରୀ ସୁପ୍ରଭା ମହାରଣାଙ୍କ ୮ ଲକ୍ଷ ଲେଖାଏ ଟଙ୍କା ଏଜେଣ୍ଟ ବାହାନପତି ବ୍ୟାଙ୍କରେ ଜମା କରି ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଏ ନେଇ ପୃଥକ ୩ ମାମଲା (୫୦୧, ୫୦୨ ଓ ୫୦୩/୨୪) ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ପଟ୍ଟନାୟକ ସୂଚନା ଦେଇଛନ୍ତି।

# ଥାନାରୁ ଅଭିଯୁକ୍ତ ଚମ୍ପଟ ଘଟଣା: କନଷ୍ଟେବଲ ନିଲମ୍ବିତ

ନବରଙ୍ଗପୁର, ୯।୮ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ଝରିଗାଁ ଥାନାରୁ ଜଣେ ଅଭିଯୁକ୍ତ ଚମ୍ପଟ ମାରିବା ଘଟଣାରେ କନଷ୍ଟେବଲ ଧନର ନାୟକଙ୍କୁ ଏସ୍‌ପି ରୋହିତ ବର୍ମାଙ୍କୁ ଗୁରୁବାର ନିଲମ୍ବିତ କରିଛନ୍ତି। ଝରିଗାଁ ବ୍ଲକ ଚାଚା ଗାଁରେ ଏକ ଚୋରି ହୋଇଥିଲା। ଘଟଣାରେ ଜଣେ ଅଭୁଯୁକ୍ତଙ୍କୁ ଝରିଗାଁ ପୋଲିସ ସୋମବାର ଗିରଫ କରିଥିଲା। ସନ୍ଧ୍ୟାରେ ଅଭିଯୁକ୍ତ ଥାନାରୁ ଚମ୍ପଟ ମାରିଥିଲେ। ଫଳରେ ସେଣ୍ଟ୍ରି ଦାୟିତ୍ୱରେ ଥିବା କନଷ୍ଟେବଲ ଧନର ନାୟକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

# ନାବାଳିକା କନ୍ୟାଙ୍କୁ ବେଦିରୁ ଉଠାଇ ଆଣିଲା ପୋଲିସ

## ଝିଅ ଘରକୁ ଖେଳନା ବନ୍ଧୁକ ଦେଖାଇ ଧମକଚମକ, ୨ ଅଟକ

ନୀଳଗିରି, ୯।୮ (ପ୍ରଶାନ୍ତ ବିଶ୍ୱାଳ)

ଉଭୟ ପରିବାରର ସମ୍ପର୍କ ଭିତରେ ଗଢ଼ି ଉଠିଥିଲା ପୁଅ ଝିଅଙ୍କ ମଧ୍ୟରେ ପ୍ରେମ ସମ୍ପର୍କ। ପୁଅ ସାବାଳକ ଥିବା ବେଳେ, ଝିଅ ଥିଲେ ନାବାଳିକା। ଏଥିପାଇଁ ଝିଅ ଘର ଲୋକେ ରାଜି ହୋଇ ନ ଥିଲେ। ଉଭୟ ପରିବାର ମଧ୍ୟରେ ବହୁବାର ବୈଠକ ବସିଥିବା ବେଳେ ଝିଅ ଘର ପରିବାର ବିବାହ ପ୍ରସ୍ତାବକୁ ରାଜି ନ ଥିଲେ।

ଶୁକ୍ରବାର ସିଂଲା ଥାନା ଅଧୀନ ସାହାଡ଼ାଶୁଣି ଗ୍ରାମର ଏକ ଦେବୀପୀଠରେ ବିବାହ ଆରମ୍ଭ ହେଉଥିଲା। ଝିଅ ଘର ଲୋକେ ନୀଳଗିରି ଥାନାରେ ଅଭିଯୋଗ କରିବାରୁ ଥାନା ଅଧିକାରୀ ଗୋପାଳ କର୍ଣ୍ଣଙ୍କ ନିର୍ଦ୍ଦେଶରେ ଏଏସ୍‌ଆଇ ଅନନ୍ତ ମୁର୍ମୁ ମହିଳା ପୋଲିସଙ୍କୁ ଧରି ସାଧା ପୋଷାକରେ ବିବାହ ବେଦିରୁ ନାବାଳିକା କନ୍ୟାକୁ ଉଦ୍ଧାର କରି ତାଙ୍କ ପରିବାର ଲୋକଙ୍କ ଜିମା ଦେଇଥିଲେ। ମାତ୍ର କେଇଘଣ୍ଟା ପରେ ପୁଅ ଘର ପକ୍ଷରୁ ୧୦ରୁ ଅଧିକ ଯୁବକ ଝିଅ ଘର ନିକଟରେ ପହଞ୍ଚି ଗାଳିଗୁଲଜ କରିବା ସହ ଖେଳନା ବନ୍ଧୁକ ଦେଖାଇ ଭୟଭୀତ କରାଇଥିଲେ। ଖବର ପାଇ ପୋଲିସ ପହଞ୍ଚି ୨ଯୁବକଙ୍କୁ କାବୁ କରି ଥାନାରେ ଅଟକ ରଖିଛି। ଖେଳନା ବନ୍ଧୁକକୁ ମଧ୍ୟ ପୋଲିସ ଜବତ କରି ଘଟଣାର ତଦନ୍ତ ଜାରି ରଖିଛି। ପୁଅ ଘର ସିଂଲା ଥାନା ସାହାଡ଼ାଶୁଣି ଗ୍ରାମର ବୋଲି ଜଣାପଡିଛି।

# ନାବାଳିକାଙ୍କୁ ବଳାତ୍କାର: ଦୋଷୀଙ୍କୁ ୨୦ବର୍ଷ ଜେଲ ଦଣ୍ଡ

ବରଗଡ଼, ୯।୮ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ପାଇକମାଳ ଥାନା ଅନ୍ତର୍ଗତ ଏକ ଗ୍ରାମରେ ୨୦୨୧ ଜାନୁଆରୀରେ ସଂଘଟିତ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ ଜଜ୍ କିରଣ କୁମାର ପ୍ରଧାନ ଏହି ମାମଲାର ବିଚାର କରି ଅଭିଯୁକ୍ତ ନୃପତି ପଣ୍ଡାଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସେହିପରି ପୀଡ଼ିତାଙ୍କୁ ୧୧ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସୂଚନା ମିଳିଛି।

ପ୍ରକାଶ ଯେ, ନୃପତି ନାବାଳିକାଙ୍କୁ ଅପହରଣ କରି ବାହାରକୁ ନେବା ସହିତ ବିବାହର ପ୍ରତିଶ୍ରୁତି ଦେଇ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଏ ନେଇ ଏତଲା ପରେ ସେତେବେଳେ ପାଇକମାଳ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଉକ୍ତ ମାମଲା (ସିଟି କେସ୍ ନଂ.୧୮/୨୦୨୧)ର ବିଚାର ପ୍ରକ୍ରିୟା ବରଗଡ଼ର ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତରେ ଚାଲିଥିଲା। ବିଚାର ପ୍ରକ୍ରିୟାରେ ସରକାରଙ୍କ ପକ୍ଷରୁ ୨୫ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର(ପି.ପି.) ବିମଳ କିଶୋର ଦେବତା, ଆଡିଶନାଲ ପି.ପି. ଦ୍ୟୁତିଶ ଆଚାର୍ଯ୍ୟ ମାମଲା ପରିଚାଳନା କରୁଥିଲେ। ପାଇକମାଳ ଥାନାର ସବଇନ୍ସପେକ୍ଟର ପ୍ରଫୁଲ୍ଲ କୁମାର ପାଣିଗ୍ରାହୀ ଉକ୍ତ ଘଟଣାର ତଦନ୍ତ କରିଥିଲେ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅଡ଼ି ବସିଛି ଗେହ୍ଲା ପୁଅ,**
**ବାଘ ଦୁଧ ଟୋପାଏ ଦିଅ।**

ପୁଅ ହେଉ କି ଝିଅ ପରିବାର ମଧ୍ୟରେ ଥିବା ଗୋଟିଏ ସନ୍ତାନ ଅଧିକ ଗେଲବସର ହୋଇଥାଏ। ଏପରି ସ୍ଥିତିରେ ତା'ର ଅଳି ନିର୍ବିଘ୍ନରେ ପୂରଣ ହୋଇଯାଉଥିବାରୁ ସେ ଟିକିଏ ଏକଜିଦିଆ ହୋଇଯାଇଥାଏ। ବେଶ୍ ଅଳିଅଳରେ ବଢ଼ିଆସିଥିବା ପୁଅ ଦୁର୍ମୂଲ୍ୟ ଦ୍ରବ୍ୟକୁ ହାତେଇବା ନେଇ ଅଡ଼ି ବସୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅଇଲେରେ ବାବା ଅମିନ ବଟା,**
**କର ଚରଚା, ଦିଅ ଖରଚା, ନିଅ ପାରଚା।**

ଅମିନ ଜମି ମପାମପି କରନ୍ତି। ଜମି ମାପ କରି ମାଲିକାନା ସାବ୍ୟସ୍ତ କରନ୍ତି। ଅମିନ ପିଛା କିଛି ଖର୍ଚ୍ଚାପାଣି କରି ନିଜକୁ ସୁହେଇଲା ଭଳି ଜମି ମପାମପି କରାଇନେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ସାପ କାମୁଡ଼ାରେ ଶିଶୁ ମୃତ

ଢେଙ୍କିକୋଟ, ୯।୮ (ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଢେଙ୍କିକୋଟ ପୋଲିସ ବିଟ୍ ହାଉସ ଅନ୍ତର୍ଗତ ବଡ଼ମସିଣାବିଲା ପଞ୍ଚାୟତ ମେଦିନପୁର ଗ୍ରାମରେ ସାପ କାମୁଡ଼ାରେ ଜଣେ ଶିଶୁଙ୍କ ମୃତ୍ୟୁ ଘଟିଛି। ମୃତ ଶିଶୁ ମେଦିନପୁର ମୁଣ୍ଡାସାହିର ଜୀବନ ମୁଣ୍ଡାଙ୍କ ଝିଅ ଶୁଭସ୍ମିତା ମୁଣ୍ଡା (୩)। ଗୁରୁବାର ରାତିରେ ଶୋଇଥିବା ଅବସ୍ଥାରେ ଶୁଭସ୍ମିତାଙ୍କୁ ସାପ କାମୁଡ଼ିଦେଇଥିଲା। ବିଛଣାରେ ସାପ ଦେଖି ତାଙ୍କୁ ପରିବାର ଲୋକେ ଘଟଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ପରୀକ୍ଷାକରି ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଗାଁ ଥାନା ଆଇଆଇସି ଶୁଭ୍ରାନ୍ତ କୁମାର ଜେନାଙ୍କ ନିର୍ଦ୍ଦେଶକ୍ରମେ ଏଏସ୍‌ଆଇ ଜନନୀ ମୁର୍ମୁ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିଥିଲେ। ଘଟଗାଁ ଥାନାରେ ଏକ ମାମଲା( ନଂ. ୩୯/୨୪) ରୁଜୁହୋଇଛି। ପୋଲିସ ପାଟଣା ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତରକରି ତଦନ୍ତ କରୁଛି।

# ପୁଣି ରିମାଣ୍ଡରେ ଆସିବେ ରସିକିଆ ଠକ

## ସତ୍ୟଜିତଙ୍କ ଆଉ ଏକ କାର ଜବତ, ଠକେଇ ଅଭିଯୋଗ ଆଣିଲେ ତୃତୀୟ ମହିଳା

ଭୁବନେଶ୍ୱର, ୯।୮ (ସୂର୍ଯ୍ୟକାନ୍ତ ବେହେରା)

ମିଥ୍ୟା ପରିଚୟ ଦେଇ ୫ ମହିଳାଙ୍କୁ ବିବାହ କରି ଲକ୍ଷାଧିକ ଟଙ୍କା, ଗାଡ଼ି ଆଦି ଠକିଥିବା ସତ୍ୟଜିତ୍ ସାମଲଙ୍କୁ ପୁଣି ଥରେ ରିମାଣ୍ଡରେ ଆଣିବ କମିଶନରେଟ ପୋଲିସ। ଏନେଇ କ୍ୟାପିଟାଲ ଥାନା ପୋଲିସ ଗୁରୁବାର କୋର୍ଟରେ ୧୦ ଦିନିଆ ରିମାଣ୍ଡ ଆବେଦନ କରିଥିଲା। କୋର୍ଟ ୫ ଦିନ ଅନୁମତି ଦେଇଥିବା ସୂଚନା ମିଳିଛି। ଫଳରେ ପୋଲିସ ଶନିବାରଠାରୁ ସତ୍ୟଜିତଙ୍କୁ ଝାରପଡା ଜେଲରୁ ଆଣି ଦ୍ୱିତୀୟ ଥର ମାରାଥନ ଜେରା କରି ଅଧିକ ତଥ୍ୟ ହାସଲ କରିବ ବୋଲି ଆଶା ରଖିଛି। ଇତିମଧ୍ୟରେ ସତ୍ୟଜିତ୍ ବ୍ୟବହାର କରୁଥିବା ଆଉ ଏକ କାରକୁ ପୋଲିସ ଜବତ କରିଛି। ଉକ୍ତ ଗାଡ଼ିରେ ସତ୍ୟଜିତ ବ୍ରହ୍ମପୁର ଯାଇ ଜଣେ ମହିଳାଙ୍କଠାରୁ ୧.୬୦ ଲକ୍ଷ ଟଙ୍କା କ୍ୟାଶ୍



ସତ୍ୟଜିତ ସାମଲ

ଆକାରରେ ଆଣିଥିଲେ। ମହିଳା ଜଣକ ସୁନା ବନ୍ଧା ପକାଇ ସତ୍ୟଜିତଙ୍କୁ ଟଙ୍କା ଦେଇଥିବା ଜଣାପଡିଛି। ଅନ୍ୟପକ୍ଷରେ ସମ୍ପୃକ୍ତ ମହିଳା ମଧ୍ୟ ସତ୍ୟଜିତଙ୍କ ନାମରେ ଥାନାରେ ଠକେଇ ଅଭିଯୋଗ କରିଛନ୍ତି। ଫଳରେ ଏହି ରସିକିଆ ଠକଙ୍କ ନାଁରେ କ୍ୟାପିଟାଲ ଥାନାରେ ହୋଇଥିବା ଠକେଇ ମାମଲା ସଂଖ୍ୟା ୩କୁ ବୃଦ୍ଧି ପାଇଛି। ଏଥିସହ ସତ୍ୟଜିତଙ୍କ ଠକେଇ ଗୁମର ଖୋଲିବା ପାଇଁ ଗଠନ ହୋଇଥିବା ୨ଟି ଟିମ୍ ପୀଡିତାମାନଙ୍କ ସହ ଆଲୋଚନା ଚଳାଇଛି। ଗୋଟିଏ ଟିମ୍ ରାଜ୍ୟ ବାହାରେ ଓ ଆଉ ଏକ ଟିମ୍ ଓଡ଼ିଶାର ପୀଡିତାଙ୍କୁ ଭେଟି ଅଭିଯୁକ୍ତଙ୍କ ବିରୋଧରେ ଥାନାରେ ଅଭିଯୋଗ କରିବାକୁ ଅପିଲ କରିଛି। ଏଥିପାଇଁ କୌଣସି ଭୟ ନ କରିବାକୁ କହିବା ସହ ସମସ୍ତ ପୀଡ଼ିତାଙ୍କ ପରିଚୟ ଗୋପନୀୟ ରହିବ ବୋଲି ଡିସିପି ପ୍ରତୀକ ସିଂ କହିଛନ୍ତି। ପୂର୍ବରୁ ପ୍ରଥମ ପର୍ଯ୍ୟାୟ ରିମାଣ୍ଡ ବେଳେ ସତ୍ୟଜିତ୍‌ଙ୍କ ବୟାନ ଆଧାରରେ ପୋଲିସ ଚନ୍ଦ୍ରଶେଖରପୁରସ୍ଥିତ ଭଡ଼ାଘରୁ ଲାପଟପ୍, ପେନ୍‌ଡ୍ରାଇଭ୍ ଓ ପାସ୍‌ପୋର୍ଟ, ନକଲି ଆଇଡି କାର୍ଡ ଆଦି ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ଜବତ କରି ଫୋରେନ୍‌ସିକ ଲ୍ୟାବ୍‌କୁ ପଠାଇଛି। ଏଥିରୁ ମଧ୍ୟ ସତ୍ୟଜିତ୍‌ଙ୍କ ଠକେଇ ସାମ୍ରାଜ୍ୟର ନୂଆ ତଥ୍ୟ ପଦାକୁ ଆସିପାରେ ବୋଲି ପୋଲିସ ଆଶା ରଖିଛି।

ପ୍ରକାଶ ଯେ, ସତ୍ୟଜିତ ନିଜକୁ ପୋଲିସ, ସିବିଆଇ ଅଫିସର ଭଳି ଭିନ୍ନ ଭିନ୍ନ ପରିଚୟ ଦେଇ ମାଟ୍ରିମୋନିଆଲ ସାଇଟ୍‌ରେ ୪୯ରୁ ଅଧିକ ମହିଳାଙ୍କ ସହ ସମ୍ପର୍କ ବଢ଼ାଇଥିଲେ। ଜଣେ ମହିଳାଙ୍କୁ ବୈଦିକ ରୀତିରେ ବିବାହ କରିଥିବାବେଳେ ବହୁ ମହିଳାଙ୍କ ସହ ବିବାହ ଏଗ୍ରିମେଣ୍ଟ କରି ଶାରୀରିକ ସମ୍ପର୍କ ରଖି ଠକେଇ କରିଥିଲେ। ତେବେ ଠକେଇର ଶିକାର ୨ ମହିଳା ସତ୍ୟଜିତଙ୍କ ନାଁରେ କ୍ୟାପିଟାଲ ଥାନାରେ ଏତଲା ଦେଇଛନ୍ତି। ସତ୍ୟଜିତ୍ ଜଣଙ୍କଠାରୁ ୩୬ଲକ୍ଷ ଟଙ୍କା ଓ କାର୍ ନେଇଥିବାବେଳେ ଅନ୍ୟଜଣଙ୍କଠାରୁ ୮ଲକ୍ଷ ଟଙ୍କା ଓ ଏକ ବୁଲେଟ୍ ଠକି ନେଇଥିବା ଅଭିଯୋଗ ପରେ ସତ୍ୟଜିତଙ୍କୁ ପୋଲିସ୍ ଗିରଫ କରିଥିଲା।

# ଲଙ୍କାପୋଡ଼ି

## ସ୍ମରଣୀୟ ଗଳ୍ପ

**କନିଷ୍କ**

ବାଟର ଗଲା ଆଇଲା ଲୋକେ ଦଣ୍ଡେ ଅନେଇ ରହନ୍ତି ସେଇ କ୍ଷେତକୁ। କିଏ କିଏ ବି ଖୋଜନ୍ତି ପାତ୍ର ବୁଢ଼ାକୁ। ତା'ଠୁ କାକୁଡ଼ି କିଣନ୍ତି।

ଆମେ ବି ଖେଳଛୁଟିରେ ତାକୁ ଖୋଜୁ। ତା'ଠୁ କାକୁଡ଼ି କିଣି ଖାଉ।

ଦିନେ ମୁଁ କହିଲି, "ପାତ୍ର ଅଜା! ମତେ ଗୋଟେ କାକୁଡ଼ି ଦେଲ। ମୋ' ପାଖରେ ଆଜି ପଇସା ନାଇଁ। କାଲିକି ଦେଇଦେବି।"

ଥରେ ନୁଏଁ, ଦି'ଥର ନୁଏଁ, ତିନି ତିନି ଥର ମାଗିଲି। ବୁଢ଼ା ମୋ' ମୁହଁକୁ ଚାହିଁଲା ନାଇଁ। ପୁଣି ଥରେ ମାଗିବାରୁ ଖିଙ୍କାରି ଉଠିଲା, 'ଭାରି କାକୁଡ଼ି ଖାଇଲାବାଲା! ମୁଁ ଏଠି ବାକି ଖାତା ଖୋଲିନି। ଆଜି ନଗଦ କାଲି ବାକୀ। ଯାଃ...ଯାଃ..., ଯା ଭାଗ୍।'

ମୁଁ ମନ ଦୁଃଖରେ ଫେରି ଆସିଲି। ମନେମନେ ଅଷଣ୍ଡ ଷଣ୍ଢ ଶୋଧି ତା' ଶତାଳିଶି ପୁରୁଷ ଉଖାଳି ପକେଇଲି।

ତା' ପରଠୁ ମୁଁ ଆଉ ତା' ପାଖରୁ କାକୁଡ଼ି କିଣି ଖାଇ ନଥିଲି।

ଖାଇବାକୁ ଯେତେ ଇଚ୍ଛା ହେଲେ ବି ମୁଁ ମୋ' ଇଚ୍ଛାକୁ ଚପେଇ ଦେଲି। ସେଇ ପଇସାରେ ଆଇସ୍‌କ୍ରିମ୍, ମଟର ଭଜା କିଣି ଖାଇଲି।

ଏଇ ଘଟଣାର ପାଞ୍ଚ ଛଅ ଦିନ ପରେ ପଡ଼ିଲା ରାମନବମୀ। ଆମ ଗାଆଁକୁ ଲାଗି ଅର୍ତ୍ତାମୂଳ। ଅର୍ତ୍ତାମୂଳେ ହୁଏ ରାମଲୀଳା। ସେଦିନ ଥାଏ ଲଙ୍କାପୋଡ଼ି।

ମୁଁ ମୋ' ସାଙ୍ଗ କାଶିଆ, ଚଗଲା, ପବନା, ଦୋଳିଆ-ଆମେ ସବୁ ରାତି ସାଢ଼େ ଏଗାରଟାବେଳେ ଲଙ୍କାପୋଡ଼ି ଦେଖି ବାହାରିଲୁ।

ବାଟରେ, ସେଇ କାକୁଡ଼ି କିଆରି ପାଖରେ କାଶିଆ କହିଲା, 'ଚାଲ କାକୁଡ଼ି ଖାଇବା।'

ଦୋଳିଆ କହିଲା, "ଖାଇଲେ କେଇଟା ଲେଖାଏଁ ଖାଇବା? ଗୋଟାଏ କି' ଦି'ଟା! ଗୋଟାଏ ଦି'ଟା ଖାଇଲେ ଯୋଉ ଚୋରି, ସବୁଯାକ ଛିଣ୍ଡେଇ ନେଇଗଲେ ବି ସେଇ ଚୋରୀ।"

ସମସ୍ତେ କଥାଟାକୁ ପସନ୍ଦ କଲେ: 'ଠିକ୍ ଠିକ୍! ଦୋଳିଆ ଜାଣ ଖାସା କଥାଟେ କହିଲା! ଯେତେ ପାରିବା ସେତେ ଛିଣ୍ଡେଇ ପକେଇବା।'

ସେଦିନର କଥା ମୋର ମନେପଡ଼ିଗଲା। ମୁଁ କହିଲି, 'ହଁ...ହଁ... ସେଇଆ କରିବା। ଶଳା ପାତ୍ର ବୁଢ଼ାକୁ ପାନେ ଦବା।'

**କନିଷ୍କଙ୍କ ଜନ୍ମ ୧୯୬୨ରେ, କେନ୍ଦ୍ରାପଡ଼ା ଅସୁରେଶ୍ୱରର ଭିତରବଷ୍ଠି ଗାଁରେ। ସାରସ୍ୱତ କୃତି ମଧ୍ୟରେ ଗଳ୍ପ: ଚଢ଼େଇର ଘର, ପାଳଭୂତ, କନିଷ୍କ କଥାକଳ୍ପ, ହାତିମ୍‌ତାଇର ଘୋଡ଼ା, ଉପନ୍ୟାସ: ଘାଟ, ପାପ, ପିପି ଏବଂ କବିତା ମାୟା, ପର୍ବ, ମନ୍ତ୍ର, ହୋଓ ଭଗତେ, ଭାଇରସ୍ ଆଦି ତାଙ୍କର ଚର୍ଚ୍ଚିତ ପୁସ୍ତକ। ଦେହ ଚେତନାକୁ ନେଇ ସାହିତ୍ୟରେ ନୂଆ ପରୀକ୍ଷା ଚଳାଇବାରେ ସେ ଯେତିକି ଅଭୀକ, ଜୀବନର ଅସୀମ ଭାବାବେଗକୁ ନେଇ ପଦଚିହ୍ନ ଛାଡ଼ିଯିବା ଭଳି ଗଳ୍ପ, କବିତା ଲେଖିବାରେ ସେ ସେତିକି ପଟୁ। ଏଥରର ସ୍ମରଣୀୟରେ ତାଙ୍କର ବହୁ ଚର୍ଚ୍ଚିତ ଗଳ୍ପ 'ଲଙ୍କାପୋଡ଼ି'...**

ସଙ୍ଗେ ସଙ୍ଗେ ରାସ୍ତା ଉପରୁ କାକୁଡ଼ି ବିଲଆଡ଼େ ଆମେ ଗଡ଼ିଲୁ। ଧୀରେ ଧୀରେ ହାମୁଡ଼େଇ ହାମୁଡ଼େଇ ଆଣ୍ଠେଇ ଆଣ୍ଠେଇ ବାଡ଼ ଆଡ଼େଇ କୁଡ଼ିଆ ପାଖକୁ ଗଲୁ। କୁଡ଼ିଆରେ କିଏ ଅଛି କି' ନା ଜହ୍ନ ଆଲୁଅରେ ନିରେଖି ଦେଖିଲୁ। ତା'ପରେ ଟର୍ଚ୍ଚ ମାରି ଦେଖିଲୁ। କେହି ନଥିଲେ।

କୁଡ଼ିଆରେ ଖାଲି ମଶିଣାଟେ ପରା ହେଇଥିଲା। ମଶିଣାର ମୁଣ୍ଡ ପାଖରେ ଥୁଆ ହେଇଥିଲା ଖଣତିଟେ।

ଆମେ ମନଇଚ୍ଛା କାକୁଡ଼ି ଛିଣ୍ଡେଇଲୁ। ଛିଣ୍ଡଉ ଛିଣ୍ଡଉ ଦି' ତିନିଟା ଲେଖା ଖାଇଗଲୁ। ଜାମା ଓହ୍ଲେଇ ଜାମାରେ ଥୋଡ଼ାଏ ଲେଖାଏଁ ବାନ୍ଧିଲୁ।

ହଠାତ୍ କାହୁଁ ଆସି ମୋ' ମୁଣ୍ଡରେ ଅଜବ କଥାଟେ ଢୁକିଗଲା। କହିଲି, 'ଚାଲ କୁଡ଼ିଆକୁ ଓପାଡ଼ି ନେଇଯିବା।'

ତହୁଁ କାଶିଆ ଆଉ ପବନା ଖଣତିରେ କୁଡ଼ିଆର ଆଠଟାଯାକ ଗୋଡ଼କୁ ଖୋଳି ପକେଇଲେ। କାଳେ କିଏ ଇଆଡ଼େ ଆସିବ ମୁଁ, ଚଗଲା ଆଉ ଦୋଳିଆ- ତିନିହେଁ କଡ଼ା ନଜର ରଖିଲୁ ଚାରିଆଡ଼କୁ।

କୁଡ଼ିଆର ଗୋଡ଼ ଖୋଳା ସରିଚି ତ' ସଭିଏଁ ଲାଗିପଡ଼ି, କୁଡ଼ିଆକୁ ଓପାଡ଼ି ଟେକି ଟେକି ନେଇ ଆସିଲୁ କିଆରି ବାହାରକୁ।



କୁଡ଼ିଆ ଭିତରେ ଆମେ ସବୁ ପଶିଗଲୁ। କୁଡ଼ିଆର ଭିତରପଟୁ ହାତ ଲଗେଇ ଖୋଲା ଛତା ପରି ଉପରକୁ ଟେକି ଧରିଲୁ ତାକୁ। ଯେପରି କୁଡ଼ିଆର ଗୋଡ଼ ତଳେ ନ ଲାଗେ। କୁଡ଼ିଆକୁ ସେମିତି ଟେକିଧରି ଆମେ ଉଠି ଆସିଲୁ ରାସ୍ତା ମଝିକୁ।

ରାସ୍ତା ଦୁଇପଟେ ଆମ୍ବ ତୋଟା, କିଆ ଗୋହିରୀ, ବେତ ଓ ବାଉଁଶ ବଣ।

କୁଡ଼ିଆ ଭିତରେ ଥାଇ ତାକୁ ଟେକିଧରି ଝୁଲି ଝୁଲି ରାସ୍ତାଏ ରାସ୍ତାଏ ଧୀରେ ଧୀରେ ଆମେ ଚାଲିଲୁ ଆଗକୁ। ଆମ ଦେହ ପୂରା କୁଡ଼ିଆ ଭିତରେ ଲୁଚି ଯାଇଥାଏ। ପାଦ ବି ମଳିଛିଆ ଜହ୍ନ ଆଲୁଅରେ ବାହାରକୁ ଦିଶୁ ନଥାଏ। କୁଡ଼ିଆ ଚାଲୁଥାଏ।

ଏଥର ଗୋଟେ ବଡ଼ ବାଉଁଶବୁଦା ତଳେ ଦଣ୍ଡେ ଅଟକିଗଲୁ ଆମେ। ଅଟକି ଗଲା କୁଡ଼ିଆ। ସେଇଠି ଏକା ତାଳରେ ଆମେ ଆଗକୁ ପଛକୁ ଝୁଲିଲୁ। ଝୁଲିଲୁ କେଇଥର ବାଆଁକୁ ତ' ପୁଣି କେଇଥର ଡାହାଣକୁ। ଝୁଲିଲା କୁଡ଼ିଆ।

ଏଇବେଳେ ଆମ ସାମ୍ନାପଟୁ କିଏ ଜଣେ ସାଇକଲ ଚଢ଼ି ରାମଲୀଳା ଦେଖି ଆସୁଥିଲା। ସେକଥା ଆମକୁ ଜଣା ନଥିଲା।

ହଠାତ୍ ସେ ରଡ଼ି ଛାଡ଼ିଲା: 'ଇଲୋ ବୋଉଲୋ! ଭୂ...ଭୂ...ଭୂତ...! ପା...ପା...ପାଳଗଦା ଚଲଉଚି!' ଓ ଭୁସ୍‌କରି ରାସ୍ତାକଡ଼ କିଆବୁଦା ଉପରେ ସାଇକଲ ସହ କଚାଡ଼ି ହେଇ ପଡ଼ିଲା।

ତା' ପଛରେ ଆସୁଥିବା ଦି' ତିନି ଜଣ ସାଇକେଲିଆ ସାଇକଲ ଫୋପାଡ଼ି, 'ଭୂତ...ଭୂତ...ପାଳଗଦା ଚଲଉଚି...' ରଡ଼ିଛାଡ଼ି, ହାଉଳି ଖାଇ ମଝି ଗହୀରେ ଗହୀରେ ଦୌଡ଼ିଲେ ଗାଆଁ ଆଡ଼େ।

ଗହୀର ମଝି ପାଦଚଲା ରାସ୍ତାରେ ଆମ ଗାଆଁର ଦଳେ ଝିଅ ବୋହୂ ବି ଛୁଆପିଲାଙ୍କୁ ଧରି ରାମଲୀଳା ଦେଖି ଆସୁଥିଲେ। ଏମାନଙ୍କ 'ଭୂତ...ଭୂତ...' ରଡ଼ିରେ ସେମାନେ ହାଉ ହାଉ ହେଇ ରଡ଼ିଛାଡ଼ିଲେ। କାନ୍ଦ ବୋବାଳି ପଡ଼ିଗଲା। କିଏ କୁଆଡ଼େ ଜୀବନ ବିକଳେ କକରଛାନିଆଁ ଧାଇଁଲେ ଗାଆଁ ଆଡ଼େ।

ସେମାନଙ୍କ ରାମଲୀଳା ଦେଖା ଆଉ ନୋହିଲା।

ଜହ୍ନରାତିରେ ପାଳଗଦା ପରି ପ୍ରେତ ହଉଥିବା କୁଡ଼ିଆଟି ଏଥର ଆଗେଇ ଚାଲିଲା ଲୁଣା ନଈ ଗଡ଼ା ଆଡ଼େ। ନଈବନ୍ଧକୁ ଉଠି ବାଆଁ ଡାହାଣ, ଡାହାଣ ବାଆଁ ହେଇ ପାଞ୍ଚ ସାତ ମିନିଟ୍ ଝୁଲିଲା ଓ ଟିକେ ଥକ୍‌କା ମେଣ୍ଟେଇଲା।

ଆମେ ଖେଁ ଖେଁ, କୁଲୁରୁ କୁଲୁରୁ ହେଇ ବହେ ହସିଲୁ। ହସି ହସି ଗଡ଼ିଗଲୁ। ପୁଣି କାକୁଡ଼ି ଖାଇଲୁ।

ତା'ପରେ ସେ ଚାଲିଲା ନଈ ଅତଡ଼କୁ। ସେଇଠି ବସିଲା। ଆମେ ବି ତା' ଭିତରେ ବସିଲୁ। କାଶିଆ ତା' ପେଣ୍ଟ୍ ମୁଣିରୁ ବାହାରକଲା ବିଡ଼ି ଦିଆସିଲି। ତା'ଠୁ ଗୋଟେ ଗୋଟେ ବିଡ଼ି ନେଇ ଆମେ ଟାଣିଲୁ। ଟାଣୁଟାଣୁ ଧୂଆଁ ଲାଗିଗଲା ମୋ' ତଣ୍ଟିରେ, ଚଗଲା ତଣ୍ଟିରେ। ଦୁହେଁ କାଶିଲୁ, କାଶି କାଶି ନୟାନ୍ତ ହେଇଗଲୁ।

ରାମଲୀଳା ମଣ୍ଡପରୁ ମାଇକିରେ ଧୁମ୍‌ଧମାକ୍ ବାଜା ଭାସି ଆସୁଥିଲା। ଭାସି ଆସୁଥିଲା ହନୁମାନ ଓ ଇନ୍ଦ୍ରଜିତର ଗରମାଗରମ ବଚନିକା। ଅବନୀ ପ୍ରଧାନ ଚୋଖା ବଚନିକା ଦଉଥିଲା। କେତେବେଳେ ହନୁମାନ କଣ୍ଠରେ ତ' କେତେବେଳେ ଇନ୍ଦ୍ରଜିତ କଣ୍ଠରେ।

ଚାହୁଁ ଚାହୁଁ ଏଥର ମାଇକିରେ ଭାସି ଆସିଲା ହାଉହାଉ ଆର୍ତ୍ତ ଚିତ୍କାର: "ପୋଡ଼ିଗଲା...ପୋଡ଼ିଗଲା, ଜଳିଗଲା...ଜଳିଗଲା..., ମରିଗଲୁ ଲୋ... ମରିଗଲୁ, ବଞ୍ଚାଅ... ରକ୍ଷାକର..., ସତ୍ୟାନାସିଆ ମାଙ୍କଡ଼ ସବୁ ସାରିଦେଲାରେ! ଲଙ୍କାଗଡ଼କୁ ଜାଳିପୋଡ଼ି ନାରଖାର କରିଦେଲା!"

କମ୍ପିଉଠୁଥିଲା ନଈକୂଳ, ଆଖପାଖ ଅଞ୍ଚଳ। ରାମଲୀଳା ପଡ଼ିଆରେ ଲଙ୍କାପୋଡ଼ି ଚାଲିଥିଲା। ପବନା କହିଲା, 'ଆଉ ଡେରି କାହିଁକି?' ଚଗଲା ପଚାରିଲା, 'ଡେରି! ମାନେ?'

'ମାନେ, ଆମେ ତ ଲଙ୍କାପୋଡ଼ି ଦେଖି ପାରିଲେନି! ହେଲେ ଲଙ୍କାପୋଡ଼ି କରିବାନି କି?'

ଏଥର କୁଡ଼ିଆ ଚାଲିଲା ନଈ ପାଣି ଧାର ପାଖକୁ। ତା' ସାମ୍ନାପଟୁ ଆମେ ଛିଣ୍ଡେଇ ପକେଇଲୁ କେଇଟା ନଈ ଗଣ୍ଠି। ଖୋଲି ପକେଇଲୁ ତିନି ଚାରିଟା କାମରା ବତା। କୁଡ଼ିଆର ବରଡ଼ାକୁ ଟାଣି ଢିଲା କରିଦେଲୁ। ଓ ନିଆଁ ଲଗେଇଦେଲୁ କୁଡ଼ିଆରେ।

ତାଳବରଡ଼ାରେ ବୁଣା ପାତ୍ରବୁଢ଼ାର ସୁନ୍ଦର କୁଡ଼ିଆଟି ପରଦିନ ସକାଳକୁ ଆଉ ନଥିଲା। ଲୁଣା ନଈ ପାଣି ଧାର ପାଖରେ ପୋଡ଼ିହେଇ ପଡ଼ିଥିଲା କୁଡ଼ିଆର ପାଉଁଶ ଆଉ ଅଙ୍ଗାର। ଥୋଡ଼ାଏ କାକୁଡ଼ି ଭଙ୍ଗା ହେଇ, ଗୋଇଠିରେ ଛେଚା ହେଇ ପଡ଼ିଥିଲା ନଈବନ୍ଧରେ।

ଆମେ କିନ୍ତୁ ସଭିଏଁ ଲଙ୍କାପୋଡ଼ି ଦେଖି ପାହାନ୍ତା ପଅରକୁ ଶୋଇ ପଡ଼ିଥିଲୁ ନିଘୋଡ଼ ନିଦରେ, ଯେଝା ଯେଝା ଘରେ।

ମୁଁ ସ୍ୱପ୍ନଟେ ଦେଖିଲି। ସ୍ୱପ୍ନରେ ପାତ୍ରବୁଢ଼ା ମତେ କହିଲା, "ମୁଁ ସେଦିନ ତତେ କାକୁଡ଼ିଟେ ବାକିରେ ଦେଇ ନଥିଲି, ଖିଙ୍କାରି ହେଇ ଯାଡ଼ୁସାଡ଼ୁ କେଇପଦ କଥା କହି ଦେଇଥିଲି। ହଉ ହେଲା, ସେଇଟା ମୋର ଭୁଲ୍। ହେଲେ ତୁ ତୋ' ସାଙ୍ଗ ମେଳରେ ଯାହା କଲୁ ସେଇଟା କ'ଣ ଠିକ୍?"

ମୁଁ ହଠାତ୍ ବିଲ୍‌ବିଲେଇ ଉଠିଲି। ଭୁସ୍ କରି ମୋ ନିଦ ଭାଙ୍ଗିଗଲା।

ମୋ: ୯୮୬୧୮୬୯୯୧୦

## ପୁସ୍ତକ ପରିଚୟ

### ରକ୍ଷା କବଚ



**ଲେଖିକା:** ପଦ୍ମାଳୟା ପାଢ଼ୀ
**ପ୍ରକାଶକ:** ପଶ୍ଚିମା ପବ୍ଲିକେଶନ୍ସ, ନୟାପଲ୍ଲୀ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୧୩୯/-

ମୋଟ ୧୮ଟି ଗଳ୍ପ ଆଲୋଚ୍ୟ ସଂକଳନ 'ରକ୍ଷା କବଚ'ରେ ସ୍ଥାନିତ। ବହିଟି ସମ୍ପର୍କରେ ପ୍ରଚ୍ଛଦଲେଖରେ କୁହାଯାଇଛି ଯେ, ଗାଳ୍ପିକା ସତ୍ୟାନ୍ୱେଷୀ। ସାହିତ୍ୟର ପ୍ରମୁଖ ସ୍ୱର ପ୍ରେମ ଓ ପରିପାର୍ଶ୍ୱର ପ୍ରାସଙ୍ଗିକତାକୁ ନେଇ ଗତିକରୁଥିବା ବେଳେ ସେ ତହିଁରେ ବ୍ୟତିକ୍ରମୀ। ତାଙ୍କ ଗଳ୍ପର ଚରିତ୍ରଗୁଡ଼ିକ ନାନା ଘାତ ପ୍ରତିଘାତ ଦେଇ ଗତି କରନ୍ତି ସତ, କିନ୍ତୁ ଶେଷ ଅବଧି ହାରିଯା'ନ୍ତି ନାହିଁ। ଭୁଲ୍ କରନ୍ତି, ଭୁଲ୍ ସୁଧାରନ୍ତି। ବହିର ଶୀର୍ଷକ ଗଳ୍ପ 'ରକ୍ଷା କବଚ'। ଗଳ୍ପର ନାୟିକା ନୀଳାଦେବୀ ତାଙ୍କ ଆପାର୍ଟମେଣ୍ଟରେ ମଇଳା ସଫା କରୁଥିବା ପିଲାଟିକୁ ଭାରି ଘୃଣା କରନ୍ତି। ତାଙ୍କର ଧାରଣା ଯେ, ଏହି ପିଲାଟିଠାରେ ଦୁନିଆଯାକର ରୋଗ ଜୀବାଣୁ ବସାବାନ୍ଧି ରହିଛି। କିନ୍ତୁ ଯେଉଁ ପିଲାଟିକୁ ସେ ଘୃଣା କରନ୍ତି, ସେଇ ପିଲାଟି କରୋନା କାଳରେ ତାଙ୍କ ଜୀବନ ବଞ୍ଚାଇଲା। ପିଲାଟି ଜନ୍ମରୁ ମୂକ ଓ ବଧିର। ବାପାମା'ଛେଉଣ୍ଡ। ଅଳ୍ପ ରୋଜଗାର ସତ୍ତ୍ୱେ ନିଜ ହାତରୁ ପଇସା ଖର୍ଚ୍ଚ କରି ନୀଳାଦେବୀଙ୍କୁ ଔଷଧ କିଣି ଦେଇଛି ଓ ତାଙ୍କ ଦେହ ଅସୁସ୍ଥ ଥିବା ସମୟରେ ଦୁଆର ବାହାରେ ସାରାରାତି ତାଙ୍କୁ ଜଗି ଶୋଇଛି। ଔଷଧ ଦୋକାନୀଠୁଁ ସବୁକଥା ଶୁଣିବା ପରେ ତାଙ୍କ ଭିତରେ ମାନବିକତାର ଉଦୟ ହୋଇଛି। ଏଥିରୁ ମନେହୁଏ, କେବଳ ଲେଖିବା ପାଇଁ ଗଳ୍ପ ଲେଖନ୍ତି ନାହିଁ ଗାଳ୍ପିକା। ତାଙ୍କ ଗଳ୍ପର ଏକ ଉଦ୍ଦେଶ୍ୟ (purpose) ଥାଏ, ଯାହା ପାଠକ ଭିତରେ ଚେତନାର ସଞ୍ଚାର କରିବ। ବହିରେ ଥିବା ଅନ୍ୟ ଗଳ୍ପଗୁଡ଼ିକରେ ବି ସେଇ ସମାନ ଢାଞ୍ଚା। ଆଶା, ପାଠିକାପାଠକଙ୍କ ପାଇଁ ବହିଟି ଉପାଦେୟ ସାବ୍ୟସ୍ତ ହେବ।


### ଅନ୍ଧାରର ରେଖାଚିତ୍ର



**ମୂଳ ଇଂରାଜୀ:** ଅମନ୍‌ଦୀପ୍ ସାହୁ
**ଅନୁସୃଜନ:** ସୀତାନାଥ ମିଶ୍ର
**ପ୍ରକାଶକ:** ଧଉଳି ବୁକ୍ସ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୨୯୫/-

ମାନସିକ ଭାରସାମ୍ୟ ହରାଇଥିବା ଗୋଟିଏ ମାଆ ଓ ଏକ ମଧ୍ୟବିତ୍ତ ପରିବାରର ଜୀବନ କାହାଣୀ ତଥା ସଂଘର୍ଷ ହେଉଛି ଆଲୋଚ୍ୟ ଇଂଲିଶ୍ ଉପନ୍ୟାସଟିର ମୂଳକଥା, ଯାହାର ସଫଳ ଅନୁବାଦ କରିଛନ୍ତି ସୀତାନାଥ ମିଶ୍ର। ରାଉରକେଲା ସହର ହେଉଛି ଉପନ୍ୟାସଟିର ଆଧାର ଭୂମି। ଉପନ୍ୟାସର ପ୍ରଥମ ପରିଚ୍ଛେଦରୁ ଉପନ୍ୟାସଟି ପ୍ରତି ପାଠକର ମନ ଜମିଉଠିବ, ଯେତେବେଳେ ସେ ପାଗଳୀ ସ୍ତ୍ରୀ ଥିବା ଏକ ଘରେ ଜଣେ କିଶୋରୀ କାମବାଲୀର ପ୍ରବେଶକୁ ନେଇ ଉପୁଜିଥିବା କାଣ୍ଡକାରଖାନାକୁ ଚାକ୍ଷୁଷ କରିବ। କାମବାଲୀ ମାଣ୍ଡୋକୁ ଦେଖି ରାଗରେ ପଞ୍ଚମ ହେଇ ସ୍ତ୍ରୀ କହୁଚି- "ସେ କିଏ? ତାକୁ କେଉଁଠୁ ଆଣିଲ? ରାଣ୍ଡୀ... ମୋ' ଘରକୁ ଆସିବାକୁ ତୋର ସାହସ କେମିତି ହେଲା?" ଝିଅ ଆପୁ ହେଉଛି ବାପା ମାଆଙ୍କ ମଧ୍ୟରେ ସଂଯୋଗ ସେତୁ। ବାପା ଯେତେବେଳେ କହୁଛନ୍ତି- "ସେ ମାଣ୍ଡୋ, ଆମର ନୂଆ ଆୟା। ସେ ଆମ ଘରେ ରହିବ। ଆମ ଆପୁର ଦେଖାରଖା କରିବ। କହିଦେରେ ଆପୁ ମାମାକୁ", ମାମା ଚିହିଁକି ଆସି କହନ୍ତି- "ଆପୁ ମତେ କିଛି କହିବା ଦରକାର ନାହିଁ। ଆପୁର ବାହାନା କରି ତୁ ଯାକୁ ଘରକୁ ଆଣିପାରିବୁ ନାହିଁ। ତୁ କ'ଣ ଜାଣିଛୁ ଆପୁର କ'ଣ ଦରକାର? ଶଳା, ତୋର ସିଏ ଦରକାର। ତୁ ଓ ତୋର ବଦ ପ୍ରକୃତି। ଭଡୁଆ, ତୁ ତା' ସହିତ ଶୋଇବାକୁ ଚାହୁଁଛୁ। କାହିଁକି ନା ତୁ ଆଉ ସେକ୍ଟର ଷୋହଳବାଲୀ ପାଖକୁ ଯାଇପାରିବୁ ନାହିଁ।" ଏଭଳି ବର୍ଣ୍ଣନା ଉପନ୍ୟାସରେ ଯେଉଁ ଗତି ଆଣିଦିଏ, ତାହା ପାଠକର ସ୍ନାୟୁରେ ସଞ୍ଚରିଯାଏ। ବହିର ବିଷୟବସ୍ତୁ ଓ ବର୍ଣ୍ଣନା ଏପରି ଯେ ଏହା ଆଖି ଛଳଛଳ କରିଦେବ।

## କାଳକାଳକୁ



**"ଯେଉଁ ମିଥ୍ୟା ଅର୍ଦ୍ଧ-ସତ୍ୟ, ମିଥ୍ୟାଙ୍କ ଭିତରେ ସେ ସବୁଠୁଁ ଜଘନ୍ୟ ମିଥ୍ୟା।"**
**- ଆଲ୍‌ଫ୍ରେଡ୍ ଟେନିସନ୍**

**ଆଲ୍‌ଫ୍ରେଡ୍ ଟେନିସନ୍‌ଙ୍କ** ଜନ୍ମ ୬ ଅଗଷ୍ଟ ୧୮୦୯ରେ ଓ ପରଲୋକ ୬ ଅକ୍ଟୋବର ୧୮୯୨ରେ ଇଂଲଣ୍ଡରେ। ପ୍ରଥମ ଏକକ କବିତାଗ୍ରନ୍ଥ 'Timbuktu' ପାଇଁ ୧୮୨୯ରେ ତାଙ୍କୁ ମିଳିଥିଲା ଚାନ୍‌ସେଲର୍‌ସ ଗୋଲ୍ଡ ମେଡାଲ। 'କ୍ଲାରିବେଲ୍' ଓ 'ମାରିଆନା' ଭଳି ପ୍ରଖ୍ୟାତ କବିତାଗୁଡ଼ିକ ଏହି ସଂକଳନରେ ସ୍ଥାନିତ। ଟେନିସନ୍‌ଙ୍କ କବିତାଗୁଡ଼ିକ ଦୃଶ୍ୟଧର୍ମୀ ଚିତ୍ରକଳ୍ପ ପାଇଁ ବହୁଳ ଭାବେ ଆଦୃତ। ମାତ୍ର ୨୨ ବର୍ଷ ବୟସରେ ହୃଦ୍‌ଘାତରେ ମୃତ ଛାତ୍ର ଓ ସହକବି ଆର୍ଥର ହଲାମ୍‌ଙ୍କ ସ୍ମୃତିରେ ସେ ଲେଖିଥିବା କବିତା 'ଇନ୍ ମେମୋରିଆମ୍ ଏ.ଏଚ୍.ଏଚ୍.' ଖୁବ୍ ଲୋକପ୍ରିୟ ତା'ର ଆବେଦନ ପାଇଁ। ଇଂଲିଶ୍ ଭାଷାରେ ବହୁଳ ଉଦ୍ଧୃତ ଲେଖକମାନଙ୍କ ମଧ୍ୟରୁ ଟେନିସନ୍ ଜଣେ।

## କବିତା

### ବର୍ଷାର ସ୍ମୃତି

ଉମା ଶଙ୍କର ପାଳ

ଆଜି ଖୁବ୍ ବର୍ଷା
ବର୍ଷା ଆସିଲେ ମନେପଡ଼େ
ବର୍ଷା ଦାସ
କଳାଘୁମର ବେଣୀରେ ତା'ର
ମେଘର ଅଳସ
ଛୁଆଁରେ ଶିହରଣ,
ଚାଲିରେ ନୃତ୍ୟର ନିକ୍ୱଣ
ହସରେ ବିଜୁଳିର ସ୍ଫୁରଣ।

କଲେଜ କ୍ୟାମ୍ପସ୍‌ରେ ବର୍ଷା ହେଲେ
ଗୋଟିଏ ଛତା ତଳେ ମୁଁ ଓ ବର୍ଷା
ବାହାରେ ବର୍ଷା, ଭିତରେ ବର୍ଷା
ଗୋଟାପଣେ ତିନ୍ତୁଥାଏ ମୋ' ଅଭୀପ୍ସା।

କାଗଜ ଡଙ୍ଗାର ସ୍ୱପ୍ନ ଦେଖାଇ
ଏକାଠି ନଦୀ ପାର ହେବାର
ପ୍ରତିଶ୍ରୁତି ଦେଇ
ଦିନେ ଆଉ କା' ଡଙ୍ଗାରେ
ବସି ଚାଲିଗଲା ବର୍ଷା ଦାସ
ଏମିତି ଏକ ବର୍ଷାରେ।

ବର୍ଷା ଆସିଲେ ମନେପଡ଼େ
ବାଦଲ ପରିଛା
ସେଦିନ ସ୍କୁଲରେ
ପଢ଼ା ହେଉଥିଲା ବର୍ଷା କବିତା
ଘରକୁ ଫେରିବା ବାଟରେ
ବଢ଼ନ୍ତା ନଈସୁଅରେ
ସେ ଭାସିଗଲା ଯେ ଗଲା
ଆଉ ଫେରିଲାନି
ଲୁହଭିଜା ବର୍ଷା କାନ୍ଦୁଥିଲା,
କେତେ ବାହୁନି ବାହୁନି।

ବର୍ଷା ଆସିଲେ
ଖୁବ୍ ଖୁସି ହେଉଥିଲେ ବାପା
ମୋ' ପିଲାଳିଆ ମନରେ ବୁଝୁ ନ ଥିଲି
କାଦୁଅ ପଚ୍‌ପଚ୍ ସନ୍ତସନ୍ତିଆ ପରିବେଶରେ
ଏମିତି କ'ଣ ପାଆନ୍ତି ଯେ
ତାଙ୍କ ଖୁସି ଥାଏ ଚଉଦ ପା'
ଯେଉଁଦିନ ବାପା
ଖଳାକୁ ବୋହି ଆଣିଲେ
ଶଗଡ଼ଭର୍ତ୍ତି ଧାନ
ସେତେବେଳକୁ ବର୍ଷା ଉତ୍ତୀର୍ଣ୍ଣ
ପାକୁଆ ପାଟିରେ ଥିଲା ହସର ପ୍ଲାବନ।

ଆଜି ନାହାନ୍ତି ବାଦଲ କି ବର୍ଷା ଦାସ
ନା ଅଛି ଚାଷ ନା ବାପାଙ୍କ ପାକୁଆ ହସ
ବର୍ଷା ଆସିଲେ କିନ୍ତୁ ସ୍ମୃତିର ଝଲକ
ଭିଜେଇଦିଏ ମୋ ଆଖିର ଆକାଶ
ଆଜି ଖୁବ୍ ବର୍ଷା।

ମୋ: ୯୫୫୬୮୮୭୦୮

### ପୁଷ୍କରା

ନିର୍ମଳ ଚନ୍ଦ୍ର ଶୂରଦେଓ

ଜୀବନ ଥାଇ ବି ବାରମ୍ବାର
ମରିବାକୁ ପଡୁଥାଏ
କୋକେଇରେ ବୁହା ହୋଇ
'ରାମ ନାମ ସତ୍ୟ'ର
ଡାକ ଭିତରେ ପହଞ୍ଚି ଯାଉଥାଏ
ସମୁଦ୍ରକୂଳରେ ବା
ନଈ ପଠାରେ।

ଜୀବନକୁ ବଞ୍ଚାଇବାର
ଏ ପ୍ରୟାସ ଭିତରେ
ସେ ଭୁଲିଯାଏ ନିଜର ଠିକଣା
ସୁଖ ଓ ସମ୍ପଦକୁ
ଆଗତ ଭବିଷ୍ୟତର
ଅନ୍ଧକାରମୟ ରୂପକୁ।

ପ୍ରେମ-
ମିଳିଗଲେ ଅମୃତ
ସହସ୍ର ସ୍ୱପ୍ନର
ମେଣ୍ଟିଯାଏ କ୍ଷୁଧା,
ପ୍ରେମରେ ହାରିଗଲେ
ଭାଙ୍ଗିଯାଏ ମନ ଓ ପ୍ରାଣ
ଶରୀର ବଦଳିଯାଏ
ସେ ହୋଇଯାଏ ପୁଷ୍କରା।

ମୋ: ୯୯୩୮୩ ୦୯୬୫୨

## ମାଟ୍ରିମୋନି

**ଲଘୁଗଳ୍ପ**

ରତ୍ନପ୍ରଭା ନାଥ

ଗୋରା, ଉଚ୍ଚତା ୫ ଫୁଟ ୪ ଇଞ୍ଚ, ସମ୍ଭ୍ରାନ୍ତ ପରିବାର, ଉଚ୍ଚଶିକ୍ଷିତା, ତନୁପାତଳୀ ଇତ୍ୟାଦି ଇତ୍ୟାଦି। ଖବରକାଗଜର ମାଟ୍ରିମୋନି ସାଇଟ୍‌ରୁ ପଢୁଥାଏ ଅବିନାଶ। ପଢୁପଢୁ ହଠାତ୍ ଆଖି ଅଟକିଗଲା ଗୋଟିଏ ସ୍ତମ୍ଭ ଉପରେ। କଳା, ଗେଡ଼ି, ଦାନ୍ତୁରୀ, ମଧ୍ୟମ ଶିକ୍ଷିତା, ବୟସ ଅଧିକ, ଇଚ୍ଛୁକ ବ୍ୟକ୍ତି ଏହି ନମ୍ବରରେ ଯୋଗାଯୋଗ କରନ୍ତୁ। ଅବିନାଶ ଅଟକିଗଲା, କିଏ ସେ ଝିଅ, ନିଜ ବିଷୟରେ ଏତେ ସ୍ପଷ୍ଟବାଦୀ। ଏ ଭିତରେ ଜୀବନକୁ ନେଇ ଅନେକ ଜ୍ଞାନ ହୋଇସାରିଥିଲା ଅବିନାଶର। ଅବିନାଶ ନମ୍ବରଟି ଟିପି ମୋବାଇଲ୍‌ରେ ରିଂ କଲା।

ଅବିନାଶର ଭାଇମାନେ ନିଜନିଜ ପରିବାର ନେଇ ବ୍ୟସ୍ତ। ତା' କଥା ଚିନ୍ତା କରିବାକୁ କାହାରି ପାଖରେ ସମୟ ନାହିଁ। ବାପା ବୋଉ ତ ଆରପାରିରେ। ଅବିନାଶର ପତ୍ନୀ ତାକୁ ଛାଡ଼ି ଚାଲିଯିବାର ପାଞ୍ଚବର୍ଷ ହେଲାଣି। ଅବିନାଶର ଦ୍ୱିତୀୟ ବିବାହ କରିବାକୁ ଇଚ୍ଛା ନ ଥିଲା। ମାତ୍ର ଏଇ ପାଞ୍ଚବର୍ଷର ଏକାକୀତ୍ୱ, ଲମ୍ବା ଜୀବନଯାତ୍ରା, ଏସବୁ ଚିନ୍ତାକରି ପୁଣି ବିବାହ କରିବାକୁ ମନସ୍ଥ କରିଥିଲା। ତଥାପି ବିବାହ ଉପରେ ସେ ଭରସା କରିପାରୁ ନ ଥିଲା।

ପ୍ରଥମ ପତ୍ନୀ ସୁନୀତାକୁ ତ ସେ ଦେଖିଚାହିଁ ବିବାହ କରିଥିଲା। ଯେହେତୁ ସେ ଭଲ ଚାକିରିଟିଏ କରିଥିଲା, ସୁନ୍ଦରୀ ଝିଅଟିଏ ବିବାହ କରି ଜୀବନକୁ ଉପଭୋଗ କରିବାର ସ୍ୱପ୍ନରେ ସେ ମସ୍‌ଗୁଲ ଥିଲା। ଅଭିଭାବକ ଶ୍ରେଣୀର କିଛି ଗୁରୁଜନ ଉପଦେଶ ମଧ୍ୟ ଦେଇଥିଲେ। ସୁନ୍ଦର ଏକ ଆପେକ୍ଷିକ ଶବ୍ଦ, ଏହା ଦେହ ଅପେକ୍ଷା ମଣିଷର ହୃଦୟରେ ହିଁ ବେଶୀ ଥାଏ। ସେମାନଙ୍କ ଉପଦେଶକୁ ଅଣଶୁଣା କରିଥିଲା ଅବିନାଶ। ବିବାହ ପରେ କିଛିଦିନ ଜୀବନ ସୁରୁଖୁରୁରେ ଚାଲିଥିଲା। ଧୀରେ ଧୀରେ ସୁନୀତାର ଡିମାଣ୍ଡ ବଢ଼ି ବଢ଼ି ଚାଲିଲା। ସେ ନିଜେ ଚାକିରି କରିଥିଲେ ମଧ୍ୟ ତାକୁ ଟଙ୍କା ନିଅଣ୍ଟ ପଡୁଥିଲା। ପାର୍ଟି, ପିକ୍‌ନିକ୍, ହୋଟେଲ୍‌ରେ ଖାଇବା, ଶପିଂ ଆଦି ସୁନୀତାର ସଉକ ଥିଲା। ଅବିନାଶର ଗୁଡ଼ାଏ ଲୋନ୍ ମଧ୍ୟ ହୋଇ ସାରିଲାଣି। ସେ ସୁନୀତାକୁ କେତେଥର ବୁଝାଇବାକୁ ଚେଷ୍ଟା କରିଛି। ମାତ୍ର ତା'ର ବେପରୁଆ ମନୋବୃତ୍ତିର କୌଣସି ପରିବର୍ତ୍ତନ ହୋଇନଥିଲା। ସୁନୀତା କେବେ ତା'କୁ ଚା କପ୍‌ଟିଏ ଦେଇ ପାଖରେ ବସି ଖୁସି ଗପ ହୋଇନାହିଁ। ତା'ର ଦେହ ଖରାପ ଥିଲେ ବି ସୁନୀତା ସାଙ୍ଗସାଥୀଙ୍କ ସହ ପାର୍ଟି କରିବାକୁ ଚାଲିଯାଏ। ଅବିନାଶ ଧୀରେ ଧୀରେ ନିଃସଙ୍ଗ ଅନୁଭବ କଲା। ସୁଖ ଦୁଃଖ ବାଣ୍ଟିବାକୁ ମଣିଷ ଖୋଜେ ମଣିଷ। ମଦ ପାଣି ଶାନ୍ତି ଦେଇପାରେ ନାହିଁ, ମଲ୍‌ରେ ସୁନ୍ଦରୀ ମଡେଲ୍‌ମାନଙ୍କର ମନ୍ଦ ମନ୍ଦ ହସ ସ୍ନେହ ପ୍ରେମ ଦେଇପାରେ ନାହିଁ, ସବୁ ବ୍ୟବସାୟିକ। ଏକଥା ବୁଝିବାବେଳକୁ ଅନେକ ଡେରି ହୋଇଯାଇଥିଲା। ଟ୍ରେନିଂ ପାଇଁ ବାଙ୍ଗାଲୋର ଯାଉଛି କହି ସୁନୀତା ଯାଇଥିଲା। ଆଉ ଫେରି ନଥିଲା। ସେ ଅନ୍ୟ କାହାକୁ ବିବାହ କରି ରହୁଛି ବୋଲି ଅବିନାଶ ପରେ ଶୁଣିବାକୁ ପାଇଥିଲା। ଝିଅମାନଙ୍କ ଉପରୁ ଅବିନାଶର ଭରସା ତୁଟି ଯାଇଥିଲା, ବିଶେଷକରି ସୁନ୍ଦରୀ ଝିଅମାନଙ୍କ ଉପରୁ। ଜୀବନ ତାକୁ ଅନେକ ଶିକ୍ଷା ଦେଇଥିଲା।

ଫୋନ୍‌ରେ ସେପଟୁ କାହାର ହ୍ୟାଲୋ ହ୍ୟାଲୋ ଶବ୍ଦରେ ଅବିନାଶ ସମ୍ବିତ୍ ଫେରିପାଇଲା। କହିଲା 'ଖବରକାଗଜରୁ ମାଟ୍ରିମୋନି ବିଜ୍ଞାପନ ପଢ଼ି ଫୋନ୍ କରିଥିଲି, କଥା ହୋଇପାରେ କି?' ସେପଟୁ ମଧୁର କଣ୍ଠରେ ଝିଅଟିଏ କହିଲା- "ମୁଁ ଗୌତମୀ, ଆପଣ ବିଜ୍ଞାପନଟି ଠିକ୍‌ରେ ପଢ଼ିଛନ୍ତି ତ'? ବାପା ଚାଲିଗଲା ପରେ ବୋଉ ପାରାଲିସିସ୍‌ରେ ପଡ଼ିଲା। ତା'ର ସେବା ମୋ' ଜୀବନର ବ୍ରତ ଥିଲା। ବିବାହ କରିବି ନାହିଁ ବୋଲି ସ୍ଥିର କରିଥିଲି। ଏମିତି ତ ବୟସ ଅନେକ ହେଲାଣି। ତେବେ ବୋଉର ଶେଷଇଚ୍ଛା ମୁଁ ବିବାହ କରେ। ସେଥିପାଇଁ ମାଟ୍ରିମୋନି ସାଇଟ୍‌ରେ ରେଜିଷ୍ଟ୍ରେଶନ କରିଛି। ଏସବୁ ଜାଣି ଆପଣ ଯଦି ରାଜି, ତେବେ ରବିବାର ଆସନ୍ତୁ ଦେଖାଦେଖି କଥାବାର୍ତ୍ତା ହେବା।"



ଗୌତମୀକୁ ବିବାହ କରି ଅବିନାଶର ଅନେକ ଦିନ ବିତିଗଲାଣି। ତେବେ ଗୌତମୀ ଝିଅଟି ଦେଖିବାକୁ କେମିତି, ଅବିନାଶ ଏପର୍ଯ୍ୟନ୍ତ ଦେଖିନାହିଁ। ତା' ଭିତରେ ସେ କେବଳ ମିଠା କଥା କହୁଥିବା ଓ ପ୍ରାଣ ଦେଇ ଭଲପାଉଥିବା ନାରୀଟିଏ ହିଁ ଦେଖିଛି।

ମୋ: ୮୨୪୯୯୨୯୭୬୨

# ଦେଶ ପାଇଁ ପଦକ ଜିତି ମୁଁ ଗର୍ବିତ: ଅମିତ୍

ଭୁବନେଶ୍ୱର, ୯।୮ (ତପନ ସ୍ୱାଇଁ)

ଭାରତୀୟ ପୁରୁଷ ହକି ଦଳ ପ୍ୟାରିସ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଜିତି ଏହାର ସମୃଦ୍ଧ ଇତିହାସ ପୃଷ୍ଠାରେ ଏକ ନୂଆ ଫର୍ଦ୍ଦ ସଂଯୋଗ କରିଛି। ଟୋକିଓ ପରେ ପ୍ୟାରିସରେ ଅର୍ଥାତ୍ କ୍ରମାଗତ ୨ଟି ଅଲିମ୍ପିକ୍ସରେ ବ୍ରୋଞ୍ଜ ଜିତି ଭାରତୀୟ ଦଳ ୫୨ ବର୍ଷର ପୁରୁଣା ସ୍ମୃତିକୁ ତାଜା କରିଛି। ୮ ଥର ସ୍ୱର୍ଣ୍ଣ ପଦକ ବିଜେତା ଭାରତ ଏହା ପୂର୍ବରୁ ଶେଷଥର ପାଇଁ ୧୯୬୮ ଓ ୧୯୭୨ କ୍ରମାଗତ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଜିତିଥିଲା। ଏହାପରେ ଥରେ ସ୍ୱର୍ଣ୍ଣ ପଦକ ମଧ୍ୟ ଜିତିଛି ଟିମ୍ ଇଣ୍ଡିଆ। ଭାରତୀୟ ହକି ଦଳର ଡବଲ ବ୍ରୋଞ୍ଜ ମେଡାଲିଷ୍ଟ ପଦକ ବିଜେତାଙ୍କ ବିରଳ କ୍ଲବରେ ସାମିଲ ହୋଇଛନ୍ତି ଓଡ଼ିଶାର ତାରକା ଡିଫେଣ୍ଡର ଅମିତ ରୋହିଦାସ। ସେ ଟୋକିଓ ଅଲିମ୍ପିକ୍ସରେ ଖେଳିଥିଲେ ଏବଂ ପ୍ୟାରିସରେ ନିଜ ଦକ୍ଷତା ପ୍ରତିପାଦନ କରିଥିଲେ। କ୍ରମାଗତ ୨ ଥର ଦେଶପାଇଁ ବ୍ରୋଞ୍ଜ ପଦକ ଜିତିଥିବାରୁ ସେ ଅତ୍ୟନ୍ତ ଗର୍ବିତ ବୋଲି ସମ୍ପ୍ରତି ପ୍ୟାରିସରେ ଥିବା ଅମିତ ପ୍ରକାଶ କରିଛନ୍ତି। ସେ ଯେଉଁ କ୍ରୀଡ଼ାକୁ କ୍ୟାରିୟର କରିଛନ୍ତି ସେଥିରେ ଦେଶବାସୀଙ୍କ ମୁହଁରେ ହସ ଫୁଟାଇଥିବାରୁ ଅତ୍ୟନ୍ତ ଆନନ୍ଦିତ। ଏହା କେବଳ ଦେଶବାସୀଙ୍କ ଭଲପାଇବା ଏବଂ ଆଶୀର୍ବାଦ ଯୋଗୁ ସମ୍ଭବ ହୋଇପାରିଲା ବୋଲି ସେ କହିଛନ୍ତି। ଏପରି ସମର୍ଥନ ଏବଂ ଭଲପାଇବା ଜାରି ରହିଲେ ଆଗାମୀ ଦିନରେ ଭାରତୀୟ ହକି ଦଳ ଆହୁରି ଅଧିକ ସଫଳତା ପାଇପାରିବ। ଭାରତ ପଦକ ଜିତିଥିବାରୁ ତାଙ୍କ ପରିବାରଠାରୁ ଆରମ୍ଭ କରି ଓଡ଼ିଶା ଏବଂ ଦେଶବାସୀ ଗର୍ବ ଅନୁଭବ କରୁଛନ୍ତି। ଏହା ତାଙ୍କୁ ବହୁ ପରିମାଣରେ ଗର୍ବିତ କରିଛି ବୋଲି ଅମିତ କହିଛନ୍ତି।

ପ୍ରକାଶଯୋଗ୍ୟ ଯେ, ଗ୍ରେଟ ବ୍ରିଟେନ ବିପକ୍ଷ କ୍ୱାର୍ଟର ଫାଇନାଲରେ ପ୍ରତିପକ୍ଷ ଖେଳାଳିଙ୍କୁ ଆଘାତ ଅଭିଯୋଗରେ ଅମିତଙ୍କୁ ରେଡ୍‌କାର୍ଡ ହୋଇଥିଲା। ଫଳରେ ସେ ଜର୍ମାନୀ ବିପକ୍ଷ ସେମିଫାଇନାଲରେ ଖେଳିପାରି ନ ଥିଲେ। ଭାରତ ଏହି ମ୍ୟାଚରେ ହାରି ଯାଇଥିଲା। ଅମିତ ରେଡ୍‌କାର୍ଡ ପାଇବାଭଳି ସେମିତି କିଛି ଅପରାଧ କରି ନ ଥିଲେ ବୋଲି ଅନେକ ବିଶେଷଜ୍ଞ ମତ ଦେଇଛନ୍ତି। ସେ ହେଉଛନ୍ତି ଭାରତୀୟ ଦଳର ପ୍ରଥମ ରଶର। ପେନାଲ୍ଟି କର୍ନର ଶୁଟ୍‌ବେଳେ ତାହାକୁ ପ୍ରତିରୋଧ କରିବାରେ ରଶରଙ୍କର ବଡ଼ ଭୂମିକା ଥାଏ। ଅମିତ ଥିଲେ ହୁଏତ ଭାରତ ସେମିଫାଇନାଲରେ ହାରି ନ ଥାନ୍ତା ଏବଂ ପଦକର ରଙ୍ଗ ଭିନ୍ନ ହୋଇଥାନ୍ତା ବୋଲି ମତପ୍ରକାଶ ପାଇଛି। କାରଣ ସ୍ପେନ୍ ବିପକ୍ଷ ବ୍ରୋଞ୍ଜ ପଦକ ମୁକାବିଲାରେ ପେନାଲ୍ଟି କର୍ନର ଶୁଟ୍ ସମୟରେ ରକ୍ଷଣଭାଗରେ ଗୋଲକିପର ପି.ଆର. ଶ୍ରୀଜେଶ୍‌ଙ୍କ ସହ ପାହାଡ଼ ସଦୃଶ ଦଣ୍ଡାୟମାନ ହୋଇଥିଲେ ଅମିତ। ଭାରତକୁ ବ୍ରୋଞ୍ଜ ପଦକ ଜିତାଇବାରେ ତାଙ୍କର ବଡ଼ ଭୂମିକା ରହିଥିଲା। ଭାରତ ଏହା ପୂର୍ବରୁ ୧୯୨୮, ୧୯୩୨, ୧୯୩୬, ୧୯୪୮, ୧୯୫୨, ୧୯୫୬, ୧୯୬୪ ଓ ୧୯୮୦ରେ ୮ ଥର ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ୧୯୬୦ରେ ରୌପ୍ୟ ଏବଂ ୧୯୬୮, ୧୯୭୨ ଓ ୨୦୨୦ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ବିଜୟୀ ହୋଇଥିଲା। ପ୍ୟାରିସରେ ଭାରତ ବ୍ରୋଞ୍ଜ ପଦକ ଜିତିଥିବାରୁ ଅମିତଙ୍କ କ୍ୟାରିୟର ଅଧିକ ରୁଦ୍ଧିମନ୍ତ ହୋଇଛି। ରାଜ୍ୟର ପ୍ରଥମ ଖେଳାଳିଭାବେ ସେ ୨ଟି ଅଲିମ୍ପିକ୍ସରେ ପଦକ ଜିତି ଇତିହାସ ରଚିଛନ୍ତି। ଏହି ସଫଳତା ପାଇଁ ଅମିତ ଇଷ୍ଟକୋଷ୍ଟ ରେଲୱେ, ହକି ଲଭର୍ସ, ଭାରତ ସରକାର, ହକି ଇଣ୍ଡିଆ, ଓଡ଼ିଶା ସରକାର, ରେଲୱେ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ, ଇଣ୍ଡିଆନ ରେଲୱେ ଏବଂ କିଟ୍ ଓ କିସ୍‌ର କ୍ରୀଡ଼ା ବିଭାଗକୁ ଧନ୍ୟବାଦ ଜଣାଇଛନ୍ତି।

ଓଡ଼ିଶା ଆଥ୍‌ଲେଟଙ୍କ ମଧ୍ୟରେ ପୂର୍ବରୁ ହକି ଖେଳାଳି ପଦ୍ମଶ୍ରୀ ଦିଲୀପ ତିର୍କୀ, ଲାଜରୁସ ବାର୍ଲା, ଇଗ୍ନେସ ତିର୍କୀ, ୱିଲିୟମ ଖାଲ୍‌କୋ, ଦୀପ୍‌ଗ୍ରେସ୍ ଏକ୍କା, ନମିତା ଟପ୍ପୋ, ଲିଲିମା ମିଞ୍ଜ, ସୁନୀତା ଲାକ୍ରା, ଆଥ୍‌ଲେଟ୍ ଅନୁରାଧା ବିଶ୍ୱାଳ, ରଚିତା ମିସ୍ତ୍ରି ପଣ୍ଡା, ଦୂତୀ ଚାନ୍ଦ, ଶ୍ରାବଣୀ ନନ୍ଦ ଏବଂ ଭାରୋତ୍ତୋଳକ କେ. ରବିକୁମାର ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଥିଲେ ହେଁ ପଦକରୁ ବଞ୍ଚିତ ହୋଇଥିଲେ। ଟୋକିଓ ଅଲିମ୍ପିକ୍ସରେ ମହିଳା ଦଳରେ ଦୀପ୍ ଗ୍ରେସ୍ ଏକ୍କା ଏବଂ ନମିତା ଟପ୍ପୋ ଖେଳିଥିଲେ ହେଁ ଭାରତୀୟ ଦଳ ୪ର୍ଥ ସ୍ଥାନରେ ରହି ଅଳ୍ପକେ ପଦକ ମିସ୍ କରିଥିଲା। ଟୋକିଓରେ ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ଦଳରେ ଅମିତଙ୍କ ସହ ବୀରେନ୍ଦ୍ର ଲାକ୍ରା ସାମିଲ ଥିଲେ। ଏଥର କିନ୍ତୁ ଅମିତ ଏକା ଓଡ଼ିଶା ପକ୍ଷରୁ ଭାରତୀୟ ଦଳରେ ପ୍ରତିନିଧିତ୍ୱ କରିଥିଲେ।

ଅଲିମ୍ପିକ୍ସରେ ୨ଟି ବ୍ରୋଞ୍ଜ ବ୍ୟତୀତ ଅମିତ ଏସିଆନ ଗେମ୍ସରେ ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ ବ୍ରୋଞ୍ଜ, ଏସିଆ କପ୍‌ରେ ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ, ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ସ୍ୱର୍ଣ୍ଣ, ଚାମ୍ପିୟନ୍ସ ଟ୍ରଫିରେ ରୌପ୍ୟ, ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ ଏବଂ ହକି ୱାର୍ଲ୍ଡ ଲିଗ୍‌ରେ ବ୍ରୋଞ୍ଜ ପଦକ ହାସଲ କରିଥିବା ଭାରତୀୟ ଦଳର ସଦସ୍ୟ ରହି ଆସିଛନ୍ତି।


ପ୍ୟାରିସ୍‌ରେ ବ୍ରୋଞ୍ଜ ପଦକ ସହ ଅମିତ୍ ରୋହିଦାସ।

## କୋଭିଡ୍ ପ୍ରଭାବ

### ବ୍ରୋଞ୍ଜ୍ ପରେ ଚେତା ହରାଇଲେ ନୋଆ ଲାଇଲ୍ସ

**ସେଣ୍ଟ-ଡେନିସ (ଫ୍ରାନ୍ସ), ୯।୮ (ଏପି):** ଗୁରୁବାର ଅନୁଷ୍ଠିତ ପୁରୁଷ ୨୦୦ ମିଟର ଫାଇନାଲରେ ବ୍ରୋଞ୍ଜ ପଦକ ହାସଲ କରିବା ପରେ ଚେତାଶୂନ୍ୟ ହୋଇପଡ଼ିଥିଲେ ଆମେରିକାର ଅନ୍ୟତମ ଷ୍ଟାର ଆଥ୍‌ଲେଟ ନୋଆ ଲାଇଲ୍ସ। କୋଭିଡ୍ ପ୍ରଭାବ ଯୋଗୁ ଏପରି ହୋଇଥିବା ଅନୁମାନ କରାଯାଉଛି। ନୋଆ ଗତ ୩ ବର୍ଷ ହେଲା ତାଙ୍କ ଫେଭରାଇଟ୍ ୨୦୦ମିଟର ରେସରେ ଅପ୍ରତିଦ୍ୱନ୍ଦ୍ୱୀ ରହିଥିଲେ। ପ୍ୟାରିସ ଅଲିମ୍ପିକ୍ସରେ ସେ କିନ୍ତୁ ବୋତସୁଆନାର ଲଟ୍‌ସିଲ ଟେବୋଗୋ ଏବଂ ତାଙ୍କ ଦେଶର କେନି ବେଡନାରେକଙ୍କ ପଛରେ ତୃତୀୟ ସ୍ଥାନରେ ରହିଥିଲେ। ୪ବର୍ଷ ପୂର୍ବେ ଦେଖାଦେଇଥିବା ଏହି ପ୍ରାଣହାନି ଭାଇରସ ଗତ ଅଲିମ୍ପିକ୍ସରେ କ୍ଷତି ଘଟାଇଥିଲା। ପ୍ୟାରିସ ଗେମ୍ସରେ ମଧ୍ୟ ଏହା ସମସ୍ୟା ସୃଷ୍ଟି କରିଛି। ଦୁଇ ଦିନ ପୂର୍ବେ କୋଭିଡ୍ ଟେଷ୍ଟରେ ନୋଆଙ୍କ ପଜିଟିଭ ଆସିଥିଲା। ୟୁଏସ୍‌ଏ ଟ୍ରାକ୍ ଆଣ୍ଡ ଫିଲ୍ଡ ଓ ୟୁଏସ୍ ଅଲିମ୍ପିକ ଏବଂ ପାରାଲିମ୍ପିକ କମିଟି ଅଫିସିଆଲଙ୍କ ଆଶୀର୍ବାଦ ଯୋଗୁ ଲାଇଲ୍ସ ଦୌଡ଼ରେ ଭାଗ ନେଇପାରିଥିଲେ। ସେମାନେ ପ୍ରୋଟୋକଲ ଅନୁସରଣ କରିବାରୁ ଏହା ସମ୍ଭବ ହୋଇପାରିଥିଲା। ନୋଆ ୧୯.୭୦ ଟାଇମିଂରେ ତାଙ୍କ ରେସ୍ ଶେଷ କରିଥିଲେ। ଏହା ତାଙ୍କ ବ୍ୟକ୍ତିଗତ ଶ୍ରେଷ୍ଠଠାରୁ .୩୯ ପଛରେ ରହିଥିଲା। ସେ ୨୧ବର୍ଷୀୟ ଟେବୋଗୋଙ୍କଠାରୁ ସେ .୨୪ ପଛରେ ରହିଥିଲେ। ଲାଇଲ୍ସଙ୍କ ୟୁଏସ୍ ଟିମ୍‌ମେଟ୍ କେନି ଦ୍ୱିତୀୟ ସ୍ଥାନରେ ରହିଥିଲେ।

# ଭାକରଙ୍କ ସହ ପତାକା ବାହକ ରହିବେ ଶ୍ରୀଜେଶ

ପ୍ୟାରିସ୍,୯।୮(ପି.ଟି.)

ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ର ଉଦ୍‌ଯାପନୀ ସମାରୋହ ପାଇଁ ଭାରତୀୟ ଦଳର ପତାକା ବାହକ ଦାୟିତ୍ୱ ନିର୍ବାହ କରିବେ ଭାରତୀୟ ହକି ଦଳର ଗୋଲ୍‌କିପର ପି.ଆର. ଶ୍ରୀଜେଶ। ପୂର୍ବରୁ ଶୁଟିଂ ସେନ୍‌ସେସନ୍ ମନୁ ଭାକର ପତାକା ବାହକ ଦାୟିତ୍ୱ ନିର୍ବାହ କରିବେ ବୋଲି ଘୋଷଣା କରାଯାଇଥିଲା। ଗୁରୁବାର ଅବସର ଘୋଷଣା କରିଥିବା ଶ୍ରୀଜେଶ୍ ଭାରତର ଅନ୍ୟତମ ଶ୍ରେଷ୍ଠ ସେଲିବ୍ରେଟେଡ ଗୋଲକିପର। ଶ୍ରୀଜେଶଙ୍କ ନାମ ଘୋଷଣା କରିବା ପୂର୍ବରୁ ଭାରତୀୟ ଅଲିମ୍ପିକ୍ସ ଆସୋସିଏଶନ(ଆଇଓଏ) ସଭାପତି ପି.ଟି. ଉଷା ନୀରଜ ଚୋପ୍ରାଙ୍କ

**ଉଦ୍‌ଯାପନୀ ସମାରୋହ**

ସହ ଆଲୋଚନା କରିଥିଲେ। ନୀରଜ ଉଦ୍‌ଯାପନୀ ସମାରୋହରେ ମନୁଙ୍କ ସହିତ ପତାକା ବାହକ ରହିବାର କାର୍ଯ୍ୟକ୍ରମ ରହିଥିଲା। ତେବେ ଶ୍ରୀଜେଶ୍‌ଙ୍କ ନାମ ଶୁଣି ନୀରଜ ତୁରନ୍ତ ହଁ ଭରିଥିଲେ। ଚଳିତ ଅଲିମ୍ପିକ୍ସର ଜାଭେଲିନ୍‌ରେ ଅଂଶଗ୍ରହଣ କରିଥିବା ନୀରଜ ରୌପ୍ୟ ପଦକ ବିଜୟୀ ହୋଇଥିଲେ। ପ୍ରଥମ ଭାରତୀୟ ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥ୍‌ଲେଟ୍ ଭାବରେ ଦୁଇଟି ଅଲିମ୍ପିକ୍ସ ପଦକ ଜିତିବାରେ ସମର୍ଥ ହୋଇଛନ୍ତି।

ନୀରଜଙ୍କ ସହ ଆଲୋଚନା ପରେ ଉଷା କହିଥିଲେ, ମୁଁ ପ୍ରସ୍ତାବ ଦେବା ସଙ୍ଗେ ସଙ୍ଗେ ସେ ମାନି ଯାଇଥିଲେ। ଏପରି କି ଆଇଓଏ ପଚାରି ନ ଥିଲେ ନୀରଜ ନିଜ ଆଡୁ ଶ୍ରୀଜେଶ୍‌ଙ୍କ ନାମ ପ୍ରସ୍ତାବ କରିଥାନ୍ତେ ବୋଲି ମଧ୍ୟ କହିଥିଲେ। ଶ୍ରୀଜେଶ୍‌ଙ୍କ ନାମ ଭାବବିହ୍ୱଳ ଓ ପପୁଲାର ଚଏସ ଆଧାରରେ ଚୟନ କରାଯାଇଥିବା କହିଛନ୍ତି ଉଷା। ଭାରତକୁ ବ୍ରୋଞ୍ଜ ପଦକ ଜିତାଇବା ପରେ ଶ୍ରୀଜେଶ୍ ଦୀର୍ଘ ୧୮ ବର୍ଷର କ୍ୟାରିୟରରେ ପୂର୍ଣ୍ଣଚ୍ଛେଦ ପକାଇଥିଲେ। ଉଭୟ ଶ୍ରୀଜେଶ୍ ଓ ମନୁ ଭାକରଙ୍କୁ ଚଳିତ ଅଲିମ୍ପିକ୍ସ ଉଦ୍‌ଯାପନୀ ସମାରୋହରେ ପତାକା ବାହକ ଭାବରେ ଘୋଷଣା କରିଥିବାରୁ ଆମେ ଅତ୍ୟନ୍ତ ଗର୍ବିତ ବୋଲି ଆଇଓଏ ପକ୍ଷରୁ ଏକ ବିବୃତିରେ ପ୍ରକାଶ ପାଇଛି। ୩୬ ବର୍ଷୀୟ ଶ୍ରୀଜେଶ୍‌ଙ୍କୁ ବ୍ରୋଞ୍ଜ ପଦକ ସହ ଭାରତୀୟ ହକି ଦଳ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରିଥିବା ବେଳେ ବର୍ତ୍ତମାନ ଏହା ଆଇଓଏର ଦାୟିତ୍ୱ ବୋଲି କହିଛନ୍ତି ଉଷା। ଶ୍ରୀଜେଶ୍ ଭାରତୀୟ ହକି ଦଳ ସହିତ ଅଲିମ୍ପିକ୍ସ ଜିତିଥିବା ବେଳେ ମନୁ ସ୍ୱାଧୀନ ଭାରତର ପ୍ରଥମ ଆଥ୍‌ଲେଟ ଭାବରେ ଗୋଟିଏ ସଂସ୍କରଣରେ ଦୁଇଟି ବ୍ରୋଞ୍ଜ ପଦକ ହାସଲ କରିଥିଲେ। ୧୦ ମିଟର ଏୟାର ପିସ୍ତଲ ଓ ଏୟାର ପିସ୍ତଲ ମିକ୍ସଡ ଟିମ୍ ଇଭେଣ୍ଟରେ ମନୁ ଉଭୟ ପଦକ ହାସଲ କରିଥିଲେ।


ପି.ଆର. ଶ୍ରୀଜେଶ

## ଜୁନିୟର ହକି ଦଳର କୋଚ୍ ହେବେ ଶ୍ରୀଜେଶ

**ନୂଆଦିଲ୍ଲୀ, ୯।୮ (ପି.ଟି.):** ‘ଦି ଗ୍ରେଟ୍ ୱାଲ୍ ଅଫ୍ ଇଣ୍ଡିଆନ ହକି’ ପି.ଆର. ଶ୍ରୀଜେଶଙ୍କୁ ଖୁବ୍ ଶୀଘ୍ର ଏକ ନୂଆ ଭୂମିକାରେ ଦେଖିବାକୁ ମିଳିବ। ସେ ଜାତୀୟ ଜୁନିୟର ଦଳର କୋଚ୍ ହେବାକୁ ଯାଉଛନ୍ତି। ଖୁବ୍ ଶୀଘ୍ର ତାଙ୍କର ଏହି ନିଯୁକ୍ତି ସମ୍ପର୍କରେ ଘୋଷଣାନାମା ପ୍ରକାଶ ପାଇବ। ଗୁରୁବାର ବ୍ରୋଞ୍ଜ ପଦକ ମ୍ୟାଚରେ ସ୍ପେନ ବିପକ୍ଷରେ ଭାରତର ବିଜୟ ପରେ ୩୬ ବର୍ଷୀୟ ଶ୍ରୀଜେଶଙ୍କ ଗୋଲକିପିଙ୍ଗ କ୍ୟାରିୟରର ଅନ୍ତ ଘଟିଛି। ତାଙ୍କ ଦୀର୍ଘ ୧୮ ବର୍ଷର ଉଜ୍ଜ୍ୱଳମୟ କ୍ୟାରିୟରରେ ଭାରତ ଦୁଇଟି ଅଲିମ୍ପିକ ବ୍ରୋଞ୍ଜ ପଦକ (୨୦୨୦ ଟୋକିଓ ଓ ୨୦୨୪) ହାସଲ କରିପାରିଛି। ତାଙ୍କୁ ଦେଶର ସର୍ବଶ୍ରେଷ୍ଠ ଗୋଲକିପର ବିବେଚନା କରାଯାଉଛି। ଆଗାମି କିଛି ଦିନ ମଧ୍ୟରେ ଶ୍ରୀଜେଶଙ୍କୁ ପୁରୁଷ ଜୁନିୟର ହକି ଦଳର କୋଚ୍ (୨୧ ବର୍ଷରୁ କମ୍) ଭାବେ ନିଯୁକ୍ତି ଦିଆଯିବ ବୋଲି ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ କହିଛନ୍ତି। ତାଙ୍କ ସହିତ ଏ ନେଇ ଆଲୋଚନା ସରିଛି। ଯୁବ ଖେଳାଳିଙ୍କୁ ମାର୍ଗଦର୍ଶନ ଦେବା କ୍ଷେତ୍ରରେ ସେ ହିଁ ସର୍ବୋତ୍କୃଷ୍ଟ। ତାଙ୍କ ନିକଟରେ ଅସାଧାରଣ ପ୍ରତିଭା ରହିଛି। ପ୍ୟାରିସରେ ବ୍ରିଟେନ ବିପକ୍ଷରେ ସେ ତାହା ଦେଖିବାକୁ ମିଳିଛି। ଯୁବପୀଢ଼ି ଗୋଲକିପରମାନଙ୍କୁ ସେ ଗାଇଡ୍ କରିପାରିବେ। ଶ୍ରୀଜେଶ ଆହୁରି ମଧ୍ୟ ବର୍ତ୍ତମାନର ସିନିୟର ଗୋଲ୍‌କିପର କ୍ରିଶନ ବାହାଦୂର ପାଠକ ଓ ସୁରଜ କାରକେରାଙ୍କୁ ଗାଇଡ କରନ୍ତୁ ବୋଲି ହକି ଇଣ୍ଡିଆ ଚାହେଁ।

# ସର୍ଜରି ନିଷ୍ପତ୍ତି ଖୁବ୍‌ଶୀଘ୍ର: ନୀରଜ

ପ୍ୟାରିସ୍,୯।୮(ପି.ଟି.)

ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ର ଜାଭେଲିନ୍ ଥ୍ରୋ ଇଭେଣ୍ଟରେ ରୌପ୍ୟ ପଦକ ହାସଲ କରିବା ପରେ ନୀରଜ ଖୁବ୍‌ଶୀଘ୍ର ସର୍ଜରି ସମ୍ପର୍କରେ ନିଷ୍ପତ୍ତି ନେବେ ବୋଲି ସୂଚନା ଦେଇଛନ୍ତି। ଦୀର୍ଘଦିନ ହେବ ଆହତ ଥିଲେ ମଧ୍ୟ ଅଲିମ୍ପିକ୍ସକୁ ଦୃଷ୍ଟିରେ ରଖି ସେ ସର୍ଜରିକୁ ବିଳମ୍ବିତ କରାଇ ଚାଲିଥିଲେ। ତେବେ ବର୍ତ୍ତମାନ ସର୍ଜରି ଉପରେ ଚିନ୍ତା କରିବାକୁ ସମୟ ଆସିଯାଇଛି ବୋଲି କହିଛନ୍ତି ନୀରଜ। ଗୁରୁବାର ନୀରଜ ୮୯.୪୫ ମିଟରର ଥ୍ରୋ ସହିତ ଦ୍ୱିତୀୟ ସ୍ଥାନରେ ରହିଥିଲେ। ପାକିସ୍ତାନରୁ ଅର୍ଶଦ ନଦୀମ୍ ୯୨.୯୭ ମିଟରର ଥ୍ରୋ ସହିତ ପ୍ରଥମ ସ୍ଥାନରେ ରହିଥିଲେ। ଏହା ସହିତ ଭାରତର ପ୍ରଥମ ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥ୍‌ଲେଟ ଭାବରେ ସେ ଦୁଇଟି ଅଲିମ୍ପିକ୍ସ ପଦକ ଜିତିଥିଲେ। ଥ୍ରୋ ସମୟରେ ଆଉ ଥରେ ଆହତ ନ ହେବା ପ୍ରଥମ ଲକ୍ଷ୍ୟ ରହିଥିବା ନୀରଜ କହିଛନ୍ତି। ପ୍ରତି ଥ୍ରୋ ସମୟରେ ୬୦ରୁ ୭୦ ପ୍ରତିଶତ ଧ୍ୟାନ ରନିଙ୍ଗ ଉପରେ ରହିଥିଲା, ଫଳରେ ସେ ସାମାନ୍ୟ ସ୍ଲୋ ହୋଇଯାଇଥିବା କହିଛନ୍ତି ନୀରଜ। ତେବେ ଅଲିମ୍ପିକ୍ସ ପୂର୍ବରୁ ନୀରଜ ନାଗିଙ୍ଗ ଆଡକ୍ଟର ନିଗିଲ(ଜଂଘର ମାଂସପେଶୀରେ ସମସ୍ୟା)ରେ ପୀଡ଼ିତ ଥିଲେ। ବିଶ୍ୱ ଚାମ୍ପିୟନଶିପ୍ ପୂର୍ବରୁ ଡାକ୍ତର ତାଙ୍କୁ ସର୍ଜରି ପାଇଁ ପରାମର୍ଶ ଦେଇଥିଲେ। ତେବେ ଅଲିମ୍ପିକ୍ସ ପୂର୍ବରୁ ସୁସ୍ଥ ହେବା ପାଇଁ ସମୟ ନ ଥିବା କାରଣରୁ ନୀରଜ ଏହାକୁ ଅଣଦେଖା କରି ଦେଇଥିବା କହିଛନ୍ତି। ତେବେ କ୍ୟାରିୟରକୁ ଦୀର୍ଘସ୍ଥାୟୀ କରିବା ପାଇଁ ଆହତ ସମସ୍ୟାକୁ ଅଣଦେଖା କରିବା ଅନୁଚିତ ବୋଲି ନୀରଜ କହିଛନ୍ତି। ଏହା ସହିତ ବର୍ତ୍ତମାନ ସର୍ଜରି ଓ ଟେକ୍‌ନିକ୍ ଉପରେ କାମ କରିବାର ସମୟ ଆସିଯାଇଛି ବୋଲି ନୀରଜ କହିଛନ୍ତି। ୨୦୧୭ରେ ପ୍ରଥମ ଥର ପାଇଁ ସେ ଫିଟ୍‌ନେସକୁ ନେଇ ଏହି ସମସ୍ୟାର ସମ୍ମୁଖୀନ ହୋଇଥିଲେ। ବିଗତ ୭ ବର୍ଷ ତାଙ୍କ ପାଇଁ ବେଶ କଷ୍ଟସାଧ୍ୟ ମଧ୍ୟ ରହିଥିଲା। ଯେଉଁଠି ଅନ୍ୟ ଆଥ୍‌ଲେଟ୍‌ମାନେ ଗୋଟିଏ ସେସନ୍‌ରେ ୪୦-୫୦ ଥ୍ରୋ କରିଥାନ୍ତି ସମାନ ସଂଖ୍ୟକ ଥ୍ରୋ ପାଇଁ ତାଙ୍କୁ ୨-୩ ସପ୍ତାହ ସମୟ ଲାଗିଥାଏ। ଆହତ ହେବାର ସମସ୍ୟା ରହିଥିବାରୁ ଯୋଜନାବଦ୍ଧ ଭାବରେ ଏଭଳି କରାଯାଉଥିଲା। ଜାଭେଲିନ୍ ଥ୍ରୋରେ ଉପର ଶରୀର ଯେତିକି ଗୁରୁତ୍ୱପୂର୍ଣ୍ଣ ସମାନ ଭାବରେ ଶରୀରର ତଳଭାଗ ସେତିକି ଗୁରୁତ୍ୱପୂର୍ଣ୍ଣ। ଜଂଘର ସମସ୍ୟା ଦୂର ହେବା ପରେ ଥ୍ରୋ ଆହୁରି ୩-୪ ମିଟର ଉନ୍ନତ ହୋଇପାରିବ ବୋଲି କହିଛନ୍ତି ନୀରଜ।


ନୀରଜ ଚୋପ୍ରା

# ପୁରୁଷ, ମହିଳା ଦଳର ଅଭିଯାନ ଶେଷ

ପ୍ୟାରିସ୍,୯।୮(ପି.ଟି.)

ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ରେ ଭାରତୀୟ ପୁରୁଷ ଓ ମହିଳା୪x୪୦୦ ମିଟର ରିଲେ ଦଳ ଫାଇନାଲକୁ ଯୋଗ୍ୟତା ଅର୍ଜନରେ ବିଫଳ ହୋଇଛି। ପୁରୁଷ ରିଲେ ଦଳ ଚଳିତ ସିଜନର ସର୍ବଶ୍ରେଷ୍ଠ ଟାଇମିଂ ସହ ଚତୁର୍ଥ ସ୍ଥାନରେ ରହିଥିଲେ ମଧ୍ୟ ଅଳ୍ପକେ ଫାଇନାଲକୁ ଯୋଗ୍ୟତା ଅର୍ଜନରେ ବିଫଳ ହୋଇଥିଲେ। ଅନ୍ୟପକ୍ଷରେ ମହିଳା ଦଳ ହିଟ୍ସ-୨ରେ ଅନ୍ତିମ ସ୍ଥାନରେ ରହିଥିଲା।


ମହମ୍ମଦ ଅନସ ୟାହିୟା, ମହମ୍ମଦ ଆଜମଲ, ଅମୋଜ ଜାକବ ଓ ରାଜେଶ ରମେଶଙ୍କ ପୁରୁଷ ଦଳ ୩:୦୦.୫୮ ସେକେଣ୍ଡର ଟାଇମିଂ ହାସଲ କରିଥିଲା। ମହମ୍ମଦ ଅନସ ୟାହିୟା ରେସ୍ ଆରମ୍ଭ କରିବା ସହ ୪୫.୭୯ ସେକେଣ୍ଡ ନେଇଥିଲେ। ଦ୍ୱିତୀୟ ସ୍ଥାନରେ ଆରମ୍ଭ କରିଥିବା ମହମ୍ମଦ ଆଜମଲ ଭାରତୀୟଙ୍କ ମଧ୍ୟରେ ଶ୍ରେଷ୍ଠ ୪୪.୫୫ ସେକେଣ୍ଡର ଟାଇମିଂ ହାସଲ କରିଥିଲେ। ଜାକବ ଆମୋଜ ୪୫.୦୩ ଓ ରାଜେଶ ରମେଶ ୪୫.୨୧ ସେକେଣ୍ଡର ଟାଇମିଂ ସହ ରେଶ୍ ଫିନିଶ କରିଥିଲେ। ବୋଟ୍ସୱାନା ଦଳ ୨:୫୭.୭୬ ସେକେଣ୍ଡର ଟାଇମିଂ ସହ ପ୍ରଥମ ସ୍ଥାନରେ ରହି ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଥିଲା।

ଅନ୍ୟପକ୍ଷରେ ଶୁଭା ଭେଙ୍କଟେଶନ, ଏମ୍.ଆର. ପୂଭାମ୍ମା, ଜ୍ୟୋତିକା ଶ୍ରୀ

**ଆଥ୍‌ଲେଟିକ୍ସ**

ଦାଣ୍ଡି ଓ ବିଦ୍ୟା ରାମରାଜଙ୍କ ଯୋଡି ୩:୩୨.୫୧ ସେକେଣ୍ଡର ଟାଇମିଂ ସହ ଅନ୍ତିମ ସ୍ଥାନରେ ରହିଥିଲା। ବିଦ୍ୟା ରେସ୍ ଆରମ୍ଭ କରି ୫୩.୪୬ ସେକେଣ୍ଡ ଟାଇମ୍ ନେଇଥିଲେ। ଦ୍ୱିତୀୟ ସ୍ଥାନରେ ରେସ୍ ଆରମ୍ଭ କରିଥିବା ଜ୍ୟୋତିକା ୫୧.୩୦ ସେକେଣ୍ଡର ଟାଇମିଂ ସହ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଏମ୍.ଆର. ପୂଭାମ୍ମା ୫୪.୮୦ ଓ ଶୁଭା ଭେଙ୍କଟେଶନ ୩:୩୨.୫୧ ସେକେଣ୍ଡର ଟାଇମିଂ ହାସଲ କରିଥିଲେ। ଆମେରିକା ୩:୨୧.୪୪ ସେକେଣ୍ଡର ଟାଇମିଂ ସହ ପ୍ରଥମ ସ୍ଥାନରେ ରହିଥିଲା।


ପ୍ୟାରିସ୍ ଅଲିମ୍ପିକ୍ସର ଶୁକ୍ରବାର ଅନୁଷ୍ଠିତ ମହିଳା ୪ x୪୦୦ ମିଟର ରିଲେ ରେସ୍ ଅବସରରେ ବିଭିନ୍ନ ଦଳର ପ୍ରତିଯୋଗୀ।



ପ୍ୟାରିସ୍ ଅଲିମ୍ପିକ୍ସର ଲା ଚାପେଲି ଆରେନାରେ ଅନୁଷ୍ଠିତ ରିଦିମିକ୍ ଜିମ୍ନାଷ୍ଟିକ୍ସ ଇଣ୍ଡିଭିଜୁଆଲ୍ସ ଅଲ୍-ରାଉଣ୍ଡ କ୍ୱାଲିଫିକେଶନ ରାଉଣ୍ଡ ଅବସରରେ କୌଶଳ ପ୍ରଦର୍ଶନ କରୁଛନ୍ତି ବୁଲ୍‌ଗେରିଆର ଷ୍ଟିଲିଆନା ନିକୋଲୋଭା। (ଫଟୋ ସୌଜନ୍ୟ: ଏପି)

## ଅଲିମ୍ପିକ୍ସ ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଚାଇନା | ୩୨ | ୨୫ | ୨୦ | ୭୭ |
| ଆମେରିକା | ୩୧ | ୩୮ | ୩୬ | ୧୦୫ |
| ଅଷ୍ଟ୍ରେଲିଆ | ୧୮ | ୧୬ | ୧୪ | ୪୮ |
| ଫ୍ରାନ୍ସ | ୧୪ | ୧୯ | ୨୨ | ୫୫ |
| ବ୍ରିଟେନ | ୧୪ | ୧୯ | ୨୨ | ୫୫ |
| ଜାପାନ | ୧୩ | ୮ | ୧୩ | ୩୪ |
| ଦ.କୋରିଆ | ୧୩ | ୮ | ୭ | ୨୮ |
| ନେଦରଲାଣ୍ଡ୍ସ | ୧୨ | ୬ | ୯ | ୨୭ |
| ଇଟାଲୀ | ୧୧ | ୧୧ | ୧୧ | ୩୩ |
| ଜର୍ମାନୀ | ୧୧ | ୯ | ୮ | ୨୮ |
| ନ୍ୟୁଜିଲାଣ୍ଡ | ୬ | ୬ | ୨ | ୧୪ |
| କାନାଡା | ୬ | ୫ | ୧୧ | ୨୨ |
| ହଙ୍ଗେରୀ | ୪ | ୫ | ୫ | ୧୪ |
| ଆୟର୍ଲାଣ୍ଡ | ୪ | ୦ | ୩ | ୭ |
| ୟୁକ୍ରେନ | ୩ | ୪ | ୪ | ୧୧ |
| ସୁଇଡେନ | ୩ | ୪ | ୩ | ୧୦ |
| ରୋମାନିଆ | ୩ | ୪ | ୧ | ୮ |
| ଉଜବେକିସ୍ତାନ | ୩ | ୦ | ୩ | ୬ |
| ବ୍ରାଜିଲ | ୨ | ୬ | ୮ | ୧୬ |
| ସ୍ପେନ୍ | ୨ | ୩ | ୮ | ୧୩ |
| ଇରାନ୍ | ୨ | ୨ | ୨ | ୬ |
| **ଭାରତ** | ୦ | ୧ | ୫ | ୬ |

(ରାତି ୧୧ଟା ସୁଦ୍ଧା)

# ଅମନ ଜିତିଲେ ବ୍ରୋଞ୍ଜ

**ପ୍ୟାରିସ୍, ୯।୮ (ପି.ଟି.):** ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ରେ ଭାରତ ପାଇଁ ଷଷ୍ଠ ପଦକ ଜିତିଛନ୍ତି ରେସ୍‌ଲର ଅମନ ସେରାୱତ୍। ୫୭ କିଗ୍ରା ଓଜନ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଅମନ୍ ଶୁକ୍ରବାର ଅନୁଷ୍ଠିତ ବ୍ରୋଞ୍ଜ ପଦକ ପ୍ଲେ ଅଫ୍ ମ୍ୟାଚ୍‌ରେ ପୁଏର୍ଟୋରିକୋର କ୍ରୁଜ ଡାରିଆନ୍ ଟୋଇଙ୍କୁ ୧୩-୫ରେ ପରାସ୍ତ କରିଛନ୍ତି। ଏହା ସହ ପ୍ୟାରିସ୍ ଅଲିମ୍ପିକ୍ସରେ ଭାରତ କୁସ୍ତିରୁ ଏହାର ପ୍ରଥମ ପଦକ ଜିତିବାରେ ସଫଳ ହୋଇଛି। ପ୍ରଥମରୁ ଅମନ ୨ ପଏଣ୍ଟର ଅଗ୍ରଣୀ ହାସଲ କରିଥିବା ବେଳେ କ୍ରୁଜ୍ ୩ ପଏଣ୍ଟ ହାସଲ କରିଥିଲେ। ତେବେ

### ପ୍ୟାରିସ୍‌ରେ କୁସ୍ତିରୁ ପ୍ରଥମ ପଦକ

ଏହାପରେ ଅମନ ନିରନ୍ତର ଆକ୍ରମଣାତ୍ମକ ପ୍ରଦର୍ଶନ କରିବା ସହ ୧୩-୫ରେ ବିଜୟ ହାସଲ କରିଥିଲେ। ଏହା ସହିତ ଶୁକ୍ରବାର ସୁଦ୍ଧା ଭାରତ ୧ ରୌପ୍ୟ ଓ ୫ ବ୍ରୋଞ୍ଜ ସହ ମୋଟ ୬ ପଦକ ହାସଲ କରିଛି। ଗୁରୁବାର ୨୧ ବର୍ଷୀୟ ଅମନ ଦ୍ୱିତୀୟ ରାଉଣ୍ଡରେ ୨୦୨୨ର ବିଶ୍ୱ ଚାମ୍ପିୟନ ଆଲବାନିଆ ଜେଲିମଖାନ ଆବାକାରୋଭଙ୍କୁ ପରାସ୍ତ କରିଥିଲେ। ପ୍ରଥମ ରାଉଣ୍ଡରେ ନର୍ଥ ମାସେଡୋନିଆର ପୂର୍ବତନ ୟୁରୋପିଆନ ଚାମ୍ପିୟନ ଭ୍ଲାଡିମିର ଇଗୋରୋଭଙ୍କୁ ୧୦-୦ରେ ସହଜରେ ହରାଇ କ୍ୱାର୍ଟର ଫାଇନାଲରେ ପହଞ୍ଚିଥିଲେ। ତେବେ ସେମି ଫାଇନାଲରେ ଜାପାନର ହିଗୁଚି ରାଇଙ୍କ ନିକଟରୁ ପରାଜିତ ହେବା ସହ ବ୍ରୋଞ୍ଜ ପଦକ ପ୍ଲେ ଅଫ୍ ଖେଳିଥିଲେ। ଅଲିମ୍ପିକ୍ସ ରେସ୍‌ଲିଂରେ ଏହା ଭାରତର ସପ୍ତମ ପଦକ।

# ଇଜିପ୍‌ସିଆନ ଅଲିମ୍ପିକ କୁସ୍ତିଯୋଦ୍ଧା ଗିରଫ

ପ୍ୟାରିସ, ୯।୮(ଏପି)

ଯୌନ ଉତ୍ପୀଡ଼ନ ଅଭିଯୋଗରେ ଇଜିପ୍ଟର ଜଣେ ଅଲିମ୍ପିକ କୁସ୍ତିଯୋଦ୍ଧା ପ୍ୟାରିସ୍‌ରେ ଗିରଫ ହୋଇଛନ୍ତି। ପ୍ୟାରିସସ୍ଥିତ ଏକ କାଫେର ବାହାରେ ଜଣେ ମହିଳାଙ୍କୁ ସ୍ପର୍ଶ କରିଥିବା ଅଭିଯୋଗରେ ୨୬ ବର୍ଷୀୟ ଆଥଲେଟ୍‌ଙ୍କୁ ଗିରଫ କରାଯାଇଥିବା ପ୍ୟାରିସ ପ୍ରୋସିକ୍ୟୁଟର କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ। କାର୍ଯ୍ୟାଳୟ ତରଫରୁ

### ଯୌନ ଉତ୍ପୀଡ଼ନ ଅଭିଯୋଗ

ଏହି କୁସ୍ତିଯୋଦ୍ଧାଙ୍କ ନାମ ପ୍ରକାଶ କରାଯାଇ ନାହିଁ। କିନ୍ତୁ ଇଜିପ୍ଟରେ ତାଙ୍କର ଜନ୍ମ ଏବଂ ଅଲିମ୍ପିକ୍ସରେ ଭାଗନେବା ଲାଗି ସେ ପ୍ୟାରିସ ଆସିଥିବା କୁହାଯାଇଛି। ଏହି ପ୍ରସଙ୍ଗରେ ଇଜିପ୍‌ସିଆନ କୁସ୍ତି ମହାସଂଘ ତରଫରୁ କୌଣସି ମନ୍ତବ୍ୟ ଦିଆଯାଇ ନାହିଁ।

# ରାଜ୍ୟ ଭାରୋତ୍ତୋଳନ ଉଦ୍‌ଘାଟିତ





ସ୍ୱର୍ଣ୍ଣ ପଦକ ସହ ଝିଲି ଦଲବେହେରା। ଅତିଥିଙ୍କ ସହ ଜୁନିୟର ମହିଳା ୪୫ କେଜି ବର୍ଗର କୃତୀ ପ୍ରତିଯୋଗୀମାନେ।

ବ୍ରହ୍ମପୁର,୯।୮
(ସ୍ୱାଧୀନ ଶେଖର ପାଢୀ)

୭୧ ତମ ଓଡିଶା ଭାରୋତ୍ତୋଳନ ଚାମ୍ପିୟନଶିପ୍ ଶୁକ୍ରବାର ବ୍ରହ୍ମପୁରସ୍ଥିତ ମହାତ୍ମା ଗାନ୍ଧୀ ଷ୍ଟାଡିୟମ ଗଞ୍ଜାମ ଭାରୋତ୍ତୋଳନ ଏକାଡେମୀରେ ଉଦ୍‌ଘାଟିତ ହୋଇଯାଇଛି । ବ୍ରହ୍ମପୁର ବିଧାୟକ କେ.ଅନିଲ କୁମାର ଓ ଜିଲା କ୍ରୀଡା ଅଧିକାରୀ ସନ୍ତୋଷ କୁମାର ସାହୁ ଉଦଘାଟନୀ ଉତ୍ସବରେ ଅତିଥି ଥିଲେ । ୩ ଦିନିଆ ଏହି ପ୍ରତିଯୋଗିତାର ପ୍ରଥମ ଦିନ ମହିଳା ବିଭାଗରେ ୪୦, ୪୫, ୪୯, ୫୫, ୫୯ କି.ଗ୍ରା ବର୍ଗର ଓ ପୁରଷ ବିଭାଗରେ ୪୯, ୫୫ କି.ଗ୍ରା. ବର୍ଗର ପ୍ରତିଯୋଗିତା ହୋଇଥିଲା। ଏହାର ସିନିୟର ମହିଳା ୪୯ କେଜି ବର୍ଗରେ ଝିଲି ଦଲବେହେରା ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଯୁବ ମହିଳା ୪୦ କି.ଗ୍ରା ବର୍ଗରେ ଖୋର୍ଦ୍ଧାର ହୀରାମଣି ମହନ୍ତ, ଗଞ୍ଜାମର ଗାୟତ୍ରୀ ମଲ୍ଲିକ, ରୂପାଲୀ ମହାରଣା ପ୍ରଥମ, ଦ୍ୱିତୀୟ, ତୃତୀୟ ହୋଇଛନ୍ତି। ଯୁବ ମହିଳା ୪୫ କି.ଗ୍ରା ବର୍ଗରେ ଖୋର୍ଦ୍ଧାର ତୁଳସୀ ଶବର ପ୍ରଥମ, ଗଞ୍ଜାମର ବନିତା ନାୟକ ଦ୍ୱିତୀୟ, ଖୋର୍ଦ୍ଧାର ଜୟନ୍ତୀ ମଲ୍ଲିକ ତୃତୀୟ ହୋଇଛନ୍ତି। କନିଷ୍ଠ ମହିଳା ୪୫ କି.ଗ୍ରା. ବର୍ଗରେ ଖୋର୍ଦ୍ଧାର ତୁଳସୀ ଶବର ପ୍ରଥମ, ଗଞ୍ଜାମର ବନିତା ନାୟକ ଦ୍ୱିତୀୟ, ଖୋର୍ଦ୍ଧାର ଜୟନ୍ତୀ ମଲ୍ଲିକ ତୃତୀୟ ହୋଇଛନ୍ତି। ବରିଷ୍ଠ ମହିଳା ୪୫ କି.ଗ୍ରା ବର୍ଗରେ ଗଞ୍ଜାମର ରିଙ୍କି ନାୟକ ପ୍ରଥମ, ଖୋର୍ଦ୍ଧାର ତୁଳସୀ ଶବର ଦ୍ୱିତୀୟ, ଗଞ୍ଜାମର ଅଙ୍କିତା ପାତ୍ର ତୃତୀୟ ହୋଇଛନ୍ତି। ଯୁବ ପୁରୁଷ ୪୯ କି.ଗ୍ରା ବର୍ଗରେ ଢେଙ୍କାନାଳର ସୌମ୍ୟ ଜେନା ପ୍ରଥମ, ଗଞ୍ଜାମର ପପୁନ ଗୌଡ ଦ୍ୱିତୀୟ, ହର୍ଷବର୍ଦ୍ଧନ ସାହୁ ତୃତୀୟ ହୋଇଥିଲେ। ଚାମ୍ପିୟନଶିପରେ ଖୋର୍ଦ୍ଧା, କଟକ, ଗଞ୍ଜାମ, ମୟୂରଭଞ୍ଜ, ବାଲେଶ୍ୱର, ପୁରୀ ବଲାଙ୍ଗୀର, ସୁନ୍ଦରଗଡ, ରାଉରକେଲା ଷ୍ଟିଲପ୍ଲାଣ୍ଟ, ରାୟଗଡା, ଢେଙ୍କାନାଳ, ନବରଙ୍ଗପୁର, ଦେବଗଡ ଓ କେନ୍ଦ୍ରାପଡା ଜିଲାର ପ୍ରାୟ ୧୨୦ ପୁରୁଷ ଓ ୪୦ ମହିଳା ଖେଳାଳି ଅଂଶଗ୍ରହଣ କରିଥିଲେ। ଓଡିଶା ଭାରୋତ୍ତୋଳନ ସଂଘର ସଭାପତି ଚିତ୍ତରଞ୍ଜନ ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ନାରାୟଣ ସାହୁ, ସମ୍ପାଦକ ତଥା ଅଲିମ୍ପିଆନ କେ.ରବି କୁମାର, ଗଞ୍ଜାମ ଭାରୋତ୍ତୋଳନ ସଂଘର ସମ୍ପାଦକ ସୁଧୀର କୁମାର ପାତ୍ରଙ୍କ ସହ ରାଜ୍ୟ ଓ ଜିଲା ଭାରୋତ୍ତୋଳନ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ସାଇ ଇଣ୍ଟରନ୍ୟାଶନାଲ, ଡିଏଭି ବିଜୟୀ

ଭୁବନେଶ୍ୱର, ୯।୮ (ତପନ ସ୍ୱାଇଁ)

### ଜୟନ୍ତ ସ୍ମାରକୀ ଆନ୍ତଃସ୍କୁଲ ଫୁଟବଲ

ୟୁନିଟ୍-୬ ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୟୁନିଟ୍-୧ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଜୟନ୍ତ କୁମାର ମହାପାତ୍ର ସ୍ମାରକୀ ଆନ୍ତଃସ୍କୁଲ ଫୁଟବଲ ଟୁର୍ନାମେଣ୍ଟରେ ଶୁକ୍ରବାର ୨ଟି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ସାଇ ଇଣ୍ଟରନ୍ୟାଶନାଲ ଓ ଡିଏଭି ପୋଖରୀପୁଟ ବିଜୟୀ ହୋଇଛି। ଦିବସର ପ୍ରଥମ ମ୍ୟାଚରେ ସାଇ ଇଣ୍ଟରନ୍ୟାଶନାଲ ୨-୦ ଗୋଲରେ ୟୁନିଟ୍-୧ ହାଇସ୍କୁଲକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଆର୍ଯ୍ୟନ ପିଣ୍ଟୋ ଓ ସନ୍ତୋଷ ସାହୁ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ସନ୍ତୋଷ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଦ୍ୱିତୀୟ ମ୍ୟାଚରେ ଡିଏଭି ପୋଖରୀପୁଟ ୫-୦ ଗୋଲରେ ସେଣ୍ଟ ଜାଭିୟର ଖଣ୍ଡଗିରିକୁ ହରାଇ ଦେଇଛି। ଡିଏଭି ପକ୍ଷରୁ ହର୍ଶିଲ ମହାପାତ୍ର ୩ଟି ଏବଂ ବିଶ୍ୱକର୍ମା ମିଶ୍ର ଓ ଅନିକେତ କର ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ହର୍ଶିଲ ମହାପାତ୍ର ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ। ପ୍ରିୟନାଥ ମିଶ୍ର ଓ ରଜତ ବଲ୍ଲଭ ଦାସ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏମ୍.ଏସ୍. ବାଗ୍, ଆଲୋକ କୁମାର ଦେହୁରି, ଚନ୍ଦ୍ରକାନ୍ତ ବାରିକ ଓ ଶୋଭାଲିନ ପଣ୍ଡା ମ୍ୟାଚ ପରିଚାଳନା କରିଥିଲେ।





ସନ୍ତୋଷ ସାହୁ ଓ ହର୍ଶିଲ ମହାପାତ୍ର ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ